

ଭଉଣୀ ଖୋଲିଲେ ଗୁମର
ସୁଜେନ ନେଇ ନାହାନ୍ତି
୪୦୦ କୋଟି
▶ପୃଷ୍ଠା ୧୧ ଦେଖନ୍ତୁ...



• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-13 ◆TUESDAY ◆07 JULY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୧୩ ◆ମଙ୍ଗଳବାର ◆୦୭ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଶ୍ରୀଲଙ୍କା ଜେଲ୍‌ରେ କଏଦୀଙ୍କ ମଧ୍ୟରେ ହଣାକଟା; ୨୫ ମୃତ



■ କଲମ୍ବୋ, ୬।୭(ଏଜେନ୍ସି): ଶ୍ରୀଲଙ୍କାର ପଶ୍ଚିମ ଉପକୂଳ ସହର ନେଗୋମ୍ବୋ କାରାଗାରରେ ବନ୍ଦୀମାନଙ୍କ ମଧ୍ୟରେ ଘଟିଥିବା ଭୟଙ୍କର ସଂଘର୍ଷରେ ୨୫ ଜଣ କଏଦୀ ପ୍ରାଣ ହରାଇଛନ୍ତି। ଏହି ଘଟଣାରେ ୧୦୦ରୁ ଅଧିକ ବନ୍ଦୀ ଓ ଅନ୍ୟମାନେ ଆହତ ହୋଇଛନ୍ତି ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅତ୍ୟଧିକ ଭିଡ଼ ଥିବା ଏହି କାରାଗାରରେ ଗତାଲି ଦୁଇ ବନ୍ଦୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା। ପରେ ପରିସ୍ଥିତି ଅଧିକ ଉଗ୍ର ହୋଇ ବନ୍ଦୀମାନେ କାରାଗାରରୁ ଅସ୍ତ୍ର ଛଡ଼ାଇ ନେଇଥିଲେ ଏବଂ ପରସ୍ପର ଉପରେ ଆକ୍ରମଣ ଆରମ୍ଭ କରିଦେଇଥିଲେ।

ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ, କାରାଗାର ଭିତରେ ଚାଲିଥିବା ବେଆଇନ ମାଦକ ଚୋରାଚାଲାଣକୁ ସମର୍ଥନ କରୁଥିବା ଏକ ଗୋଷ୍ଠୀ ଓ ଏହାକୁ ବିରୋଧ କରୁଥିବା ଅନ୍ୟ ଗୋଷ୍ଠୀ ମଧ୍ୟରେ ବିବାଦରୁ ଏହି ହିଂସା ଆରମ୍ଭ ହୋଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ପୁଲିସ ସ୍ପେଶାଲ ଟାସ୍କ ଫୋର୍ସ ଏବଂ ଦଙ୍ଗା ନିୟନ୍ତ୍ରଣ ବାହିନୀକୁ ମୁତୟନ କରାଯାଇଛି। ଅଧିକ ହିଂସା ରୋକିବା ପାଇଁ ଅନେକ ବନ୍ଦୀଙ୍କୁ ପାଲାନସେନା କାରାଶିବିରକୁ ସ୍ଥାନାନ୍ତର କରାଯାଇଛି। କାରାଗାର ବିଭାଗର ମୁଖପାତ୍ର ଏସି ଗଜନାୟକେ କହିଛନ୍ତି ▶ପୃଷ୍ଠା-୧୦

## ଆବେଦନ ଖାରଜ, ନୀରବ ମୋଦୀ ପ୍ରତ୍ୟର୍ପଣ ଶୀଘ୍ର



■ ନୂଆଦିଲ୍ଲୀ, ୬।୭(ଏଜେନ୍ସି): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନବି) ମହାଘୋଟାଲା ଏବଂ ଅର୍ଥ ହେରଫେର ମାମଲାରେ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦୀଙ୍କୁ ଭାରତକୁ ପ୍ରତ୍ୟାର୍ପଣ ହେବା ବର୍ତ୍ତମାନ ସୁନିଶ୍ଚିତ ହୋଇଯାଇଛି। ଫ୍ରାନ୍ସର ଷ୍ଟ୍ରାସବର୍ଗସ୍ଥିତ ୟୁରୋପୀୟ ମାନବାଧିକାର ଅଦାଲତ (ଇସିଏଚଆର)ରେ ନୀରବ ମୋଦୀ କରିଥିବା ଶେଷ ଆଇନଗତ ଅପିଲ୍ ଖାରଜ ହୋଇଯାଇଛି। ବ୍ରିଟେନରେ ତାଙ୍କ ପାଇଁ ଥିବା ସମସ୍ତ ଆଇନଗତ ବିକଳ୍ପ ଏବେ ଶେଷ ହୋଇଛି ଏବଂ ବ୍ରିଟେନ ସରକାର ବର୍ତ୍ତମାନ ତାଙ୍କ ପ୍ରତ୍ୟାର୍ପଣ ପ୍ରକ୍ରିୟାକୁ ଆଗକୁ ବଢ଼ାଇ ପାରିବେ।

୨୦୧୯ ମାର୍ଚ୍ଚ ମାସରୁ ଲଣ୍ଡନର ୱାଣ୍ଡସୱର୍ଥ କାରାଗାରରେ ବନ୍ଦୀ ଥିବା ନୀରବ ମୋଦୀଙ୍କୁ ଭାରତ ଆଣିବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କ୍ରମାଗତ ଭାବେ ପ୍ରୟାସ କରୁଛନ୍ତି। ପୂର୍ବରୁ ବ୍ରିଟେନ ହାଇକୋର୍ଟ ମଧ୍ୟ ଭାରତର ଜେଲ୍ ସ୍ଥିତି ଏବଂ ସୁରକ୍ଷା ବ୍ୟବସ୍ଥାକୁ ଉପଯୁକ୍ତ ଦର୍ଶାଇ ପ୍ରତ୍ୟାର୍ପଣକୁ ଅନୁମତି ଦେଇଥିଲେ। ଏହା ବିରୋଧରେ ନୀରବ ମୋଦୀ ଗତ ଏପ୍ରିଲ ୨୦୨୬ରେ ଇସିଏଚଆରରେ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ସେଠାରୁ ମଧ୍ୟ ତାଙ୍କୁ କୌଣସି ଆଶ୍ୱସ୍ତି ମିଳିନାହିଁ। ଗତ ମାର୍ଚ୍ଚ ମାସରେ ଲଣ୍ଡନର କିଙ୍ଗସ୍ ବେଞ୍ଚ ▶ପୃଷ୍ଠା-୧୦

# ବଢୁଛି ଏସ୍ଆଇଆର୍ ଅଡୁଆ

## କର୍ଣ୍ଣାଟକରେ ସିଇଓଙ୍କୁ ଭେଟିଲେ ତିନି କେନ୍ଦ୍ର ମନ୍ତ୍ରୀ



■ ବେଙ୍ଗାଲୁରୁ, ୬।୭(ଏଜେନ୍ସି): ଭୋଟର ତାଲିକାରେ ସ୍ୱତନ୍ତ୍ର ସଂଶୋଧନ ବା ଏସଆଇଆରକୁ ନେଇ ବିରୋଧୀ ମେଣ୍ଟ ନିର୍ବାଚନ କମିସନଙ୍କ ଠାରୁ ଆରମ୍ଭ କରି ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ ଯାଇ ଗୁହାରି କରିବାରେ ଲାଗିଛନ୍ତି। ଏହି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହେଉଛି ଏବଂ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଟାର୍ଗେଟ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ଏସଆଇଆର ଯୋଗୁଁ ପଶ୍ଚିମ ବଙ୍ଗରେ ମମତା ସରକାର କ୍ଷମତାଚ୍ୟୁତ ହେଲେ ବୋଲି ଟିଏମସି ଅଭିଯୋଗ କରିବା ସହିତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏହି ସବୁ ଅଭିଯୋଗକୁ ଖଣ୍ଡନ କରି ଚାଲିଥିବା ବିଜେପି ଆଜି ପ୍ରଥମ ଥର ଲାଗି ଏସ୍ଆଇଆର୍‌କୁ ନେଇ ଆପତ୍ତି ଉଠାଇଛି। କର୍ଣ୍ଣାଟକରେ ଏହି ଘଟଣା ସାମନାକୁ ଆସିଛି। ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ବିଜେପି ନେତୃତ୍ୱରେ ଏନଡିଏର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଛି। ଏହି ପ୍ରତିନିଧି ଦଳରେ ତିନି ଜଣ କେନ୍ଦ୍ର ମନ୍ତ୍ରୀ ରହିଥିଲେ। ସେମାନେ ହେଲେ ଏଚ୍‌ଡି କୁମାରସ୍ୱାମୀ, ପ୍ରହ୍ଲାଦ ଯୋଶୀ ଏବଂ ଶୋଭା କରନ୍ଦଲାଜେ। ସେମାନେ ଅଭିଯୋଗ କରିଛନ୍ତି ଯେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ମାନେ ଲୋକଙ୍କ ଘରକୁ ଘର ଯାଇ ଭୋଟର ତାଲିକା ଯାଞ୍ଚ ▶ପୃଷ୍ଠା-୧୦

## ଓଡ଼ିଶାରେ ନିର୍ବାଚନମଣ୍ଡଳୀ ପିଛା ହାରାହାରି ୧୩,୬୯୧ ଭୋଟର ବାଦ୍

■ ଭୁବନେଶ୍ୱର,୬।୭ (ସମିସ): ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ରବିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଚିଠା ଭୋଟର ତାଲିକା ପ୍ରକାଶ କରିଛନ୍ତି। ରାଜ୍ୟରେ ମୋଟ ୨୦ ଲକ୍ଷ ୧୨ ହଜାରରୁ ଅଧିକ ଭୋଟର ବାଦ୍ ପଡ଼ିଥିବା ସମୟରେ କେବଳ ଚିଠା ତାଲିକାରେ

**ଗଞ୍ଜାମରୁ ୨.୭୬ ଲକ୍ଷ, କଟକରୁ ୧.୫୫ ଲକ୍ଷ ଭୋଟର କଟିଛନ୍ତି**

**ଯାଜପୁରରେ କଟିଲେ ୧.୦୫ ଲକ୍ଷ, ମୟୂରଭଞ୍ଜରେ ୧.୧୧ ଲକ୍ଷ**

**ଚିଠାରେ ଦୁଇ ପୁଅ, ସ୍ତ୍ରୀଙ୍କର ନାମ; ଜୀବିତ ସ୍ୱାମୀଙ୍କ ନାମ ନାହିଁ**

ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୨ ଲକ୍ଷ ୭ ହଜାର ୬୨୪ ଜଣ ଲୋକଙ୍କ ନାମ ବାଦ ପଡ଼ିଛନ୍ତି। ଅନ୍ୟପକ୍ଷରେ ଦେବଗଡ଼ରେ ସର୍ବନିମ୍ନ ୧୧୦୦୪ ଜଣ ଲୋକଙ୍କ ନାମ କଟିଥିବା ସୂଚନା ମିଳିଛି। ସାଧାରଣ ଭାବରେ ଦେଖିଲେ ନିର୍ବାଚନମଣ୍ଡଳୀ ପିଛା ହାରାହାରି ୧୩୬୯୧ ନାମ ବାଦ ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ କଟକରେ ଦ୍ୱିତୀୟ ସର୍ବାଧିକ ୧ ଲକ୍ଷ ୫୫ ହଜାର ୧୬୪ ଜଣ ଲୋକଙ୍କ ନାମ କଟିଛି। ସେହିପରି ▶ପୃଷ୍ଠା-୧୦

### ରାମ ମନ୍ଦିର ଚାନ୍ଦା ଚୋରି

## ହଟିଲେ ଚମ୍ପତ ରାୟ, ଅନିଲ ମିଶ୍ର



ଚମ୍ପତ ରାୟ | କ୍ରିଷ୍ଣ ମୋହନ

■ ଅଯୋଧ୍ୟା, ୬।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଚୋରି ମାମଲାରେ ଫସିଥିବା ମନ୍ଦିର ଟ୍ରଷ୍ଟର ସଂପାଦକ ଚମ୍ପତ ରାୟଙ୍କ ଇସ୍ତଫା ଶେଷରେ ଗ୍ରହଣ କରି ନିଆଯାଇଛି। ଆଜି ଏଠାରେ ଅନୁଷ୍ଠିତ ରାମ ମନ୍ଦିର ଟ୍ରଷ୍ଟ ବୈଠକରେ ଅନ୍ୟତମ ଟ୍ରଷ୍ଟି ଅନିଲ ମିଶ୍ରଙ୍କ ଇସ୍ତଫାକୁ ମଧ୍ୟ ଗ୍ରହଣ କରି ନିଆଯାଇଛି। ଚମ୍ପତ ରାୟଙ୍କ ସ୍ଥାନରେ ବର୍ତ୍ତମାନ ପାଇଁ କ୍ରିଷ୍ଣା ମୋହନଙ୍କୁ ଅସ୍ଥାୟୀ ଦାୟିତ୍ୱ ଦିଆଯାଇଛି। ଟ୍ରଷ୍ଟ ପକ୍ଷରୁ କୁହାଯାଇଛି ଯେ ଚାନ୍ଦା ଚୋରି ମାମଲାରେ ଯେତେ ବଡ଼ ଲୋକ ଜଡ଼ିତ ଥିଲେ ମଧ୍ୟ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ସରକାରଙ୍କୁ ପରାମର୍ଶ ଦିଆଯାଇଛି।

**କ୍ରିଷ୍ଣ ମୋହନଙ୍କୁ ଅସ୍ଥାୟୀ ଦାୟିତ୍ୱ**

ଟ୍ରଷ୍ଟର ଏଭଳି ଆଭିମୁଖ୍ୟ ପରେ ଉଭୟ ଚମ୍ପତ ରାୟ ଏବଂ ଅନିଲ ମିଶ୍ରଙ୍କ ପାଇଁ ଅଡୁଆ ବଢ଼ିଯାଇଛି। ଚାନ୍ଦା ଚୋରି ମାମଲାରେ ଏହି ଦୁଇ ନେତାଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ଏହି ମାମଲାରେ ଯେଉଁମାନେ ଗିରଫ ହୋଇଛନ୍ତି ସେମାନେ ସମସ୍ତେ ଚମ୍ପତ ଓ ଅନିଲଙ୍କ ଅତି ଘନିଷ୍ଠ ରୂପେ ପରିଚିତ। ସେମାନେ ଚୋରି କରୁଥିବା ନେଇ ଚମ୍ପତ ଜାଣିଥିଲେ ମଧ୍ୟ ଏହାକୁ ଘୋଡ଼ାଇବାକୁ ଉଦ୍ୟମ ଚଳାଇଥିଲେ। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଅନିଲ ମିଶ୍ର ମଧ୍ୟ ଅଟକାଇଥିଲେ ବୋଲି କୁହାଯାଉଛି। ଏହି ଦୁଇ କର୍ମକର୍ତ୍ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚାରିଆଡୁ ଚାପ ପଡୁଛି। ଉଭୟ ଚମ୍ପତ ଓ ଅନିଲଙ୍କୁ ଏସ୍ଆଇଟି ପଚରାଉଚରା କରିଥିଲେ ମଧ୍ୟ ସେମାନଙ୍କ ବିରୋଧରେ କୌଣସି ଏଫ୍ଆଇଆର ହୋଇନାହିଁ। ଟ୍ରଷ୍ଟର କଠୋର ଆଭିମୁଖ୍ୟ ପରିପ୍ରେକ୍ଷୀରେ ସେମାନଙ୍କ ବିରୋଧରେ ▶ପୃଷ୍ଠା-୧୦

### ତ୍ରୁଟିଶୂନ୍ୟ ରଥଯାତ୍ରାକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

## କେବଳ ଅଧିକୃତ ସେବକଙ୍କୁ ଭିତର କର୍ଡନ ପାସ୍



■ ପୁରୀ,୬।୭ (ସମିସ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆମ ସଂସ୍କୃତିର ସବୁଠାରୁ ଗୌରବମୟ ପରିଚୟ। କୋଟି କୋଟି ଲୋକଙ୍କ ଭାବାବେଗ ଏଥିରେ ଜଡ଼ିତ। ରଥଯାତ୍ରାର ସୁପରିଚାଳନା ଆମ ସମସ୍ତଙ୍କର ଦାୟିତ୍ୱ। ଏଥିପାଇଁ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋମବାର ଟାଉନ ହଲ୍ ପରିସରରେ ଅନୁଷ୍ଠିତ ହୋଇଥିଲା ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକ। ଏଥିରେ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ଆମର ବୁଦ୍ଧି, ଜ୍ଞାନ, ଦକ୍ଷତା ଓ ଅଭିଜ୍ଞତା- ଏସବୁକୁ ଏକାଠି କରି ସମର୍ପଣ ମନୋଭାବ ନେଇ ସମସ୍ତ ସମ୍ପୃକ୍ତ ବଭାଗର ଅଧିକାରୀ ଓ କର୍ମଚାରୀ ତଥା ସେବକମାନେ ରଥଯାତ୍ରା ପରିଚାଳନା କରିବା ଆବଶ୍ୟକ। ଏହାଦ୍ୱାରା ରଥଯାତ୍ରା ତ୍ରୁଟିଶୂନ୍ୟ ଭାବେ ସମ୍ପନ୍ନ ହୋଇପାରିବ।

ଗତବର୍ଷ ରଥଟଣାରେ ଢେର୍ ବିଳମ୍ବ ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ କେବଳ ଚକେ ଗଡ଼ିଥିଲେ। ବଳଗଣ୍ଡିରେ ତାଳଧ୍ୱଜ ଏବଂ ମରିଚୀକୋଟ ଛକ ପର୍ଯ୍ୟନ୍ତ ଗଡ଼ିଥିଲା ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ। ରଥଟଣା ବିଳମ୍ବ ପାଇଁ କର୍ଡନ ପାସ୍‌କୁ ଦାୟୀ କରିଥିଲେ ସମସ୍ତେ। ଅତ୍ୟଧିକ କର୍ଡନ ପାସ୍ ବଣ୍ଟାଯାଇଥିବାରୁ ଭିତରେ ବିଶୃଙ୍ଖଳା ହେଲା, ଯେଉଁଥିପାଇଁ ରଥଟଣାରେ ସମସ୍ୟା ହେଲା ବୋଲି କୁହାଗଲା। ତେଣୁ ଏ ବର୍ଷ ଯେପରି କର୍ଡନ ପାସ୍ ମନଇଚ୍ଛା ବଣ୍ଟା ନ ଯାଏ ତା’ ଉପରେ ଗୁରୁତ୍ୱାରୋପ ▶ପୃଷ୍ଠା-୧୦

### ବିପର୍ଯ୍ୟୟ ପରିଚାଳନା

## ପାଣ୍ଡିଆନଙ୍କ ସହଯୋଗ ଲୋଡ଼ିଲା ଭେନେଜୁଏଲା

### ନବୀନଙ୍କ ବିପର୍ଯ୍ୟୟ ପରିଚାଳନା ସ୍ୱୀକୃତିରେ ଆଉ ଏକ ସ୍ୱାକ୍ଷର

■ ଭୁବନେଶ୍ୱର, ୬।୭ (ସମିସ): ଏକଦା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିପର୍ଯ୍ୟୟ ପରିଚାଳନା ମଡେଲକୁ ଅନ୍ତର୍ଜାତୀୟସ୍ତରରେ ତଥା ବିଶ୍ୱ ଜାତିସଂଘ ପ୍ରଶଂସା କରିଥିଲା। ଆନ୍ତର୍ଜାତୀୟ ଗଣମାଧ୍ୟମରେ ନବୀନ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ନୀତି ପ୍ରଥମ ପୃଷ୍ଠାରେ ପ୍ରକାଶ ପାଇଥିଲା। ବିପର୍ଯ୍ୟୟ ପ୍ରବଣ ଓଡ଼ିଶାକୁ ବିପର୍ଯ୍ୟୟ ପରିଚାଳନାରେ ପ୍ରବୀଣ କରିବାରେ ସକ୍ଷମ ହୋଇଥିବା ନବୀନ ନକ୍ସା କେବଳ ଭାରତ ନୁହେଁ, ଆନ୍ତର୍ଜାତୀୟସ୍ତରରେ ବି ଗ୍ରହଣୀୟ ହୋଇଥିଲା। ସେହି ନକ୍ସା ଆଧାରରେ ଏବେ ରାଜ୍ୟ ଓ ଦେଶରେ ବିପର୍ଯ୍ୟୟ ପରିଚାଳନା ନୀତି ପ୍ରସ୍ତୁତ ହେଉଛି। ତେବେ ସଦ୍ୟ ଭୂକମ୍ପ ପ୍ରଭାବିତ ଭେନେଜୁଏଲା

**ଭେନେଜୁଏଲା ରାଷ୍ଟ୍ରପତିଙ୍କ ଆଗ୍ରହ କ୍ରମେ ପହଞ୍ଚିଲେ ପାଣ୍ଡିଆନ**

**ରାଷ୍ଟ୍ରପତିଙ୍କ ସହ ଉଦ୍ଧାର ଓ ପୁନର୍ବାସ ସମ୍ପର୍କରେ ଆଲୋଚନା**

**ବିପର୍ଯ୍ୟୟ ପ୍ରବଣରୁ ବିପର୍ଯ୍ୟୟ ପରିଚାଳନାରେ ପ୍ରବୀଣ ହୋଇଛି ଓଡ଼ିଶା**

ସମ୍ପ୍ରତି ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହଯୋଗୀ ତଥା ତତ୍କାଳୀନ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କ ସହଯୋଗ ଲୋଡ଼ିବା ▶ପୃଷ୍ଠା-୧୦



### କ୍ଷମତା ଅଳିନ୍ଦରେ ଆଲୋଡ଼ନ

## ଇସ୍ତଫା ଦେଲେ ଭୁବନେଶ୍ୱର ଡିସିପି



**ବିଭାଗ ହଜମ କରିପାରୁନି ‘ବ୍ୟକ୍ତିଗତ’ କାରଣ**

■ ଭୁବନେଶ୍ୱର, ୬।୭ (ସମିସ): ଇସ୍ତଫା ଦେଇଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା। ତାଙ୍କ ଇସ୍ତଫା ଦେବା ଖବର ଏବେ କ୍ଷମତା ଅଳିନ୍ଦରେ ଆଲୋଡ଼ନ ସୃଷ୍ଟି କରିଛି। କେଉଁ କାରଣରୁ ସେ ଇସ୍ତଫା ଦେଲେ ତାହା ବାହାରର ଲୋକ ତ ଦୂରର କଥା, ତାଙ୍କ ବିରାଦରୀ ଆଇପିଏସ୍‌ମାନେ ଓ ତାଙ୍କ ସହ କାମ କରୁଥିବା ପୁଲିସ ଅଧିକାରୀମାନେ ବି ବୁଝି ପାରୁନାହାନ୍ତି। ‘ବ୍ୟକ୍ତିଗତ’ କାରଣରୁ ସେ ଇସ୍ତଫା ଦେଇଥିବା କୁହାଯାଉଥିଲେ ହେଁ ବିଭାଗ ଏହି ସଂକ୍ଷିପ୍ତ ଓ ସହଜ ▶ପୃଷ୍ଠା-୧୦

## ଶୋଇଥିବାବେଳେ ବୀଭତ୍ସ ହତ୍ୟା

■ ଆନନ୍ଦପୁର, ୬।୭ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ କଣ୍ଟିପାଳ



ପଞ୍ଚାୟତ ପଇତାପାଣି ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ହତ୍ୟାକାଣ୍ଡ ଘଟିଛି। ନିଜ ଘର ବାରଣ୍ଡାରେ ଶୋଇଥିବା ବେଳେ ଗ୍ରାମର ବିଭୀଷଣ ହୋ’ଙ୍କୁ ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ସବୁଠାରୁ ବଡ଼ କଥା ହେଲା, ଗାଁକୁ

**ବ୍ୟବଚ୍ଛେଦ ପାଇଁ ଖଟିଆରେ ବୁହାହେଲା ମୃତଦେହ**

ଯୋଗାଯୋଗ ପାଇଁ ଭଲ ରାସ୍ତା ନ ଥିବାରୁ ମୃତଦେହକୁ ଖଟିଆରେ ବୋହି ଆଣିବାକୁ ପଡ଼ିଥିଲା। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ▶ପୃଷ୍ଠା-୧୦

### ୪୮ ଘଣ୍ଟା ଧରି ମୌସୁମୀ ଅତ୍ୟଧିକ ସକ୍ରିୟ

# ବୈତରଣୀରେ ଛୋଟ ବନ୍ୟା ଆଶଙ୍କା



■ ଭୁବନେଶ୍ୱର,୬।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଝାଡ଼ଖଣ୍ଡ ମୁହାଁ ହୋଇଛି। ଯଦିଓ ଉପକୂଳବର୍ତ୍ତୀ ଜିଲ୍ଲାରେ ବର୍ଷାର ପ୍ରଭାବ କମିଛି, ମାତ୍ର ଏହି ଲଘୁଚାପ ପ୍ରଭାବରେ ରାଜ୍ୟର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଆଜି ମଧ୍ୟ ଭାରି ବର୍ଷା ରେକର୍ଡ ହୋଇଛି। ସୋମବାର ସନ୍ଧ୍ୟା ୫ ଟା ସୁଦ୍ଧା ଝାରସୁଗୁଡ଼ାରେ ସର୍ବାଧିକ ୫୫ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବରଗଡ଼ରେ ୫୨, ସମ୍ବଲପୁର ୪୪, ସୁନ୍ଦରଗଡ଼ ୪୦ ଓ ନୂଆପଡ଼ାରେ ୩୪ ମିମି ବର୍ଷା ରେକର୍ଡ ହୋଇଛି। ବର୍ତ୍ତମାନ ଏହି ଅବପାତ ଦକ୍ଷିଣ ଝାଡ଼ଖଣ୍ଡ ପାଶ୍ୱର୍ବର୍ତ୍ତୀ ଉତ୍ତର-ଆଭ୍ୟନ୍ତରୀଣ ଓଡିଶା ଉପରେ ସକ୍ରିୟ ରହିଛି। ▶ପୃଷ୍ଠା-୧୦

### ୯ରେ ହୀରାକୁଦ ଛାଡ଼ିବ ବନ୍ୟାଜଳ

■ ଭୁବନେଶ୍ୱର,୬।୭ (ସମିସ): ଅବପାତ ଛତିଶଗଡ଼ମୁହାଁ ହେଉଥିବାରୁ ସେଠାରେ ଆହୁରି ଅଧିକ ବର୍ଷା ଯୋଗୁଁ ମହାନଦୀରେ ଜଳସ୍ତର ବଢ଼ିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୯ ତାରିଖରେ ହୀରାକୁଦରେ ପ୍ରଥମ ବନ୍ୟା ▶ପୃଷ୍ଠା-୧୦


## ଲଗାଣ ବର୍ଷାରେ କାନ୍ଥ ପଡ଼ି ଶିଶୁକନ୍ୟା ମୃତ, ମାଆ ଆହତ

■ ଠାକୁରମୁଣ୍ଡା/ମହୁଲଡିହା, ୬।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ଲଗାଣ ବର୍ଷା ହୋଇଛି। ଫଳରେ ଠାକୁରମୁଣ୍ଡାରେ ଧନ ଜୀବନ ନଷ୍ଟ ହୋଇଛି। ମହୁଲଡିହା ପଞ୍ଚାୟତର ମହୁଲଡିହା ଗ୍ରାମରେ ୫ ତାରିଖ ରାତିରେ ଘର କାନ୍ଥ ପଡ଼ିବାରୁ ଜଣେ ୨ ବର୍ଷର ଶିଶୁକନ୍ୟାର ମୃତ୍ୟୁ ହୋଇଥିବାବେଳେ ମାଆ ଆହତ ହୋଇଥିବା ଜଣାପଡ଼ିଛି। ମୃତ ଶିଶୁକନ୍ୟା ଚାନ୍ଦିନୀ (ଜେମା) ମୁଣ୍ଡା। ଏକ ପୁରୁଣା ଘର ଭିତରେ ମାଆ ଶାନ୍ତି ସିଂ (୨୬) ଦୁଇଝିଅ ବୁଦୁନୀ (୪) ଓ ସାନ ଚାନ୍ଦିନୀ ସହ ଶୋଇଥିଲେ। ଘର କାନ୍ଥ ଖସି ପଡିବା



ଶବ୍ଦରେ ପଡୋଶୀ ଆସି କାନ୍ଥ ତଳୁ ମାଆ ଓ ୨ ଝିଅଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ସାନଝିଅ ▶ପୃଷ୍ଠା-୧୦

# ଟ୍ରମ୍ପଙ୍କ ଭୟରେ ଖାମେନେଇଙ୍କ ଅନ୍ତ୍ୟେଷ୍ଟିରୁ ଓହରିଲେ ୧୩ଟି ଦେଶ



ନୂଆଦିଲ୍ଲୀ, ୬।୭(ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ସାମିଲ ନହେବା ପାଇଁ ଆମେରିକା ବିଶ୍ୱର ବିଭିନ୍ନ ଦେଶ ଉପରେ କୂଟନୈତିକ ଚାପ ପ୍ରୟୋଗ କରିଥିବା ଅଭିଯୋଗ ହୋଇଛି। ଇରାନ ଗଣମାଧ୍ୟମ 'ତସନିମ୍ ନ୍ୟୁଜ୍ ଏଜେନ୍ସି'ର ରିପୋର୍ଟ ଅନୁସାରେ, ଆମେରିକାର ଏହି ଚେତାବନୀ ପରେ ଅତିକମରେ ୧୩ଟି ଦେଶ ତେହେରାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରୁ ନିଜର ପ୍ରତିନିଧିତ୍ୱ ପ୍ରତ୍ୟାହାର କରିଛନ୍ତି କିମ୍ବା ଅଂଶଗ୍ରହଣ ସୀମିତ କରିଦେଇଛନ୍ତି। ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଏବଂ ବିଶ୍ୱବ୍ୟାପୀ ଥିବା ଆମେରିକୀୟ ଦୂତମାନେ ଏହି କୂଟନୈତିକ ଅଭିଯାନର ନେତୃତ୍ୱ ନେଇଥିଲେ। ଏହି ଶୋକସଭାରେ ଯୋଗଦେବାକୁ 'ବନ୍ଧୁତ୍ୱହୀନ କାର୍ଯ୍ୟ' ଭାବେ ଗ୍ରହଣ କରାଯିବ ଏବଂ ଏହା ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିବ ବୋଲି ଆମେରିକା ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଥିଲା। ବିଶେଷ କରି ଆଫ୍ରିକୀୟ ଦେଶଗୁଡ଼ିକୁ ଆମେରିକା ତରଫରୁ ଦିଆଯାଉଥିବା ଆର୍ଥିକ ଅନୁଦାନ ବନ୍ଦ କରିବାକୁ ଧମକ ଦିଆଯାଇଥିବା ବେଳେ ପ୍ରାୟ ୫ଟି ଆରବ ଦେଶକୁ ମଧ୍ୟ ସିଧାସଳଖ ସତର୍କ କରାଯାଇଥିଲା। ଏହି ଚାପ ଯୋଗୁଁ ପୂର୍ବ ୟୁରୋପର ୩ଟି, ଆଫ୍ରିକାର ୫ଟି, ପାରସ୍ୟ ଉପସାଗରୀୟ ଅଞ୍ଚଳର ୨ଟି ଏବଂ ପୂର୍ବ ଏସିଆର ୨ଟି ପ୍ରମୁଖ ଦେଶ ଏହି କାର୍ଯ୍ୟକ୍ରମରୁ ଓହରି ଯାଇଛନ୍ତି। ଅପରପକ୍ଷରେ, ଆମେରିକାର ଏହି କଟକଣା ଓ ଚାପ ସତ୍ତ୍ୱେ ତେହେରାନର ଇମାମ ଖୋମେନି ମସଜିଦ ସମ୍ମୁଖରେ ଲକ୍ଷ ଲକ୍ଷ ଲୋକ ଏକତ୍ରିତ ହୋଇ ଶୋକ ସନ୍ତପ୍ତ ପରିବେଶରେ ଖାମେନେଇଙ୍କୁ ଶେଷ ବିଦାୟ ଜଣାଇଛନ୍ତି। ଗତ ଫେବ୍ରୁଆରୀ ୨୮ ଆକ୍ରମଣରେ ପ୍ରାଣ ହରାଇଥିବା ୮୬ ବର୍ଷୀୟ ଏହି ଜନନାୟକଙ୍କ ସ୍ମୃତି ଚାରଣ କରିବା ସହ ସେଠାରେ ଉପସ୍ଥିତ ଜନତା ଆମେରିକା ଓ ଇସ୍ରାଏଲ ବିରୋଧରେ ପ୍ରତିଶୋଧମୂଳକ ସ୍ଲୋଗାନ ଦେଇ ପ୍ରଦର୍ଶନ କରିଛନ୍ତି।

## ଭାରତକୁ ଇରାନର ଧନ୍ୟବାଦ

ତେହରାନ/ନୂଆଦିଲ୍ଲୀ: ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ସୟଦ ଅଲି ଖାମେନେଇଙ୍କ ରାଜକୀୟ ଶେଷକୃତ୍ୟରେ ଭାରତର ଅଂଶଗ୍ରହଣ ପାଇଁ ଇରାନ ଭାରତ ସରକାର ଓ ଜନସାଧାରଣଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଛି। ଭାରତସ୍ଥିତ ଇରାନ ଦୂତାବାସ ସାମାଜିକ ଗଣମାଧ୍ୟମ ଏକ୍ସ'ରେ ଏକ ବାର୍ତ୍ତା ପୋଷ୍ଟ କରି କୃତଜ୍ଞତା ପ୍ରକାଶ କରିଛି। ଭାରତ ସରକାରଙ୍କ ପକ୍ଷରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଶେଷକୃତ୍ୟରେ ଯୋଗ ଦେଇଥିଲା। ଏଥିରେ ବିହାରର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ୍ (ଅବସରପ୍ରାପ୍ତ) ସୟଦ ଅତା ହସନୈନ୍, ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଉପସ୍ଥିତ ରହି ଖାମେନେଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଂଗ୍ରେସ ନେତା ସଲମାନ ଖୁର୍ଶିଦ, ପିଡିପି ନେତ୍ରୀ ମେହବୁବା ମୁଫ୍ତି, ଏବଂ ଭାରତର ଶିଖ, ହିନ୍ଦୁ, ମୁସଲିମ, ଖ୍ରୀଷ୍ଟିଆନ୍ ଧର୍ମଗୁରୁମାନେ ମଧ୍ୟ ଶେଷକୃତ୍ୟରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ରୁଷର ମିସାଇଲ୍ ମାଡ଼; କିଭ୍‌ରେ ୮ ମୃତ

କିଭ୍, ୬।୭(ଏଜେନ୍ସି): ତୁର୍କୀରେ ଆୟୋଜିତ ହେବାକୁ ଥିବା ନାଟୋ ସମ୍ମିଳନୀର ଠିକ୍ ପୂର୍ବରୁ ରୁଷ ପକ୍ଷରୁ ୟୁକ୍ରେନର ରାଜଧାନୀ କିଭ୍ ଏବଂ ଏହାର ଆଖପାଖ ଅଞ୍ଚଳ ଉପରେ ସୋମବାର ବାଲିଷ୍ଟିକ୍ ମିସାଇଲ୍ ଦ୍ୱାରା ପ୍ରବଳ ଆକ୍ରମଣ କରାଯାଇଛି। ଏହି ଭୟାବହ ଆକ୍ରମଣରେ ଅତିକମରେ ୮ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ୩୪ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ଗୋଟିଏ ସପ୍ତାହ ମଧ୍ୟରେ ୟୁକ୍ରେନ ରାଜଧାନୀ ଉପରେ ଏହା ରୁଷର ଦ୍ୱିତୀୟ ବଡ଼ ଆକ୍ରମଣ, ଯାହା ଚାରି ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ଏହି ଯୁଦ୍ଧର ଭୟାବହତାକୁ ଆହୁରି ବଢ଼ାଇ ଦେଇଛି। କିଭ୍‌ର ସ୍ଥାନୀୟ ପ୍ରଶାସନ ଅନୁସାରେ, ରୁଷର ଏହି କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ସହରର ୪ଟି ଆବାସିକ ବିଲ୍ଡିଂରେ ନିଆଁ ଲାଗିଯାଇଥିଲା, ଯେଉଁ ସମୟରେ ଲୋକମାନେ ଶୋଇଥିଲେ। ମୃତକଙ୍କ ମଧ୍ୟରୁ ୭ ଜଣ କିଭ୍‌ର ଏବଂ ଜଣେ ବୁଚା ଜିଲ୍ଲାର ବୋଲି ଜଣାପଡ଼ିଛି। କିଭ୍ ମେୟର ବିଟାଲି କ୍ଲିଟ୍‌ସ୍କୋ ସହରରେ ଆକାଶମାର୍ଗୀୟ ପ୍ରତିରକ୍ଷା ପ୍ରଣାଳୀ (ଏୟାର ଡିଫେନ୍ସ) ସକ୍ରିୟ ଥିବା ସୂଚନା ଦେବା ସହ ଜନସାଧାରଣଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳରେ ରହିବାକୁ ଅନୁରୋଧ କରିଛନ୍ତି। ଅପରପକ୍ଷରେ, ୟୁକ୍ରେନ ପକ୍ଷରୁ ମଧ୍ୟ ରୁଷ ନିୟନ୍ତ୍ରିତ କ୍ରିମିଆର ସେଭାସ୍ତୋପୋଲ୍ ଶକ୍ତି ପ୍ରକଳ୍ପ ଏବଂ ମସ୍କୋ ଉପରେ ଡ୍ରୋନ୍ ମାଡ଼ କରାଯାଇଥିବା ଦାବି କରାଯାଇଛି। ଏହି ସାମରିକ ଉତ୍ତେଜନା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କିଙ୍କ ମଧ୍ୟରେ ଆସନ୍ତା ବୁଧବାର ତୁର୍କୀର ରାଜଧାନୀ ଅଙ୍କାରାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବୈଠକରେ ଦୁଇ ନେତା ଯୁଦ୍ଧର ସମାପ୍ତି ଏବଂ ଶାନ୍ତି ପ୍ରକ୍ରିୟା ଉପରେ ଆଲୋଚନା କରିବେ। ଏହାପରେ ଟ୍ରମ୍ପ ରୁଷର ନେତା ଭ୍ଲାଦିମିର ପୁଟିନଙ୍କ ସହ ମଧ୍ୟ କଥା ହେବାର କାର୍ଯ୍ୟକ୍ରମ ରହିଛି।

# ପହଲଗାମ୍ ଆତଙ୍କବାଦୀ ଆକ୍ରମଣ; ହାଫିଜ୍ ସୟିଦ୍ ବିରୋଧରେ ଏନଆଇଏର ଚାର୍ଜସିଟ୍



ନୂଆଦିଲ୍ଲୀ, ୬।୭(ଏଜେନ୍ସି): ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ସୋମବାର ଜମ୍ମୁର ସ୍ୱତନ୍ତ୍ର ଅଦାଲତରେ ଏକ ଅତିରିକ୍ତ ଚାର୍ଜସିଟ୍ ଦାଖଲ କରିଛି। ଏଥିରେ ପାକିସ୍ତାନ ସ୍ଥିତ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା (ଏଲଇଟି) ଏବଂ ଏହାର ପ୍ରକ୍ସି ସଂଗଠନ 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ' (ଟିଆର୍‌ଏଫ)ର ମୁଖ୍ୟ ହାଫିଜ୍ ସୟିଦ୍‌କୁ ମୁଖ୍ୟ ଅଭିଯୁକ୍ତ ଭାବେ ନାମିତ କରାଯାଇଛି। ସୀମା ପାର୍ଶ୍ୱରୁ ଭାରତ ବିରୋଧରେ ଯୁଦ୍ଧ ଘୋଷଣା ଏବଂ ଆତଙ୍କବାଦୀ ଷଡ଼ଯନ୍ତ୍ର ରଚିବା ଅଭିଯୋଗରେ ଏନଆଇଏ ତା' ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ) ଏବଂ ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ)ର ବିଭିନ୍ନ ଧାରା ଲଗାଇଛି। ଗତ ବର୍ଷ ଡିସେମ୍ବର ମାସରେ ଦାଖଲ ହୋଇଥିବା ୧, ୫୯୭ ପୃଷ୍ଠାର ମୂଳ ଚାର୍ଜସିଟ୍‌ରେ ୭ ଜଣଙ୍କୁ ଅଭିଯୁକ୍ତ କରାଯାଇଥିଲା। ଡିଜିଟାଲ୍ ପ୍ଲାଟଫର୍ମରେ ଆକ୍ରମଣର ଦାୟିତ୍ୱ ନେଇଥିବା ବାର୍ତ୍ତାଗୁଡ଼ିକର ଉତ୍ସ ପାକିସ୍ତାନ ବୋଲି ବୈଜ୍ଞାନିକ ଅନୁସନ୍ଧାନରୁ ସ୍ପଷ୍ଟ ହେବା ପରେ ଏଥିରେ ହାଫିଜ୍ ସୟିଦ୍‌ର ସମ୍ପୃକ୍ତି ପ୍ରମାଣିତ ହୋଇଛି। ଏହି ମାମଲାଟି ୨୦୨୫ ଏପ୍ରିଲ ୨୨ ତାରିଖରେ ପହଲଗାମର ବୈସାରନ ଉପତ୍ୟକାରେ ପର୍ଯ୍ୟଟକମାନଙ୍କ ଉପରେ ହୋଇଥିବା ଆକ୍ରମଣ ସହ ଜଡ଼ିତ, ଯେଉଁଥିରେ ୨୬ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ। ଏହି ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତୀୟ ସେନା ପକ୍ଷରୁ ୨୦୨୫ ମେ ୭ ତାରିଖରେ 'ଅପରେସନ ସିନ୍ଦୂର' ଆରମ୍ଭ କରାଯାଇଥିଲା। ଏହି ଅପରେସନ ଅଧୀନରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀରରେ ଥିବା ଆତଙ୍କବାଦୀ ସଂଗଠନଗୁଡ଼ିକର ୯ଟି ପ୍ରମୁଖ ଘାଟିକୁ ସେନା ଧ୍ୱଂସ କରିଦେଇଥିଲା। ଏହା ସହିତ ଭାରତ ସରକାର ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ସହ ପାକିସ୍ତାନୀ ନାଗରିକଙ୍କ ପାଇଁ ଭିସା ସେବା ମଧ୍ୟ ବନ୍ଦ କରିଦେଇଥିଲେ। ଆଗାମୀ ଦିନରେ ଏହି ଆତଙ୍କବାଦୀ ନେଟୱର୍କର ସମୂଳ ବିନାଶ ପାଇଁ ଏନଆଇଏ ନିଜର ତଦନ୍ତ ଜାରି ରଖିଛି।

# ଭେନେଜୁଏଲାରେ ଏବେ ବି ୫୦ ହଜାର ନିଖୋଜ



କାରାକାସ, ୬।୭(ଏଜେନ୍ସି): ଭେନେଜୁଏଲାରେ ଗତ ଜୁନ୍ ୨୪ରେ ଆସିଥିବା ଦୁଇଟି ପ୍ରଳୟଙ୍କରୀ ଭୂକମ୍ପ ଯୋଗୁଁ ମୃତ୍ୟୁ ସଂଖ୍ୟା ୩, ୩୪୨କୁ ବୃଦ୍ଧି ପାଇଛି। ଏହି ବିପର୍ଯ୍ୟୟର ୧୧ ଦିନ ପରେ ବିଲ୍ଡିଂ ଧ୍ୱଂସାବଶେଷ ତଳୁ ମିଳୁଥିବା ଅଜ୍ଞାତ ଶବଗୁଡ଼ିକୁ ପ୍ରଶାସନ ପକ୍ଷରୁ ଗଣସମାଧି ଦିଆଯାଉଛି। ଏହି ଭୂକମ୍ପରେ ପ୍ରାୟ ୧୬, ୭୦୦ ଲୋକ ଗୁରୁତର ଭାବେ ଆହତ ହୋଇଥିବା ବେଳେ ଜାତିସଂଘର ଆକଳନ ଅନୁସାରେ ଦେଶରେ ଏବେ ମଧ୍ୟ ପ୍ରାୟ ୫୦, ୦୦୦ ଲୋକ ନିଖୋଜ ଅଛନ୍ତି। ଲା ଗୁଏରା ଉପକୂଳ ଅଞ୍ଚଳରେ ଶତାଧିକ ବହୁତଳ ପ୍ରାସାଦ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ସ୍ଥାନୀୟ ପ୍ରଶାସନ ଏବଂ ସ୍ୱେଚ୍ଛାସେବୀମାନେ ଚିହ୍ନଟ ହୋଇପାରିନଥିବା ୧୫୦ରୁ ଅଧିକ ମୃତଦେହକୁ ଲା ଇସପେରାଞ୍ଜା ଶ୍ମଶାନରେ ସମ୍ମାନର ସହ ସମାଧି ଦେଇଛନ୍ତି। ଭୂକମ୍ପ ଯୋଗୁଁ ୨୦୦ରୁ ଅଧିକ ବଡ଼ ବିଲ୍ଡିଂ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବାରୁ ୧୭, ୦୦୦ରୁ ଅଧିକ ଲୋକ ବେଘର ହୋଇ ଅସ୍ଥାୟୀ ଶିବିରରେ ଆଶ୍ରୟ ନେଇଛନ୍ତି।

# ନୌସେନାରେ ସାମିଲ ହେବ ଯୁଦ୍ଧପୋତ 'ମହେନ୍ଦ୍ରଗିରି'

ନୂଆଦିଲ୍ଲୀ, ୬।୭(ଏଜେନ୍ସି): ଭାରତୀୟ ନୌସେନାର ଶକ୍ତି ବୃଦ୍ଧି କରିବା ପାଇଁ ଆସନ୍ତା ଶନିବାର (ଜୁଲାଇ ୧୧) ବିଶାଖାପାଟଣାଠାରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରକଳ୍ପ ୧୭ଏ ଶ୍ରେଣୀର ଷଷ୍ଠ ଷ୍ଟିଲ୍‌ଥ୍ ଯୁଦ୍ଧପୋତ (ଫ୍ରିଗେଟ୍) 'ମହେନ୍ଦ୍ରଗିରି' (ଏଫ୩୮) ଆନୁଷ୍ଠାନିକ ଭାବେ ନୌସେନାରେ ସାମିଲ ହେବାକୁ ଯାଉଛି। ଓଡ଼ିଶାର ପୂର୍ବଘାଟ ପର୍ବତମାଳାର ଗୌରବ 'ମହେନ୍ଦ୍ରଗିରି' ପର୍ବତ ଶୃଙ୍ଗ ଅନୁସାରେ ଏହାର ନାମକରଣ କରାଯାଇଛି। ଏହି ଯୁଦ୍ଧପୋତର ନକ୍ସା ଭାରତୀୟ ନୌସେନାର 'ୱାରସିପ୍ ଡିଜାଇନ୍ ବ୍ୟୁରୋ' ପ୍ରସ୍ତୁତ କରିଥିବା ବେଳେ ଏହାକୁ ମୁମ୍ବାଇର 'ମାଝାଗାଓଁ ଡକ୍ ସିପ୍‌ବିଲ୍ଡର୍ସ ଲିମିଟେଡ୍' ନିର୍ମାଣ କରିଛି। ଏହି ଅତ୍ୟାଧୁନିକ ଯୁଦ୍ଧପୋତରେ ଭାରତୀୟ ପ୍ରତିରକ୍ଷା ଶିଳ୍ପ ଦ୍ୱାରା ନିର୍ମିତ ଶକ୍ତିଶାଳୀ ବ୍ରହ୍ମୋସ ସୁପରସୋନିକ କ୍ରୁଜ୍ ମିସାଇଲ୍ ଏବଂ ବାରାକ-୮ ଭୂପୃଷ୍ଠରୁ ଆକାଶକୁ ମାଡ଼ କରାଯାଇପାରୁଥିବା କ୍ଷେପଣାସ୍ତ୍ର ପ୍ରଣାଳୀ ଖଞ୍ଜାଯାଇଛି। ଏହାଫଳରେ ଏହି ଯୁଦ୍ଧପୋତ ଶତ୍ରୁପକ୍ଷର ଜାହାଜ, ଡ୍ରୋନ୍, ମିସାଇଲ୍ ଏବଂ ସ୍ଥଳଭାଗର ଲକ୍ଷ୍ୟଭେଦକୁ ଦୂରରୁ ଧ୍ୱଂସ କରିପାରିବ। ଏହା ବ୍ୟତୀତ ବୁଡ଼ାଜାହାଜ ବିରୋଧୀ ଅଭିଯାନ ପାଇଁ ଏଥିରେ ଟର୍ପେଡୋ, ରକେଟ୍ ଲଞ୍ଚର୍ ଏବଂ ଶତ୍ରୁର ଆକ୍ରମଣକୁ ପ୍ରତିହତ କରିବା ପାଇଁ ଶକ୍ତିଶାଳୀ ଏଇଏସଏ ରାଡାର୍ ବ୍ୟବସ୍ଥା ରହିଛି।

# ସ୍ତ୍ରୀକୁ ଗୁଳି କରି ହତ୍ୟା: ସ୍ୱାମୀ, ପ୍ରେମିକା ଗିରଫ

ଗୁରୁଗ୍ରାମ, ୬।୭(ଏଜେନ୍ସି): ହରିଆଣାର ଗୁରୁଗ୍ରାମ ଅନ୍ତର୍ଗତ ମାନେସର ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ଜଣେ ୨୫ ବର୍ଷୀୟ ଯୁବକ ନିଜ ପ୍ରେମିକା ସହ ମିଶି ବିବାହର ମାତ୍ର ୩ ମାସ ପରେ ନିଜ ସ୍ତ୍ରୀକୁ ଗୁଳି କରି ହତ୍ୟା କରିଛି। ପୁଲିସ ଏହି ମାମଲାରେ ଅଭିଯୁକ୍ତ ସ୍ୱାମୀ ଅଙ୍କିତ ଏବଂ ତାଙ୍କର ୩୮ ବର୍ଷୀୟା ପ୍ରେମିକା ରଜନୀ ଦେବୀଙ୍କୁ ଗିରଫ କରିଛି। ଗତ ୩ ବର୍ଷ ଧରି ଚାଲିଥିବା ପ୍ରେମ ସମ୍ପର୍କକୁ ଆଗକୁ ବଢ଼ାଇବା ପାଇଁ ଦୁହେଁ ମିଶି ଏହି ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ରଚିଥିଲେ। ଗତ ମେ ୨୧ ତାରିଖରେ ୨୨ ବର୍ଷୀୟା ପୀଡ଼ିତା ନିଖୋଜ ହେବା ନେଇ ତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପରଦିନ ମେ ୨୨ରେ ପ୍ରେମିକାର ଭଡ଼ା ଘରୁ ମହିଳାଙ୍କ ଗୁଳିବିଦ୍ଧ ମୃତଦେହ ଉଦ୍ଧାର କରାଯାଇଥିଲା। ଅଙ୍କିତ ନିଜ ସ୍ତ୍ରୀକୁ ପ୍ରେମିକାର ଘରକୁ ନେଇ ସେଠାରେ ଦୁହେଁ ମିଶି ତାଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏଥିପାଇଁ ଦୁଇ ମାସ ପୂର୍ବରୁ ଉତ୍ତର ପ୍ରଦେଶରୁ ଏକ ବେଆଇନ ପିସ୍ତଲ କିଣାଯାଇଥିଲା। ହତ୍ୟା ପରେ ଦୁହେଁ ହରିଦ୍ୱାର ଦେଇ ନେପାଳ ଫେରାର ହୋଇଯାଇଥିଲେ। ଜୁନ୍ ୩୦ରେ ଭାରତ ଫେରିବା ପରେ କ୍ରାଇମ ବ୍ରାଞ୍ଚ ସେମାନଙ୍କୁ ଗିରଫ କରି ୫ ଦିନିଆ ପୁଲିସ ହେପାଜତକୁ ନେଇ ଅଧିକ ତଦନ୍ତ ଜାରି ରଖିଛି।

## ଟିସିଏସ ଯୌନ ନିର୍ଯାତନା, ଧର୍ମାନ୍ତରୀକରଣ ମାମଲା
# ମୁଖ୍ୟ ମହିଳା ଅଭିଯୁକ୍ତଙ୍କୁ ମିଳିଲା ଜାମିନ

ନାସିକ, ୬।୭(ଏଜେନ୍ସି): ନାସିକସ୍ଥିତ ଟାଟା କନସଲଟେନ୍ସି ସର୍ଭିସେସ (ଟିସିଏସ) ଶାଖାରେ ଜଣେ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା ଏବଂ ଜବରଦସ୍ତ ଧର୍ମାନ୍ତରୀକରଣ ଉଦ୍ୟମ ଅଭିଯୋଗ ମାମଲାରେ ସ୍ଥାନୀୟ ଅଦାଲତ ମୁଖ୍ୟ ମହିଳା ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ନାସିକ ରୋଡ୍ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ କେଜି ଜୋଶୀ ମହିଳାଙ୍କ ଗର୍ଭାବସ୍ଥା ଆଧାରରେ ତାଙ୍କର ଜାମିନ ଆବେଦନ ମଞ୍ଜୁର କରିଥିବା ବେଳେ ଏହି ମାମଲାର ସହ-ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରିଛନ୍ତି। ଏହି ଘଟଣାରେ ଦେଓଲାଲି କ୍ୟାମ୍ପ ଥାନାରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ଏବଂ ଏସସି-ଏସଟି ଅତ୍ୟାଚାର ନିରୋଧୀ ଆଇନର ବିଭିନ୍ନ ଧାରା ଅଧୀନରେ ମାମଲା ରୁଜୁ ହୋଇଛି। ନାସିକ ପୋଲିସର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଏହି ଟିସିଏସ ୟୁନିଟ୍‌ରେ ମହିଳା କର୍ମଚାରୀଙ୍କ ଉପରେ ହୋଇଥିବା ମାନସିକ ଓ ଶାରୀରିକ ନିର୍ଯାତନା ସମ୍ପର୍କିତ ପ୍ରାୟ ୯ଟି ମାମଲାର ଯାଞ୍ଚ କରୁଛି।



# ପ୍ରବଳ ବର୍ଷା: ମୁମ୍ବାଇରେ ରେଡ୍ ଆଲର୍ଟ

- ଟ୍ରେନ ଓ ବିମାନ ସେବା ପ୍ରଭାବିତ
- ମୁମ୍ବାଇ-ପୁଣେ ଏକ୍ସପ୍ରେସୱେ 'ମିସିଂ ଲିଙ୍କ୍' ବନ୍ଦ
- ମହାବଳେଶ୍ୱରରେ ପୋଲ ଭୁଶୁଡ଼ିଲା

ମୁମ୍ବାଇ, ୬।୭(ଏଜେନ୍ସି): ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମୁମ୍ବାଇ ଏବଂ ଏହାର ଆଖପାଖ ଅଞ୍ଚଳ ପାଇଁ ରେଡ ଆଲର୍ଟ ଜାରି କରାଯାଇଛି। ଆରବ ସାଗରରୁ ସୃଷ୍ଟି ହୋଇଥିବା ପ୍ରବଳ ମୌସୁମୀ ବାୟୁ ପ୍ରଭାବରେ ମୁମ୍ବାଇ ମହାନଗର ସମେତ ଥାଣେ, ପାଲଘର ଏବଂ ରାୟଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଜୋରଦାର ପବନ ବୋହିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏହା ସହିତ ସମୁଦ୍ରରେ ବଡ଼ ଜୁଆର ଆସିବା କାରଣରୁ ତଳିଆ ଅଞ୍ଚଳଗୁଡ଼ିକରେ ଜଳବନ୍ଦୀ ସମସ୍ୟା ଅଧିକ ଗମ୍ଭୀର ହେବାର ସମ୍ଭାବନା ରହିଛି। ବିପର୍ଯ୍ୟସ୍ତ ପାଣିପାଗକୁ ଦୃଷ୍ଟିରେ ରଖି ମହାନଗର ନିଗମ ପକ୍ଷରୁ ସମସ୍ତ ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ପ୍ରଶାସନ ତରଫରୁ ଲୋକଙ୍କୁ ଅତି ଜରୁରୀ କାମ ନଥିଲେ ଘରୁ ବାହାରକୁ ନବାହାରିବା ପାଇଁ ପରାମର୍ଶ ଦିଆଯାଇଛି। ଲଗାତାର ବର୍ଷା ଯୋଗୁଁ ସହରର ବିଭିନ୍ନ ମୁଖ୍ୟ ରାସ୍ତା ବୁଡ଼ିଯାଇଛି, ସ୍ଥାନୀୟ ରେଳ ସେବା ବାଧାପ୍ରାପ୍ତ ହୋଇଛି ଏବଂ ଅନେକ ବିମାନ ଯାତ୍ରାରେ ବିଳମ୍ବ ଘଟିଛି। ଏହା ସହିତ ମୁମ୍ବାଇ-ପୁଣେ ରେଳପଥରେ ଭୂସ୍ଖଳନ ଘଟିବା ସହ ଅନେକ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି। ଏହି ବର୍ଷା ଜନିତ ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୩ ଜଣ ପ୍ରାଣ ହରାଇଥିବା ସୂଚନା ମିଳିଛି। ପ୍ରବଳ ବର୍ଷା ଯୋଗୁଁ ମୁମ୍ବାଇ-ପୁଣେ ଏକ୍ସପ୍ରେସୱେର ନୂତନ ଭାବେ ଉଦ୍ଘାଟିତ 'ମିସିଂ ଲିଙ୍କ୍'ରେ ଭୂସ୍ଖଳନ ହେବା ଫଳରେ ପୁଣେରୁ ମୁମ୍ବାଇ ଯାଉଥିବା ରାସ୍ତାକୁ ସୋମବାର ସକାଳୁ ବନ୍ଦ କରି ଦିଆଯାଇଛି। ମହାରାଷ୍ଟ୍ର ରାଜ୍ୟ ସଡ଼କ ପରିବହନ ନିଗମ ଏବଂ ମାର୍ଗ ସୁରକ୍ଷା ପୁଲିସ ମିଳିତ ଭାବେ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସକାଳ ୪ଟାରୁ ଗାଡ଼ିଗୁଡ଼ିକୁ ଅନ୍ୟ ପଥ ଦେଇ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କାରଣରୁ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ଜାମରେ ଫସି ରହିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଏହି ଏକ୍ସପ୍ରେସୱେର ଦ୍ୱିତୀୟ ସୁଡ଼ଙ୍ଗ ନିକଟରେ ମାଟି ଅତଡ଼ା ଖସିବା ସହ ଖଣ୍ଡାଲା ଘାଟି ଅଞ୍ଚଳରେ ପାଣି ଜମି ରହିବା ଯୋଗୁଁ ପରିବହନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଲଗାତାର ବର୍ଷା ଯୋଗୁଁ ମୁମ୍ବାଇ ଏବଂ ପୁଣେ ମଧ୍ୟରେ ରେଳ ସେବା ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ପ୍ରାୟ ୧୬ଟି ଟ୍ରେନ ବାତିଲ କରାଯାଇଥିବା ବେଳେ ୯ଟି ଟ୍ରେନର ଗତିପଥ ବଦଳାଯାଇଛି। ପାଣିପାଗ ବିଭାଗ ପକ୍ଷରୁ ମୁମ୍ବାଇ ପାଇଁ ଅରେଞ୍ଜ ଆଲର୍ଟ ଏବଂ ପୁଣେ ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ମହାରାଷ୍ଟ୍ରର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ମହାବଳେଶ୍ୱରରେ ବର୍ଷା ଯୋଗୁଁ ଏକ ପୋଲ ଭୁଶୁଡ଼ି ପଡ଼ିଛି, ଯେଉଁଥିପାଇଁ ସେଠାରେ ଅନେକ ପର୍ଯ୍ୟଟକ ଫସି ରହିଥିଲେ। ସେହିପରି ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁଁ ବିମାନ ବନ୍ଦରର ରନୱେ କାର୍ଯ୍ୟ ପ୍ରାୟ ଏକ ଘଣ୍ଟା ପାଇଁ ବନ୍ଦ ରହିଥିଲା। ସହରର କେତେକ ସ୍ଥାନରେ ଗତ ୨୪ ଘଣ୍ଟା ମଧ୍ୟରେ ୨୦୦ ରୁ ୩୦୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ରେକର୍ଡ କରାଯାଇଛି।

# ଜଳୁଛି ପିଓକେ; ଭାରତର ସାହାଯ୍ୟ ଲୋଡ଼ିଲେ ନେତା

ନୂଆଦିଲ୍ଲୀ, ୬।୭(ଏଜେନ୍ସି): ପିଓକେରେ ପ୍ରଶାସନର ଦମନଲୀଳା ଓ ଅତ୍ୟାଚାର ଚରମ ସୀମାରେ ପହଞ୍ଚିଛି। ପିଓକେର ଜନତା ଏବେ ପାକିସ୍ତାନ ବିରୋଧରେ ମେଳି ବାନ୍ଧିବା ସହ ଭାରତର ସହାୟତା ଲୋଡ଼ିଛନ୍ତି। ମିଳିତ ଆୱାମୀ ଆକ୍ସନ କମିଟିର ପ୍ରମୁଖ ନେତା ସର୍ଦ୍ଦାର ଅମାନ ଖାନ ସୋସିଆଲ ମିଡିଆରେ ଏକ ଭିଡିଓ ବାର୍ତ୍ତା ଜରିଆରେ ନୂଆଦିଲ୍ଲୀକୁ ମାନବୀୟ ସହାୟତା ଯୋଗାଇଦେବା ସହ ନିୟନ୍ତ୍ରଣ ରେଖା ବା ଏଲଓସି ସୀମାକୁ ଖୋଲିବା ପାଇଁ ନିବେଦନ କରିଛନ୍ତି। ପିଓକେରେ ଆନ୍ଦୋଳନକୁ ଦବାଇବା ପାଇଁ ପାକିସ୍ତାନୀ ସୁରକ୍ଷା ବଳ ପକ୍ଷରୁ କରାଯାଇଥିବା କାର୍ଯ୍ୟାନୁଷ୍ଠାନରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। ପାକିସ୍ତାନ ସରକାର ଏହି ଅଞ୍ଚଳରେ ଆର୍ଥିକ ଅବରୋଧ ଲଗାଇଥିବାରୁ ଏବେ ସେଠାରେ ଖାଦ୍ୟସାମଗ୍ରୀ, ଚାଉଳ ଏବଂ ଔଷଧର ଘୋର ଅଭାବ ଦେଖାଦେଇଛି। ରାୱାଲାକୋଟର ଏକ ବିଶାଳ ଜନସଭାକୁ ସମ୍ବୋଧିତ କରି ଅମାନ ଖାନ କହିଛନ୍ତି ଯେ ଯଦି ପାକିସ୍ତାନୀ ପ୍ରଶାସନ ଜନତାଙ୍କ ଦାବିକୁ ଗୁଳିରେ ଉଡ଼ାଇବାକୁ ଚେଷ୍ଟା କରିବ, ତେବେ ସେମାନଙ୍କ ପାଖରେ ଅନ୍ୟ ରାସ୍ତା ମଧ୍ୟ ରହିଛି। ସେ ସେଠାକାର



ନାଗରିକମାନଙ୍କୁ ଭାରତ ସୀମା ଆଡ଼କୁ ଅଗ୍ରସର ହେବା ପାଇଁ ଆହ୍ୱାନ ଦେଇଛନ୍ତି। ତ ଜୁନ୍ ୫ ତାରିଖରେ ପାକିସ୍ତାନ ସରକାର ଏହି ଜନ ଆନ୍ଦୋଳନର ନେତୃତ୍ୱ ନେଉଥିବା ସଂଗଠନକୁ ଏକ ସନ୍ତ୍ରାସବାଦୀ ସଂଗଠନ ବୋଲି ଘୋଷଣା କରି ପ୍ରତିବନ୍ଧକ ଲଗାଇଥିଲେ। ଏହା ପରେ ସ୍ଥିତି ଆହୁରି ବିଗିଡ଼ିବାରେ ଲାଗିଛି।

## ୨ ଆସାମ ରାଇଫଲ୍ସ ଯବାନ ସହିଦ

ଇମ୍ଫାଲ, ୬।୭(ଏଜେନ୍ସି): ମଣିପୁରର ଉଖ୍ରୁଲ୍ ଜିଲ୍ଲାରେ ସୋମବାର ଆତଙ୍କବାଦୀଙ୍କ ଦ୍ୱାରା ହୋଇଥିବା ଗରିଲା ଆକ୍ରମଣରେ ଆସାମ ରାଇଫଲ୍ସର ଦୁଇ ଜଣ ଯବାନ ସହିଦ ହୋଇଛନ୍ତି। ଏହି ସନ୍ତ୍ରାସବାଦୀ ଆକ୍ରମଣରେ ଅନ୍ୟ କେତେକ ଯବାନ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ଯବାନମାନେ ନିୟମିତ ପାଟ୍ରୋଲିଂ କରୁଥିବା ସମୟରେ ପୂର୍ବରୁ ଛପି ରହିଥିବା ଉଗ୍ରବାଦୀମାନେ ସେମାନଙ୍କ ଉପରକୁ ଅତର୍କିତ ଗୁଳିବର୍ଷଣ କରିଥିଲେ। ମଣିପୁର ରାଜ୍ୟପାଳ ଏହି ବର୍ବରୋଚିତ ହିଂସାକାଣ୍ଡକୁ ତୀବ୍ର ନିନ୍ଦା କରିଛନ୍ତି।

# ପ୍ରବଳ ବର୍ଷାରେ ସୁଧୁରିଲା ନିଅଣ୍ଟିଆ ସ୍ଥିତି; ୪୫ରୁ ୨୮%କୁ ହ୍ରାସ

ନୂଆଦିଲ୍ଲୀ, ୬।୭(ଏଜେନ୍ସି): ଦେଶରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପୁଣି ଥରେ ସକ୍ରିୟ ହୋଇଉଠିଛି। ବିଗତ କିଛି ସପ୍ତାହର ମନ୍ଥର ଗତି ପରେ ସମଗ୍ର ଭାରତର ବିଭିନ୍ନ ପ୍ରାନ୍ତରେ ପ୍ରବଳ ବର୍ଷା ଜାରି ରହିଛି। ଏହା ଫଳରେ ଦେଶରେ ଦେଖାଦେଇଥିବା ଋତୁଭିତ୍ତିକ ନିଅଣ୍ଟିଆ




ବର୍ଷାର ପରିମାଣରେ ବଡ଼ ହ୍ରାସ ଘଟିଛି। ପାଣିପାଗ ବିଭାଗର ସଦ୍ୟତମ ତଥ୍ୟ ଅନୁଯାୟୀ, ବର୍ଷାର ନିଅଣ୍ଟ ପରିମାଣ ୪୫ ପ୍ରତିଶତରୁ କମି ଏବେ ୨୮ ପ୍ରତିଶତରେ ପହଞ୍ଚିଛି, ଯାହା ଚାଷ କାର୍ଯ୍ୟ ପାଇଁ ଏକ ଶୁଭ ସଙ୍କେତ ଆଣିଦେଇଛି। କିଛି ଦିନର ଶୁଷ୍କ ପାଗ ପରେ ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି ଯେ ପଶ୍ଚିମ, କେନ୍ଦ୍ରୀୟ ଏବଂ ପୂର୍ବ ଭାରତରେ ଘନ ମେଘମାଳା ସୃଷ୍ଟି ହୋଇଛି। ଆରବ ସାଗର ଓ ବଙ୍ଗୋପସାଗରରୁ ଆସୁଥିବା ପ୍ରଚୁର ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ଯୋଗୁଁ ଓଡ଼ିଶା, ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ତେଲେଙ୍ଗାନାରେ ବ୍ୟାପକ ବର୍ଷା ରେକର୍ଡ କରାଯାଇଛି। । ଦିଲ୍ଲୀ, ଉତ୍ତର ପ୍ରଦେଶ, ବିହାର, ଗୁଜରାଟ ଏବଂ ପଞ୍ଜାବ ପରି ରାଜ୍ୟରେ ଏବେ ମଧ୍ୟ ସ୍ୱାଭାବିକ ଠାରୁ ବହୁତ କମ୍ ବର୍ଷା ହୋଇଛି। ସବୁଠାରୁ ଚିନ୍ତାଜନକ ସ୍ଥିତି ପୂର୍ବୋତ୍ତର ଭାରତର ମେଘାଳୟ, ଆସାମ ଏବଂ ଅରୁଣାଚଳ ପ୍ରଦେଶରେ ଦେଖାଦେଇଛି, ଯେଉଁଠାରେ ବର୍ଷାର ଅଭାବ ଅଧିକ ରହିଛି। ଅପରପକ୍ଷରେ ରାଜସ୍ଥାନ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଜମ୍ମୁ-କାଶ୍ମୀରରେ ସ୍ୱାଭାବିକ କିମ୍ବା ଅଧିକ ବର୍ଷା ହୋଇଥିବା ଜଣାପଡ଼ିଛି।

## ବାରୁଇପୁରରେ ଉତ୍ତେଜନା
# ନାବାଳିକାକୁ ଦୁଷ୍କର୍ମ କରି ନଦୀରେ ଫିଙ୍ଗିଦେଇଥିଲେ

- ଅଭିଯୁକ୍ତକୁ ଧରାଇଲା ସିସିଟିଭି ଫୁଟେଜ
- ବିଜେପି-ଟିଏମ୍‌ସି ମୁହାଁମୁହିଁ

କୋଲକାତା, ୬।୭(ଏଜେନ୍ସି): ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ବାରୁଇପୁରଠାରେ ଜଣେ ୧୧ ବର୍ଷର ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଛି। ଏହି ମାମଲାରେ ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅପରପକ୍ଷରେ, ଏହି ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହରେ ରବିବାର ଦିନ ଏକ ଉତ୍ୟକ୍ତ ଜନସମୂହ ଜଣେ ବ୍ୟକ୍ତିଙ୍କୁ ପିଟିପିଟି ହତ୍ୟା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସୋମବାର ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଏବଂ ଦୋଷୀମାନଙ୍କୁ ଫାଶୀ ଦଣ୍ଡ ଦେବା ପାଇଁ ସରକାର କୋର୍ଟରେ ଦାବି କରିବେ ବୋଲି କହିଛନ୍ତି। ଏହା ସହିତ ଘଟିଥିବା ଗଣପ୍ରହାର ଘଟଣାରେ ଏକ 'ସାମ୍ପ୍ରଦାୟିକ କୋଣ' ରହିଥିବା ସେ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମଙ୍ଗଳବାର ବାରୁଇପୁର ଗସ୍ତ କରି ପୀଡ଼ିତାଙ୍କ ପରିବାରକୁ ଭେଟିବେ ଏବଂ ପୁଲିସର କାର୍ଯ୍ୟାନୁଷ୍ଠାନରେ ଅବହେଳା



ଥିଲେ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଶନିବାରଠାରୁ ନିଖୋଜ ଥିବା ଏହି ନାବାଳିକାର ମୃତଦେହ ରବିବାର ଏକ ପୋଖରୀରୁ ମିଳିବା ପରେ ସ୍ଥାନୀୟ ଲୋକେ ଉଗ୍ର ରୂପ ଧାରଣ କରି ପୁଲିସ ଗାଡ଼ି ଜାଳିଦେବା ସହ ରେଳପଥ ଅବରୋଧ କରିଥିଲେ। ଦୁଃଷ୍କର୍ମ ପରେ ନାବାଳିକା ବଞ୍ଚିଥିଲେ ଓ ତାଙ୍କୁ ଏହି ଅବସ୍ଥାରେ ନଦୀକୁ ଫିଙ୍ଗି ଦିଆଯାଇଥିଲା ବୋଲି ଅଭିଯୋଗ ହୋଇଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବାରୁଇପୁର ସମେତ ସୋନାରପୁର ଏବଂ ନରେନ୍ଦ୍ରପୁର ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରାଯାଇଛି। ପୁଲିସ ଏହି ଘଟଣାରେ ପ୍ରଭାଷ ମଣ୍ଡଳ, ଦିବାକର ସର୍ଦ୍ଦାର ଏବଂ ମୁଖ୍ୟ ଅଭିଯୁକ୍ତ ଆନନ୍ଦ ସରକାରଙ୍କୁ ଗିରଫ କରି ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଦ୍ୱାରା ପୋକ୍‌ସୋ ଆକ୍ଟ ଅଧୀନରେ ମାମଲାର ଯାଞ୍ଚ କରୁଛି। ତୃଣମୂଳ କଂଗ୍ରେସ ଓ ସିପିଏମ୍ ଭଳି ବିରୋଧୀ ଦଳର ନେତାମାନେ ମଧ୍ୟ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏବେ ଏହି ଘଟଣାକୁ ନେଇ ପଶ୍ଚିମ ବଙ୍ଗରେ ରାଜନୀତି ଆରମ୍ଭ ହୋଇଛି। ବିରୋଧୀ ଏହି ଘଟଣାରୁ ଫାଇଦା ଉଠାଇବା ଲକ୍ଷ୍ୟ ରହିଥିବା ବେଳେ ଶାସକ ବିଜେପି ସରକାର ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲକ୍ଷ୍ୟରେ ରହିଛି।

# କୁଖ୍ୟାତ ଆନ୍ତଃରାଜ୍ୟ ଅପରାଧୀ ଏମ୍‌ଡି ନାଫିସକୁ ଏନ୍‌କାଉଣ୍ଟର

ଚମ୍ପୁଆ,୬।୭(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଅନ୍ତର୍ଗତ ପତଳା ଜଙ୍ଗଲରେ ସୋମବାର ଭୋର ସମୟରେ ଚମ୍ପୁଆ ପୁଲିସ କୁଖ୍ୟାତ ଆନ୍ତଃରାଜ୍ୟ ଅପରାଧୀ ଏମ୍‌ଡି ନାଫିସ୍‌କୁ ଏନ୍‌କାଉଣ୍ଟର କରିଛି। ଏଥିରେ ନାଫିସ୍‌ର ଡାହାଣ ଗୋଡ଼ର ଆଣ୍ଠୁରେ ଗୁଳି ବାଜି ସେ ଆହତ ହୋଇଛି। ପୁଲିସ ସୂଚନା ଅନୁସାରେ, ଏମ୍‌ଡି ନାଫିସ୍ ବିରୋଧରେ କେନ୍ଦୁଝର, ମୟୂରଭଞ୍ଜ ସମେତ ବିଭିନ୍ନ ଜିଲ୍ଲାରେ ୩୦ରୁ ଅଧିକ ଚୋରି ମାମଲା ରହିଛି। ଗତ ରବିବାର ତାକୁ ମୟୂରଭଞ୍ଜ ଜିଲ୍ଲାର ବହଳଦା ଅଞ୍ଚଳରୁ ଚମ୍ପୁଆ ପୁଲିସ ଗିରଫ କରିଥିଲା। ତଦନ୍ତ ସମୟରେ ଚୋରି ସାମଗ୍ରୀ ଉଦ୍ଧାର ପାଇଁ ପୁଲିସ ନାଫିସ୍‌କୁ ପତଳା ଜଙ୍ଗଲକୁ ନେଇଥିଲା। ସେଠାରେ ଲୁଚାଇ ରଖିଥିବା ସାମଗ୍ରୀ ଦେଖାଇବା ବେଳେ ସେ ହଠାତ୍ ଏକ ଦେଶୀ ପିସ୍ତଲରେ ପୁଲିସ ଉପରକୁ ଗୁଳି ଚଳାଇ ଫେରାର



ହେବାକୁ ଉଦ୍ୟମ କରୁଥିବାବେଳେ ପୁଲିସ ପକ୍ଷରୁ ପାଲଟା ଗୁଳି ଚଳାଯାଇଥିଲା। ଯେଉଁଥିରେ ନାଫିସ୍‌ର ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ଆହତ ନାଫିସ୍‌କୁ ପ୍ରଥମେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଉନ୍ନତ ଚିକିତ୍ସା ପାଇଁ ତାକୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିବା ବେଳେ ସେଠାରୁ ସୁନା ଓ ରୁପା ଅଳଙ୍କାର ସହ ଏକ ଦେଶୀ ପିସ୍ତଲ ଜବତ କରାଯାଇଛି। ଏହି ଘଟଣାକୁ ନେଇ ଚମ୍ପୁଆ ଥାନାରେ କେସ୍ ନଂ୨୫୭/୨୬ ରୁଜୁ କରାଯାଇଛି। ଅନ୍ୟପକ୍ଷରେ ନାଫିସ୍‌ର ଅନ୍ୟ ସହଯୋଗୀ ଏବଂ ତାହାର ଆନ୍ତଃରାଜ୍ୟ ଅପରାଧିକ ନେଟୱର୍କର ସନ୍ଧାନ ପାଇଁ ତଦନ୍ତକୁ ଅଧିକ ଜୋରଦାର କରାଯାଇଥିବା ଚମ୍ପୁଆ ଥାନାଧିକାରୀ ସ୍ୱରୂପ ରଞ୍ଜନ ନାୟକ ସୂଚନା ଦେଇଛନ୍ତି।

### ପୁରୀ-କୋରାପୁଟ ଏକ୍ସପ୍ରେସର ଶୁଭାରମ୍ଭ

# ଶ୍ରୀକ୍ଷେତ୍ର ସହ ଯୋଡ଼ିହେଲା ଶାବର ଶ୍ରୀକ୍ଷେତ୍ର

ପୁରୀ,୬।୭(ସମିସ): ଶ୍ରୀକ୍ଷେତ୍ର ସହ ଯୋଡ଼ି ହୋଇଛି ଶାବର ଶ୍ରୀକ୍ଷେତ୍ର। ପୂର୍ବରୁ ଶାବର ଶ୍ରୀକ୍ଷେତ୍ର ବା କୋରାପୁଟକୁ ଭୁବନେଶ୍ୱରରୁ ଗୋଟିଏ ଟ୍ରେନ୍ ଚଳାଚଳ କରୁଥିଲା। ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ସୋମବାର ପୁରୀରୁ କୋରାପୁଟ ଗଡ଼ିଛି ନୂଆ ଟ୍ରେନ୍। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସବୁଜ ପତାକା ଦେଖାଇ ଏହି ଟ୍ରେନ୍‌ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସୂଚନା ଦେଇ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ, ରେଳ ବିଭାଗ ଉପକୂଳ ଓଡ଼ିଶାରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାକୁ ଯୋଡ଼ିବ। ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାକୁ ଟ୍ରେନ୍ ଚଳାଚଳ କରିବ। ଓଡ଼ିଶାର ରେଳ ସଂଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ୯୭ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ପୁରୀ ବିଶ୍ୱସ୍ତରୀୟ ରେଳ ଷ୍ଟେସନରେ ପରିଣତ ହୋଇଛି। ରାଜ୍ୟରେ ୫୦ଟି ଷ୍ଟେସନର ପୁନଃନିର୍ମାଣ ଓ ନବୀକରଣ କରାଯାଉଛି। ସେ ପୁରୀ ରେଳ ଷ୍ଟେସନ ସହ ନବୀକରଣ ଓ ପୁନଃନିର୍ମିତ ହେବାକୁ ଥିବା ରାଜ୍ୟର ପ୍ରମୁଖ ଷ୍ଟେସନଗୁଡ଼ିକର ଫଟୋଚିତ୍ର ଦେଖାଇଥିଲେ।



ଓଡ଼ିଶାରେ ଅଧିକ ରେଳ ଲାଇନ୍ କରାଯାଉଛି। ଏହା ଫଳରେ ଓଡ଼ିଶାର ରେଳ ମ୍ୟାପ୍ ସମ୍ପୂର୍ଣ୍ଣ ପରିବର୍ତ୍ତିତ ହେବ। ମୁଖ୍ୟମନ୍ତ୍ରୀ ଉତ୍ତର ଓଡ଼ିଶାକୁ ଯୋଗାଯୋଗ କରିବା ପାଇଁ ଏକ ଟ୍ରେନ୍ ଚଳାଚଳ କରିବା ଲାଗି ପ୍ରସ୍ତାବ ଦେଇଥିଲେ। କେନ୍ଦ୍ର ରେଳ ମନ୍ତ୍ରୀ ତୁରନ୍ତ ଏହି ପ୍ରସ୍ତାବ ଗ୍ରହଣ କରି ଉତ୍ତର ଓଡ଼ିଶାକୁ ମଧ୍ୟ ଖୁବ୍‌ଶୀଘ୍ର ରେଳ ଚଳାଚଳ କରିବ ବୋଲି ଘୋଷଣା କରିଥିଲେ। ପୁରୀ-କୋରାପୁଟ ଏକ୍ସପ୍ରେସ ଶୁଭାରମ୍ଭ ପରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ରେଳମନ୍ତ୍ରୀ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ବ୍ରହ୍ମପୁର ଯାତ୍ରା କରିଥିଲେ। ଏହି ନୂତନ ଟ୍ରେନ୍ ଶୁଭାରମ୍ଭ ଉତ୍ସବରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ସତ୍ୟବାଦୀ, ବ୍ରହ୍ମଗିରି ଓ ପିପିଲି ବିଧାୟକଙ୍କ ସହ ପୂର୍ବତଟ ରେଳବାଇ ଜେନେରାଲ ମ୍ୟାନେଜର, ଡିଭିଜନାଲ୍ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଥାଉ କି, ପୁରୀ-କୋରାପୁଟ ଏକ୍ସପ୍ରେସ୍ ପୁରୀ, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ଅନୁଗୋଳ, ସମ୍ବଲପୁର, ବଲାଙ୍ଗୀର, ଟିଟିଲାଗଡ଼, ରାୟଗଡ଼ା ଓ ଦାମନଯୋଡ଼ି ଦେଇ କୋରାପୁଟକୁ ସଂଯୋଗ କରିବ। ଏହି ନୂତନ ରେଳ ସେବା ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଯାତ୍ରୀ, ପର୍ଯ୍ୟଟକ, ଛାତ୍ରଛାତ୍ରୀ, ବ୍ୟବସାୟୀ ଓ ରୋଗୀମାନଙ୍କ ପାଇଁ ବେଶ୍ ଉପକାରୀ ହେବ ବୋଲି ଆଶା କରାଯାଉଛି।

### ଟାର୍ଗେଟ୍‌ରୁ କମ୍ ଧାନ ସଂଗ୍ରହ

# ଟୋକନ ଅଛି ଧାନ କିଣିଲେନି ସରକାର

ଭବାନୀପାଟଣା,୬।୭(ସମିସ): ଟୋକନ ଅଛି କିନ୍ତୁ ଦାନ କିଣିଲେନି ସରକାର। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଚଳିତ ମାସ ୩ ତାରିଖରୁ ଧାନ ମଣ୍ଡି ବନ୍ଦ ହୋଇଯାଇଛି। ଫଳରେ କଳାହାଣ୍ଡି ଜିଲ୍ଲାର ସମସ୍ତ ମଣ୍ଡିରୁ ଧାନ କ୍ରୟ ପ୍ରକ୍ରିୟାକୁ ବନ୍ଦ କରିଦିଆଗଲା। ପ୍ରାୟ ୨ଲକ୍ଷ ୬୯ହଜାର କ୍ୱିଣ୍ଟାଲ ଧାନ ବିକ୍ରି ନହୋଇ ଚାଷୀଙ୍କ ନିକଟରେ ରହିଯାଇଛି।

ଖରିଫ ଧାନ ସଂଗ୍ରହ ଠାରୁ ରବିରେ ସରକାରଙ୍କ ଧାନ କିଣା ବ୍ୟବସ୍ଥା, ମଣ୍ଡିରେ ନାହିଁ ନ ଥିବା ସମସ୍ୟା ଏବଂ ୭ କେଜି କଟ୍‌ନୀ ଛଟ୍‌ନୀ ଚାଷୀଙ୍କୁ ଅସ୍ତବ୍ୟସ୍ତ କରିଛି। ବିଶେଷଭାବେ ଦଲାଙ୍କ ଦୌରାତ୍ମ୍ୟ ପୂର୍ବବର୍ଷମାନଙ୍କଠାରୁ ବଳିପଡ଼ିଛି। ଏଥର ସବୁଠାରୁ ରୋଚକପୂର୍ଣ୍ଣ ବିଷୟ ଏହା ଯେ, ସରକାର ଚାଷୀଙ୍କ ସ୍ୱାର୍ଥ ପ୍ରତି ଆଦୌ ବ୍ୟସ୍ତ ବିବ୍ରତ ନୁହନ୍ତି। ବରଂ ମିଲର୍ସମାନଙ୍କ ସହିତ ଉତ୍ତମ ବୁଝାମଣା ଭିତରେ ସବୁ ଚାଲିଥିବା ଅନେକ ଚାଷୀ କହିଛନ୍ତି। ରାଜ୍ୟରେ ବିଜେପି ସରକାର ଚାଷୀ କଥା କହି ଶାସନକୁ ଆସିଲେ ସତ କିନ୍ତୁ ଧାନ ସଂଗ୍ରହରେ ନୀତି ନୈତିକତାକୁ ଦଳି ମକଚି ଦେଲେ। ବିଭିନ୍ନ ଅଞ୍ଚଳରେ ଚାଷୀ ସରକାରଙ୍କୁ ନିନ୍ଦିବା ସହ ରାଜରାସ୍ତାକୁ ଓହ୍ଲାଇଲେ ଓ କେତେକ ସ୍ଥାନରେ ଜୀବନ ବି ହାରିଲେ। କାରଣ ଚଳିତ ରବି ଋତୁରେ ତରବରିଆ ଧାନ ସଂଗ୍ରହ ନୀତି ଭିତରେ ରବି ଧାନ ସଂଗ୍ରହ ଟାର୍ଗେଟ ତ ପୂରଣ ହେଲାନାହିଁ ଏବେ ଜିଲ୍ଲାରେ ୩୮ଲକ୍ଷ ୭୧ ହଜାର ୨୧୨ କୁଇଣ୍ଟାଲ ଧାନ ବିକ୍ରି ପରେ ମଣ୍ଡି ବନ୍ଦ। ଅନ୍ୟପକ୍ଷରେ ମଣ୍ଡିମାନଙ୍କରେ ଚାଷୀଙ୍କ ପ୍ରାୟ ୨ ଲକ୍ଷ ୬୯ ହଜାର କୁଇଣ୍ଟାଲ ଧାନ ବଳକା ରହିଲା। ସେ ଧାନ ଚାଷୀ ଶାଗ ମାଛ ଦରରେ

- ବଳକା ୨ଲକ୍ଷ ୬୯ ହଜାର କୁଇଣ୍ଟାଲ ଧାନ ଦଲାଲକୁ ଟେକିଦେବେ ଚାଷୀ
- କ୍ରୟ ପରେ ମଣ୍ଡିରେ ପଡ଼ିଛି ୮ ଲକ୍ଷ ୮୬ହଜାର ୮୫୩ କ୍ୱିଇଣ୍ଟାଲ ଧାନ

ଦଲାଲ ହାତକୁ ଟେକିଦେବା ଛଡ଼ା ଅନ୍ୟଗତି ନାହିଁ।

ଜିଲ୍ଲାରେ ଚଳିତ ରବିରେ ଧାନ ସଂଗ୍ରହ ପାଇଁ ୪୦ଲକ୍ଷ ୭୧ ହଜାର ୫ଶହ କୁଇଣ୍ଟାଲ ଟାର୍ଗେଟ ଆସିଥିଲା। ସେଥିମଧ୍ୟରୁ ଶୁକ୍ରବାର ସୁଦ୍ଧା ୫୯ ହଜାର ୨୬୫ ଚାଷୀଙ୍କ ୩୮ ଲକ୍ଷ ୭୧ହଜାର ୨୧୨ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଜିଲ୍ଲାର ୪୬ହଜାର ୧୯୯ ଚାଷୀଙ୍କୁ ୨୯ ଲକ୍ଷ ୮୪ ହଜାର ୩୫୭ କୁଇଣ୍ଟାଲ ଧାନ ପାଇଁ ୬୮୯ କୋଟି ୮୨ଲକ୍ଷ ୨୭ ହଜାର ୭୦୯ ପ୍ରାପ୍ୟ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ତେବେ କ୍ରୟ ହୋଇଥିବା ସମୁଦାୟ ଧାନରୁ ଆଉ ୮ଲକ୍ଷ ୮୬ହଜାର ୮୫୩ ଧାନ ବିକ୍ରି ପ୍ରାପ୍ୟ ଚାଷୀଙ୍କୁ କେବେ ମିଳିବ? ଆଇ ସ୍କାନ କରି ଧାନ କ୍ରୟ କାର୍ଯ୍ୟକୁ ତରବରିଆ ହୋଇ ସାରିଦେଲେ। ଚାଷୀ ଟଙ୍କା ପାଇଁ ଅପେକ୍ଷା କରିଛି ଘରେ ସେପଟେ ଖୋଲା ଆକାଶ ତଳେ ଧାନ ପଡ଼ିଛି ମଣ୍ଡିରେ।

ଅନ୍ୟପକ୍ଷରେ ଗତ ୫ ଦିନ ହେବ ଜିଲ୍ଲାରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ମଣ୍ଡି ଗୁଡିକରେ ଥିବା ଧାନ ଗଜା ହେବାକୁ ଯାଉଛି। ଯଦିଓ ଧାନ ବିକ୍ରି କରି ଚାଷୀ ନିଶ୍ଚିନ୍ତରେ ଅଛି; ଏବେ ଯୋଗାଣ ବିଭାଗ ତଥା ପ୍ରଶାସନ ଆଦ୍ରତା ପ୍ରତିଶତ ଅଧିକ ଥିବା ଧାନକୁ ମିଲର୍ସଙ୍କୁ ଧରାଇବେ କେମିତି। ଯଦି ସେହି ଧାନକୁ ଗ୍ରହଣ କରିବାରେ ମିଲର୍ସ ବିନାଦ୍ୱିଧାରେ ରାଜି ହେଉଛନ୍ତି ତାହାହେଲେ ପ୍ରଥମରୁ ଚାଷୀଙ୍କ ଧାନ ଦେଖି ନାକଟେକି କଟନି ଛଟନି ପାଇଁ ମୂଳଚାଲ କରିବାରେ ମୂଲ୍ୟ କଣ ? ଏବେ ସ୍ପଷ୍ଟ ହୋଇଛି ଯେ, ମିଲର୍ସ ଓ ସରକାରଙ୍କ ଭିତରେ ଭିତିରି ବୁଝାମଣା ପ୍ରବଳ କାମ କରୁଛି। ଚାଷୀ କେବଳ ସବୁ ପ୍ରକାର ସମସ୍ୟାକୁ ମୁଣ୍ଡାଇ ଘାଣ୍ଟି ହେଉଛି।

■ ଶୃଙ୍ଖଳିତ ରଥଯାତ୍ରା ଉପରେ ଗୁରୁତ୍ୱ

# ୪୭୫ ସିସିଟିଭି ନଜରରେ ରହିବ ରଥଯାତ୍ରା

ପୁରୀ,୬।୭(ସମିସ): ଏଥର ରଥଯାତ୍ରାରେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏହି ଭିଡ଼ ଭିତରେ କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ସହ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ୍ ସୁପରିଚାଳନା ପାଇଁ ପୁଲିସ ବ୍ୟାପକ ପ୍ରସ୍ତୁତି କରିଛି। ସୋମବାର ଅନୁଷ୍ଠିତ ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ବିଭାଗର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ସେ କହିଥିଲେ ଯେ, ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ଏବଂ ଟ୍ରାଫିକ୍ ସୁପରିଚାଳନା ଉପରେ ପୁଲିସର ପ୍ରାଥମିକତା ରହିଛି। ସୁରକ୍ଷା ଦୃଷ୍ଟିରୁ ପୁରୀରେ ପ୍ରାୟ ୧୨ ହଜାର ପୁଲିସ କର୍ମଚାରୀ ମୁତୟନ ହେଉଥିବାବେଳେ ୪୭୫ ସିସିଟିଭି କ୍ୟାମେରା ନଜରରେ ରହିବ ରଥଯାତ୍ରା।

**ନିୟୋଜିତ ହେବେ ୧୨ ହଜାର ପୁଲିସ ଫୋର୍ସ**

ଗତବର୍ଷ ବ୍ୟବସ୍ଥାରେ କିଛିଟା ତ୍ରୁଟି ପରିଲକ୍ଷିତ ହୋଇଥିଲା। ଏଥିରେ ଆବଶ୍ୟକ ସୁଧାର ଅଣାଯାଇଛି। ରଥଯାତ୍ରାକୁ ଶୃଙ୍ଖଳିତ ଏବଂ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ପାଇଁ ପୁଲିସ ବିଭାଗର ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ତୀର୍ଥଯାତ୍ରୀଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା ଏବଂ ସୁରକ୍ଷିତ ରଥଟଣା ଉପରେ ପୁଲିସ ବିଶେଷ ଧ୍ୟାନ ଦେବ। ଚଳିତ ବର୍ଷର ସୁରକ୍ଷା ବ୍ୟବସ୍ଥାର ତଦାରଖ ସୌମେନ୍ଦ୍ର ପ୍ରିୟଦର୍ଶୀ କରୁଥିବାବେଳେ ସୁଚାରୁ ପରିଚାଳନା ପାଇଁ ଟେକ୍ନୋଲୋଜିର ବ୍ୟବହାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଶ୍ରୀମନ୍ଦିର, ତିନି ରଥ, ବଡ଼ଦାଣ୍ଡ, ପୁରୀ ବେଳାଭୂମି ଏବଂ ରେଳ ଷ୍ଟେସନର ସୁରକ୍ଷାକୁ ପ୍ରାଥମିକତା ଦିଆଯିବ। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ସମଗ୍ର ସହରକୁ ସିସିଟିଭି ନଜରରେ ରଖାଯିବ। ଏହି ବୃହତ୍ ଧାର୍ମିକ ସମାବେଶ ପାଇଁ ୧୯ ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀ, ୨୩ ଜଣ ଏସ୍‌ପି, ୪୯ ଆଡିସ୍‌ନାଲ ଏସ୍‌ପି, ୧୦୧ ଡିଏସ୍‌ପି, ୯୦୦ରୁ ଊର୍ଦ୍ଧ୍ୱ ଅଫିସର, ୧ ହଜାରରୁ ଅଧିକ କନଷ୍ଟେବଳ ନିୟୋଜିତ ହେବେ। ଭିଡ଼ ନିୟନ୍ତ୍ରଣ ଓ ପାର୍କିଂ ବ୍ୟବସ୍ଥାରେ ସହାୟତା ପାଇଁ ପ୍ରାୟ ୨,୫୦୦ରୁ ଅଧିକ ହୋମ୍‌ଗାର୍ଡଙ୍କୁ ମଧ୍ୟ ନିୟୋଜିତ କରାଯିବ। ଏତଦ୍‌ବ୍ୟତୀତ ସିଆର୍‌ପିଏଫ୍, ବିଏସ୍‌ଏଫ୍, ଆର୍‌ଏଏଫ୍ ସମେତ ୧୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ (ସିଆଇଏସ୍‌ଏଫ୍) ମୁତୟନ ହେବେ। ଏହାଛଡ଼ା ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ପୁଲିସ (ଓଏସ୍‌ପି), ଆଇଆର୍‌ବିଏନ୍ ଏବଂ ଟ୍ରାଫିକ୍ ଫୋର୍ସର ପ୍ରାୟ ୨୨୦ ପ୍ଲାଟୁନ୍ ପୁରୀରେ ସୁରକ୍ଷା ଦାୟିତ୍ୱ ତୁଲାଇବେ।

### ଅଙ୍ଗନବାଡ଼ି କର୍ମୀଙ୍କୁ ମିଳିଲା ୪-ଜି ମୋବାଇଲ ହ୍ୟାଣ୍ଡସେଟ୍

# କାମ କରୁନି ପୋଷଣ ଟ୍ରାକର୍

### ୬ ମୌଳିକ ସମସ୍ୟାକୁ ନେଇ ମୟୂରଭଞ୍ଜ ସଂଘରେ ଅସନ୍ତୋଷର ଦାନା

ବାରିପଦା, ୬।୭(ସମିସ): ଶିଶୁ ଓ ମାଆ ମୃତ୍ୟୁହାର ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଙ୍ଗନବାଡ଼ି କର୍ମୀଙ୍କୁ ଦିଆଯାଇଥିବା ମୋବାଇଲ ହ୍ୟାଣ୍ଡସେଟ ସମସ୍ୟା ମୟୂରଭଞ୍ଜ ଜିଲ୍ଲା ଅଲ୍ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସଂଘର ଅସନ୍ତୋଷ ନିଆଁରେ ଘିଅ ଢାଳିବା ଭଳି ହୋଇଛି। ସୋମବାର ସଂଘର ଶତାଧିକ ସଦସ୍ୟା ୬ ଦଫା ଦାବି ନେଇ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏକ ବିସ୍ତୃତ ସ୍ମାରକପତ୍ର ଦେଇ ଦାବି ଉପସ୍ଥାପନ କରିଛନ୍ତି। ଜିଲ୍ଲାର ୨୬ଟି ବ୍ଲକ୍‌ରେ ୫୧୫୩ଟି ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟ କରୁଛି। ସମସ୍ତ କର୍ମୀଙ୍କୁ ସରକାର ପୋଷଣ ଟ୍ରାକର୍ ମୋବାଇଲ୍ ହ୍ୟାଣ୍ଡସେଟ ପ୍ରଦାନ କରିଛନ୍ତି। ତେବେ ସେଗୁଡିକ ୪-ଜି ମୋବାଇଲ ହୋଇଥିବାରୁ ଆବଶ୍ୟକ କାର୍ଯ୍ୟ ଉକ୍ତ ହ୍ୟାଣ୍ଡସେଟ ଦ୍ୱାରା ସମ୍ପାଦିତ ହେଉନାହିଁ। ସେହିପରି ବିଭାଗୀୟ ନିର୍ଦ୍ଦେଶ ଅନୁଯାୟୀ ମୋବାଇଲ୍ ବ୍ୟକ୍ତିଗତ ବ୍ୟବହାର ନିଷିଦ୍ଧ ହୋଇଥିବା ସତ୍ତ୍ୱେ ସରକାରୀ ସିମ୍ କାର୍ଡ ଓ ନେଟ୍ ପ୍ୟାକ୍ ପ୍ରଦାନ କରାଯାଇନାହିଁ। ଅପରପକ୍ଷରେ ମୋବାଇଲ ଭାଙ୍ଗିଗଲେ ବା ଖରାପ ହେଲେ କର୍ମୀ ଦାୟୀ ବୋଲି ଏକ ସ୍ୱୀକାରୋକ୍ତି ଅଣ୍ଡରଟେକିଂ ଲେଖା ନିଆଯାଉଥିବାରୁ ବ୍ୟବହାର ଓ ମରାମତି ବ୍ୟବସ୍ଥା ସ୍ପଷ୍ଟ ନ ହେବା ପର୍ଯ୍ୟନ୍ତ କର୍ମୀ ନିଜ ବ୍ୟକ୍ତିଗତ ମୋବାଇଲ୍ ବ୍ୟବହାର କରିବେ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନେଇଛନ୍ତି।



ତତ୍‌ସହିତ ଦୀର୍ଘଦିନ ଧରି ତାଙ୍କର ଅନ୍ୟ ୫ଟି ମୌଳିକ ଦାବି ନେଇ କୁହୁଳୁଥିବା ଅସନ୍ତୋଷରେ ଏହି ମୋବାଇଲ ପ୍ରସଙ୍ଗ ଇନ୍ଧନ ଯୋଗାଇଛି। ୨୦୨୨ରୁ ୨୦୨୫ ମଧ୍ୟରେ ବିଭିନ୍ନ ବ୍ଲକ୍‌ରେ ଅନେକ କର୍ମୀଙ୍କ ଦରମା ଖାତାକୁ ଆସୁନାହିଁ। ବାରମ୍ବାର ମୌଖିକ ଓ ଲିଖିତ ଅନୁରୋଧ ସତ୍ତ୍ୱେ ସମାଧାନ ହୋଇନାହିଁ। ୨୦୨୩ ନଭେମ୍ବରରୁ ମିନି ଅଙ୍ଗନବାଡ଼ି ମୁଖ୍ୟ ଅଙ୍ଗନବାଡ଼ିରେ ସାମିଲ ହୋଇଥିଲେ ମଧ୍ୟ ୨୦୨୪ ଫେବୃଆରୀରେ ହୋଇଥିବା ଭତ୍ତା ବୃଦ୍ଧି (୭,୫୦୦ରୁ ୧୦,୦୦୦ ଟଙ୍କା) ୨୦୨୩ ନଭେମ୍ବରରୁ ୨୦୨୪ ମେ' ପର୍ଯ୍ୟନ୍ତ ପ୍ରଦାନ କରାଯାଇନାହିଁ। ବଜାରରେ ଅଣ୍ଡା ମୂଲ୍ୟ ୮ ଟଙ୍କାରୁ ଊର୍ଦ୍ଧ୍ୱ ଥିବାରୁ ସପ୍ତାହରେ ୫ଟି ପରିବର୍ତ୍ତେ ୪ଟି ଅଣ୍ଡା ପ୍ରଦାନ ସହିତ ଟିଏଚଆର ବକେୟା, କିଶୋରୀ ବାଳିକାଙ୍କ ପୁରୁଣା ଓ ନୂତନ ଭତ୍ତା, ଅଗ୍ରୀମ ୩ ମାସ ଏସଏନପି ଟଙ୍କା ପ୍ରଦାନ କରିବାକୁ ଦାବି କରାଯାଇଛି। ୨୦୨୩ରୁ ଅବସରକାଳୀନ ଭତ୍ତା ଓ ଆକସ୍ମିକ ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ପ୍ରଦାନ କରାଯାଉନାହିଁ। ଅନଲାଇନ୍ କାର୍ଯ୍ୟର ଅଧିକ ଚାପ ସହିତ ଅଫଲାଇନ୍ ୧୧ ଖଣ୍ଡ ଖାତା ରଖିବାକୁ ପଡୁଛି, ଯାହା ଅଡିଟ୍ ସମୟରେ କର୍ମୀଙ୍କୁ ଅନେକ ଅସୁବିଧାରେ ପକାଉଛି। ଅଫଲାଇନ୍ କାର୍ଯ୍ୟ ହ୍ରାସ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି। ଅଲ ଓଡ଼ିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ମହାସଂଘ ରାଜ୍ୟ ସଭାନେତ୍ରୀ ନନ୍ଦିନୀ ପଣ୍ଡା, ମୟୂରଭଞ୍ଜ ଶାଖାର ସଭାନେତ୍ରୀ ସୌଭାଗ୍ୟ ମଞ୍ଜରୀ କରଣ ଓ ସମ୍ପାଦିକା ନନ୍ଦିତା ଦତ୍ତ କହିଛନ୍ତି ଯେ, ଉପରୋକ୍ତ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଦାବି କରିଛନ୍ତି। ଅନ୍ୟଥା ଜିଲ୍ଲାରେ କର୍ମୀଙ୍କ ମଧ୍ୟରେ କୁହୁଳୁଥିବା ଅସନ୍ତୋଷ ଆନ୍ଦୋଳନ ରୂପ ଧାରଣ କରିବାରେ ସନ୍ଦେହ ନାହିଁ। ସମସ୍ୟା ସମାଧାନ ହେଲେ ସଭିଏଁ ଆହୁରି ଉତ୍ସାହର ସହିତ ସରକାରୀ ଯୋଜନା କାର୍ଯ୍ୟକାରୀ କରିପାରିବେ। ଜିଲ୍ଲାପାଳ ଏହି ଦାବିଗୁଡ଼ିକୁ ଗୁରୁତ୍ୱ ଦେଇ ଶୀଘ୍ର ପଦକ୍ଷେପ ନେବେ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି।

### ଅଚାନକ ମାଡ଼ି ଆସିଲା ବନ୍ୟାପାଣି

# ଗଛ ଉପରେ ରାତି କାଟିଲେ ୧୪ ଶ୍ରମିକ





ନୂଆପଡ଼ା/ସିନାପାଲି, ୬।୭ (ସମିସ): ମୁହୂର୍ତ୍ତକେ ପାଣି ମାଡ଼ି ଆସିଲା। ଜୀବନ ବଞ୍ଚାଇବାକୁ ଭରସା ହେଲା ଗୋଟିଏ ଗଛ। ସେହିଠାରେ ହିଁ ରାତି କଟିଲା ୧୪ ଶ୍ରମିକଙ୍କର। ଏପରି ଏକ ଲୋମହର୍ଷଣକାରୀ ଘଟଣା ଘଟିଛି ଓଡ଼ିଶା-ଛତିଶଗଡ ସୀମାନ୍ତ ଗରିଆବନ୍ଧ ଜିଲ୍ଲା ଛୁରା ଥାନା ଅନ୍ତର୍ଗତ ବିଜୟପାଲ ଗାଁ ନିକଟରେ।

ସୂଚନା ଅନୁଯାୟୀ, ଓଡ଼ିଶା-ଛତିଶଗଡ଼ ସୀମାନ୍ତ ବିଜୟପାଲ ଗାଁ ନିକଟ ବଗନଇ ନଦୀ ଉପରେ ଛତିଶଗଡ଼ ସରକାରଙ୍କ ପକ୍ଷରୁ ଏକ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲୁଥିଲା। ଗରିଆବନ୍ଧ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ହଠାତ୍ ବଗନଇ ନଦୀରେ ବନ୍ୟା ପାଣି ଚାଲି ଆସିଥିଲା। ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ, ନଦୀ କୂଳରେ ରହୁଥିବା ୧୪ ଜଣ ଶ୍ରମିକଙ୍କ ଅସ୍ଥାୟୀ କୁଡ଼ିଆ ମୁହୂର୍ତ୍ତକ ମଧ୍ୟରେ ଭାସିଗଲା। ପ୍ରାଣ ଭୟରେ ଶ୍ରମିକମାନେ ନିକଟସ୍ଥ ଏକ ଉଚ୍ଚ ଗଛରେ ଚଢ଼ିଯାଇ ରାତି କଟାଇଥିଲେ। ଖାଦ୍ୟ, ପାଣି ବିନା ଅନ୍ଧାର ରାତି ସେମାନଙ୍କ ପାଇଁ ଭୟଙ୍କର ଥିଲା।

ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ଗରିଆବନ୍ଧ ଜିଲ୍ଲାପାଳ ଭଗବାନ ସିଂହ ଉଇକେ ଓ ଏସ୍‌ପି ଦେବ୍ରତ ସିରମୋର ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗରିଆବନ୍ଧ ଓ ମହାସମୁନ୍ଦ ଜିଲ୍ଲାର ଏସ୍‌ଡିଆର୍‌ଏଫ୍ ଟିମକୁ ଡକାଯାଇଥିଲା। ଯବାନମାନେ ଉଦ୍ଧାରକାରୀ ନୌକା ସହାୟତାରେ ଗଛ ଉପରେ ଅଟକି ରହିଥିବା ସମସ୍ତ ୧୪ ଶ୍ରମିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ସମସ୍ତ ୧୪ ଜଣ ଶ୍ରମିକ ବର୍ତ୍ତମାନ ସୁରକ୍ଷିତ ଅଛନ୍ତି ବୋଲି ଗରିଆବନ୍ଧ ଅତିରିକ୍ତ ପୁଲିସ ଅଧୀକ୍ଷକ ଲିତେଶ ସିଂହ ସ୍ପଷ୍ଟ କରିଛନ୍ତି। ଉଦ୍ଧାର ପରେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ଓ ଖାଦ୍ୟ ଯୋଗାଇ ଦିଆଯାଇଛି। ଘଟଣା ପରେ ପ୍ରଶାସନ ପକ୍ଷରୁ ବ୍ରିଜ୍ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ୪୯୪ଟି ସହରାଞ୍ଚଳ ବିକାଶ ପ୍ରକଳ୍ପର ଶୁଭାରମ୍ଭ

### ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ନାଁରେ ଓଡ଼ିଶାର ୭ଟି ପାର୍କ ଓ ରାସ୍ତା ଉତ୍ସର୍ଗୀକୃତ

ପୁରୀ,୬।୭(ସମିସ): ଓଡ଼ିଶାର ସହରଗୁଡ଼ିକରେ ସହରାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ନାଗରିକଙ୍କ ଜୀବନଧାରଣର ମାନରେ ସୁଧାର ଆଣିବା ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ସୋମବାର 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା'(ଏମ୍‌ଏସ୍‌ବିୱାଇ) ଅଧୀନରେ ୩୭ଟି ପୌରାଞ୍ଚଳରେ ୪୯୪ଟି ନଗର ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ପୁରୀ ଜିଲ୍ଲା ଓସ୍ୱାନ ହଲ୍‌ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ସମସ୍ତ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି।

ଏହି ଅବସରରେ, ଦେଶ ଗଠନରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଅବଦାନ ଓ ସ୍ମୃତିକୁ ସମ୍ମାନ ଜଣାଇ ରାଜ୍ୟର ୭ଟି ପାର୍କ ଏବଂ ରାସ୍ତାକୁ ତାଙ୍କ ନାମରେ ଉତ୍ସର୍ଗ କରାଯାଇଛି। ମନ୍ତ୍ରୀଙ୍କ ଦ୍ୱାରା ଏହି ୪୯୪ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ସହିତ ସେହି ୭ଟି ପାର୍କ ଏବଂ ରାସ୍ତାର ନାମକରଣ କରାଯାଇଥିଲା। ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ନାମରେ ନାମିତ ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ନିକଟସ୍ଥ ବେହେରା ସାହି ରାସ୍ତାର ଉନ୍ନତୀକରଣ, ବାରିପଦାର ଫରେଷ୍ଟ କଲୋନୀ ପାର୍କ, କଟକର ଟାଉନ୍ ହଲ୍ ନିକଟସ୍ଥ ପାର୍କ, ବ୍ରହ୍ମପୁର ନୀଳକଣ୍ଠ ନଗରର ପ୍ରେମ ନଗରରୁ ମାଙ୍ଗୋ ମାର୍କେଟ ପର୍ଯ୍ୟନ୍ତ ସଂଯୋଗୀକରଣ ରାସ୍ତା, ରାଉରକେଲାର ସିଭିଲ୍ ଟାଉନସିପ୍ ପାର୍କ, ଢେଙ୍କାନାଳ ବସ୍‌ଷ୍ଟାଣ୍ଡରୁ କୋର୍ଟ ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ଏବଂ ଜଟଣୀର ସରସ୍ୱତୀ ଶିଶୁମନ୍ଦିରରୁ ଶ୍ରୀହରି ବିହାର ପର୍ଯ୍ୟନ୍ତ ରାସ୍ତା ସାମିଲ୍ ରହିଛି।

ଏହି ସମାବେଶକୁ ସମ୍ବୋଧିତ କରି ମନ୍ତ୍ରୀ ଡ. ମହାପାତ୍ର ଯୋଜନାବଦ୍ଧ ସହରାଞ୍ଚଳ ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ସମସ୍ତ ସହରାଞ୍ଚଳର ନାଗରିକମାନଙ୍କ ପାଖରେ ଉନ୍ନତ ଭିତ୍ତିଭୂମି ଓ ନାଗରିକ ସୁବିଧାସୁଯୋଗ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ସ୍ଥାନୀୟ ଭିତ୍ତିଭୂମିର ଆବଶ୍ୟକତା ପୂରଣ କରିବା ଏବଂ ସହରାଞ୍ଚଳରେ ଉନ୍ନତ ଜନସାଧାରଣଙ୍କ ସୁବିଧା ସୁଯୋଗ ସୃଷ୍ଟି କରିବାରେ ଏମ୍‌ଏସ୍‌ବିୱାଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ନାଗରିକଙ୍କ ଆବଶ୍ୟକତା ଓ ପ୍ରାଥମିକତା ଆଧାରରେ ଏହି ବିକାଶମୂଳକ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ଓଡ଼ିଶାର ସହରଗୁଡ଼ିକୁ ଅଧିକ ବାସୋପଯୋଗୀ, ସମାବେଶୀ ଏବଂ ସ୍ଥାୟୀ କରିବାରେ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଏଥିସହ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ସମସ୍ତ ପୌରସଂସ୍ଥାଗୁଡ଼ିକୁ ପ୍ରସ୍ତୁତ ରହିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦ, ବିଧାୟକ ଓ ବିଭିନ୍ନ ପୌରସଂସ୍ଥାର ଅଧ୍ୟକ୍ଷ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

କାର୍ଯ୍ୟକ୍ରମ ଆରମ୍ଭରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ସ୍ୱାଗତ ଭାଷଣ ଦେବା ପରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ସହରାଞ୍ଚଳ ବିକାଶର ସଫଳତାକୁ ନେଇ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଅତିରିକ୍ତ ଶାସନ ସଚିବ ରବୀନ୍ଦ୍ର କୁମାର ସାହୁ ଯୋଜନାର ଉଦ୍ଦେଶ୍ୟ, କାର୍ଯ୍ୟାନ୍ୱୟନ ଏବଂ ପ୍ରଗତି ସମ୍ପର୍କରେ ଏକ ଉପସ୍ଥାପନା କରିଥିଲେ। ଏହି ଅବସରରେ ବିଭିନ୍ନ ପୌରାଞ୍ଚଳରୁ ଆସିଥିବା ପ୍ରତିନିଧିମାନଙ୍କ ସହ ଆଲୋଚନା ମଧ୍ୟ କରାଯାଇଥିଲା। ୩୭ଟି ପୌରାଞ୍ଚଳରେ ୪୯୪ଟି ପ୍ରକଳ୍ପର ଶୁଭାରମ୍ଭ ସହରାଞ୍ଚଳ ଭିତ୍ତିଭୂମିକୁ ମଜଭୁତ କରିବା ଏବଂ ନାଗରିକମାନଙ୍କୁ ଉନ୍ନତ ନାଗରିକ ସେବା ଯୋଗାଇବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ମାଧ୍ୟମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଓଡ଼ିଶାରେ ଗୁଣାତ୍ମକ ସାର୍ବଜନୀନ ଭିତ୍ତିଭୂମିର ବିକାଶ ଏବଂ ସମୃଦ୍ଧ, ସମାବେଶୀ ତଥା ଜନକଲ୍ୟାଣକାରୀ ସହରାଞ୍ଚଳ ସୃଷ୍ଟି କରିବା ଉପରେ ଲଗାତାର ଧ୍ୟାନ କେନ୍ଦ୍ରୀଭୂତ କରୁଛି। କାର୍ଯ୍ୟକ୍ରମରେ ପୁରୀ ମହାନଗର ନିଗମର କମିସନର ସ୍ନେହା ଅରୁଗୁଳା ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଡ. ମହାପାତ୍ର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଯୋଜନାର ରୂପରେଖ ଓ ସହରାଞ୍ଚଳ ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। ପୁରୀରେ ୨ ହଜାର ସଂଖ୍ୟା ବିଶିଷ୍ଟ ଏକ ବହୁମୁଖୀ ଅଡିଟୋରିୟମ୍ କରାଯିବା ସହ ଅଠରନଳାର ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ସୂଚନା ଦେଇଥିଲେ। ଶେଷରେ ପୁରୀ ପୌରପାଳିକାର ଯୁଗ୍ମ କମିସନର ଅଭିମନ୍ୟୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ତେଲ ନଦୀ ପୋଲ ଉପରେ ୫ ଫୁଟ୍‌ର ବନ୍ୟାଜଳ

# କେନ୍ଦୁଝର-ମୟୂରଭଞ୍ଜ ଯୋଗାଯୋଗ ବିଚ୍ଛିନ୍ନ



ଡୁରୁମୁଙ୍ଗା,୬।୭(ସମିସ): କେନ୍ଦୁଝର ଜିଲ୍ଲାରେ ୩ ଦିନ ହେବ ଲଘୁଚାପଜନିତ ବର୍ଷା ଜାରିରହିଥିବାବେଳେ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ସାହାରପଡ଼ା ବ୍ଲକ୍ ଅଞ୍ଚଳରେ ଅବିଶ୍ରାନ୍ତ ବର୍ଷା ଯୋଗୁଁ କୁମୁଳା ବାହାଳି ତେଲ ନଦୀ ପୋଲ ଉପରେ ୫ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ କେନ୍ଦୁଝର ଜିଲ୍ଲାର ସାହାରପଡ଼ା ଅଞ୍ଚଳରୁ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଯାତାୟତରେ ବାଧାପ୍ରାପ୍ତ ହୋଇଛି। ଉପର ମୁଣ୍ଡ ଶିମିଳିପାଳ ଅଞ୍ଚଳରେ ବର୍ଷା ଯୋଗୁଁ ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ପୋଲ ଉପରେ ପାଣି ଚାଲୁଥିବା ଯୋଗୁଁ ଉଭୟ ପାର୍ଶ୍ୱରେ ଗାଡ଼ି ମୋଟର ଯାତାୟାତରେ ବାଧାପ୍ରାପ୍ତ ହୋଇଛି।

## ଗଛ ଉପୁଡ଼ି ତରା ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ



ଘଟଗାଁ, ୬।୭ (ସମିସ): ଲଗାଣ ବର୍ଷାରେ ବିରାଟକାୟ ଗଛ ଉପୁଡ଼ି ରାସ୍ତାରେ ପଡ଼ିବା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଘଟଗାଁ ବ୍ଲକ୍ ଅନ୍ତର୍ଗତ ତରା ରାସ୍ତା ଉପରେ ଏଭଳି ଏକ ବିରାଟ ବରଗଛ ଉପୁଡ଼ି ରାସ୍ତା ଉପରେ ପଡ଼ିଯାଇଥିଲା। ଫଳରେ ଯାନବାହାନ ଯିବା ଆସିବା ବନ୍ଦ ହୋଇଯାଇଥିଲା। ଖବର ପାଇ ଘଟଗାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛକୁ କାଟି ସଫା କରିବା ପରେ ଯାତାୟାତ ସ୍ୱାଭାବିକ ଅବସ୍ଥାକୁ ଫେରିଥିଲା। ପରେ ଯାନବାହନ ପୁନର୍ବାର ଚଳାଚଳ ଆରମ୍ଭ କରିଥିଲା।

ସୂଚନାଯୋଗ୍ୟ ଯେ ଆନନ୍ଦପୁରଠାରେ ବୈତରଣୀ ଜଳସ୍ତର ବିପଦସଙ୍କେତ ନିକଟବର୍ତ୍ତୀ ହୋଇଛି। ସେଠାରେ ବିପଦସଙ୍କେତ ୩୭.୪୪୫ ମିଟର ହୋଇଥିବାବେଳେ ସୋମବାର ସନ୍ଧ୍ୟାବେଳକୁ ସେଠାରେ ଜଳସ୍ତର ୩୫.୬୦୦ ମିଟର ଉଚ୍ଚରେ ପ୍ରବାହିତ ହେଉଥିବା କେନ୍ଦ୍ରୀୟ ଜଳ ଆୟୋଗ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ତେଲକୋଇରେ ସର୍ବାଧିକ ୨୭୬.୬ ମିଲିମିଟର ବର୍ଷା

କେନ୍ଦୁଝର,୬।୭(ସମିସ): କେନ୍ଦୁଝର ଜିଲ୍ଲାରେ ଗତ ୨ଦିନ ହେବ ଲଘୁଚାପ ବର୍ଷା ସାଧାରଣ ଜୀବନଯାତ୍ରା ଅସ୍ତବ୍ୟସ୍ତ ହୋଇଛି। ଜିଲ୍ଲାରେ ଲଘୁଚାପ ବର୍ଷା କାରଣରୁ ବିଭିନ୍ନ ସ୍ଥାନରେ ପାଣି ଜମି ଲୋକଙ୍କୁ ଅସୁବିଧାରେ ପକାଇଥିବାବେଳେ ଗମନା ଗମନରେ ସମସ୍ୟା ସୃଷ୍ଟିକରିଛି। ସୂଚନା ଅନୁସାରେ ସୋମବାର ଜିଲ୍ଲାର ତେଲକୋଇ ବ୍ଲକରେ ସର୍ବାଧିକ ୨୭୬.୬ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସେହିପରି ଘସିପୁରା ବ୍ଲକ୍‌ରେ ୨୪୬.୨ ମିମି ଏବଂ ହାଟଡିହି ବ୍ଲକରେ ୨୪୧.୫ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଅନ୍ୟପକ୍ଷରେ କେନ୍ଦୁଝର ସଦର ବ୍ଲକ୍‌ରେ ୬୮.୪ ମିମି, ବାଂଶପାଳ ବ୍ଲକ୍‌ରେ ୯୧.୪ ମିଲିମିଟର, ପାଟଣାରେ ୭୮.୦ ମିମି ସାହାରପଡ଼ାରେ ୩୫.୦ ମିମି, ଘଟଗାଁ ବ୍ଲକରେ ୮୫.୬ ମିମି, ହରିଚନ୍ଦନପୁର ବ୍ଲକ୍‌ରେ ୯୯.୦ ମିମି, ଆନନ୍ଦପୁର ବ୍ଲକ୍‌ରେ ୧୫୮.୮ ମିମି, ଚମ୍ପୁଆରେ ୪୭.୨ ମିମି, ଯୋଡ଼ାରେ ୫୦.୨ ମିମି ଏବଂ ଝୁମ୍ପୁରା ବ୍ଲକ୍ ଅଞ୍ଚଳରେ ୩୫.୬ ମିଲିମିଟର ବର୍ଷା ରେକର୍ଡ ହୋଇଛି।

## ପୋଲ ଉପରେ ୨ ଫୁଟ୍‌ର ପାଣି, ଯୋଗାଯୋଗ ବିଚ୍ଛିନ୍ନ



ଘଟଗାଁ,୬।୭(ସମିସ): ଘଟଗାଁ ବ୍ଲକ୍ ବାଣେଶ୍ୱର ଶୈବ ପୀଠ ନିକଟ ପୋଲ ଉପରେ କୁକୁରକୁଟା ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଲଗାଣ ବର୍ଷା କାରଣରୁ ଏଭଳି ଜଳସ୍ତର ବୃଦ୍ଧି ପାଇ ପୋଲ ଉପରେ ୨ ଫୁଟ ଉଚ୍ଚର ପାଣି ପ୍ରବାହିତ ହୋଇଥିଲା। ଫଳରେ ଶୈବ ପୀଠର ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଫଳରେ ଘଟଗାଁ ଆଡୁ ଆସୁଥିବା ବହୁ ଶ୍ରଦ୍ଧାଳୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆଜି ସୋମବାରରେ ଭକ୍ତଙ୍କ ଗହଳି ପରିଲକ୍ଷିତ ହୋଇଥିଲା। ମନ୍ଦିର ପାଶ୍ୱର୍ରେ କୁକୁରକୁଟା ନଦୀର ପାଣି ପୋଲର ଉର୍ଦ୍ଧ୍ୱରେ ଥିବାରୁ ବହୁ ଶ୍ରଦ୍ଧାଳୁ ଦର୍ଶନ କରିବା ସମ୍ଭବ ହୋଇ ପାରି ନଥିଲା। ପାଣି ସ୍ରୋତ ବହୁ ସମୟ ଧରି ମନ୍ଦିର ସମ୍ମୁଖରେ ଚାଲିଥିଲା। ନଦୀ ପାଣି ମନ୍ଦିର ପାଶ୍ୱର୍ ପାଚେରି ପର୍ଯ୍ୟନ୍ତ ଉଛୁଳି ରହିଥିଲା। ଲଗାଣ ବର୍ଷା ବନ୍ଦ ହେବା ପରେ ପୋଲଟି ଉପରେ ବହୁଥିବା ପାଣି କମିବାରୁ ପୁଣି ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି। ତେବେ ପୋଲର ରାସ୍ତା ଉଚ୍ଚ ରଖିବାକୁ ଆଖ ପାଖ ଅଞ୍ଚଳବାସୀ ଦାବି କରିଛନ୍ତି।

### ଲଗାଣ ବର୍ଷାରେ ଭାଙ୍ଗିଲା ଝାଟିମାଟି ଘର

## ଦେଓଗାଁ ସାହିବସ୍ତିରେ ବର୍ଷାଜଳର ଲହଡ଼ି





ଆନନ୍ଦପୁର,୬।୭(ସମିସ): ଗତ ତିନିଦିନ ଧରି ଲଗାଣ ବର୍ଷାରେ ସମଗ୍ର ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଝାଟିମାଟି ଘର ଭୁଶୁଡ଼ି ପଡ଼ିଥିବାରୁ ଅନେକ ଶ୍ରମଜୀବୀ ପରିବାର ବେସାହାରା ହୋଇପଡିଛନ୍ତି। ଝିପି ଝିପି ବର୍ଷା ଯୋଗୁଁ ମୂଲମଜୁରି କରି ଗୁଜୁରାଣ ମେଣ୍ଟାଉଥିବା ଅନେକ ପରିବାର ଦୁର୍ଦ୍ଦଶା ବଢ଼ିଯାଇଛି। ଘସିପୁରା ବ୍ଲକ ଦେଓଗାଁ ୫ନମ୍ବର ୱାର୍ଡର ବିଭିନ୍ନ ସାହିରେ ବର୍ଷା ଜଳ ପଶିଛି। ସେହିପରି ତାଳଗାର ଯମୁନା ମୁଦି ଓ ଅଜୟ ନାଇକଙ୍କ ଘର ଭୁଶୁଡ଼ି ପଡ଼ି ମାଟିରେ ମିଶିଯାଇଛି। କ୍ଷତିଗ୍ରସ୍ତ ପରିବାର ପଡ଼ୋଶୀ ପରିବାରରେ ଆଶ୍ରୟ ନେଇଥିବା ଜଣାଯାଇଛି। ଆନନ୍ଦପୁର ପୌରାଞ୍ଚଳର ଶାଳପଡ଼ା ରାଜନଗର ଘସିପୁରା ଓ ଶୈଲଙ୍ଗ ଅଞ୍ଚଳରେ ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି। ସତସଙ୍ଗ ବିହାର ଅଞ୍ଚଳରେ ଅନେକ ବାସିନ୍ଦାଙ୍କ ଘରେ ପାଣି ପଶିବାରୁ ଦୁର୍ଦ୍ଦଶା ବଢିଯାଇଛି। ପୌର ପରିମଳ ଅଧିକାରୀ ଭାଗୀରଥି ଦାଶ, କନିଷ୍ଠ ଯନ୍ତ୍ରୀ ଜମାଦାର ହରେକୃଷ୍ଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାଯାଇଛି।

## ତେଲକୋଇରେ ବର୍ଷା ବିପ୍ରାତ

## ଭୁଶୁଡ଼ିଲା ହନୁମନ୍ତିଆ ନାଳର ଅସ୍ଥାୟୀ ପୋଲ; ଯୋଗାଯୋଗ ବିଚ୍ଛିନ୍ନ

ତେଲକୋଇ,୬।୭(ସମିସ)



ରାଜ୍ୟରେ ମୌସୁମୀ ପ୍ରଭାବରେ ବିଭିନ୍ନ ଜିଲ୍ଲାରେ ବର୍ଷା ର ପ୍ରକୋପ ଦେଖା ଦେଇଛି।କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକ ରେ ୨୪ ଘଣ୍ଟା ବ୍ୟାପୀ ପ୍ରବଳ ବର୍ଷା ହୋଇଛି। ସର୍ବାଧିକ ୨୭୬ ମିଲି ମିଟର ବର୍ଷା ହୋଇଥିବା ପ୍ରଶାସନ ପକ୍ଷରୁ ରେକର୍ଡ କରା ଯାଇଛି। ଏହାର ପ୍ରଭାବରେ ତେଲକୋଇ ବ୍ଲକର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ଘଟିଥିବା ଜଣା ପଡ଼ିଛି। ନଦୀ ନାଳ ଫୁଲି ଉଠିବା ସହିତ କେତେକ ସ୍ଥାନରେ କୂଳ ଲଙ୍ଘିଛି। ଫଳରେ ତେଲକୋଇ ବ୍ଲକ ମୁଖ୍ୟାଳୟକୁ ଯୋଗାଯୋଗ ବିଚ୍ଛିନ୍ନ ହେବା ସହିତ ଗମନାଗମନ ବାଧାପ୍ରାପ୍ତ ହୋଇଛି। ଏପରିକି ଜରୁରିକାଳୀନ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ତେଲକୋଇ କୁନ୍ତଳା ପୂର୍ତ୍ତ ବିଭାଗ ରାସ୍ତାର ହନୁମନ୍ତିଆ ନାଳରେ ନିର୍ମାଣ ହୋଇଥିବା ଡାଇଭର୍ସନ ତଥା ଅସ୍ଥାୟୀ ପୋଲ ବନ୍ୟା ଜଳରେ ଧୋଇ ହୋଇ ଯିବାରୁ ରବିବାର ମଧ୍ୟ ରାତ୍ରିରୁ ଉକ୍ତ ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଫଳରେ ଦୋବଲା ପାଳ, ଛାମୁଣ୍ଡା, ଜଗମୋହନ ପୁର, ବିଞ୍ଜି ବାହାଳ ଆଦି ପଞ୍ଚାୟତର ୨୦ ରୁ ଗ୍ରାମ ତେଲକୋଇ ବ୍ଲକ ମୁଖ୍ୟାଳୟରୁ ବିଚ୍ଛିନ୍ନ ହୋଇ ପଡ଼ିଛି। ଏହା ସହିତ ୪୯ ନମ୍ବର ଜାତୀୟ ରାଜପଥ ଜଗମୋହନପୁରକୁ ଯୋଗାଯୋଗ ବିଚ୍ଛିନ୍ନ ହେବାରୁ ସ୍ଥାନୀୟ ଅଞ୍ଚଳରୁ ଅନୁଗୁଳ, ଦେବଗଡ଼, ସମ୍ବଲପୁର, ରାଉରକେଲା ଆଦି ପଶ୍ଚିମ ଓଡ଼ିଶା ଅଞ୍ଚଳକୁ ଗମନାଗମନ ହୋଇପାରିନାହିଁ। ସେହିପରି ତେଲକୋଇ କରଦାଙ୍ଗୀ ମୁଖ୍ୟ ରାସ୍ତାର ଶ୍ରୀଧର ପୁର ପାଞ୍ଚ ମୁଣ୍ଡିଆ ଠାରେ ରାସ୍ତା ଧୋଇ ହୋଇ ଯାଇଥିବାରୁ କରଦାଙ୍ଗୀ ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏହା ସହିତ ସୋମବାର ସୁଦ୍ଧା ତେଲକୋଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ୧୨ ଟି ଘର ଭାଙ୍ଗିଥିବା ଅଭିଯୋଗ ହୋଇଛି।ତେବେ ପ୍ରକାଶ ଥାଉକି ତେଲକୋଇ କୁନ୍ତଳା ପୂର୍ତ୍ତ ରାସ୍ତାର ଉନ୍ନତି କରଣ ପାଇଁ ୨୦୨୩ ମସିହାରେ ପୂର୍ବତନ ସରକାରଙ୍କ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ପୂର୍ବତନ ମନ୍ତ୍ରୀ ଙ୍କ ପ୍ରେମାନନ୍ଦ ନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।ଏହି ନିର୍ମାଣ ପାଇଁ ବିଭାଗ ପକ୍ଷରୁ ୨୧ କୋଟିରୁ ଉକାଟ ଟଙ୍କା ବ୍ୟୟ ମଞ୍ଜୁରୀ ହୋଇଥିବା ବେଳେ ପି.କେ.ବି ଠିକା ସଂସ୍ଥା ଏହି ନିର୍ମାଣ କାର୍ଯ୍ୟ କରିବାକୁ ଟେଣ୍ଡର ହାତେଇ ଥିଲା।୨୦୨୪ ମସିହା ସେପ୍ଟେମ୍ବର ମାସ ସୁଧା ନିର୍ମାଣ କାର୍ଯ୍ୟ ସାରିବାକୁ ଚୁକ୍ତି କରିଥିବା ବେଳେ ଭିତି ପ୍ରସ୍ତରକୁ ୩ ବର୍ଷ ପୁରିଥିଲେ ସୁଦ୍ଧା ନିର୍ମାଣ କାର୍ଯ୍ୟ ସାରି ନାହିଁ। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ସମନ୍ୱୟ ବୈଠକ




ତେଲକୋଇ,୬।୭(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ସଭାଗୃହଠାରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ସୋମବାର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତେଲକୋଇ ପକ୍ଷରୁ ସ୍ୱତନ୍ତ୍ର ଭାବେ ଖର୍ଚ୍ଚ ଅଟକଳ କରାଯାଇଛି। ଉକ୍ତ ସମନ୍ୱୟ ବୈଠକରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡାକ୍ତର ଫକୀର ମୋହନ ନାଏକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିକ୍ରମ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ, ଅତିରିକ୍ତ ତହସିଲଦାର ଗୋପବନ୍ଧୁ ନାୟକ, ଥାନା ଆଇଆଇସି ଅଞ୍ଜନ କୁମାର ପାତ୍ର, ବନାଞ୍ଚଳ ଅଧିକାରୀ ଅଶୋକ କୁମାର ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ମାସ ୧୬ ତାରିଖ ଗୁରୁବାର ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ତଥା ବାହୁଡ଼ା ଯାତ୍ରାକୁ ଗୁରୁତ୍ୱ ଦିଆ ଯିବାକୁ ତେଲକୋଇ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ତାପସ କୁମାର ବିଶ୍ୱାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏତଦ୍‌ବ୍ୟତୀତ ଆର୍ଥିକ ସହାୟତା ସହଯୋଗ ପାଇଁ ନିବେଦନ କରିଥିଲେ। ବିଧାୟକ ଡାକ୍ତର ନାଏକ ମଧ୍ୟ ଏହାକୁ ସ୍ୱାଗତ ଜଣାଇବା ସହିତ ସମସ୍ତ ଅଧିକାରୀଙ୍କୁ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବଡ଼ଦାଣ୍ଡକୁ ସରସ ସୁନ୍ଦର କରିବା ସହ ପାନୀୟଜଳ, ଟ୍ରାଫିକ୍ ନିୟନ୍ତ୍ରଣ, ପରିମଳ ବ୍ୟବସ୍ଥା, ବିଦ୍ୟୁତ, ଡ୍ରେନ୍ ସମସ୍ୟା ଆଦି ବିଷୟ ଉପରେ କମିଟି ପକ୍ଷରୁ ଆଲୋଚନା କରାଯାଇଥିଲା। ଏହି ସମନ୍ୱୟ ବୈଠକରେ ବ୍ଲକ୍‌ର ବିଭିନ୍ନ ବିଭାଗର ଅଧିକାରୀ ସାମିଲ ରହିଥିଲେ।

## ଘସିପୁରା ନିର୍ବାଚନମଣ୍ଡଳୀରୁ ବାଦ୍‌ପଡ଼ିଲେ ୮୩୩୨ ଭୋଟର



ଆନନ୍ଦପୁର,୬।୭(ସମିସ): ଘସିପୁରା ନିର୍ବାଚନମଣ୍ଡଳୀ ପାଇଁ ଆଜି ଉପଜିଲ୍ଲାପାଳ ନୀଳମାଧବ ସୁନା ପ୍ରସ୍ତୁତ ହୋଇଥିବା ତ୍ରୁଟିଶୂନ୍ୟ ଚିଠା ତାଲିକା ପ୍ରକାଶ କରିଥିଲେ। ସହଯୋଗୀ ଅଧିକାରୀଭାବେ ଅତିରିକ୍ତ ଉପଜିଲ୍ଲାପାଳ ଚାର୍ଲସ ନାୟକ, ବିଡିଓ ବିନିତା ବିଜୟିନୀ, ତହସିଲଦାର ଅଭୟ କୁମାର ସ୍ୱାଇଁ, ଗ୍ରାମପଞ୍ଚାୟତ ଅଧିକାରୀ ଦମୟନ୍ତୀ କିସ୍କୁ ଏହି ଚିଠା ତଦାରଖ କରିଥିଲେ। ଘସିପୁରା ନିର୍ବାଚନମଣ୍ଡଳୀରେ ମୋଟ ୨,୮୬୫୭ ଜଣ ଚୂଡ଼ାନ୍ତ ଭୋଟର ମଧ୍ୟରୁ ୧,୧୦୧୧୦ ପୁରୁଷ ୧.୮୫୦୧ ମହିଳା ଭୋଟର ରହିଛନ୍ତି। ସେହିପରି ୪୬ ଜଣ ତୃତୀୟଲିଙ୍ଗୀ ମତଦାତା ରହିଥିବା ଜଣାଯାଇଛି। ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ୮.୩୩୨ଜଣ ଭୋଟର ବାଦ ପଡ଼ିଥିବା ସୂଚନା ମିଳିଛି। ଭୋଟର ଅନୁପସ୍ଥିତି, ମୃତ୍ୟୁ, ସ୍ଥାନାନ୍ତରଣ ଆଦି କାରଣରୁ ଏମାନେ ବାଦ୍ ପଡ଼ିଥିବା ଏହି ତାଲିକାରୁ ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଶୁଭେନ୍ଦୁ ସାହୁ, ଗୌରାଙ୍ଗ ଜେନା ସହଯୋଗ କରିଥିଲେ।

## ନୂତନ ମଦ ଦୋକାନକୁ ମହିଳାଙ୍କ ବିରୋଧ



ଡୁରୁମୁଙ୍ଗା, ୬।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରେଙ୍ଗାଲବେଡା ସରକାରୀ ମଦ ଦୋକାନ କୁ ବିରୋଧ କରି ଯମୁନାପଶି, ଗୋଡିପୋଖରୀ ଓ ବାଉଁଶୁଳି ଗ୍ରାମର ଶତାଧିକ ମହିଳା ଏକଜୁଟ ହୋଇ ମଦ ଦୋକାନ ବନ୍ଦ ଦାବି ରେ ବିଶାଳ ରାଲି କରିଛନ୍ତି। ରେଙ୍ଗାଲବେଡା ସରକାରୀ ମଦ ଦୋକାନ ପୂର୍ବରୁ ଗୋଡିପୋଖରୀ ମୌଜାରେ ଥିବା ବେଳେ ଉକ୍ତ ମଦ ଦୋକାନର ଅବଧି ଶେଷ ପରେ ପୁନର୍ବାର ଉକ୍ତ ସ୍ଥାନରେ ମଦ ଦୋକାନ ଖୋଲିବା ପାଇଁ ଚେଷ୍ଟା କରୁଥିବାରୁ ମହିଳାମାନେ ଉକ୍ତ ମଦ ଦୋକାନ ସମ୍ମୁଖରେ ଟ୍ରାକ୍ଟର ସାହାଯ୍ୟରେ ହଳ କରି ଧାନ ବୁଣି ଦେଇଥିଲେ। ପୁନର୍ବାର ରେଙ୍ଗାଲବେଡ଼ା ସରକାରୀ ମଦ ଦୋକାନ ଗୋଡ଼ି ପୋଖରୀ ଗ୍ରାମର ଚାଷ ଜମିରେ ଖୋଲିବାକୁ ଯାଉଥିବାରୁ ଶତାଧିକ ମହିଳା ଏହାକୁ ବିରୋଧ କରି ହାତରେ ପ୍ଲା କାର୍ଡ ଧରି ବିଶାଳ ରାଲି କରିବା ସହ ମଦ ଦୋକାନ ବନ୍ଦ କରିବାକୁ ଦାବି କରିଛନ୍ତି। ମଦ ଦୋକାନ ବନ୍ଦ ନ ହେଲେ ଆଗକୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବନ ମହୋତ୍ସବ



କେନ୍ଦୁଝର,୬।୭(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ଓ ଜିଲ୍ଲା ବନ ବିଭାଗର ସହଯୋଗରେ ଜୁଲାଇ ପ୍ରଥମ ସପ୍ତାହକୁ ବନ ମହୋତ୍ସବ ଭାବେ ପାଳନ କରାଯାଉଛି। ଏହି ଉପଲକ୍ଷେ ଜିଲ୍ଲାର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ, ସଚେତନତା ସଭା ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ୧ ତାରିଖରେ ସଦର ବ୍ଲକ ନରଣପୁର ସ୍ଥିତ ଗ୍ରୀଡ୍ ପଡ଼ିଆରେ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଇ. ବିଘ୍ନେଶ୍ୱର ରାଓ ଏବଂ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀଙ୍କ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମରେ ରେଞ୍ଜର ଅଜିତ ଦାଶ, ପ୍ରାଧିକରଣ ପାନେଲ ଅଧିବକ୍ତା, ପାରା ଆଇନ ସ୍ୱେଚ୍ଛାସେବୀ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ। ସେହିପରି ଜୁଲାଇ ୨ ତାରିଖରେ ଟାଙ୍ଗରାଣୀ ସଂରକ୍ଷିତ ଜଙ୍ଗଲର କେନ୍ଦୁଆଠାରେ ଥିବା ଔଷଧିୟ ବଗିଚା ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବନଖଣ୍ଡ ଅଧିକାରୀ ଧନରାଜ ଏଚ୍ଡି,ପରିବାର ଅଦାଲତ ବିଚାରପତି ଶ୍ୱେତା ମିଶ୍ର,ସ୍ୱତନ୍ତ୍ର ବିଚାରପତି ଦୁର୍ନୀତି ନିବାରଣ ଭଗବାନ ପ୍ରଧାନ, ଅତିରିକ୍ତ ଜିଲ୍ଲା ଜଜ୍ ଦିଲ୍ଲୀପ କୁମାର ସାହୁ,ଅତିରିକ୍ତ ଜିଲ୍ଲା ଜଜ୍ (ପୋକ୍ସ) ମୋନାଲିସା ମହାନ୍ତି, ଅତରିକ୍ତ ଜିଲ୍ଲା ଜଜ୍ (ଆଡହକ) ବିଜୟ କୁମାର ମିଶ୍ର,ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ହିମାଂଶୁ ଶେଖର ବିଶ୍ୱାଳ, ମହିଳା କୋର୍ଟ ବିଚାରପତି ନେହା ଦାସ,ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ଉପଖଣ୍ଡୀୟ ବିଚାରପତି ସନ୍ତୋଷ କୁମାର ବାରିକ ଯୋଗଦେଇ ବୃକ୍ଷରୋପଣ ଓ ସଚେତନତା କରିଥିଲେ। ଜୁଲାଇ ୩ ତାରିଖରେ ଜନମଙ୍ଗଳ ଉଚ୍ଚ ବିଦ୍ୟାଳୟ ଡିମ୍ବୋଠାରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଓ ବନ ଅଧିକାରୀ କାଳନ୍ଦୀ ସାମଲ ତଥା ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ବୃକ୍ଷରୋପଣ କରିଥିଲେ। ଜୁଲାଇ ୪ ତାରିଖରେ କୋର୍ଟ ପରିସରରେ ବିଦ୍ୟାଳୟସ୍ତରୀୟ ବରିଷ୍ଠ ଓ କନିଷ୍ଠ ବର୍ଗର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତର୍କ ପ୍ରତିଯୋଗୀତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଜୁଲାଇ ୬ ତାରିଖରେ ଓଡିଶା ଆଦର୍ଶ ବିଦ୍ୟାଳୟବୋଦାପଲସାଠାରେ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମରେ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମିଶ୍ର, ବନବିଭାଗ ଅଧିକାରୀ, ପାରା ଆଇନ ସ୍ୱେଚ୍ଛାସେବୀ ପୁଷ୍ପିତା ବାରିକ, ରଶ୍ମିତା ଜେନା ତଥା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏଥିସହିତ ଏକ ସପ୍ତାହ ବ୍ୟାପି ଚାଲିଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନସେବା ପ୍ରାଧିକରଣର କର୍ମଚାରୀ ସତ୍ୟରଞ୍ଜନ ଦାସ, ସ୍ନେହଲତା ବାସ୍କେ, ଦେବବ୍ରତ କୁମାର ଦାସ, ମାନସ ରଞ୍ଜନ ନାଏକ, ଶିଶିର କୁମାର ସାହୁ ପରିଚାଳନା କରିଥିଲେ।

## ବୈତରଣୀ ସୁରକ୍ଷା ପାଇଁ ଆନନ୍ଦପୁରରୁ ଲୋକଭବନ ପଦଯାତ୍ରା




ଆନନ୍ଦପୁର,୬।୭(ସମିସ): ବୈତରଣୀ ନଦୀର ହତ୍ୟା ଷଡ଼ଯନ୍ତ୍ର ପ୍ରତିବାଦ ରେ ନାହିଁ। ଏହାର ସୁରକ୍ଷା ପାଇଁ ଆନନ୍ଦପୁର ଠାରୁ ଭୁବନେଶ୍ୱର ଲୋକ ଭବନ ପର୍ଯ୍ୟନ୍ତ ପଦଯାତ୍ରା ଆଜି ସ୍ଥାନୀୟ ଶ୍ରୀଝାଡ଼େଶ୍ୱର ମନ୍ଦିରରୁ ଆରମ୍ଭ ହୋଇଛି। ୯ ତାରିଖରେ ପଦଯାତ୍ରା ଭୁବନେଶ୍ୱରରେ ପହଞ୍ଚିବା ପରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବୈତରଣୀ ସୁରକ୍ଷା ପାଇଁ ହସ୍ତକ୍ଷେପ ଦାବି କରିବା ସହିତ ବାଲି ନିଲାମରେ ସ୍ୱତନ୍ତ୍ର ଆଇନ ଆଣିବାକୁ ଦାବିପତ୍ର ପ୍ରଦାନ କରିବେ ବୋଲି ଜଣାଯାଇଛି। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ଯୁବକ ଅଭିଯାନ ରେ ସାମିଲ ହୋଇ ଆଜିଠାରୁ ପଦଯାତ୍ରାରେ ଯାଇଥିବା ଜଣାଯାଇଛି। କେନ୍ଦୁଝର ଜିଲ୍ଲା ଗୋନାସିକାରୁ ପ୍ରବାହିତ ବୈତରଣୀ କେନ୍ଦୁଝର ଜିଲ୍ଲା ସମେତ ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ସମୃଦ୍ଧ କରିଛି। ତେବେ ବୈତରଣୀ ନଦୀ ସମେତ ବିଭିନ୍ନ ନଦୀନାଳରୁ ବେଆଇନ ଭାବେ ପ୍ରତିଦିନ ବାଲି ଲୁଟ୍ ହେଉଛି। ବେଆଇନ ତଥା ବିନା ଲିଜ୍‌ରେ ଅବିଚାରିତ ଭାବେ ବାଲି ଉତ୍ତୋଳନ ଯୋଗୁଁ ନଦୀର ପ୍ରାକୃତିକ ଗତିପଥ ପରିବର୍ତ୍ତନ ହେଉଛି। ଫଳରେ ନଦୀକୂଳିଆ ଗାଁ ଲୋକେ ବର୍ଷାଦିନେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବେଆଇନ ବାଲି ଉତ୍ତୋଳନ ଓ ପରିବହନ ସମ୍ପର୍କରେ ପ୍ରଶାସନ ସବୁ ଜାଣି ନୀରବ ରହୁଛି। ମାଫିଆ-ପ୍ରଶାସନିକ କଳର କିଛି ବରିଷ୍ଠ ଅଧିକାରୀ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଯଜ୍ଞ ପ୍ରସାଦ ସାହୁ କହିଛନ୍ତି। କେନ୍ଦୁଝର ଜିଲ୍ଲାର ଆନନ୍ଦପୁର, ହାଟଡିହି ଓ ଘଷିପୁରା ତହସିଲର ବିଭିନ୍ନ ସ୍ଥାନରେ ଥିବା ନଦୀ ଓ ନାଳରୁ ବେଆଇନ ଭାବେ ବାଲି ଉତ୍ତୋଳନ ଓ ପରିବହନ ହେଉଥିବା ଚିନ୍ତାର କାରଣ ହୋଇଛି।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୪ଟି ଅଭିଯୋଗର ତତ୍କାଳ ସମାଧାନ



ବାରିପଦା, ୬।୭ (ସମିସ)

ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୁଣାଣି ଶିବିରରେ ୧୪ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିବାବେଳେ ୧୧ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଓ ୨ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ଆଜିର ଜନଅଭିଯୋଗ ଶୁଣାଣି ଶିବିରରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୬୪ଟି ଅଭିଯୋଗ ଆସିଥିଲା। ଏଥିରେ ୨୪୯ଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୧୫ଟି ସାମୂହିକ ସମସ୍ୟା ସମ୍ବଳିତ ଅଭିଯୋଗ ହୋଇଥିଲା। ତନ୍ମଧ୍ୟରୁ ୧୪ଟି ଅଭିଯୋଗର ତତକ୍ଷଣାତ୍ ସମାଧାନ କରାଯାଇଛି। ଏହାସହ ୧୧ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଓ ୨ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ଜନଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଦୁଃଖବନ୍ଧୁ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଧର୍ମାନନ୍ଦ ବେହେରା, ଜିଲ୍ଲା ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା ବିଶ୍ୱନାଥ ଦାସ, ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ତତସହିତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ସକ୍ରିୟ ଭାବେ ଅଂଶଗ୍ରହଣ କରି ସଫଳ କରିଥିଲେ।

**୧୧ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଓ ୨ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ**

## ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ କାମରେ ଦୁର୍ନୀତି ଅଭିଯୋଗ

# ୧୫ରେ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରଉ କରିବ ଭଞ୍ଜସେନା



ବାରିପଦା/ଉଦଳା, ୬।୭(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ଅଞ୍ଚଳରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଭଞ୍ଜସେନା ଅଭିଯୋଗ କରିଛି। ସଂପୃକ୍ତ କାର୍ଯ୍ୟାଳୟରେ ବିଭିନ୍ନ ଅନିୟମିତତା କାର୍ଯ୍ୟକଳାପ ସହିତ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଠିକାଦାର ମିଳିତ ଭାବେ ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ଆଣି ତଦନ୍ତ ଦାବି ନେଇ ଭଞ୍ଜସେନା କପ୍ତିପଦା ଉପଖଣ୍ଡ ଶାଖା ପକ୍ଷରୁ ଏକ ଦାବିପତ୍ର କପ୍ତିପଦା ଉପଖଣ୍ଡ ପ୍ରଶାସନ ଜରିଆରେ ପ୍ରଦାନ କରି ହୋଇଥିବା ଦୁର୍ନୀତି ବାବଦରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ସହିତ ଭିଜିଲାନ୍ସ ମାଧ୍ୟମରେ ଏସବୁର ତଦନ୍ତ କରାଇବା ନେଇ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଇଆଇସି-୧ଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯିବା ସହିତ ଭୁବନେଶ୍ୱରସ୍ଥ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟକୁ ମଧ୍ୟ ଏହାର ଏକକିତା ନକଲ ପ୍ରଦାନ କରାଯାଇଛି।

ମହିଷାସୁରୀ-ପଦ୍ମପୋଖରୀ ଓ ଉଦଳା-ଦୁଗଧା- କୁଣ୍ଡାବାଇ (ମୁଖ୍ୟମନ୍ତ୍ରୀ ସଡକ ଯୋଜନା) କାର୍ଯ୍ୟରେ ବ୍ୟବହୃତ ହେଉଥିବା ସମସ୍ତ ସାମଗ୍ରୀର ମାନ ତଦାରଖ କରିବା ସହିତ ବିଭାଗ ସହିତ ଚୁକ୍ତିକୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଙ୍ଘନ କରି ଲାଭ ପାଇବା ଆଶାରେ ହେଉଥିବା କାର୍ଯ୍ୟକୁ ଚୁକ୍ତି ନିୟମ ଅନୁଯାୟୀ କରାଯାଉ, ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀଙ୍କ ବେଆଇନ ସମ୍ପତ୍ତିର ଠିକ୍ ଆକଳନ କରିବା ସହିତ ଚାଲୁ ରହିଥିବା ଦୁର୍ନୀତିର ତଦନ୍ତ ରାଜ୍ୟ ଭିଜିଲାନ୍ସ ବିଭାଗକୁ ହସ୍ତାନ୍ତର କରିବା ସହ ଦୁର୍ନୀତିକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ କଠୋର କାର୍ଯ୍ୟାନୁଷ୍ଠାନ ନେବାର ପ୍ରତିଶ୍ରୁତି ଦେଇଥିବା ଆପଣଙ୍କ ବିଭାଗ ତରଫରୁ ଆମ୍ଭେ ଦେଇଥିବା ଅଭିଯୋଗ ବାବଦରେ ସଠିକ ଭାବେ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଯଦି ଆଗାମୀ ୭ ଦିନ ମଧ୍ୟରେ ତଦନ୍ତ ନେଇ କୌଣସି ନିର୍ଦ୍ଦେଶ ନ ଆସେ, ତେବେ ଚଳିତ ଜୁଲାଇ ମାସ ୧୫ ତାରିଖ ବୁଧବାର ଦିନ ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଭଞ୍ଜସେନା ଉଦଳା ସହର ଶାଖା ସଭାପତି ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି।

## ଦ୍ୱିତୀୟ ଦିନରେ ଜବରଦଖଲ ଉଚ୍ଛେଦ ଅଭିଯାନ



**କରଞ୍ଜିଆ,୬।୭ (ସମିସ):** କରଞ୍ଜିଆ ସହରରେ ସରକାରୀ ଜମି, ରାସ୍ତା ପାଶ୍ୱର୍ ଓ ଜନସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି କରୁଥିବା ଜବରଦଖଲକୁ ହଟାଇବା ପାଇଁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ଉଚ୍ଛେଦ ଅଭିଯାନ ଦ୍ୱିତୀୟ ଦିନରେ ମଧ୍ୟ ଶାନ୍ତିଶୃଙ୍ଖଳାର ସହିତ ଜାରି ରହିଛି। ସହରରେ ବଢୁଥିବା ଟ୍ରାଫିକ ସମସ୍ୟାର ସମାଧାନ, ସରକାରୀ ଜମିର ସୁରକ୍ଷା ଓ ସାଧାରଣ ଲୋକଙ୍କ ଯାତାୟାତକୁ ସୁଗମ କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଚାଲିଛି। ପ୍ରଶାସନ ପକ୍ଷରୁ ପ୍ରାୟ ଏକ ମାସ ପୂର୍ବରୁ ସରକାରୀ ଜମି, ରାସ୍ତା ପାଶ୍ୱର୍ ଓ ସାଧାରଣ ସ୍ଥାନକୁ ଜବରଦଖଲ କରି ବ୍ୟବସାୟିକ ପ୍ରତିଷ୍ଠାନ କିମ୍ବା ଘର ନିର୍ମାଣ କରିଥିବା ବ୍ୟକ୍ତିବିଶେଷଙ୍କୁ ସ୍ୱଇଚ୍ଛାରେ ଜବରଦଖଲ ହଟାଇବାକୁ ସୂଚନା ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ କରଞ୍ଜିଆ ଗୋଲେଇ ବାଇପାସ ନିକଟରୁ ମାଣିକ ଛକ, କଚେରୀ ଛକ ହୋଇ ଏନ୍ଏସି ଛକ ପର୍ଯ୍ୟନ୍ତ ଥିବା ଜବରଦଖଲକାରୀଙ୍କୁ ନୋଟିସ ପ୍ରଦାନ କରାଯିବା ସହ ଡାକବାଜି ଯନ୍ତ୍ର ମାଧ୍ୟମରେ ବାରମ୍ବାର ଘୋଷଣା କରାଯାଇଥିଲା। ତେବେ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସମୟସୀମା ଶେଷ ହେବା ପରେ ମଧ୍ୟ କେତେକ ଜବରଦଖଲକାରୀ ସ୍ୱଇଚ୍ଛାରେ ନିଜ ଦଖଲ ହଟାଇ ନ ଥିବାରୁ ପ୍ରଶାସନ କଠୋର ପଦକ୍ଷେପ ଗ୍ରହଣ କରିଥିଲା। ଆଜି ଏସ୍‌ଡିପିଓ ନବକୃଷ୍ଣ ନାୟକ, କରଞ୍ଜିଆ ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କୁ, କରଞ୍ଜିଆ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ଉପସ୍ଥିତି ଓ ମାଜିଷ୍ଟ୍ରେଟ ଭାବେ ଦାୟିତ୍ୱରେ ଥିବା ପାଞ୍ଚଟି ବ୍ଲକର ତହସିଲଦାରଙ୍କ ତତ୍ତ୍ୱାବଧାନରେ ପୁଲିସ ବାହିନୀ ସହଯୋଗରେ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ଉଚ୍ଛେଦ ଅଭିଯାନ ସମୟରେ ଜବରଦଖଲ କରି ନିର୍ମାଣ କରାଯାଇଥିବା କୋଠା ଓ ଅନ୍ୟାନ୍ୟ ସ୍ଥାୟୀ ନିର୍ମାଣକୁ ଜେସିବି ମେସିନ ସାହାଯ୍ୟରେ ଭଙ୍ଗାଯାଇଥିଲା। ସମ୍ପୂର୍ଣ୍ଣ ଅଭିଯାନ ବେଳେ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ପର୍ଯ୍ୟାପ୍ତ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ପ୍ରଶାସନ ସୂଚନା ଅନୁଯାୟୀ, ସହରରେ ଟ୍ରାଫିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ସରକାରୀ ଜମିକୁ ଜବରଦଖଲମୁକ୍ତ କରିବା ଲକ୍ଷ୍ୟରେ ଏହି ଅଭିଯାନ ଆଗାମୀ ଦିନରେ ମଧ୍ୟ ପର୍ଯ୍ୟାୟକ୍ରମେ ଜାରି ରହିବ।

## ବାରିପଦା ବନଖଣ୍ଡରେ ବନ ମହୋତ୍ସବ

# ୨.୬୧ ଲକ୍ଷ ଚାରା ରୋପଣ ଓ ୧୦ ଲକ୍ଷ ଚାରା ବଣ୍ଟନ ଆରମ୍ଭ



**ବାରିପଦା, ୬।୭(ସମିସ):** ପରିବେଶ ସନ୍ତୁଳନ ବଜାୟ ରଖିବାରେ ବୃକ୍ଷ ରୋପଣ ଓ ବନୀକରଣ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଅବାଧ ଗଛ କଟା, ଜଙ୍ଗଲ କ୍ଷୟ ଓ ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତି ହେଉଥିବା ସବୁଜିମାକୁ ପୂରଣ ପାଇଁ ବୃକ୍ଷ ରୋପଣ ଏକ ମାତ୍ର ବିକଳ୍ପ । ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ବିଭିନ୍ନ ବିଭାଗର ସହଭାଗିତାରେ ପ୍ରତିବର୍ଷ ଜୁଲାଇ ମାସ ପହିଲାରୁ ବନମହୋତ୍ସବ ଆୟୋଜନ କରିଆସୁଛି। ତଦନୁଯାୟୀ ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାର ବାରିପଦା ବନଖଣ୍ଡ ପକ୍ଷରୁ ୭୭ତମ ବନମହୋତ୍ସବ ପାଳନ କରାଯାଉଛି। ଏହା ଏକମାସ ବ୍ୟାପୀ ଚାଲିବ। ବନଖଣ୍ଡ କାର୍ଯ୍ୟାଳୟର ସଙ୍କଳ୍ପ ସମ୍ମିଳନୀ କକ୍ଷରେ ବନଖଣ୍ଡ ଅଧିକାରୀ ଗୋବିନ୍ଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବେ ପୂର୍ବତନ ପିସିସିଏଫ ତଥା ଲୋକାୟୁକ୍ତ ସଦସ୍ୟ ଦେବବ୍ରତ ସ୍ୱାଇଁ, ଅତିରିକ୍ତ ଏସ୍‌ପି ଦୀପକ କୁମାର ଗୋଚ୍ଛାୟତ, ଜିଲ୍ଲା ପରିବେଶ ସମିତିର ଉପସଭାପତି ଡ ବିଜୟ ଅଗ୍ରୱାଲା, ଯୁଗ୍ମ ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ସେଭ ଏଲିଫ୍ୟାଣ୍ଟର ସଭାପତି ଡା ରଜନୀକାନ୍ତ ଜେନା, ପରିବେଶବିତ ହରିହର ଦାସ ଓ ରାଇରଙ୍ଗପୁର ଡିଏଫଓ ସୁବ୍ରତ ପାତ୍ର ଯୋଗଦେଇ ମହୋତ୍ସବ ପାଳନର ତାତ୍ପର୍ଯ୍ୟ ସମ୍ବନ୍ଧରେ କହିଥିଲେ। ଏ ଅବସରରେ ବନଖଣ୍ଡ ଆନୁକୂଲ୍ୟରେ ୨ ଲକ୍ଷ ୬୧ ହଜାର ୯୫୦ ଚାରା ବିଭାଗ ପକ୍ଷରୁ ରୋପଣ ଆରମ୍ଭ ହେବା ସହିତ ଓ ୧୦ ଲକ୍ଷ ଚାରା ଜନସାଧାରଣ ଓ ଅନୁଷ୍ଠାନମାନଙ୍କୁ ରୋପଣ ଉଦ୍ଦେଶ୍ୟରେ ବଣ୍ଟନ କରାଯାଉଛି।

ବନଖଣ୍ଡ ଅଧୀନରେ ୧୦ଟି ନର୍ସରୀରେ ଚାରା ପ୍ରସ୍ତୁତ କରାଯାଇଛି। ରୋପଣ ଉପଯୋଗୀ ୫ ଫୁଟ ଲମ୍ବ ଓ ୨ ଇଞ୍ଚ ମୋଟେଇର ଗଛ ବଣ୍ଟାଯିବା ପାଇଁ ବନଖଣ୍ଡ ଅଧୀନରେ ଥିବା ବାରିପଦା, ବେତନଟୀ, ରାସଗୋବିନ୍ଦପୁର, ଦେଉଳି, ବାଙ୍ଗିରିପୋଷି, ଉଦଳା ଓ କପ୍ତିପଦା ରେଞ୍ଜ କାର୍ଯ୍ୟାଳୟ ଓ ଫରେଷ୍ଟରଙ୍କ କାର୍ଯ୍ୟାଳୟକୁ ପଠାଯାଇଛି। ନିମ୍ବ, ଶାଗୁଆନ, କୃଷ୍ଣଚୂଡ଼ା, ଅଶ୍ୱତ୍ଥ, ରାଧାଚୂଡ଼ା, ନିଦ୍ରାବତୀ, ଦେବଦାରୁ, କଷି, କଦମ୍ବ, ଗମ୍ଭାରି, ଅର୍ଜ୍ଜୁନ, ଶିଶୁ, ଇଟାଲିଆନ ଶାଳ, ଆମ୍ବ, ପଣସ, ଜାମୁ, ପିଜୁଳି, ଅମୃତଭଣ୍ଡା, ସଜନା, ବାରମାସି, ଲେମ୍ବୁ, ସାଲମା, ପାଗଡ଼ା, କାଜୁ, ପେସ୍ତାବାଦାମ, ଅଁଳା, ହରିଡ଼ା, ବାହାଡ଼ାଠାରୁ ଆରମ୍ଭ କରି ବାଡ଼ି ବଗିଚା ଓ ଜଙ୍ଗଲରେ ଲାଗୁଥିବା ବିଭିନ୍ନ ପ୍ରକାରର ଚାରା ବଣ୍ଟନ ପାଇଁ ପ୍ରସ୍ତୁତ କରାଯାଇ ରଖାଯାଇଛି। ସରକାରଙ୍କ ଜାତୀୟ ବାମ୍ବୋ ମିଶନ, କାମ୍ପା ଓ ଭବିଜିରାମଜି ଯୋଜନାରେ ବ୍ୟାପକ ବନୀକରଣ କାର୍ଯ୍ୟକ୍ରମ ରହିଛି । ଚାରାରୋପଣ ସହିତ ବାଡ଼ ବେଢ଼ା, ପାଣି ଦେବା ଓ ଜଗୁଆଳି ବ୍ୟବସ୍ଥା ରହିଛି। ସେହିପରି ବିଭିନ୍ନ ଇକୋ କ୍ଲବ, ବନ ସୁରକ୍ଷା ସମିତି, ଅନୁଷ୍ଠାନ, ସଙ୍ଗଠନ ଓ ଜନସାଧାରଣଙ୍କୁ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇ ଚାରା ବଣ୍ଟନ କରାଯିବ। ମ୍ୟୁନିସିପାଲଟି, ଏନଏସି, ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟ ଜରିଆରେ ଚାରା ବଣ୍ଟନ କରାଯାଇ ଜନସାଧାରଣଙ୍କୁ ବୃକ୍ଷରୋପଣ ପାଇଁ ଉତ୍ସାହିତ କରାଯିବ ବୋଲି ବନଖଣ୍ଡ ଅଧିକାରୀ ଶ୍ରୀ ବିଶ୍ୱାଳ କହିଛନ୍ତି। ଏ ଅବସରରେ ଶିଳିପୁରିଆ, ତେନ୍ତୁଳିଆ ଓ ରେହେଡାକୋଚା ବନ ସୁରକ୍ଷା ସମିତି ଓ ବରେହିପାଣି ଇକୋ ଡେଭେଲପମେଣ୍ଟ କମିଟିକୁ ଉଲ୍ଲେଖନୀୟ ବନୀକରଣ ଓ ପରିବେଶ ସୁରକ୍ଷା ପାଇଁ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସହକାରୀ ବନ ସଂରକ୍ଷକ ମେହେରବାନ ଅଲ୍ଲୀଙ୍କ ସମେତ ରେଞ୍ଜର, ଫରେଷ୍ଟର, ଗାର୍ଡ ଓ କର୍ମଚାରୀ ସହଯୋଗ କରିଥିଲେ।

## ସରକାରୀ ଜମିରୁ ମୋରମ ଚୋରି ମାମଲାରେ ଫେରାର ଆସାମୀ ଗିରଫ

**ରାସଗୋବିନ୍ଦପୁର, ୬।୭ (ସମିସ):** ସରକାରୀ ଜମିରୁ ମୋରମ ଚୋରି ମାମଲାରେ ରାସଗୋବିନ୍ଦପୁର ଥାନାର ଦୀର୍ଘଦିନ ଧରି ଫେରାର ଥିବା ଆସାମୀ ପ୍ରଫୁଲ ଜେନାଙ୍କୁ ଆଜି ସକାଳେ ଅମରଦା ଫାଣ୍ଡି ଅଧିକାରୀ ନିଶିକାନ୍ତ ସାମଲ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।



ମାର୍ଚ୍ଚ ୨୩ ତାରିଖରେ ସରକାରୀ ଜମିରୁ ବେଆଇନ ଭାବେ ମାଟି ଓ ମୋରମ ଉତ୍ତୋଳନ କରାଯାଉଥିବାବେଳେ ତିନୋଟି ହାଇୱା ଓ ଗୋଟିଏ ଚେନ୍ ମେସିନ୍ ଜବତ କରାଯାଇଥିଲା। ଏହି ବେଆଇନ ଖନନ ଯୋଗୁଁ ସରକାରଙ୍କ ବିପୁଳ ରାଜସ୍ୱ କ୍ଷତି ହୋଇଥିବା ଅଭିଯୋଗ ସହିତ ଆଗରୁ ମଧ୍ୟ ଅନେକ କେଶ ରହିଛି। ଏ ଘଟଣା ପରଠାରୁ ଆସାମୀ ଫେରାର ଥିବାବେଳେ ପୁଲିସ ତାଙ୍କୁ ଧରିବା ପାଇଁ ଲଗାତର ଚଢ଼ଉ ଜାରି ରଖିଥିଲା। ଶେଷରେ ଅମରଦା ଫାଣ୍ଡି ପୁଲିସ ଆଜି ତାଙ୍କୁ ଗିରଫ କରି ଆଇନ ଅନୁଯାୟୀ ଅଦାଲତକୁ ଚାଲାଣ କରିଛି। ମାମଲାର ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**କୁଆମରା, ୬।୭ (ସମିସ):** ଖୁଣ୍ଟା ଥାନା ଲକ୍ଷ୍ମଣସାହି ଗ୍ରାମର ଜଣେ ଯୁବକ ଗ୍ରାମ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ହେଉଛନ୍ତି ଦୁଃଖିଆ ମାଝୀ (୩୫)। ରବିବାର ମଧ୍ୟାହ୍ନରେ ସ୍ଥାନୀୟ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇ ଅସାବଧାନତା ବଶତଃ ଦୁଃଖିଆ ଗଭୀର ଜଳ ମଧ୍ୟକୁ ପଶିଯାଇ ବାହାରି ପାରି ନ ଥିବା ଅନୁମାନ କରାଯାଉଛି। ପରିବାର ଲୋକ ବହୁ ଖୋଜାଖୋଜି କରି ପାଇ ନ ଥିବାବେଳେ ସନ୍ଧ୍ୟାରେ କେହି ଜଣେ ଭାସୁଥିବା ସ୍ଥାନୀୟ ଲୋକ ଦେଖି ଖୁଣ୍ଟା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ପହଞ୍ଚି ଦୁଃଖିଆଙ୍କୁ ଗଭୀର ପାଣିରୁ ଉଦ୍ଧାର କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି କହିଛନ୍ତି।

## ଭୈରଣିବେଢ଼ା ଗ୍ରାମରେ ବନ ମହୋତ୍ସବ



**ମହୁଲଡିହା,୬।୭ (ସମିସ):** ଜଙ୍ଗଲ ଆମର ମାଆ। ଅଜାଣତରେ ସେ ଆମର ଯତ୍ନ ନେଉଛି, ଆମର ଆବଶ୍ୟକତା ମେଣ୍ଟାଉଛି। ତେଣୁ ଆମେ ତା'ର ଯତ୍ନ ନେବା ବୋଲି ବନ ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ ପ୍ରକାଶ କରିଛନ୍ତି। କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳର ଭୈରାଣିବେଡା ଗ୍ରାମରେ ବନ ମହୋତ୍ସବର ଷଷ୍ଠ ଦିନରେ ଅନୁଷ୍ଠିତ ବୃକ୍ଷରୋପଣ ଓ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ଯୋଗଦେଇ ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ଜଙ୍ଗଲ ହିଁ ଶ୍ରେଷ୍ଠ ବିକଳ୍ପ ବୋଲି କହିଥିଲେ। ଜଙ୍ଗଲ ଜୀବନର ଆଧାର। ଆଦିବାସୀମାନେ ପ୍ରକୃତି ଉପାସକ। ଶିମିଳିପାଳ ଓ ଠାକୁରମୁଣ୍ଡାର ଜଙ୍ଗଲ ପାଇଁ ଆମେ ଗରମ ଅନୁଭବ କରୁନାହାନ୍ତି। ଆମକୁ ସୁରକ୍ଷା ଦେଉଥିବା ଜଙ୍ଗଲର ବୃଦ୍ଧି ଓ ସୁରକ୍ଷା ଆମ ଦାୟିତ୍ୱ। ଆମେ ସମସ୍ତେ ମିଳିମିଶି ଏ ଦାୟିତ୍ୱ ନିର୍ବାହ କରିବା ବୋଲି ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ କରଞ୍ଜିଆ ଡିଏଫଓ ଅଜୟ କୁମାର ସାହୁ ଯୋଗଦେଇ କହିଥିଲେ, ଯେଉଁଠି ଜଙ୍ଗଲ ସେଇଠି ସମୃଦ୍ଧି। ସେ ଉଦାହରଣ ଦେଇ ଆମେରିକା, ରୁଷିଆ, ଜାପାନ ଆଦି ଅନେକ ଦେଶରେ ଥିବା ଜଙ୍ଗଲ ଓ ସମୃଦ୍ଧିର କଥା କହିଥିଲେ। ଠାକୁରମୁଣ୍ଡା, କରଞ୍ଜିଆ, ଯଶିପୁର ଆଦି ଅଞ୍ଚଳରେ ଲୋକଙ୍କ ଜଙ୍ଗଲ ସୁରକ୍ଷା ପ୍ରତି ଆଗ୍ରହକୁ ପ୍ରଶଂସା କରିଥିଲେ। ଜଙ୍ଗଲ ମୋର ମାଆ। ସେ ଆମକୁ ଯେପରି ଯତ୍ନ ନେଉଛି ଆମେ ମଧ୍ୟ ତାକୁ ସେଭଳି ପୂଜା କରିବା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ସମାଜସେବୀ ପଦ୍ମଲୋଚନ ନନ୍ଦ ଯୋଗ ଦେଇଥିଲେ। ଶରତ କୁମାର ତ୍ରିପାଠୀ ସଭା ପରିଚାଳନା କରିଥିବାବେଳେ ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତେ ମିଳିମିଶି ଭୈରାଣିବେଡା ପିଆରଏଫରେ ବୃକ୍ଷରୋପଣ କରିଥିଲେ। ବିଧାୟକ ଓ ଡିଏଫଓ ଗ୍ରାମବାସୀଙ୍କୁ ଚାରା ବଣ୍ଟନ କରିଥିଲେ।

## ମୁଣ୍ଡାରୀ ଭାଷାର ନୂତନ ବିଦ୍ୟାଳୟ ପ୍ରତିଷ୍ଠା



**ସାରସକଣା,୬।୭ (ସମିସ):** ମୁଣ୍ଡାରୀ ଭାଷାର ସାମାଜିକ ଓ ସାମ୍ବିଧାନିକ ସ୍ୱୀକୃତି ହାସଲ କରିବା ଓ ମୁଣ୍ଡାରୀ ଭାଷା ସମ୍ମାନର ସୁରକ୍ଷା ନିମନ୍ତେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ପକ୍ଷରୁ ମୁଣ୍ଡାରୀ ଭାଷାଭାଷୀ ଅଧ୍ୟୁଷିତ ଗ୍ରାମରେ ମୁଣ୍ଡାରୀ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉଛି। ଏହି ବିଦ୍ୟାଳୟରେ ପିଲାଙ୍କୁ ମୁଣ୍ଡାରୀ ଭାଷାର ଲିପି ମୁଣ୍ଡାରୀ ବାନି ମାଧ୍ୟମରେ ଶିକ୍ଷାଦାନ କରାଯାଉଛି। ଏ ପରିପ୍ରେକ୍ଷୀରେ ଆଜି ସାରସକଣା ବ୍ଲକ ଅନ୍ତର୍ଗତ ପାକଟିଆ ପଞ୍ଚାୟତର ଭାଦୁଆ, ମୁରୁଣିଆ ପଞ୍ଚାୟତର ରତିଲା ଓ ଶିର୍ଷା ପଞ୍ଚାୟତର ବଣଗାଁ ଗ୍ରାମରେ ମୁଣ୍ଡାରୀ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ସାରସକଣା ବ୍ଲକ ଆବାହକ କରମଚାନ୍ଦ ସିଂଙ୍କ ସଂଯୋଜନାରେ ଉକ୍ତ ତିନୋଟି ମୁଣ୍ଡାରୀ ବିଦ୍ୟାଳୟ ଖୋଲାଯାଇଛି। ମୁଣ୍ଡାରୀ ବିଦ୍ୟାଳୟ ପ୍ରତିଷ୍ଠା ଅବସରରେ ଉକ୍ତ ତିନୋଟି ଗ୍ରାମର ଲୋକଙ୍କୁ ନେଇ ପୃଥକ ପୃଥକ ତିନୋଟି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର କେନ୍ଦ୍ରୀୟ ଆବାହକ ବୀରବଲ ସିଂ, ସାଧାରଣ ସମ୍ପାଦକ ଇଂ. ସୁନାରାମ ସିଂ, ମୁଣ୍ଡାରୀ ଶିକ୍ଷା ପରିଷଦର ସମ୍ପାଦକ ବୁଧିଆ ସିଂ, ବଡ଼ସାହି ବ୍ଲକ ଆବାହକ ବୈଦ୍ୟନାଥ ସିଂ, କୁଳିଅଣା ବ୍ଲକ ହାତିବାରି ମୁଣ୍ଡାରୀ ବାନି ବିଦ୍ୟାଳୟର ଶିକ୍ଷକ ମନୋରଞ୍ଜନ ସିଂ, କଖାରୁଶୋଳ ମୁଣ୍ଡାରୀ ବିଦ୍ୟାଳୟର ଶିକ୍ଷକ ସୁବୋଧ ଚନ୍ଦ୍ର ସିଂ, ଚାନ୍ଦୁଆ ମୁଣ୍ଡାରୀ ବିଦ୍ୟାଳୟର ଶିକ୍ଷକ ବୁଧୁ ସିଂ ପ୍ରମୁଖ ସଚେତକ ଭାବେ ଯୋଗଦେଇ ମୁଣ୍ଡାରୀ ଭାଷା ଆନ୍ଦୋଳନ ସମ୍ବନ୍ଧରେ ସଚେତନ କରିଥିଲେ। ଉକ୍ତ ବୈଠକରେ ଉପସ୍ଥିତ ଅତିଥିମାନେ ମୁଣ୍ଡାରୀ ବିଦ୍ୟାଳୟର ଉନ୍ନତୀକରଣ କରଣ ନିମନ୍ତେ ଗ୍ରାମବାସୀଙ୍କ ସହଯୋଗ ନିତାନ୍ତ ଆବଶ୍ୟକ। ଗ୍ରାମର ସମସ୍ତ ପିଲାଙ୍କୁ ଉକ୍ତ ମୁଣ୍ଡାରୀ ବିଦ୍ୟାଳୟରେ ନାମ ଲେଖାଇ ରବିବାର ପଢିବାକୁ ପଠାଇବା, ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ମୁଣ୍ଡାରୀ ଭାଷାର ବାର୍ଷିକ ପରୀକ୍ଷାରେ ଅଂଶଗ୍ରହଣ କରି ପ୍ରମାଣପତ୍ର ହାସଲ କରିବାକୁ ପରାମର୍ଶ ଦେଇଥିଲେ। ଏହି ମୁଣ୍ଡାରୀ ବାନି ବିଦ୍ୟାଳୟରେ ପଢା ଯାଉଥିବା ପାଠ୍ୟକ୍ରମରେ ମୁଣ୍ଡା ସମ୍ପ୍ରଦାୟର ସଂସ୍କୃତି, ପରମ୍ପରାକୁ ଗୁରୁତ୍ୱ ଦିଆଯାଇଛି। ଏହା ସମସ୍ତଙ୍କ ପଢିବା ଓ ଶିଖିବା ଅତ୍ୟନ୍ତ ଜରୁରୀ ବୋଲି ସମସ୍ତେ ମତ ଦେଇଥିଲେ। ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ହାସଲ ନିମନ୍ତେ ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିବା, ମୁଣ୍ଡାରୀ ବିଦ୍ୟାଳୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା, ପ୍ରତିଷ୍ଠା କରାଯାଇଥିବା ତିନୋଟି ମୁଣ୍ଡାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାବେ ଯଥାକ୍ରମେ ଭାଦୁଆର ଶିକ୍ଷୟିତ୍ରୀ ଭାବେ ଶିରୋମଣି ସିଂ, ରତିଲାର ଶିକ୍ଷୟିତ୍ରୀ ଭାବେ ଶୁଭଶ୍ରୀ ସିଂ ଓ ବଣଗାଁ ରେ ଶିକ୍ଷୟିତ୍ରୀ ଭାବେ ପ୍ରିୟଦର୍ଶିନୀ ସିଂଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ପ୍ରତ୍ୟେକ ମୁଣ୍ଡାରୀ ବିଦ୍ୟାଳୟର ପରିଚାଳନା କମିଟି ଗଠନ କରାଯାଇଛି। ସାରସକଣା ବ୍ଲକର ଆବାହକ କରମ ଚାନ୍ଦ ସିଂ ଧନ୍ୟବାଦ ଦେଇଥିଲେ।

## ଲଗାଣ ବର୍ଷା

# ଧୋଇଗଲା ଅସ୍ଥାୟୀ ରାସ୍ତା, ଯାତାୟାତ ବାଧାପ୍ରାପ୍ତ

ଠାକୁରମୁଣ୍ଡା/ମହୁଲଡିହା, ୬।୭ (ସମିସ)

ଠାକୁରମୁଣ୍ଡାରୁ ୧ କିମି ଦୂର ଠାକୁରମୁଣ୍ଡା-ଆନନ୍ଦପୁର ରାଜ୍ୟ ରାଜପଥର କଣ୍ଟାମଲ୍ଲି ନାଳ ଉପରେ ନିର୍ମାଣଧୀନ ପୋଲ ନିମନ୍ତେ ନିର୍ମାଣ ହୋଇଥିବା ଡାଇଭର୍ସନ ରାସ୍ତା ଧୋଇ ହୋଇଯାଇଛି। ରାତିରେ ଲଗାଣ ବର୍ଷାରେ ନାଳରେ ପାଣି ଆସିବାରୁ ପ୍ରଖର ସ୍ରୋତରେ ରାସ୍ତା ପ୍ରାୟ ୫୦ ଫୁଟ ଧୋଇ ହୋଇଯିବାରୁ ଠାକୁରମୁଣ୍ଡା ଆନନ୍ଦପୁର ରାସ୍ତା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡିଛି। ଫଳରେ ଯାତ୍ରୀବାହୀ ବସ୍ ସହ ସମସ୍ତ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଛି। ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ଠାକୁରମୁଣ୍ଡା ନିକଟ ରୁଗୁଡିବେଡା ଗ୍ରାମରେ ଥିବା ବହୁ ପୁରାତନ ବିଶାଳ ବର ଗଛ ରବିବାର ରାତିରେ ରାସ୍ତାରେ ପଡିବାରୁ ଯାନବାହନ ଚଳାଚଳ ବ୍ୟାଘାତ ହୋଇଥିଲା। ଠାକୁରମୁଣ୍ଡା ଅଗ୍ନିଶମ ବାହିନୀ ପହଞ୍ଚି ଗଛ କାଟି ରାସ୍ତା ସଫା କରିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସେହିପରି ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ଦେଇ ବୋହିଯାଇଥିବା ତେଲ ନଦୀ ପୋଲ ଉପରେ ଲଗାଣ ବର୍ଷା ଯୋଗୁଁ ୫ ଫୁଟ ଉପରେ ପାଣି ଯିବା କାରଣରୁ କେନ୍ଦୁଝର ଜିଲ୍ଲା କୁମୁଳାବାହାଲି ଓ ମୟୂରଭଞ୍ଜ ଜିଲ୍ଲା ଖସାକୁଦ ଗ୍ରାମର ରାସ୍ତା ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଯାଇଛି। ଦୀର୍ଘଦିନ ଧରି ଚାଲୁ ରହୁଥିବା ପୋଲ କାର୍ଯ୍ୟ ପାଇଁ ସାଧାରଣ ଲୋକେ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।



## ଜାମୁଘାଟ ଅସ୍ଥାୟୀ ପୋଲ ଉପରେ ୩ ଫୁଟ ଉଚ୍ଚରେ ପାଣି

# ଉଦଳା-ବାଲେଶ୍ୱର ଓ ଉଦଳା-ବୈଶିଙ୍ଗା ଯୋଗାଯୋଗ ବିଚ୍ଛିନ୍ନ



**ଉଦଳା,୬।୭ (ସମିସ):** ଜିଲ୍ଲାରେ ଲଗାଣ ବର୍ଷା କାରଣରୁ ବୁଡ଼ିଲା କଇଁସାରି ଜାମୁଘାଟରେ ଥିବା ଅସ୍ଥାୟୀ ପୋଲ। ଅସ୍ଥାୟୀ ପୋଲ ଉପରେ ୩ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଉଦଳା କଇଁସାରି ଜାମୁଘାଟ ପୋଲ ଉପରେ ୩ ଫୁଟର ପାଣି ପ୍ରବାହିତ ହେବା କାରଣରୁ ଉଦଳା-ବାଲେଶ୍ୱର ଓ ଉଦଳା-ବୈଶିଙ୍ଗା ସମେତ ପ୍ରାୟ ୮ରୁ ୧୦ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଶିମିଳିପାଳ ଉପର ମୁଣ୍ଡରେ ଲଗାଣ ବର୍ଷା ଦୁଇଦିନ ଧରି ଜାରି ରହିବା କାରଣରୁ ଦେଓ ନଦୀ ଫୁଲିଛି। ଫଳରେ କଇଁସାରିଠାରେ ଥିବା ଜାମୁଘାଟ ପୋଲ ଉପରେ ପାଣି ପ୍ରବାହିତ ହୋଇଛି। ୩ ଫୁଟର ପାଣି ପ୍ରବାହିତ ହୋଇଥିବାବେଳେ ଯୋଗାଯୋଗ ସମ୍ପୂର୍ଣ୍ଣ ଠପ ହୋଇପଡିଛି। ଅନ୍ୟପଟେ କିଛି ଲୋକ ବିପଦସଂକୁଳ ଅବସ୍ଥାରେ ମଧ୍ୟ ଅସ୍ଥାୟୀ ପୋଲ ଉପରେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ପୁରୁଣା ପୋଲ ଦବିବା ପରେ ସ୍ଥାୟୀ ପୋଲ ଆଜକୁ ୪ ବର୍ଷ ହେବ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ବାସିନ୍ଦା।

ସକାଳ
THE SAKALA

# ସମ୍ପାଦକୀୟ



ଭବିଷ୍ୟତର କାଳଖଣ୍ଡକୁ ଆମେ ଦେବାକୁ ଚାହୁଁଥିବା ଜୀବନ୍ତ ସନ୍ଦେଶର ଅନ୍ୟ ନାମ ହେଉଛି 'ଶିଶୁ'!
-ଜନ୍ ଏଫ୍ କେନେଡ଼ି

## ପ୍ରଦୂଷଣ ବନାମ ପରିବେଗ

ସାମ୍ପ୍ରତି ଭାରତରେ ଇ-୨୦ ଇନ୍ଧନ ବିତର୍କ ଓ ବିରୋଧାଭାସ ସୃଷ୍ଟି କରିଛି। ଇ-୨୦ ପେଟ୍ରୋଲ(୧ ଲିଟରରେ ୮୦ ଭାଗ ବା ୮୦୦ ମିଲିଲିଟର ପେଟ୍ରୋଲ୍ ଓ ୨୦ ଭାଗ ବା ୨୦୦ ମିଲିଲିଟର ଇଥାନଲ୍) ଉତ୍ପାଦନ ଓ ବିକ୍ରି ଉଦ୍ୟମର ସଫଳତା ପରେ ଇ-୧୫ ଡିଜେଲ୍(୧ ଲିଟରରେ ୮୫ ଭାଗ ଡିଜେଲ୍ ଓ ୧୫ ଭାଗ ଇଥାନଲ୍) ଉତ୍ପାଦନ ଓ ବିକ୍ରି ପାଇଁ ସରକାର ସଜବାଜ ହେଉଛନ୍ତି। ଇ-ଇନ୍ଧନ ବା ଇଥାନଲ୍ ଯୁକ୍ତ ଇନ୍ଧନ ବ୍ୟବହାର ପ୍ରକୃତି ଓ ପରିବେଶ ପାଇଁ ହିତକର ହେବା ସହିତ ମୋଟରଯାନର ଯାନ୍ତ୍ରିକ ଆୟୁବର୍ଦ୍ଧକ ବୋଲି ସରକାର ଯୁକ୍ତି କରୁଥିବା ବେଳେ ଏହାଦ୍ୱାରା ମାଇଲେଜ୍ ବା ପରିବେଗ ମନ୍ଥର ହେଉଛି ବୋଲି ବ୍ୟବହାରକାରୀ ଅଭିଯୋଗ କରୁଛନ୍ତି।

ଏହା ନିଃସନ୍ଦେହ ଯେ ବାୟୁମଣ୍ଡଳକୁ ନିର୍ଗତ ହେଉଥିବା ବିଷାକ୍ତ ଉପାଦାନରେ ମୋଟରଯାନରୁ ନିର୍ଗତ ଧୂଆଁ ବା ଇନ୍ଧନ ଦହନ ଜନିତ ବର୍ଜ୍ୟ ବା ପ୍ରଦୂଷଣ ସର୍ବାଧିକ। ଏବେ ଆମେ ଏଭଳି ଏକ ଜଗତ ଓ ସମୟରେ ପହଞ୍ଚିସାରିଛୁ ଯେ ପରିବେଶ ସୁରକ୍ଷା ପାଇଁ ଗାଡ଼ିମୋଟର ସଂଖ୍ୟା ହ୍ରାସ କରିବା ପ୍ରାୟତଃ ଅସମ୍ଭବ। ତେଣୁ ଇନ୍ଧନରୁ ନିର୍ଗତ ବିଷାକ୍ତ ବାଷ୍ପକୁ ଯଥାସମ୍ଭବ ହ୍ରାସ କରିବା ପାଇଁ ସେଥିରେ ଇଥାନଲ୍ ମିଶ୍ରଣ ସପକ୍ଷରେ ମତ ପ୍ରକାଶ ପାଉଛି। ଦୀର୍ଘବର୍ଷ ଧରି ଏ ଦିଗରେ ପରୀକ୍ଷା ନିରୀକ୍ଷା ପରେ ଏବେ ଏହାର ପରୀକ୍ଷାମୂଳକ ପ୍ରୟୋଗ ହୋଇ ସଫଳ ହୋଇଥିବା ଦାବି କରାଯାଉଛି। କିନ୍ତୁ ସତରେ କ'ଣ ଇ-ଇନ୍ଧନ ବ୍ୟବହାର ପରିବେଶ ପାଇଁ ହିତକର ଏବଂ ଆର୍ଥିକ ଦୃଷ୍ଟିରୁ ମିତବ୍ୟୟୀ? ଏହି ପ୍ରସଙ୍ଗରେ ପୁଣି ଏକ ନୂଆ ବିତର୍କ ଆରମ୍ଭ ହୋଇଛି।

ଇଥାନଲ୍ ମୁଖ୍ୟତଃ ଶ୍ୱେତସାରଯୁକ୍ତ ଶସ୍ୟ ଯଥା ଚାଉଳ, ମକା, ଆଖୁ, ସୋୟାବିନ୍ ଆଦିରୁ ପ୍ରସ୍ତୁତ ହେଉଛି। ଏ ସବୁ ଶସ୍ୟ ଜଳବହୁଳ ନିର୍ଭରଶୀଳ। ତେଣୁ ସରକାର ଏ ସବୁ ଶସ୍ୟ ମଧ୍ୟରୁ ତୁଳନାତ୍ମକ ଭାବେ କମ୍ ଜଳ ଆବଶ୍ୟକ କରୁଥିବା ଧାନ ବା ଚାଉଳକୁ ଇଥାନଲ୍ ଉତ୍ପାଦନ ପାଇଁ ଅଧିକରୁ ଅଧିକ ଗୁରୁତ୍ୱ ଦେଉଥିବା କୁହାଯାଉଛି। ଏହା ପଛରେ କିନ୍ତୁ ସରକାରଙ୍କର ଯେଉଁ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ରହିଛି ରହିଛି ତାହା ସାମ୍ନାକୁ ଆସୁନାହିଁ। ଦେଶର ଇନ୍ଧନ ଚାହିଦା ପୂରଣ ପାଇଁ ଆବଶ୍ୟକ ଇଥାନଲ୍ ଉତ୍ପାଦନରେ ଆମ ଦେଶର ଚାଉଳ କେତେ ସକ୍ଷମ ଏବଂ ଏହା ଅର୍ଥନୀତି ପ୍ରତି କିଭଳି ଅନୁକୂଳ ତାହା ଦେଖାଯାଉ।

ଭାରତ ଏବେ ବିଶ୍ୱର ସର୍ବବୃହତ୍ ଧାନ ଉତ୍ପାଦନକାରୀ ଓ ରପ୍ତାନୀକାରୀ ରାଷ୍ଟ୍ର। ୨୦୨୫-୨୬ କୃଷି ବର୍ଷରେ ଭାରତ ମୋଟ ୧୫୪ ନିୟୁତ ଟନ୍ ଧାନ ଉତ୍ପାଦନ କରିଥିବା ବେଳେ ୨୪.୫ ନିୟୁତ ଟନ୍ ବା ବିଶ୍ୱ ଚାଉଳ ବାଣିଜ୍ୟର ୪୦% ଚାଉଳ ରପ୍ତାନୀ କରିଛି। ଏଥିସହିତ ଖାଦ୍ୟ ନିରାପତ୍ତା ଯୋଜନାରେ ଦେଶର ୮୦ କୋଟି ପରିବାରକୁ ମାସିକ ବ୍ୟକ୍ତି ପିଛା ୫ କେଜି ଲେଖାଏଁ ଚାଉଳ ମାଗଣାରେ ବଣ୍ଟାଯାଉଛି। ମୋଟ ଚାଉଳ ଉତ୍ପାଦନର ଏହା ଦୁଇ-ତୃତୀୟାଂଶ। ଏହାସତ୍ତ୍ୱେ ଭାରତୀୟ ଖାଦ୍ୟ ନିଗମର ଭଣ୍ଡାରରେ ବିପୁଳ ପରିମାଣର ଚାଉଳ ପଡ଼ି ରହିଛି। ଗତ ଏପ୍ରିଲ ୧ ତାରିଖ ସୁଦ୍ଧା ନିଗମ ପାଖରେ ବଫର ଷ୍ଟକ୍(ନିର୍ଦ୍ଧାରିତ ସର୍ବାଧିକ ପରିମାଣ)ଠାରୁ ପାଞ୍ଚଗୁଣ ଅଧିକ ଚାଉଳ ଗଚ୍ଛିତ ରହିଛି। ଏହାର ଭଣ୍ଡାରଣ ଓ ରକ୍ଷାବେକ୍ଷଣ ପାଇଁ ନିଗମକୁ ଅତିରିକ୍ତ ୧୦, ୭୧୨ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ତେଣୁ ଏହି ବଳକା ଚାଉଳକୁ ଇଥାନଲ୍ ଉତ୍ପାଦନ ପାଇଁ ବ୍ୟବହାର କରି ଗୋଟିଏ ଗୁଳିରେ ଦୁଇଟି ଶିକାର କରିବାକୁ ସରକାର ଯୋଜନା କରିଛନ୍ତି। ଗୋଟିଏପକ୍ଷରେ ଅତିରିକ୍ତ ଭଣ୍ଡାରଣର ଖର୍ଚ୍ଚ କମିବ ଏବଂ ଅପରପକ୍ଷରେ ସରକାରଙ୍କ ଶୁଭଦୃଷ୍ଟିରେ ଥିବା ଶିଳ୍ପପତିମାନଙ୍କ ବ୍ୟବସାୟ ବଢ଼ିବ। ଏ ପର୍ଯ୍ୟନ୍ତ ଇଥାନଲ୍ ଉତ୍ପାଦନ କେବଳ ଘରୋଇ ଶିଳ୍ପାନୁଷ୍ଠାନ ଅଧୀନରେ ରହିଥିବାରୁ ଏଥିରେ କାହାର ଫାଇଦା ହେବ ତାହା ବୁଝାଇ କହିବା ଅନାବଶ୍ୟକ।

ଇ-ଇନ୍ଧନ ପରିବେଶ-ଅନୁକୂଳ ବୋଲି ସରକାର ଯୁକ୍ତି କରୁଥିବା ବେଳେ ଏଥିପାଇଁ ସରକାରୀ ରାଜକୋଷ କେତେ କ୍ଷତି ମୁଣ୍ଡାଇବ ତା'ଉପରେ ଥରେ ଦୃଷ୍ଟି ପକାଯାଉ। ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି)ରେ ସରକାର ଧାନ କିଣିବାର ଏକ ଅଲିଖିତ ବାଧ୍ୟବାଧକତା ରହିଆସିଛି। ଏଥିସହିତ ଭୋଟ ରାଜନୀତି ଜଡ଼ିତ ଥିବାରୁ ଧାନ କିଣା ଜଞ୍ଜାଳରୁ କୌଣସି ସରକାର ବର୍ତ୍ତି ପାରିବେ ନାହିଁ। ଅଧିକନ୍ତୁ ଓଡ଼ିଶା, ଛତିଶଗଡ଼, ତେଲଙ୍ଗାନା, ପଞ୍ଜାବ, ହରିଆଣା ଆଦି କେତେକ ରାଜ୍ୟ ଏମ୍ଏସ୍ପି ବାଦ୍ କ୍ୱିଣ୍ଟାଲ୍ ପିଛା ପ୍ରାୟ ୨୦ ରୁ ୪୦ ପ୍ରତିଶତ ଯାଏଁ ବୋନସ୍ ପ୍ରଦାନ କରିଆସୁଛନ୍ତି। ଏହାବାଦ୍ ମୁକ୍ତ ବା ରିହାତିଯୁକ୍ତ ବିଜୁଳି ଶକ୍ତି, ସର୍ବାଧିକ ବ୍ୟବହୃତ ୟୁରିଆ ଖର୍ଚ୍ଚର ୯୦% ସରକାର ବହନ କରୁଛନ୍ତି। ଦେଶରେ ସର୍ବାଧିକ ଧାନ ଚାଷ ହେଉଥିବା ପଞ୍ଜାବରେ ୨୦୨୩-୨୪ରେ ହୋଇଥିବା ଏକ ଆକଳନ ଅନୁଯାୟୀ ୧ ହେକ୍ଟର ଧାନଚାଷ ପାଇଁ ବିଜୁଳି, ଜଳସେଚନ, ସାର ଆଦିକୁ ମିଶାଇ ହାରାହାରି ୪୦ ହଜାର ଟଙ୍କା ସରକାର ପରୋକ୍ଷରେ ବହନ କରୁଛନ୍ତି।

ଏ ସବୁକୁ ମିଶାଇଲେ ମିଲରଙ୍କ ଜରିଆରେ ଚାଷୀଙ୍କଠାରୁ ୧ କେଜି ଚାଉଳ ସଂଗ୍ରହ ବା କିଣିବା ପାଇଁ ନିଗମ ୪୪ ଟଙ୍କା ଖର୍ଚ୍ଚ କରୁଛି; ଅଥଚ ଇଥାନଲ୍ ପ୍ଲାଣ୍ଟକୁ କେଜି ପିଛା ୨୩ ଟଙ୍କାରେ ଚାଉଳ ବିକ୍ରି କରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତୀୟ ଖାଦ୍ୟ ନିଗମର ୫ ନିୟୁତ ଟନ୍ ଚାଉଳ ଇଥାନଲ୍ ଉତ୍ପାଦନ ପାଇଁ ବ୍ୟବହାର ହୋଇଥିଲା। ଏଣୁ କେଜି ପିଛା ୨୧ ଟଙ୍କା କ୍ଷତିରେ ୧ ଲିଟର ଇଥାନଲ୍ ଉତ୍ପାଦନ ପାଇଁ ୩ କେଜି ଚାଉଳ ବ୍ୟବହାର କଲେ ଲାଭ କାହାର? ପୁଣି ଗୋଟିଏ କେଜି ଚାଉଳ ଉତ୍ପାଦନ ପାଇଁ ହାରାହାରି ୪ ହଜାର ଲିଟର ଜଳ ଆବଶ୍ୟକ। ହେକ୍ଟର ପିଛା ଆବଶ୍ୟକ ୨୫୦ କେଜି ରାସାୟନିକ ସାରରୁ ୫ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହୋଇ ବାୟୁ ଓ ଭୂତଳ ଜଳକୁ ପ୍ରଦୂଷିତ କରୁଛି। ୧ ହେକ୍ଟର ପିଛା ଧାନ କ୍ଷେତ ୫ ଟନ୍ ଅଙ୍ଗାରକାମ୍ଳ ଓ ଏହାର ୨୫ ଗୁଣ ମିଥେନ୍ ଗ୍ୟାସ୍ ନିର୍ଗମନ କରେ। ଏଣୁ ଇ-ଇନ୍ଧନ ପରିବେଶ ଓ ଆର୍ଥିକ ଅନୁକୂଳ ହେବ କେମିତି?

ଏକପକ୍ଷରେ ଇଥାନଲ୍ ଦ୍ୱାରା ପ୍ରତ୍ୟକ୍ଷ ପରିବେଗ ହ୍ରାସ ପାଉଥିବା ବେଳେ ପରୋକ୍ଷରେ ପ୍ରଦୂଷଣ ମଧ୍ୟ ବଢୁଛି। ଭାରତରେ ଇ-ଇନ୍ଧନ ପରୀକ୍ଷଣ ସ୍ତରରେ ରହିଥିବା ସତ୍ତ୍ୱେ ଏହାକୁ ବିଧିବଦ୍ଧ ଅନୁମୋଦନ କରିବା କେତେଦୂର ଯଥାର୍ଥ ତାହା ସୁଧୀ ପାଠକ ଚିନ୍ତା କରିବେ।

# ଚାଷ ତରତର ବଣିଜ ମଠ

ବିଦ୍ୟାଧର ମହାରଣା



ଚାଷ ତରତର, ବଣିଜ ମଠ। ଓଡ଼ିଆ କୃଷି ସଂସ୍କୃତିର ଏହି ଲୋକପ୍ରିୟ ଓ ଗୁରୁତ୍ୱପୂର୍ଣ୍ଣ ପ୍ରବାଦର ଅର୍ଥ ହେଉଛି ଚାଷ କାମ ସବୁବେଳେ ସମୟାନୁସାରେ ଓ ତତ୍ପରତାର ସହିତ କରିବା ଆବଶ୍ୟକ। ଅପରପକ୍ଷରେ ବ୍ୟବସାୟ କରିବା ବେଳେ ଧୈର୍ଯ୍ୟ, ବିଚାର ଓ ସତର୍କତା ଦରକାର। ଏହା ସମୟ ପରିଚାଳନା ଓ ସଠିକ ନିଷ୍ପତ୍ତିର ଗୁରୁତ୍ୱକୁ ଦର୍ଶାଏ, ଯାହା ଚାଷୀ ଓ ବ୍ୟବସାୟୀଙ୍କୁ ସଫଳତା ପ୍ରଦାନ କରିଥାଏ।

ଚାଷ କାର୍ଯ୍ୟ ପ୍ରକୃତି ଉପରେ ନିର୍ଭରଶୀଳ। ପାଗଯୋଗ ଠିକ୍ ନରହିଲେ ଫସଲର ଅଭିବୃଦ୍ଧି ଅନୁକୂଳ ହୋଇନଥାଏ। ପ୍ରତ୍ୟେକ ଫସଲର କେତେକ ନିର୍ଦ୍ଦିଷ୍ଟ ଅବସ୍ଥା ଥାଏ। ଯେପରିକି ଶସ୍ୟରେ ଅଙ୍କୁରୋଦଗମ, ତଳିରୁଆ, ପିଲ, ଗର୍ଭ ସଞ୍ଚାର, ଫୁଲ, ଦାନା ଗଠନ ଓ ଅମଳ ଇତ୍ୟାଦି। ଡାଲି ଓ ତୈଳବୀଜ ଫସଲରେ ବୁଣା, ବୀଜପତ୍ର, ଅଙ୍ଗୀୟ ବୃଦ୍ଧି, ପ୍ରଜନନ ଓ ଅମଳ ସ୍ଥିତି ଆଦି ଥାଏ। ପ୍ରତି ଅବସ୍ଥା ନିର୍ଦ୍ଦିଷ୍ଟ ଦିନରେ ସମାପନ ହୁଏ। ଏଥିପାଇଁ ନିର୍ଦ୍ଦିଷ୍ଟ ପରିମାଣର ଜଳ, ଉତ୍ତାପ ଓ ଆର୍ଦ୍ରତା ଆବଶ୍ୟକ ହୁଏ। ସୁତରାଂ ଚାଷୀମାନେ ଅବହେଳା ନକରି ତରତର ହୋଇ କୃଷି କର୍ମ ସମ୍ପାଦନା କରିବା ଆବଶ୍ୟକ। ଫଳରେ ଫସଲରେ ରୋଗପୋକ ଆକ୍ରମଣ କମିଥାଏ ଏବଂ ଅମଳ ବୃଦ୍ଧିପାଏ। ଏହାଛଡ଼ା କୃଷି ନିମନ୍ତେ ଜମି ପ୍ରସ୍ତୁତି, ବିହନ ବୁଣା, ରୁଆ, ଘାସ ବଛା, ସାର ଓ ଔଷଧ ପ୍ରୟୋଗ ଓ ଅମଳ ସମୟରେ ବ୍ୟତିକ୍ରମ ହେଲେ ଚାଷୀ କ୍ଷତିସହିବା ନିଶ୍ଚିତ।

ଅପରପକ୍ଷରେ ବ୍ୟବସାୟ ଏକ ଦୀର୍ଘମିଆଦୀ ପ୍ରକ୍ରିୟା। ଏଥିରେ ଅଧିକ ଅର୍ଥ ଲଗାଣ ଓ ବିଭିନ୍ନ ଅଂଶୀଦାର ଆବଶ୍ୟକ ହୋଇଥାଏ। ବ୍ୟବସାୟରେ କ୍ଷତିର ଆଶଙ୍କା ଅଧିକ ଥିବାରୁ ପ୍ରତି ପଦକ୍ଷେପକୁ ଭାବିଚିନ୍ତି ପରିଚାଳନା କରିବାକୁ ହୁଏ। ବ୍ୟବସାୟ ବା ବଣିଜ କରିବା ସମୟରେ ବଜାର ଦର, ଗ୍ରାହକଙ୍କ ଚାହିଦା, ଲାଭ-କ୍ଷତି ଆଦି ବିଷୟରେ ଚିନ୍ତା କରି ଧୀରେ ସୁସ୍ଥେ ପଦକ୍ଷେପ ନେବା ଉଚିତ। ତରବରିଆ ନିଷ୍ପତ୍ତି ବ୍ୟବସାୟରେ କ୍ଷତି ଘଟାଇପାରେ। ବ୍ୟବସାୟ କରିବା ପୂର୍ବରୁ ବିଶ୍ଳେଷଣ (ଶକ୍ତି, ଦୁର୍ବଳତା, ସୁଯୋଗ, ବିପଦ) ଭଲ ଭାବେ କରାଯିବା ଆବଶ୍ୟକ। ବ୍ୟବସାୟର ଅସଲ ଉଦ୍ଦେଶ୍ୟ ପ୍ରଥମରୁ ସ୍ଥିର ହେବା ଆବଶ୍ୟକ। ଏଥିପାଇଁ ସ୍ମାର୍ଟ ସୂଚୀ(ସଠିକ, ମାପଯୋଗ୍ୟ, ସଫଳତା, ବାସ୍ତବ ଓ ସମୟ ଅନୁଯୋଗୀ) ବ୍ୟବହାର କରାଗଲେ ଉଦ୍ଦେଶ୍ୟ ସଠିକ ହୋଇଥାଏ।

ଚଳିତ ବର୍ଷ ଓଡ଼ିଶାରେ ବର୍ଷାଋତୁ ସାଧାରଣଠାରୁ କିଛି କମ୍ ରହିପାରେ ବୋଲି ପ୍ରାରମ୍ଭିକ ଅନୁମାନ ଦେଖାଉଛି। ଭାରତୀୟ ପାଣିପାଗ ବିଭାଗଙ୍କ ଦୀର୍ଘମିଆଦୀ ପୂର୍ବାନୁମାନ ଅନୁସାରେ ୨୦୨୬ ରେ ଏଲ୍-ନିନୋ ପ୍ରଭାବରେ ଦେଶର କେତେକ ଅଞ୍ଚଳରେ କମ୍ ବର୍ଷା ହେବାର ସମ୍ଭାବନା ରହିଛି। ଓଡ଼ିଶା ମଧ୍ୟ ତାହାର ପ୍ରଭାବ ଭୋଗିପାରେ। ସାଧାରଣତଃ ଓଡ଼ିଶାରେ ଜୁନ୍ ଦ୍ୱିତୀୟ ସପ୍ତାହରୁ ମୌସୁମୀ ପ୍ରବେଶ କରେ ଏବଂ ବର୍ଷର ତେଇଶ ସପ୍ତାହ ଠାରୁ ଛୟାଳିଶ ସପ୍ତାହ ପର୍ଯ୍ୟନ୍ତ ରହେ। ଏବର୍ଷ ଉପକୂଳ ଓଡ଼ିଶାରେ ସାଧାରଣ କିମ୍ବା ଭଲ ବର୍ଷା ହୋଇପାରେ। କିନ୍ତୁ ପଶ୍ଚିମ ଓଡ଼ିଶାର କେତେକ ଜିଲ୍ଲାରେ ବର୍ଷାର ବିଚ୍ଛିନ୍ନତା ଦେଖାଯାଇପାରେ। ଏହାକୁ ବିଚାର କରି ଧାନଚାଷ ପାଇଁ ବର୍ଷା ଆଧାରିତ ଅଞ୍ଚଳରେ ଅପେକ୍ଷାକୃତ କମ୍ ଅବଧିର ବିହନ ବ୍ୟବହାର କରାଯିବା ଉଚିତ। ପାଣିପାଗ ବିଭାଗର ସାପ୍ତାହିକ ସୂଚନା ଅନୁସାରେ କୃଷି କର୍ମ କରିବା ଆବଶ୍ୟକ। କଥାରେ ଅଛି 'ହାଟୁଆ ହୁଡ଼ିଲେ ହାଟ ପାଳିଏ, ଚାଷୀ ହୁଡ଼ିଲେ ବରଷେ।'

ଏହି ପ୍ରସଙ୍ଗଟି ଉପସ୍ଥାପନ କରିବାର ଅସଲ ଉଦ୍ଦେଶ୍ୟ ହେଉଛି ସରକାର କୃଷି ଓ ଶିଳ୍ପ ତଥା ପୁଞ୍ଜି ନିବେଶ ପାଇଁ ଯେଉଁ ନିଷ୍ପତ୍ତି ଗ୍ରହଣ କରୁଛନ୍ତି ତାହା କିପରି କରାଯିବା ଆବଶ୍ୟକ ସେ ବିଷୟରେ ଗଭୀର ଚିନ୍ତା କରିବା ଆବଶ୍ୟକ। କୃଷି ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ କରାଗଲେ ନିଷ୍ପତ୍ତିଗୁଡ଼ିକ ତୁରନ୍ତ ହେବା ଆବଶ୍ୟକ। ସରକାର ଆଗତୁରା ବିହନ, ସାର ଓ ଯନ୍ତ୍ରପାତି ବିକ୍ରୟ କେନ୍ଦ୍ରଗୁଡ଼ିକରେ ଗଚ୍ଛିତ କରି ରଖିବା ଆବଶ୍ୟକ। ଅପରପକ୍ଷରେ କୃଷି ଯଦି ବ୍ୟବସାୟିକ ହିସାବରେ ବା ଉଦ୍ୟୋଗ ହିସାବରେ କରାଯାଏ, ତେବେ ଏଗୁଡ଼ିକୁ ଭାବିଚିନ୍ତି ନିଷ୍ପତ୍ତି ନେବାକୁ ହେବ। ଆବଶ୍ୟକସ୍ଥଳେ ବିଶେଷଜ୍ଞମାନଙ୍କ ପରାମର୍ଶ ଗ୍ରହଣ କରିବା ଆବଶ୍ୟକ। ସେହିପରି କୃଷି ଭିତ୍ତିଭୂମି ପାଇଁ ପୁଞ୍ଜି ନିବେଶ କରିବା ପୂର୍ବରୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରିବାକୁ ହେବ। ଉଦାହରଣ ସ୍ୱରୂପ ନୂତନ ଜଳସେଚନ ପ୍ରକଳ୍ପ ସ୍ଥାପନ ପୂର୍ବରୁ ଏହାର ବ୍ୟୟ ଅଟକଳ, ବିସ୍ଥାପନ ସମସ୍ୟା, ପ୍ରକଳ୍ପ ଦ୍ୱାରା ଲାଭକ୍ଷତି, ପରିବେଶ ସମସ୍ୟା ଓ ଅନ୍ୟାନ୍ୟ ବିକଳ୍ପ ବିଷୟରେ ଗଭୀର ଭାବରେ ଚିନ୍ତାକରି ନିଷ୍ପତ୍ତି ନେବାକୁ ହେବ।

କୃଷି କ୍ଷେତ୍ରରେ ହଠାତ୍ କୌଣସି ସମସ୍ୟା ଦେଖାଗଲେ ଏହାକୁ କାଳବିଳମ୍ବ ନକରି ସମାଧାନ କରିବାକୁ ହେବ। କାରଣ ଏଥିରେ ବିଳମ୍ବ କରିବା ଅର୍ଥ ସମସ୍ୟାକୁ ଅଧିକ ବଢ଼ାଇବା ସହ ସମାନ। ମନେକରାଯାଉ କ୍ଷେତ୍ରରେ ହଠାତ୍ ରୋଗପୋକ ଆକ୍ରମଣ ଦେଖାଗଲା। ତେବେ ଏପରି ପରିସ୍ଥିତିରେ ସମସ୍ତ ସମ୍ବଳ ଏକାଠି କରି ଏହାର ନିରାକରଣ ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ। ସେହିପରି ନିର୍ମାଣ, ଭିତ୍ତିଭୂମି ସ୍ଥାପନ ଓ ବିଭିନ୍ନ ଶିଳ୍ପୋଦ୍ୟୋଗ ପାଇଁ ପୁଞ୍ଜିନିବେଶ କରିବା ପୂର୍ବରୁ ବିଶେଷଜ୍ଞମାନଙ୍କ ପରାମର୍ଶ ଅନୁଯାୟୀ ଗଭୀର ଅନୁଧ୍ୟାନ କରି ପରିବେଶ, ଜନସାଧାରଣଙ୍କ ଉପରେ ଏଗୁଡ଼ିକର ପ୍ରଭାବ ଇତ୍ୟାଦି ଉପରେ ଅନୁଶୀଳନ କରିବା ପରେ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବା ଏବଂ ପୁଞ୍ଜିନିବେଶ କରିବା ଆବଶ୍ୟକ। କାରଣ ତରତର ହୋଇ ପ୍ରକଳ୍ପ ସ୍ଥାପନ କଲେ ବହୁ ଅସମାହିତ ସମସ୍ୟାକୁ ଏଡ଼ାଇ ଦିଆଯାଇ ପାରିବନାହିଁ। ଚାଷରେ ତତ୍ପରତା ଏବଂ ବ୍ୟବସାୟରେ ଧୈର୍ଯ୍ୟ ଅବଲମ୍ବନ କଲେ ସଫଳତା ଲାଭ କରାଯାଇପାରେ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ପଖାଳର ଅଭିସାର

ଗୌରୀ ପ୍ରସାଦ ମହାପାତ୍ର

ବିଗତ ଶତାବ୍ଦୀର ଷାଠିଏ ଦଶକର ଶେଷ ଓ ସତୁରୀ ଦଶକର ଆଦ୍ୟଭାଗରେ ତତ୍କାଳୀନ ଓଡ଼ିଶା ସରକାରଙ୍କ ପ୍ରୌଢ଼ଶିକ୍ଷା ଅଭିଯାନ ଅନ୍ତର୍ଗତ 'କାଳିଆ ବଳଦ ଗଲା ଗଲା' ପୁସ୍ତକରେ ଉପଦେଶ ଛଳରେ ଲିଖିତ 'ଚା' ଆଉ ପଖାଳ' ଗୀତଟିକୁ ଯେଉଁମାନେ ମନେ ରଖିଥିବେ ସେମାନଙ୍କ ପାଇଁ ଆଜିର 'ପଖାଳ ପାଇଁ ୨ କୋଟି ଖର୍ଚ୍ଚ' ଶୀର୍ଷକ ସମ୍ବାଦଟି ଭାବାନ୍ତର ଆଣିଥିବ। ସଂକ୍ଷେପରେ 'ଚା' ଆଉ ପଖାଳ' ଗୀତୋପଦେଶର ସାରାଂଶ ଏହିପରି -

କୌଣସି ଏକ ପରିବାରରେ ଦିନେ ସକାଳୁ ସକାଳୁ ଟେବୁଲ୍ ଉପରେ ବସିଥିବା ଚା' ଚଟାଣରେ ଥିବା ପଖାଳକୁ ଭର୍ତ୍ସନା କରିଚାଲିଛି। ଅସୂୟା ଓ ଅହଂକାରଭରା ଶବ୍ଦରେ ଚା' କହିଛି - 'ଗୁରୁତ୍ୱ ଦୃଷ୍ଟିରୁ ଓ ଉଚ୍ଚଶ୍ରେଣୀକୁ ପ୍ରତିନିଧିତ୍ୱ କରୁଥିବାରୁ ମୁଁ ସବୁବେଳେ ଟେବୁଲ୍ ଉପରେ ସମ୍ମାନିତ ସ୍ଥାନ ପାଉଛି; ମୋ ପାଖରେ ସୁନ୍ଦର ଫୁଲଦାନୀ, ଖବରକାଗଜ, ପତ୍ରିକା ଆଦି ଆଭିଜାତ୍ୟର ଉପାଦାନମାନ ରହିଛି। ଅଥଚ ମାମୁଲି ପଦବାଚ୍ୟ ହୋଇଥିବାରୁ ତୋର ସ୍ଥାନ କେବଳ ଚଟାଣ ଉପରେ।' ପ୍ରତ୍ୟୁତ୍ତରରେ ପଖାଳ ଅତି ସରଳ ଭାବରେ ନିଜର ହିତକାରୀ ଗୁଣ ଆଉ ଚା'ର ଅପକାରୀ ପ୍ରଭାବ ବଖାଣିଛି। ଶେଷରେ ପରିବାରର ସାନ ପୁଅ ଆସି ଚା' ପିଇବା ବଦଳରେ ପଖାଳ ଖାଇଛି। ଏଥିରୁ କିଏ ବଡ଼ କିଏ ଛୋଟ(ଉପକାରୀ ଓ ଅପକାରୀ) ପ୍ରମାଣିତ ହୋଇଛି।

ଏବେ ପଖାଳର ମନସ୍ତତ୍ତ୍ୱକୁ ପଢ଼ାଯାଉ। ପଖାଳ ସିନା ସେଦିନ ଚା'ଠାରୁ ତର୍କରେ ଜିତିଗଲା, କିନ୍ତୁ ତା' ମନ ଭିତରର କେଉଁ ଏକ ନିଭୃତ କୋଣରେ ନିଶ୍ଚୟ ଏକ ଅବସୋସ ରହିଯାଇଥିବ ଯେ ବିପୁଳ ପୌଷ୍ଟିକତା ଓ ହିତକାରୀ ଗୁଣ ସତ୍ତ୍ୱେ 'ଗରିବର ଖାଦ୍ୟ' ଭଳି ଅଲୋଡ଼ା ଓ ଅପରିହାର୍ଯ୍ୟ ପରିଚୟ(ଅପଖ୍ୟାତି) ଟିଏ ତା'ସହିତ ଚିରଦିନ ଯୋଡ଼ି ହୋଇଯାଇଛି। ହୁଏତ ସେଦିନ ତା'ମନରେ ମଧ୍ୟ ଟେବୁଲ୍ ଉପରେ ସ୍ଥାନ ପାଇବାର ଆକାଂକ୍ଷାଟିଏ ଜନ୍ମ ନେଇଥିବ। ଶ୍ରମଣା ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସ୍ୱାଗତ ପାଇଁ ଯେଭଳି ନିତିଦିନ ଅଗଣାକୁ ସଫା କରି ପାଣି ଛିଞ୍ଚି ଫୁଲ ବିଞ୍ଚି ଚାହିଁ ବସୁଥିଲା, ପଖାଳ ମଧ୍ୟ ସେଭଳି ଚାହିଁ ରହିଥିବ କେବେ କେଉଁ ସମ୍ଭ୍ରାନ୍ତର ହାତ ଓ ମୁଖ ତା'କୁ ସ୍ପର୍ଶ କରିବ! ପୁଣି ସେ ପାଷାଣୀ ଅହଲ୍ୟା ଭଳି ଅପେକ୍ଷା କରି ରହିଥିବ କେବେ କେଉଁ ଜଣେ ମର୍ଯ୍ୟାଦାପୁରୁଷଙ୍କ ସ୍ପର୍ଶରେ 'ଗରିବର ଖାଦ୍ୟ' ଅଭିଶାପରୁ ସେ ମୁକ୍ତ ହେବ!

ପଖାଳର ସେହି ଶ୍ରମଣା-ଅହଲ୍ୟା ସୁଲଭ ଆକାଂକ୍ଷା ଓ ଅପେକ୍ଷାର ଅନ୍ତ ଘଟିଛି ଏବଂ ସେହି ଅଭିସାରର ସ୍ୱପ୍ନ ବିଧିବଦ୍ଧ ଭାବେ ବାସ୍ତବ ରୂପ ନେଇଛି ୨୦୨୬ ମାର୍ଚ୍ଚ ୨୦ ତାରିଖରେ। ସେଦିନ ରାଜଧାନୀ ଭୁବନେଶ୍ୱରର କୌଣସି ଏକ ଆଭିଜାତ୍ୟସମ୍ପନ୍ନ ଆଡ଼ମ୍ବରପୂର୍ଣ୍ଣ ଭୋଜନାଳୟରେ ଜଣେ ଭୋଜନପ୍ରିୟ ଶାସନମୁଖ୍ୟ ଓ ତାଙ୍କ ଧନାଢ଼୍ୟ ସତୀର୍ଥମାନଙ୍କ କର ଓ ମୁଖ ସ୍ପର୍ଶରେ ପଖାଳ କେବଳ ଧନ୍ୟ ହୋଇନାହିଁ, 'ଗରିବର ଖାଦ୍ୟ' ଅପଖ୍ୟାତିରୁ ମୁକ୍ତି ପାଇଛି। ସତେଯେମିତି ସୀତାଙ୍କ ସନ୍ଧାନରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଶ୍ରମଣାର କୁଟୀରକୁ ଆସିଛନ୍ତି ଏବଂ ଅଇଁଠା କୋଳି ଖାଇ ତା'ର ଶବରୀ ଜୀବନକୁ ଧନ୍ୟ କରିଛନ୍ତି। ଶ୍ରମଣା ଓ ପଖାଳ ଭିତରେ ତଫାତ୍ କେବଳ ଏତିକି ଯେ ସେମାନଙ୍କୁ ଉଦ୍ଧରିତ କରିଥିବା ପ୍ରଭୁମାନଙ୍କର ନାମ ଯୁଗାବତାର ଅନୁଯାୟୀ ଭିନ୍ନ। ପଖାଳ ଆହୁରି ମଧ୍ୟ ଉତ୍ଫୁଲ୍ଲିତ ହୋଇଥିବ 'ଗିନିସ୍ ବୁକ୍ ଅଫ୍ ୱାଲର୍ଡ ରେକର୍ଡ'ରେ ସ୍ଥାନିତ ହେବାର ଗର୍ବ ନେଇ, ଯାହାର ସାମଗ୍ରିକ ଆୟୋଜନ ପାଇଁ ଖର୍ଚ୍ଚ ହୋଇଛି ୨ କୋଟିରୁ ଅଧିକ ଟଙ୍କା।

ଗରିବ-ଓଡ଼ିଶାର ଭାତକଂସାର ସୀମା ଭିତରେ ବାନ୍ଧି ହୋଇ ରହିଥିବା ପଖାଳର ଏ ଉତ୍ତରଣରେ ଚା' ବୋଧହୁଏ ଆଜି ମ୍ରିୟମାଣ ହୋଇଯାଇଥିବ। କାରଣ ଓଡ଼ିଶା ଭଳି ଗରିବ ରାଜ୍ୟରେ ଚା'ଭୋଜିରେ ଏତେ ଟଙ୍କା ଖର୍ଚ୍ଚ ହୋଇଥିବା କେବେ ରେକର୍ଡଭୁକ୍ତ ହୋଇନାହିଁ କି ଏଭଳି ସରକାରୀ ସ୍ୱୀକୃତି ପାଇନାହିଁ। ଜାତିସଂଘରେ ଶ୍ରୀଅନ୍ନର ସ୍ୱୀକୃତି ପାଇଥିବା ଓଡ଼ିଶାର ଆଉ ଏକ ଗରିବର ଖାଦ୍ୟ ମାଣ୍ଡିଆ ମଧ୍ୟ ପଖାଳର ଏହି ଉପଲବ୍ଧିରେ ଈର୍ଷୁକ ହୋଇଯାଇଥିବ। ପୂର୍ବ ସରକାର ଅମଳରେ ରାଜ୍ୟ ଓ ଜାତୀୟସ୍ତରରେ 'ମାଣ୍ଡିଆ ଦିବସ' ପାଳନ କରି ଏହାକୁ ବିଶ୍ୱାଦୃତ କରାଯାଇଥିଲେ ମଧ୍ୟ ଏଭଳି ବହ୍ୱାଡ଼ମ୍ବର ଓ ଖର୍ଚ୍ଚବହୁଳ ଆୟୋଜନର ଅନୁପସ୍ଥିତିରେ ମାଣ୍ଡିଆ ମନରେ ହୀନମନ୍ୟତା ଜନ୍ମ ନେଇସାରିଥିବ। ଆଜିର ଦିନରେ ଯଦି 'କାଳିଆ ବଳଦ ଗଲା ଗଲା' ଶୀର୍ଷକ ବହିଟିର ସଂଶୋଧିତ ସଂସ୍କରଣ ପ୍ରକାଶିତ ହୁଅନ୍ତା(ସାମ୍ପ୍ରତିକ ଏନ୍ସିଇଆରଟି ପାଠ୍ୟକ୍ରମ ଭଳି) ତେବେ ପଖାଳ ସେଦିନର ପ୍ରତିଦ୍ୱନ୍ଦ୍ୱୀ ଚା'କୁ ଦେଖେଇ ହୋଇ କହିବାର ସୁଯୋଗଟିଏ ପାଇଯାଆନ୍ତା।

ଉପରୋକ୍ତ ବ୍ୟଙ୍ଗ-ଶ୍ଳେଷଧର୍ମୀ ଆଲୋଚନାରୁ କିଛିସମୟ ପାଇଁ ଅବ୍ୟାହତି ନେଇ ବାସ୍ତବ ଦୁନିଆକୁ ଆସିବା। ମାର୍ଚ୍ଚ ୨୦ ତାରିଖରେ 'ପଖାଳ ଦିବସ'ର ଉତ୍ଥାନ ସହିତ ସମାଜର ବିଭିନ୍ନ ସ୍ତର ଏବଂ ଅର୍ଥନୀତିର ବିଭିନ୍ନ ବର୍ଗରେ 'ପଖାଳଖିଆ ଉତ୍ସବ'ମାନ ଗତ କିଛିବର୍ଷ ହେଲା ବିଭିନ୍ନ ସ୍ଥାନରେ ବିଭିନ୍ନ ଢଙ୍ଗରେ ଆୟୋଜନ ହୋଇଆସୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ପୂର୍ବତନ ରାଷ୍ଟ୍ରପତିଙ୍କ ପରି ମାନ୍ୟଗଣ୍ୟ ବ୍ୟକ୍ତିତ୍ୱ ମଧ୍ୟ ପଖାଳ ଖାଇଛନ୍ତି। ତେଣୁ ୨୦୨୬ ମାର୍ଚ୍ଚ ୨୦ ତାରିଖ ସେଭଳି ଅନନ୍ୟ ନଥିଲେ ମଧ୍ୟ ସରକାରୀ ସ୍ତରରେ 'ପଖାଳ ଦିବସ' ପାଳନ ପାଇଁ ଗରିବ ଓଡ଼ିଶାର ଲୋକଙ୍କ ଟିକସ ପଇସାରେ ଗଠିତ ରାଜ୍ୟ ରାଜକୋଷରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ଅଭୂତପୂର୍ବ ନିଶ୍ଚୟ। ଏହା ଓଡ଼ିଶାର ଗରିବ ବର୍ଗ ପ୍ରତି ଉପହାସ ନୁହେଁ ତ? ପୁଣି ଓଡ଼ିଆ ଜନଜୀବନର ପ୍ରାଣ ଓ ଜୀବଧନ ପଖାଳର ଉତ୍ତରଣ ପାଇଁ କୁଆଡ଼େ ଅଣଓଡ଼ିଆଙ୍କ ସାହଚାର୍ଯ୍ୟ ଏକାନ୍ତ ଅପରିହାର୍ଯ୍ୟ ଥିଲା। ତେଣୁ ସରକାରଙ୍କ 'ପଖାଳଖିଆ କାର୍ଯ୍ୟକ୍ରମ'ରେ ଦଳଦଳ ଅଣଓଡ଼ିଆ ନିମନ୍ତ୍ରିତ ହୋଇ ପଞ୍ଚତାରକା ହୋଟେଲ୍‌ରେ ଆତିଥେୟ ଲଭିଲେ। ପୁଣି ଓଡ଼ିଆ ଅସ୍ମିତାର ଅନ୍ୟତମ ପରିଚୟ ପଖାଳକୁ ରାନ୍ଧିବା ଓ ପରସିବା ଦାୟିତ୍ୱ ନେଲେ ଅଣଓଡ଼ିଆ ନାମୀଦାମୀ ରୋଷେୟାମାନେ। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାରକୁ ବିଶ୍ୱାଦୃତ କରିବା ଲକ୍ଷ୍ୟରେ ଆମେରିକା/ରୁଷ ରାଷ୍ଟ୍ରପତିଙ୍କ ଦ୍ୱାରା ରଥରେ ଛେରାପହଁରା ଦାୟିତ୍ୱ ସମର୍ପି ଦେଲା ଭଳି କଥା ଏ ହେଲା। 'ପଖାଳ ଦିବସ'ର ଏଭଳି ଖର୍ଚ୍ଚବହୁଳ ଆୟୋଜନ ଦେଖି ଏବେ ପଖାଳ ବୋଧହୁଏ କହୁଥିବ ମୁଁ ତ ଗରିବର ଖାଦ୍ୟର ଅପଯଶ ଅର୍ଜିଛି। କିନ୍ତୁ ମନ୍ତ୍ରୀ-ନେତା-ବାବୁମାନେ ମଧ୍ୟ କ'ଣ ଏତେ ଗରିବ ଯେ ନିଜ ପକେଟ୍‌ରୁ ଖର୍ଚ୍ଚ କରି ପଖାଳ ଖାଇବା ପାଇଁ ସେମାନଙ୍କ ପାଖରେ ପଇସା ନ ଥିଲା!


ପଖାଳର ଆଭିଜାତ୍ୟ-ଅଭିସାରର ସ୍ୱପ୍ନ ସାକାର ହୋଇଛି ସତ; କିନ୍ତୁ ଏବେ ଯଦି ତା'ର ମନସ୍ତତ୍ତ୍ୱ ପଢ଼ି ହୁଅନ୍ତା ତେବେ ଜଣାପଡ଼ନ୍ତା - ହୁଏତ ପୁଣି ସେ ଫେରିଯିବାକୁ ଚାହୁଁଥିବ ସେହି ପୁରୁଣା ଗାଁଗହଳିର ଚାଳଛପର ଘରକୁ, ଯେଉଁଠି ଲେଖାଯାଇଥିବ ତା' ଷଠିଘର; ଯେଉଁଠି ନ ଥିବ ଆଭିଜାତ୍ୟର ଅହଂକାର; ଥିବ କେବଳ ଅନ୍ନକୁ ବ୍ରହ୍ମ ଜ୍ଞାନ କରୁଥିବା ଅପାଠୁଆ ନିପଟ ଓଡ଼ିଆଙ୍କ ଅମୂଲ୍ୟ ଆତ୍ମୀୟତା। ପଞ୍ଚତାରକାର ଅଭିସାରିଣୀ ପଖାଳ ଏବେ କହୁଥିବ - ସେହି ପତ୍ରକୁଡ଼ିଆ ମୋ ପାଇଁ ଶତଗୁଣେ ଶ୍ରେୟସ୍କର, ଯେଉଁଠି ମାଟିଖପରାରେ ଲଙ୍କା, ଲୁଣ, ତେନ୍ତୁଳି ହେଉ ପଛେ ନିଜ କଷ୍ଟାର୍ଜିତ ପଇସାରେ ଲୋକେ ପଖାଳ ଖାଉଛନ୍ତି, ରାଜସ୍ୱ ଲୁଟି ନାହାନ୍ତି। ପଖାଳ ଆଜି ପୁଣି ଆତଙ୍କିତ ହୋଇଯାଇଥିବ ଯେ ତା'ର ଟେବୁଲ୍-ଅଭିସାରର ଖର୍ଚ୍ଚବହୁଳ ଆଡ଼ମ୍ବର ପରେ ଟିକସ-ସର୍ବସ୍ୱ ଭାରତରେ ହୁଏତ 'ପଖାଳ କର' ଓ 'ଉପକର' ଆଦି ଲାଗୁ ହୋଇ ଗରିବର ପଖାଳକଂସାକୁ ଆଉ ମହଙ୍ଗା କରିଦେବ ନାହିଁ ତ! ଯଦି ସେଭଳି କେବେ ହୁଏ ତେବେ ପଖାଳର ଅଭିସାର ଅଭିଶାପ ହୋଇଯିବ ଆଉ ତା'ର ଏହି ମହାର୍ଘ ଉପଲବ୍ଧି ତା'କୁ ପଶ୍ଚାତାପ ପାଇଁ ବାଧ୍ୟ କରିବ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ରହସ୍ୟମୟ ଶ୍ରୀଜଗନ୍ନାଥ

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

ଡଃ ସମୀର କୁମାର ନନ୍ଦ



ଭାରତରେ ଚାରିଧାମ ରହିଛି। ବଦ୍ରିନାଥ ଧାମରେ ବଦ୍ରିନାରାୟଣ, ଦ୍ୱାରିକାଧାମରେ ଦ୍ୱାରିକାଧୀଶ ଓ ରାମେଶ୍ୱରଧାମରେ ରାମେଶ୍ୱରମ ବିରାଜିତ ଓ ପୂଜିତ। କିନ୍ତୁ ପୁରୀ ଧାମରେ ସେ ନା ପୁରୀନାଥ, ନା ଓଡ଼ିଶାନାଥ, ନା ଭାରତନାଥ। ସେ ଜଗତରନାଥ ଜଗନ୍ନାଥ ନାମରେ ପରିଚିତ। ସମଗ୍ର ଜଗତର କଲ୍ୟାଣ ପାଇଁ ସେ ଜଗତକର୍ତ୍ତା, ଜଗତହର୍ତ୍ତା, ଜଗତବିଧାତା ଓ ଜଗତରକ୍ଷାକର୍ତ୍ତା। ଯେତେବେଳେ ଯିଏ ଜଗତପିତା ଓ ଜଗତମାତାଙ୍କୁ ଆରାଧନା କରେ ସେତେବେଳେ ସେ ହୋଇଯାଏ ଜଗତଜିତା। ବେଦର ଆଦିପୁରୁଷ ଜଗତର ନାଥ ଜଗନ୍ନାଥ। ତାଙ୍କର ଅନନ୍ତ ମସ୍ତକ, ଅନନ୍ତ ଚକ୍ଷୁ ଓ ଅନନ୍ତ ପାଦ। ଭୌତିକ ଓ ଆଦିଭୌତିକ ଜଗତରେ ପରିବ୍ୟାପ୍ତ ସେ ପରାତ୍ପର। ଚରାଚରର ସମସ୍ତ ଦୃଷ୍ଟ ଓ ଅଦୃଷ୍ଟ ସୃଷ୍ଟି ତାଙ୍କର ଚେତନାର ସୌନ୍ଦର୍ଯ୍ୟରେ ରସାଣିତ। ମହାଜାଗତିକ ସମସ୍ତ ପ୍ରକାଶର ଊର୍ଦ୍ଧ୍ୱରେ ସେ ସୀମାହୀନ କର୍ତ୍ତା, କାର୍ଯ୍ୟ ଓ କାରଣ। ସେ ସମସ୍ତ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର କର୍ଣ୍ଣଧାର। ସୃଷ୍ଟି ଓ ବିବର୍ତ୍ତନର ସେ ନିୟାମକ। ଯନ୍ତ୍ରଣା-ଜର୍ଜରିତ ନିଖିଳ ମାନବର ପାର୍ଥିବ ଚେତନାର ସେ ସଦାଜାଗ୍ରତ ନିୟନ୍ତା। ସେ ସମସ୍ତ ଅସ୍ତିତ୍ୱର ରହସ୍ୟ। ସେ ଶେଷହୀନ ବାସ୍ତବତା। ସେ ତଦୈକମ୍। ସେ ବିଧାତାର ବିଧାତା। ସେ ପରିଚିତ ଅପରିଚେୟ, ନାମହୀନ ସର୍ବନାମ। ମହାଜାଗତିକ ବିବର୍ତ୍ତନରେ ସେ ଦେବମୁହୂର୍ତ୍ତମାନଙ୍କର ଉତ୍ସ। ଭଗବତ ଗୀତାର ସେ ପୁରୁଷୋତ୍ତମ। ସେ ପୂର୍ଣ୍ଣ ଚେତନାର ବାସ୍ତବତା, ସ୍ଥିର ଓ ଅସ୍ଥିର। ଭଙ୍ଗୁର ଓ ଚିରନ୍ତନର ଊର୍ଦ୍ଧ୍ୱରେ ତାଙ୍କର ଗତି। ସେ ଅନତିତମ ଦୂରତା, ପୂର୍ଣ୍ଣତମ ରହସ୍ୟ।

ସେ ସମସ୍ତଙ୍କୁ ହାତ ଦେଇଦେଇ ହସ୍ତହୀନ। ଯିଏ ତାଙ୍କୁ ହସ୍ତ ପ୍ରସାରଣ କରି ଆଲିଙ୍ଗନ କରେ ସେ ହୁଏ ନିଜର। ସେ ବିଲୀନ ହୋଇଯାଏ ଅନନ୍ତ ପିଣ୍ଡମୟ ବ୍ରହ୍ମରେ। ସେ ସମସ୍ତ କାଳକୁ ଅତିକ୍ରମ କରି କାଳାଧୀଶ। ତେଣୁ ସେ ଅପଲକ ନେତ୍ର, ସେ ଅନନ୍ତ ଗତିହୀନ ଗତିଶୀଳତା। ଏଣୁ ସେ ପାଦବିହୀନ, ସ୍ଥାଣୁ, ସେ ଅକ୍ଷର, ସେ ବାଙ୍ମୟ। ଓଡ଼ିଶାର ଆଦିବାସୀ ଶବରମାନଙ୍କ ସହିତ ତାଙ୍କର ସଂଯୋଗ ମାନବିକ ବିଭୁତିର ଏକ ମହନୀୟ ଉପାଖ୍ୟାନ। ଶବରମାନେ ତାଙ୍କ ଦେବତାକୁ ବନ୍ଧୁ ଓ ଜ୍ଞାତି ହିସାବରେ ଗ୍ରହଣ କରି ନେଇଛନ୍ତି। ସେମାନଙ୍କ ଆଖିରେ ଜଗନ୍ନାଥ ମଣିଷ, ଅତିମାତ୍ରାରେ ମଣିଷ। ଯିଏ ସେମାନଙ୍କ ସହିତ ହସନ୍ତି, ଖେଳନ୍ତି ଓ ସେମାନଙ୍କ ସୁଖ-ଦୁଃଖରେ ଭାଗ ନିଅନ୍ତି।

ଶ୍ରୀଜଗନ୍ନାଥଙ୍କ ଲୀଳା ମାନବ ସ୍ୱରୂପୀ। ଶ୍ରୀଜଗନ୍ନାଥଙ୍କ ଆଦି ଓ ଅନ୍ତ କେଉଁଠି ତାହା ରହସ୍ୟାବୃତ୍ତ। ଓଡ଼ିଆଙ୍କ ଭାବମାନସରେ ସେ ମନୁଷ୍ୟ ପରି ଖାଆନ୍ତି, ଶୁଅନ୍ତି, ଧୂଳିଧୂସରିତ ହୁଅନ୍ତି। ଓଡ଼ିଆଙ୍କ ପିଠା ଓ ମିଠା ଏବଂ ମାଉସୀଙ୍କ ଘରେ ପୋଡ଼ପିଠା ମଧ୍ୟ ଖାଆନ୍ତି। ଭାବରେ ବାଇଗଣ କିଆରିରେ ଖଣ୍ଡିଆଖାବରା ହୋଇ ବୁଲନ୍ତି। ପୁଣି ବନ୍ଧୁ ବୋଲି କହି କାହାକୁ ରାତିରେ ଖାଇବାକୁ ଆଣିଦେଇ ଅତିଥି ଚର୍ଚ୍ଚା କରନ୍ତି। ଭକ୍ତଙ୍କ ସାଙ୍ଗରେ ମେଳା ମଉଛବ କରନ୍ତି। ମାନ-ଅଭିମାନ, ରାଗ-ରୁଷା ଓ ଥଟ୍ଟା-ପରିହାସରେ ନିଜକୁ ମଜାଇ ଦିଅନ୍ତି। ଆମ ପରି ପଖାଳ ଖାଆନ୍ତି। ଖାଇସାରି ପାନ ମଧ୍ୟ ଗ୍ରହଣ କରନ୍ତି। ପ୍ରାତଃରୁ ଉଠି ମୁଖ ପ୍ରକ୍ଷାଳନ, ଦନ୍ତମାର୍ଜନ, ସ୍ନାନଶୌଚ, ପୋଷାକ ପରିଧାନ କରନ୍ତି। ରାତିରେ ପହଡ଼ ପାଇଁ ଗୀତଗୋବିନ୍ଦ ଶୁଣନ୍ତି।

ଜଗନ୍ନାଥ କେବଳ ଏକ ପୂଜିତ ପ୍ରତିମୂର୍ତ୍ତି ନୁହନ୍ତି। ସେ ପୁରୁଷମାନଙ୍କ ମଧ୍ୟରେ ପୁରୁଷୋତ୍ତମ, ବେଦମାନଙ୍କ ମଧ୍ୟରେ ସାମବେଦ ଓ ଦେବତାମାନଙ୍କ ମଧ୍ୟରେ ଜଗନ୍ନାଥ।

ଦେବଗଡ଼, ମୋ: ୯୪୩୭୨୧୮୯୧୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୂର୍ବତନ ବିଧାୟକ ବିକ୍ରମଙ୍କ ପରିବାର ବର୍ଗଙ୍କୁ ଭେଟିଲେ ବିଜେଡିର ବରିଷ୍ଠ ନେତୃମଣ୍ଡଳୀ

### ବରିଷ୍ଠ ନେତା ଦେବୀ ଓ ଅତନୁଙ୍କ ସହ ସାମିଲ ହେଲେ ଚନ୍ଦ୍ରଶେଖର, ଚ୍ୟାଉପଟ୍ଟନାୟକ



ବ୍ରହ୍ମପୁର,୬।୭(ସମିସ): ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳର ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ପରିବାର ସଦସ୍ୟଙ୍କ ସହ ତାଙ୍କ ବାସଭବନରେ ସାକ୍ଷାତ ଆଲୋଚନା କରିଛନ୍ତି ବିଜେଡିର ବରିଷ୍ଠ ନେତୃମଣ୍ଡଳୀ। ରାଜନୈତିକ ଆକ୍ରୋଶର ଶୀକାର ହୋଇଥିବା ଯୁବ ନେତା ବିକ୍ରମଙ୍କ ସହିତ ଦଳ ସଦାସର୍ବଦା ରହିଛି ଏବଂ ରହିବ ମଧ୍ୟ। ଏହି ବାର୍ତ୍ତା ଦେବା ପାଇଁ ବିଜେଡିର ନେତୃମଣ୍ଡଳୀ ତାଙ୍କ ପରିବାର ସଦସ୍ୟଙ୍କ ସହ ଭେଟି ଆଶ୍ୱାସନା ଦେଇଥିବା ଜଣାପଡିଛି। ବିଜେଡିର ବରିଷ୍ଠ ରାଜ୍ୟ ଉପ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର ଓ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସଚୀ ନାୟକଙ୍କ ଦିନିକିଆ ଗଞ୍ଜାମ ଗସ୍ତ କାଳରେ ଏହି ସାକ୍ଷାତ ଆଲୋଚନା କରିଥିଲେ। ଏହି ଅବସରରେ ପୂର୍ବତନ ସାଂସଦ ତଥା ବରିଷ୍ଠ ରାଜ୍ୟ ଉପ ସଭାପତି ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରାଜ୍ୟ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ସୁବାଷ ମହାରଣା, ଯୁବ ବିଜେଡି ଜୋନ ସଭାପତି ଜ୍ୟୋତିରଂଜନ ସାହୁଙ୍କ ସମେତ ବହୁ କର୍ପୋରେଟର ଓ ପୂର୍ବତନ କର୍ପୋରେଟର ଉପସ୍ଥିତ ଥିଲେ। ରାଜ୍ୟସ୍ତରୀୟ ନେତୃବୃନ୍ଦ ବିକ୍ରମଙ୍କ ଅନୁପସ୍ଥିତିରେ ତାଙ୍କ ବୃଦ୍ଧ ବାପା ଓ ମାଆଙ୍କୁ ଭେଟି ଆଲୋଚନା କରିଥିଲେ। ପ୍ରକାଶ ଯୋଗ୍ୟ ଯେ ଆଇନଜୀବୀ ପିତବାସ ପଣ୍ଡା ହତ୍ୟା ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଗତ ଅକ୍ଟୋବର ୨୨ତାରିଖରୁ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଅଛନ୍ତି।

## ବେଆଇନ ଖଣି ଖନନ ବିରୋଧରେ ପଦକ୍ଷେପ ଜଣାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୬।୭(ସମିସ): ରାଜ୍ୟରେ ବେଆଇନ ଖଣି ଖନନ ରୋକିବା ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଏକ ବିସ୍ତୃତ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ପୁରୀ ଜିଲ୍ଲାର ପିପିଲି ତହସିଲ ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମବାସୀଙ୍କ ତରଫରୁ ଦାଖଲ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ହାଇକୋର୍ଟଙ୍କୁ ଅବଗତ କରିଥିଲେ ଯେ ବେଆଇନ ଖଣି ଖନନରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ପଦକ୍ଷେପ ଆରମ୍ଭ ହୋଇଛି ଏବଂ ସମଗ୍ର ରାଜ୍ୟରେ ବେଆଇନ ଖଣି ଖନନକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଆଇନ ଅନୁଯାୟୀ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଅନୁମତି ବିନା କୌଣସି ବ୍ୟକ୍ତିଙ୍କୁ ବେଆଇନ ଖଣି ଖନନ କରିବାକୁ କଦାପି ଅନୁମତି ଦିଆଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିବା ସହ ଓଡ଼ିଶାରେ ବେଆଇନ ଖଣି ଖନନ ରୋକିବା ପାଇଁ ଏପର୍ଯ୍ୟନ୍ତ କି ପଦକ୍ଷେପ ନିଆଯାଇଛି ଏବଂ ଆଗାମୀ ଦିନରେ କେଉଁ ସବୁ ପଦକ୍ଷେପ ଗ୍ରହଣ କରାଯିବ, ସେ ସମ୍ପର୍କରେ ତିନି ସପ୍ତାହ ମଧ୍ୟରେ ଏକ ବିସ୍ତୃତ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କୁ ପରବର୍ତ୍ତୀ ଏକ ସପ୍ତାହ ମଧ୍ୟରେ ପ୍ରତିଜବାବ ଦାଖଲ କରିବାକୁ କୁହାଯାଇଛି।

ମାମଲାରୁ ପ୍ରକାଶ ଯେ, ଗୋବର୍ଦ୍ଧନପୁର ନିକଟ ଦୟା ନଦୀରୁ କିଛି ଅସାମାଜିକ ଓ ପ୍ରଭାବଶାଳୀ ବ୍ୟକ୍ତି ବେଆଇନ ଭାବେ ବାଲି ଉତ୍ତୋଳନ ଏବଂ ପରିବହନ କରାଯାଉଥିବା ନେଇ ପ୍ରଭାବିତ ଗ୍ରାମବାସୀମାନେ ଗତ ୨୦୨୫ ଡିସେମ୍ବର୨୬ ତାରିଖରେ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଏ ନେଇ କୌଣସି ଫଳପ୍ରଦ ପଦକ୍ଷେପ ଗ୍ରହଣ କରାଯାଇନଥିଲା।


### RURAL WOMEN'S HIGHER SECONDARY SCHOOL
At /PO.: Banpur, Dist.: Khordha, PIN-752031

**Walk-in-Interview**

Wanted Contractual Teaching Faculties for PGT ENGLISH. A walk-in-interview will be held on **21.07.2026(Tuesday)at 10.30 A.M.** in the office of the undersigned. Candidate having 55% marks in concerned subject are requested to send their resume, photo copies of original certificates and their testimonials (Having B.Ed. Preference will be given first) before **21.07.2026** through our E-mail: rwc.banpur@gmail.com. and produce all original documents at the time of Interview.

**Sd/- Principal Rural Women's Higher Secondary School, Banpur**

Office of the Principal
### KANSBAHAL HIGHER SECONDARY SCHOOL LAING, SUNDARGARH
Mail-principalkblcollege@yahoo.in, Mobile No- 9439104355

**Walk-in-Interview**

A walk-in-interview for the selection of a post of Lecturer in Odia (Management Post) will be held in the office of the undersigned on 14/07/2026 at 11:00 am. Interested candidates with 50% or above mark in the concerned subject may attend the interview with their bio-data, originals and a set of xerox copies of their educational documents. No TA/DA will be given.

Principal
Kansbahal H.S School Laing
Sundargarh

GOVERNMENT OF ODISHA — 25001/659/2627
### OFFICE OF THE EXECUTIVE ENGINEER RURAL WORKS DIVISION-II, SUNDARGARH
L.I. No. 4605 Dt. 01.07.2026

**CANCELLATION OF TENDER**

The tender for the work Sl. No. 06 – Maintenance and Repair of R.I. Office-cum-Residence at Santoshpur in the Tender Call Notice Bid Identification No. Online-EERKL-15 of 2026-27 invited by the Executive Engineer, Rural Works Division-II, Sundargarh is hereby cancelled due to technical issues.

OIPR-25001/25193/1/26-27/0034 — **Executive Engineer R.W. Division-II, Sundargarh**

**AFFIDAVIT**

I, JASPAL SINGH, S/O SOHAN SINGH BHOGAL resident of At - Nua Sahi First Lane, PO/PS - Jeypore, Dist - Koraput - 764001, Odisha declare by this Affidavit No. 2994, Dated - 06/07/2026, that now onwards I shall be known as **JASPAL SINGH BHOGAL** for all future purposes.

### ପଶ୍ଚିମ ରେଳବାଇ – ରତଲାମ ମଣ୍ଡଳ
**ଇ-ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ନଂ.: SnT_RTM_W_26_15_Signal • ତାରିଖ: 02.07.2026 • କାର୍ଯ୍ୟର ନାମ: ରତଲାମ ମଣ୍ଡଳର ନାଗଦା–ଭୋପାଳ ସେକ୍ସନ୍‌ର ୯ଟି ଷ୍ଟେସନ (ଆକୋଡିଆ, ଶୁଜାଲପୁର, କାଲାପିପାଲ, ଜାବ୍ରି, ପରବତୀ, ବାକାଲ, ସେହୋର, ପଞ୍ଚାଓ୍ୱାନ ଏବଂ ବକାନିଆନ ଭାଉନ୍ରୀ) ଠାରେ ବର୍ତ୍ତମାନର PI ସିଷ୍ଟମ୍‌କୁ ନୂତନ EI ସିଷ୍ଟମ୍‌ରେ ପରିବର୍ତ୍ତନ ସହିତ ସମ୍ବନ୍ଧିତ ବାହ୍ୟ ସିଗ୍ନାଲିଂ କାର୍ଯ୍ୟ ପାଇଁ S&T ସାମଗ୍ରୀର ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ କାର୍ଯ୍ୟ। • ଟେଣ୍ଡରର ଆନୁମାନିକ ମୂଲ୍ୟ: ଟ.33,02,93,402.53/- • ବିଡ୍ ସିକ୍ୟୁରିଟି/ଅର୍ନେଷ୍ଟ ମନି: ଟ.66,05,900.00/- • ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: 31.07.2026 ତାରିଖ ଅପରାହ୍ନ 3.00 ଘଣ୍ଟା • ଟେକ୍ନିକାଲ୍ ବିଡ୍ ଖୋଲିବାର ତାରିଖ ଓ ସମୟ: 31.07.2026 ତାରିଖ ଅପରାହ୍ନ 3.30 ଘଣ୍ଟା ପରେ • କମର୍ସିଆଲ୍ ବିଡ୍ ଖୋଲିବାର ତାରିଖ ଓ ସମୟ: ଟେକ୍ନିକାଲ୍ ବିଡ୍‌ର ମୂଲ୍ୟାଙ୍କନ ପରେ ପୃଥକ ଭାବେ ସୂଚିତ କରାଯିବ। • କାର୍ଯ୍ୟ ସମାପ୍ତିର ଅବଧି: 24 ମାସ। • ଟେଣ୍ଡରିଂ ବିଭାଗର ଦାୟିତ୍ୱପ୍ରାପ୍ତ ଅଧିକାରୀ ଓ ବିଡ୍ ଖୋଲିବାର ସ୍ଥାନ: ଉପ ମୁଖ୍ୟ ସିଗ୍ନାଲ ଓ ଟେଲିକମ୍ ଇଞ୍ଜିନିୟର (କାର୍ଯ୍ୟ), ଡିଆରଏମ୍ କାର୍ଯ୍ୟାଳୟ, ରତଲାମ (ମଧ୍ୟପ୍ରଦେଶ)। ଟେଣ୍ଡରଟି www.ireps.gov.in ଇ-ଟେଣ୍ଡର ପୋର୍ଟାଲରେ ଦେଖିହେବ ଏବଂ ଅଫର୍ ସେହି ଇ-ଟେଣ୍ଡର ପୋର୍ଟାଲ ମାଧ୍ୟମରେ ହିଁ ଦାଖଲ କରିବାକୁ ପଡ଼ିବ। CRY/06/126

Like us on: facebook.com/WesternRly

**କବଲା ହଜିଛି**

ଏତଦ୍ୱାରା ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, କଟକଙ୍କ ଇଜଲାସରେ ସତ୍ୟାପନ ହୋଇଥିବା ସତ୍ୟପାଠ ପ୍ରକାରେ ମୁଁ ଅମାୟିକ ଦେବାଶିଷ ପ୍ରଭୁପାଦ ସ୍ୱାଇଁ, ପିତା- ନକୁଳ ଚରଣ ସ୍ୱାଇଁ, ସା- ଜ୍ୟୋତ୍ସ୍ନା ବିହାର, ପୋ- ଭାଣପୁର, ଥାନା- କଟକ ସଦର, ଜିଲ୍ଲା- କଟକ-୭୫୩୦୦୧ ଏହା ଘୋଷଣା କରେକି ମୁଁ ଅଟୋରିକ୍ସାରେ କଟକ ଯାତ୍ରା କରିବା ସମୟରେ ସୁକାନ୍ତି ଦାସଙ୍କ ନାମରେ ପଞ୍ଜୀକୃତ ପ୍ଲଟ୍ ନଂ୧୮୬୮/୪୨୭୧, ଖାତା ନଂ.୧୧୬୨/୩୫୪୦, ମୌଜା- ଭାଣପୁର, ଥାନା- କଟକ ସଦର, ଜିଲ୍ଲା- କଟକର ଅସଲ ବିକ୍ରି କବଲା ସଂ୧୦୩୯୧୮୦୩୦୩୭ କେଉଁଠାରେ ହଜାଇ ଦେଇଛି, ଯାହାର ଅଶେଷ ପ୍ରୟାସ ସତ୍ତ୍ୱେ ସନ୍ଧାନ ମିଳୁନାହିଁ। ଯଦି ସନ୍ଧାନ ମିଳେ, ତେବେ ଯୋଗାଯୋଗ କରନ୍ତୁ: ସୋମନାଥ ପଟ୍ଟନାୟକ- 8420011985


## ବହୁଚର୍ଚ୍ଚିତ ପିଲାଚୋର ଭିଡ଼ହିଂସା ମାମଲା

# ମୁଖ୍ୟ ଅଭିଯୁକ୍ତଙ୍କ ସହ ୨ ଗିରଫ

ବିଷମକଟକ/କଲ୍ୟାଣସିଂହପୁର, ୬।୭(ସମିସ): ବହୁଚର୍ଚ୍ଚିତ ରାୟଗଡ଼ ଜିଲ୍ଲା କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ଭିଡ଼ହିଂସା ମାମଲାର ମୁଖ୍ୟ ଅଭିଯୁକ୍ତ ଭଜରାନ ନାଇକ ସହ ରାଜେଶ ଉଲ୍ଲକାକୁ ପୁଲିସ ଗିରଫ କୋର୍ଟ ଚାଲାଣ କରିଛି। ଏଥିସହ ଗିରଫ ସଂଖ୍ୟା ୨୪କୁ ବୃଦ୍ଧି ପାଇଛି। ମୁଖ୍ୟ ଅଭିଯୁକ୍ତ ଭଜରାନଙ୍କ ଘର କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ଦୁରିପଦର ଗ୍ରାମରେ ଏବଂ

**ବିଷମକଟକ ଉପକାରାଗାରରେ ୨୪ ଅଭିଯୁକ୍ତଙ୍କ ଟିଆଇ ପ୍ୟାରେଡ**



ରାଜେଶଙ୍କ ଘର ଧାମୁଣିପଙ୍ଗା ପଞ୍ଚାୟତ କଟିକିନାଳ ଗ୍ରାମରେ। ସୋମବାର ବିଷମକଟକ ଉପକାରାଗାରରେ ପୀଡ଼ିତାଙ୍କ ଉପସ୍ଥିତିରେ ଏହି ଅଭିଯୁକ୍ତମାନଙ୍କର ଟେଷ୍ଟ ଆଇଡେଣ୍ଟିଫିକେସନ୍ (ଟିଆଇ) ପ୍ୟାରେଡ୍ କରାଯାଇଛି। ସୋମବାର ସନ୍ଧ୍ୟାରେ ବିଷମକଟକ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପୂଜା ଜୈନଙ୍କ ଉପସ୍ଥିତିରେ ଟିଆଇ ପ୍ୟାରେଡ୍ ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିଲା। ଏହି ସମୟରେ ପୀଡ଼ିତା ଘଟଣା ସମ୍ପର୍କରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ସୂଚନା ଦେଇଥିଲେ। ଘଟଣା ଦିନ ଭିଡ଼ହିଂସାରେ ସାମିଲ ଥିବା କିଛି ଅଭିଯୁକ୍ତଙ୍କୁ ପୀଡ଼ିତା ଟିଆଇ ପ୍ୟାରେଡ୍‌ରେ ଚିହ୍ନଟ କରିଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ଗତ ଜୁନ୍ ୧୬ ତାରିଖ ଫେଲୋସିପ କାର୍ଯ୍ୟରେ ଯାଉଥିବା ଦିଲ୍ଲୀ ଆଜାଦପୁର ଅଞ୍ଚଳର ସୁମନ ଝାପ ଓ ଗୁଜୁରାଟ ସୁରତର ଅର୍ପିତା ସୂତାରିଆଙ୍କୁ ପିଲାଚୋର ବୋଲି ବିଭିନ୍ନ ଗ୍ରାମରେ ଭଜରାନ ଓ ରାକେଶ ଅପପ୍ରଚାର କରିଥିଲେ। ସୁମନ ଓ ଅର୍ପିତା ଦାଣ୍ଡପଦର, ସିଲେଟ, ବଣ୍ଡେଲି, କଲ୍ୟାଣସିଂହପୁର ବ୍ଲକ ତାଡିଝୋଲା, ଧାମୁଣିପଙ୍ଗା, କଟିକିନାଳ, ଇନ୍ତାଲିଗୁଡା ଗ୍ରାମ ଦେଇ ଆସୁଥିବା ବେଳେ ସାହିନଗର ନିକଟରେ ଯୁବକ ମାନେ ସଂଘବଦ୍ଧ ଭାବେ ଉଭୟଙ୍କୁ ଆକ୍ରମଣ କରିଥିଲେ। ଯୁବତୀଙ୍କୁ ବିବସ୍ତ୍ର କରି ମାଡ଼ ମାରିବା ସହ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ସମଗ୍ର ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସୋମବାର ସନ୍ଧ୍ୟାରେ ପୀଡ଼ିତା ବିଷମକଟକ ଥାନାରେ ପହଞ୍ଚିବା ପରେ ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ଓ ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ଉପସ୍ଥିତିରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ତାଙ୍କୁ ବିଷମକଟକ ଉପକାରାଗାରକୁ ନିଆଯାଇଥିଲା। ସେଠାରେ ମାଜିଷ୍ଟ୍ରେଟଙ୍କ ତତ୍ତ୍ୱାବଧାନରେ ଟିଆଇ ପ୍ୟାରେଡ୍ ସମ୍ପନ୍ନ ହୋଇଥିଲା। ପୁଲିସର ତଦନ୍ତ ଜାରି ରହିଥିବା ବେଳେ ଏହି ଟିଆଇ ପ୍ୟାରେଡ୍ ମାମଲାର ବିଚାର ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ସାକ୍ଷ୍ୟ ଭାବେ ବିବେଚନା କରାଯାଉଛି।

## ଚନ୍ଦ୍ରିକା ମୃତ୍ୟୁ ମାମଲାରେ ଜାମିନ ପାଇଁ ହାଇକୋର୍ଟରେ ଭୀମସେନ

କଟକ,୬।୭(ସମିସ): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତ୍ୟୁ ଘଟଣାରେ ଗିରଫ ହୋଇଥିବା ତାଙ୍କର ପୁରୁଷ ବନ୍ଧୁ ଭୀମସେନ ପ୍ରସାଦ ଟୁଡୁ ହାଇକୋର୍ଟରେ ଜାମିନ ଆବେଦନ କରିଛନ୍ତି। ଗତ ଜୁଲାଇ ୧ରେ କଟକ ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଶ୍ରୀ ଟୁଡୁଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ। ଏହି ନିର୍ଦ୍ଦେଶ ବିରୋଧରେ ସେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶଥାଉକି ଚନ୍ଦ୍ରିକାଙ୍କ ମୃତଦେହ କାଠଯୋଡ଼ି କୂଳରୁ ମିଳିବା ପରେ ଗତ ଜୁନ ୪ରେ ବାରଙ୍ଗ ଥାନାରେ ଚନ୍ଦ୍ରିକାଙ୍କ ପରିବାର ତରଫରୁ ଏତଲା ଦିଆଯାଇଥିଲା। ବାରଙ୍ଗ ଥାନା ପୁଲିସ ମାମଲା ରୁଜୁ କରିବା ସହିତ ଅଭିଯୋଗ ଆଧାରରେ ଜୁନ ୧୩ରେ ଶ୍ରୀ ଟୁଡୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ହେବା ପରେ ଗତ ଜୁନ ୨୭ରେ ଶ୍ରୀ ଟୁଡୁଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରାଯାଇଥିଲା। ସେ ଓଡ଼ିଶା ଟାକ୍ସେସନ ଓ ଆକାଉଣ୍ଟସ ସର୍ଭିସର ଅଧିକାରୀ ଭାବେ ନିଯୁକ୍ତି ପାଇ କାର୍ଯ୍ୟରତ ଥିଲେ।


### ODISHA MINING ADARSHA VIDYALAYA
At- Phulbad, PO-Umuri, Jeypore, Dist-Koraput (Odisha) -764002
(An English Medium Secondary School under Ministry of S & M E,
Govt. of Odisha, Sponsored by Odisha Mining Corporation)
Phone: 7978897651 | E-mail: principalomavjeypore@gmail.com

**SHORT TENDER CALL NOTICE No. 01/26**

Sealed tenders are invited from registered firms having GST number and Tax Clearance for the supply of Grocery Items, Daily Use Toiletries, Perishable Items, Students' TLM, School Uniforms and Sports Items. The completed tender documents must reach The Principal, Odisha Mining Adarsha Vidyalaya, AT-Phulbad, PO-Umuri, Dist-Koraput, PIN-764002 by Registered/Speed Post on or before **15 July 2026 at 5.00 P.M.** The envelope should be superscribed "**TENDER SUBMITTED FOR ........ ITEM.**" The tender paper for each item along with the terms and conditions may be downloaded from the school website: https://oav.edu.in/OMAVRAY. The tenders will be opened in the presence of the tenderers or their duly authorised representatives at **11.00 A.M. on 17 July 2026.** The Principal, Odisha Mining Adarsha Vidyalaya, Jeypore, reserves the sole right to reject any or all tenders without assigning any reason and may also change the date of opening of the tender through notification on the above-mentioned website. Tenderers should not submit more than one item in a single envelope. Separate envelopes must be submitted for each item for which the tenderer wishes to apply.

**Sd/-Principal, OMAV, Jeypore**

### TPWODL
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. **TPWODL/SD/O/SER/ 2500001236: Rate Contract for General Civil Works.**
2. **TPWODL/AK/O/SU/ 2500001237: Rate Contract for MCCB With enclosure of various ratings.**
3. **TPWODL/VP/O/SU/2500001233: Rate Contract for supply of Earthing Coil and Earthing Pipe.**
4. **TPWODL/SA/O/SITC/2500001232: Supply, Installation, Testing and Commissioning of 11 KV & 33KV Single circuit towers at river crossing locations under ODSSP-IV**

Interested bidders to submit Tender Participation Fee and Authorization Letter through email before **18th July 2026, 15:00 Hrs.** for **SL. NO. 1,3 &4** and on and **before 14th July 2026** for **SL. No. 2** after which link from e-Tender system shall be shared.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Chief-TS, Contracts & Stores**

GOVT. OF ODISHA — 25001/661/2627
### OFFICE OF THE SUPERINTENDING ENGINEER RURAL WORKS DIVISION, ANANDAPUR
E-Mail: eerw_anandapur@yahoo.co.in
No. 5051 Date: 03.07.2026

**2nd Corrigendum Notice**

Under unavoidable circumstances, online availability of tender for **Annual Maintenance Plan of Rural Roads under Administrative Expenditure** of the tender invited vide **e-Procurement Notice No. 3998 dated 10.06.2026 & 1st Corrigendum Notice No. 4560 dated 25.06.2026 / Bid Identification No. NCB-Online 09/EE/RW/AND/2026-27** of the Executive Engineer, Rural Works Division, Anandapur is hereby rescheduled as below.

| Procurement Officer | Bid Identification No. | Availability of Tender Online for bidding | | Last Date & Time of Seeking Tender Clarification | Date & Time of Opening of Tender in: O/o the S. E.R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division, Anandapur | NCB-Online 09/EE/RW/AND /2026-27 | 17.07.2026 at 10.00 A.M. | 27.07.2026 up to 5.00 P.M. | 24.07.2026 up to 5.00 P.M. | 28.07.2026 at 11.30 A.M. in the |

All other contents remain unchanged.

OIPR-25001/25055/1/26-27/0012 — Sd/- Superintending Engineer R.W. Division, Anandapur

GOVERNMENT OF ODISHA — 25001/654/2627
### OFFICE OF THE EXECUTIVE ENGINEER RURAL WORKS DIVISION-II, SUNDARGARH
L.I. No. 4678 / Dt. 04.07.2026

1st Corrigendum to Bid Identification No. Online – EERKL-16/2026-27

Due to some unavoidable circumstances in respect of the tender for Building Works invited in Tender Call Notice **Bid Identification No. Online – EERKL-16/2026-27** by the Executive Engineer, Rural Works Division-II, Sundargarh, the date of online bidding and opening of the tender, which was scheduled from **30.06.2026 to 07.07.2026**, is hereby extended as follows:

| Availability of Tender Online for Bidding | | Last Date & Time of Seeking Tender Clarification | Date & Time of Opening of Tender (Technical Bid) |
|---|---|---|---|
| From: | To | | Online-EERKL-16/2026-27 |
| 06.07.2026 at 10.00 A.M. | 14.07.2026 up to 5.00 P.M. | 13.07.2026 up to 5.00 P.M. | 15.07.2026 at 11.00 A.M. |

Executive Engineer R.W. Division-II, Sundargarh

OIPR-25001/25193/1/26-27/0033

25001/663/2627 — E.Mail – rw_sundargarh@yahoo.co.in, Ph – 06622-272280 (off)
### OFFICE OF THE SUPERINTENDING ENGINEER RURAL WORKS DIVISION: SUNDARGARH
**1st Corrigendum to Bid Identification No Online-SESNG-07 of 2026-27**

In continuation to this office bid Identification No: Online-SESNG-07 of 2026-27 invited vide this office notice no. 4445 dt. 18.06.2026 is partially modified for the work TCN has been made as follows:-

| Sl No. | | Time Schedule as per original TCN | Time Schedule as per 1st Corrigendum Notice |
|---|---|---|---|
| 1 | Availability of tender online for bidding | 29.06.2026 at 11.00 A.M to 09.07.2026 up to 06.00 P.M | Extended up to 15.07.2026 up to 5.00 P.M |
| 2 | Last date of seeking clarification | 08.07.2026 at 11.00 A.M | Extended up to 14.07.2026 up to 11.00 A.M |
| 3 | Date of Opening of Tender | 10.07.2026 at 10.00 A.M | Extended up to 15.07.2026 at 05.10 P.M |

All other terms & conditions remain unchanged.

OIPR-25001/25046/1/26-27/0011 — Superitending Engineer R.W. Division, Sundargarh

### OFFICE OF THE PRINCIPAL SINDHA DEVI HIGHER SECONDARY SCHOOL, NANDAPUR
DIST.- KORAPUT, PIN: -764037
PH. NO.: 06868-273554, MOB.: 08763240445, Email: sdm.ndp@gmail.com
Letter No. 242/SDHSS/2026 Date: 06.07.2026

**ADVERTISEMENT**

Application with Bio-Data is invited from interested candidates along with relevant certificates and a passport size recent coloured photo by registered/speed post/in person for appointment for the academic session **2026-27**. Age as per the Govt. of Odisha norms. The last date of receipt of application is **Dt. 21.07.2026**. Applications received after the last date of application shall be summarily rejected. The candidates are requested to remain present at **11.00 A.M. on 29.07.2026** at **SDHSS, Nandapur, Dist.-Koraput** along with all the original certificates for verification & interview. **No TA/DA will be paid for attending the interview.**

| Post | Essential Qualification | Consolidated Remuneration per month |
|---|---|---|
| Guest Faculty in Odia, History and Commerce | Master's Degree in the subject concerned with at least **55% marks** or equivalent Grade. | Rs. 13,500/- (Thirteen Thousand Five Hundred) |
| Assistant Librarian (Contractual) | Graduation in Arts/Commerce/Science with Bachelor Degree in Library and Information Science. | Rs. 11,000/- (Eleven Thousand) |

**Principal-cum-Secretary**
Sindha Devi Higher Secondary School
Nandapur, Dist. Koraput
Odisha, Pin - 764037

8001/187/2627
### ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ,ବାମରା ବନ୍ୟପ୍ରାଣୀ ବନଖଣ୍ଡ
### OFFICE OF THE DIVISIONAL FOREST OFFICER: BAMRA WILDLIFE DIVISION
**AT/PO:** Bamra, **Dist:** Sambalpur, Odisha – 768221
**Mob. No.:** 9437960711
**E-mail ID:** dfo.bamrawl@odisha.gov.in
**EoI No. 04 Dated: 06.07.2026**

**INVITATION FOR EXPRESSION OF INTEREST (EoI)**

For engagement of scientific consultant NGO / Non-profit Organization / Agency for preparation of Zonal Master Plan of Eco Sensitive Zone (ESZ) around Khalasuni and Badrama Wildlife Sanctuaries under Bamra Wildlife Division.

The Divisional Forest Officer, Bamra Wildlife Division, Bamra, Sambalpur invites applications from NGOs / Non-profit organizations / agencies for preparation of the Zonal Master Plan of Eco Sensitive Zone (ESZ) of Khalasuni and Badrama Wildlife Sanctuaries.

NGOs / Non-profit organizations / Agencies fulfilling the eligibility requirements may submit their applications to the Divisional Forest Officer, Bamra Wildlife Division, Bamra, Sambalpur, latest by 05.00 P.M. on 30.07.2026, as per the EoI document.

The Technical Bids shall be opened on 31.07.2026 at 11.00 A.M. The detailed EoI is available on the following websites: www.sambalpur.odisha.gov.in, www.odishaforest.in

OIPR-8001/8144/1/26-27/0004 — Divisional Forest Officer Bamra Wildlife Division

32001/503/2627
### OFFICE OF THE SUPERINTENDING ENGINEER EARTH DAM DIVISION, CHITRAKONDA DISTRICT: MALKANGIRI
**E-mail ID:** executiveengineereddckd@gmail.com
**e-Procurement Notice No. SE-EDD-CKD-03/2026-27**

1. **Type of Works:** River Bank Flood Protection Work
2. **Total No. of Works:** One (01) No.
3. **Estimated Cost:** Rs. 98.63 Lakh
4. **Period of Completion:** Six (6) Calendar Months
5. **Class of Contractor:** 'B' Class

| Procurement Officer | Bid Identification No. | Availability & Submission of Bids online | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Earth Dam Division, Chitrakonda | SE-EDD-CKD-03(1)/2026-27 | 10.07.2026 at 10.00 A.M. | 24.07.2026 up to 5.00 P.M. |

**Date of Opening of Tender/Bid: 27.07.2026 at 10.30 A.M.** in the office of the **Superintending Engineer, Earth Dam Division, Chitrakonda.**

**Further details can be seen from the Government Website:** www.tendersodisha.gov.in

(Er. K. C. Sheti)
Superintending Engineer

OIPR-32001/32019/1/26-27/0005 — Earth Dam Division, Chitrakonda, Malkangiri (Odisha)

**AFFIDAVIT**

By virtue of an affidavit sworn before the Notary Public, Rayagada, No. 7147 dated 06.07.2026, I, Kamala Kanta Dandasena, S/o- Nalini Ranjan Dandasena, At-Paiko Street, Kashipur, PO/PS-Kashipur, Dist-Rayagada, Odisha-765015, declare that my father's name is wrongly recorded as Nalini Dandasena instead of Nalini Ranjan Dandasena in my Passport. Henceforth, my father shall be known as **Nalini Ranjan Dandasena** for all purposes.

**AFFIDAVIT**

I, Sandhyarani Dash, D/o. Late Umesh Chandra Dash, W/o. Manas Ranjan Mahapatra, resident of at 40/B, BDA HIG Duplex, Baramunda, Bhubaneswar, Ps- Bharatpur, Dist-Khurda, Odisha, hereby declare that, I have changed my name from **Sandhyarani Dash to Sandhyarani Mahapatra** is one and same person for all purpose, by way of vide affidavit No.20/ 18.02.2026 at Executive Magistrate Bhubaneswar.

**AFFIDAVIT**

By Virtue of an Affidavit before the Executive Magistrate, Bhadrak, vide Affidavit No.-7949, on dt. 03.07.2026, I Sk. Hedatulla, aged 50 years, S/o Sk. Baraktulla, At-Bankamohalla, P.O./P.S.-Purunabazar, Dist- Bhadrak, Odisha, on behalf of my minor son SK. MAHEMOOD, in his Birth Certificate but wrongly it has been mentioned as SK. MAHIUDDIN in Aadhaar Card bearing No. 3205 2157 8158. SK. MAHEMOOD & SK. MAHIUDDIN is one and same. This Affidavit is for Aadhaar Correction.

**AFFIDAVIT**

By virtue of an affidavit sworn before Notary Public: Bargarh vide no.386 dtd.04.07.2026, I, Sabnam Khatun, W/o- Mohammad Jilani, D/o- Resau Chandra Behera, resident of At- Barahaguda Canal, Po.- Barahaguda, Ps.- Rural, Dist.- Bargarh state that, my father's original name is **Resau Chandra Behera** but in my Pass Port I.D.Card bearing no. L3220083 my father's name has been wrongly mentioned as Keshab Behera, whereas in my Voter's ID no. ACU1622745 my father's name reflected as Subal Sahu. That **Resau Chandra Behera, Keshab Behera** and **Subal Sahu** belongs to same and one person.

**AFFIDAVIT**

By virtue of an affidavit CF No. 46, dtd- 02.07.2026 sworn before The Executive Magistrate, Bhubaneswar. I, **Manas Kumar Mallik,** S/o Late Bira Kishore Mallik, resident of AT/PO-Khujenpali, PS: Balangir, Odisha, PIN: 767002 have changed my name & my wife name from (**M.K. Mallik** to **Manas Kumar Mallik**) & (**Janki Mallik** to **Janaki Mallik**) in my daughter's (**Arpita Mallik**) birth certificate vide Regd. No. 137, dtd- 28.02.2009.

### ଲକ୍ଷ୍ୟଠୁ ବହୁ ଦୂରରେ ଗାଁ କଲ୍ୟାଣ ସମିତି

# କାଗଜ କଲମରେ ସଫେଇ; ଚାରିଆଡ଼େ କୁଢ଼ କୁଢ଼ ଆବର୍ଜନା

ବଡ଼ସାହି, ୬।୭ (ସମିସ): ସୁସ୍ଥ ସମାଜ ଗଠନ କରିବାକୁ ହେଲେ ସ୍ୱଚ୍ଛ ପରିବେଶର ଆବଶ୍ୟକତା ରହିଛି। ନିଜକୁ ସୁସ୍ଥ ରଖିବାକୁ ହେଲେ ପରିବେଶ ପରିଷ୍କାର ପରିଚ୍ଛନ ରଖିବାକୁ ହେବ। ସେଥିପାଇଁ କେନ୍ଦ୍ର ସରକାର ଦେଶ ବ୍ୟାପୀ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଏପରିକି ପ୍ରତି ଗ୍ରାମରେ ଏହି କାର୍ଯ୍ୟକ୍ରମ ଦେଖିବାକୁ ମିଳୁଛି। ଏଥିପାଇଁ ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ପ୍ରତି ଗ୍ରାମରେ ୨୦୦୮-୦୯ରୁ ଗଠନ



କରାଯାଇଛି ଗାଁ କଲ୍ୟାଣ ସମିତି। ଗାଁର ବିଭିନ୍ନ ସମସ୍ୟା ଚିହ୍ନଟ କରି ତାହାର ସମାଧାନ ପାଇଁ ଯୋଜନା ପ୍ରସ୍ତୁତ କରିବା ସହ ପ୍ରତିକାର ବ୍ୟବସ୍ଥା, ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ବିଭିନ୍ନ ସଂକ୍ରାମକ ରୋଗରୁ ଦୂରେଇ ରଖିବା ପାଇଁ ସଚେତନ କରିବା ତଥା ମାଆ ଓ ଶିଶୁ, କିଶୋରୀଙ୍କ ସ୍ୱାସ୍ଥ୍ୟ ତଥା ଅସହାୟ ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମଙ୍କୁ ସାହାର୍ଯ୍ୟ ଆଦି ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟ କରିବା ଏହି ସମିତିର ମୂଳ ଲକ୍ଷ୍ୟ। ଏଥିପାଇଁ ପ୍ରତି ଗ୍ରାମର ସଭାପତି, ୱାର୍ଡ ମେମ୍ବର, ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ଏସିଏମ ଓ ଗ୍ରାମର ବିଭିନ୍ନ ବିଭାଗର ଦଶଜଣ ସଦସ୍ୟଙ୍କୁ ନେଇ ଗାଁ କଲ୍ୟାଣ ସମିତି ଗଠନ କରାଯାଇଛି। ସରକାର ପ୍ରତ୍ୟେକ ସମିତିକୁ ବାର୍ଷିକ ୧୦ ହଜାର ଟଙ୍କାର ଅନୁଦାନ ଦେଉଛନ୍ତି। ବଡ଼ସାହି ବ୍ଲକର ୨୨୪ଟି ରାଜସ୍ୱ ଗ୍ରାମ ମଧ୍ୟରୁ ୨୧୮ଟି ଗ୍ରାମକୁ ବାର୍ଷିକ ୧୦ ହଜାର ଟଙ୍କା ଅନୁଦାନ ପ୍ରଦାନ କରାଯାଉଛି। ମାତ୍ର ଏହି ଯୋଜନା ଠିକ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ବିଭିନ୍ନ ସ୍ଥାନରେ କୁଢକୁଢ ଆବର୍ଜନା ଓ ଅନାବନା ଗଛ ପରିବେଶକୁ ଦୂଷିତ କରୁଛି। ଗାଁ କଲ୍ୟାଣ ସମିତି ପକ୍ଷରୁ ଡ୍ରେନ ଓ ଡଷ୍ଟବିନ ଭର୍ତ୍ତି ହୋଇଗଲେ ସଫା କରିବା ପାଇଁ ପଦକ୍ଷେପ ନିଆଯାଉନାହିଁ।

ସେହିପରି ବ୍ଲକ ପକ୍ଷରୁ ନିର୍ମାଣ କରାଯାଇଥିବା ସେଗ୍ରିଗେସନ ସେଡ୍ କାମରେ ଲାଗୁ ନ ଥିବାବେଳେ ଲିଜ୍ ପିଟ ଓ ସଟ୍ ପିଟ୍ ଆଦୌ ସଫା ହେଉନାହିଁ। ବଡ଼ସାହି ବ୍ଲକରେ ଏହା କେବଳ କାଣ୍ଡ ଓ କାଗଜ କଲମରେ ଏହି ଯୋଜନାର ସଫଳ ରୂପାୟନ କରାଯାଉଥିବାବେଳେ ମୂଳ ଲକ୍ଷ୍ୟଠୁ ଏହା ବହୁ ଦୂରରେ ବୋଲି ମତ ପ୍ରକାଶ ପାଉଛି। ପ୍ରତ୍ୟେକ ସମିତିକୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଉଥିବାବେଳେ ଏହାର ସାମାନ୍ୟତମ ପ୍ରଭାବ ମଧ୍ୟ ପଡୁ ନ ଥିବା ଅଭିଯୋଗ ହୋଇଛି। ବର୍ଷାଦିନ ପାଇଁ ଏହି ସମସ୍ୟା ଦ୍ୱିଗୁଣିତ ହୋଇଛି।



ଆବର୍ଜନା ପଚିସଢ଼ି ଗନ୍ଧ ହେଉଥିବାବେଳେ ମଶା, ମାଛିଙ୍କ ପାର୍ଦୁଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ବଡ଼ ବଡ଼ ରାଜସ୍ୱ ଗ୍ରାମ ପାଇଁ ମଧ୍ୟ ଏହି ଅନୁଦାନ ନିଅଣ୍ଟ ହେଉଥିବା ଜଣାଯାଇଛି। ପଞ୍ଚାୟତଗୁଡ଼ିକୁ ମଧ୍ୟ ସଫେଇ ବାବଦରେ ଅନୁଦାନ ମିଳୁଥିବାବେଳେ ତାହା କେବେଳ ବାଟମାରଣାରେ ଯାଉଥିବା ଅଭିଯୋଗ ହୋଇଛି। ଗାଁ କଲ୍ୟାଣ ସମିତିର ନିୟମାବଳୀ ଅନୁଯାୟୀ ଗୋଟିଏ ସମିତି ଗଠନ ପରେ ପ୍ରତି ମାସରେ ବୈଠକ ବସି ଗ୍ରାମର ଜନହିତକର କାର୍ଯ୍ୟର ଆଲୋଚନା କରାଯାଇ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ। ଡେଙ୍ଗୁ, ମ୍ୟାଲେରିଆ, ଝାଡ଼ାବାନ୍ତି ଆଦି ରୋଗର ନିରାକରଣ ନିମନ୍ତେ ଗ୍ରାମ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଏହାର ଉଦ୍ଦେଶ୍ୟ।

ସେହିପରି କୂଅ, ନଳକୂଅ, ପୋଖରୀ ଆଦି ସଫା କରିବା ସହ ବର୍ଷକୁ ଅନ୍ତତଃପକ୍ଷେ ପାଲା ଓ ଦାସକାଠିଆ ମାଧ୍ୟମରେ ଲୋକଙ୍କୁ ସଚେତନ କରିବା କାର୍ଯ୍ୟକ୍ରମ କମିଟି ହାତକୁ ନେବା ଦରକାର। ଏସବୁ କାର୍ଯ୍ୟକ୍ରମ ପାଇଁ ଖର୍ଚ୍ଚର ଆବଶ୍ୟକତା ପଡ଼ିଲେ ସମସ୍ତ ସଭ୍ୟ ଆଲୋଚନା କରି ଏହି ଅର୍ଥ ଜମା ଖାତାରୁ ଉଠାଇପାରିବେ। ଯାହାକି ମୋଟ ଅନୁଦାନର ୨୫ ପ୍ରତିଶତ ଏକକାଳୀନ ଉଠାଇବାର ନିୟମ ରହିଛି। କିନ୍ତୁ ବଡସାହି ବ୍ଲକରେ ସମସ୍ତ ଗାଁ କଲ୍ୟାଣ ସମିତି ଏସବୁ ଟଙ୍କା ଠିକ ବାଟରେ ଖର୍ଚ୍ଚ କରୁଥିବା କାଗଜପତ୍ରରେ ଦର୍ଶାଇଥିବାବେଳେ କିଛି ଗ୍ରାମରେ ଏହି କାର୍ଯ୍ୟକ୍ରମ ଆଦୌ କରାଯାଉ ନ ଥିବା ଜଣାଯାଇଛି। ତେଣୁ ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲାପାଳ ଦୃଷ୍ଟି ଦେବା ସହ ଏହାର ସଫଳ ରୂପାୟନ ନିମନ୍ତେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ନୟାବସନ୍ତପୁର ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ ପକ୍ଷରୁ ଚାରାରୋପଣ



ବୈଶିଙ୍ଗା, ୬।୭ (ସମିସ) ପରିବେଶର ସନ୍ତୁଳନ ରକ୍ଷା ଓ ଜୀବଜଗତର ଅସ୍ତିତ୍ୱକୁ ସୁରକ୍ଷିତ ରଖିବା ପାଇଁ ବ୍ୟାପକ ବନୀକରଣର କୌଣସି ବିକଳ୍ପ ନାହିଁ। ଏହି ମହାନ ବାର୍ତ୍ତାକୁ ସମାଜରେ ପହଞ୍ଚାଇବା ଉଦ୍ଦେଶ୍ୟରେ ନୟାବସନ୍ତପୁର ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ ପକ୍ଷରୁ ବୃହତ୍ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅଭିଯାନରେ ପ୍ରାୟ ୪୦ ହଜାର ଚାରା ରୋପଣ କରାଯାଇ ପରିବେଶ ସୁରକ୍ଷା ପ୍ରତି ଏକ ଦୃଢ଼ ସଂକଳ୍ପର ପରିଚୟ ଦିଆଯାଇଥିଲା। ବଡ଼ସାହି ବିଧାୟକ ସନାତନ ବିଜୁଳି ବୃକ୍ଷ ପୂଜନ କରି ଚାରାରୋପଣ କାର୍ଯ୍ୟର ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ, ବୃକ୍ଷ ହେଉଛି ଜୀବନର ଆଧାର। ଜଳବାୟୁ ପରିବର୍ତ୍ତନ, ବୈଶ୍ୱିକ ଉଷ୍ଣତା ଓ ପରିବେଶ ପ୍ରଦୂଷଣ ଭଳି ସମସ୍ୟାର ମୁକାବିଲା ପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ସହ ତାହାର ସୁରକ୍ଷା କରିବା ମଧ୍ୟ ସମସ୍ତଙ୍କର ଦାୟିତ୍ୱ। ଏ ଅବସରରେ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ (ଏସପି), ଆରସିସିଏଫ ଓ ଡିଏଫଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବନ ସଂରକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେମାନେ କହିଥିଲେ ଯେ, ଗଛ କେବଳ ଅମ୍ଳଜାନ ଯୋଗାଇ ନ ଥାଏ, ବରଂ ଜୈବ ବିବିଧତାର ସୁରକ୍ଷା, ବର୍ଷାପାତର ସନ୍ତୁଳନ, ପ୍ରାକୃତିକ ପରିବେଶକୁ ସୁସ୍ଥ ରଖିବାରେ ମଧ୍ୟ ଅତୁଳନୀୟ ଭୂମିକା ଗ୍ରହଣ କରିଥାଏ। ଏହି ବୃହତ୍ କାର୍ଯ୍ୟକ୍ରମରେ ବୈଶିଙ୍ଗା ରାଇକମା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ଜାତୀୟ ସବୁଜ ବାହିନୀର ସଦସ୍ୟସଦସ୍ୟା ବନ ବିଭାଗକୁ ସହଯୋଗର ହାତ ବଢ଼ାଇ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସଂଗଠନର ସଦସ୍ୟ ଚାରାରୋପଣ କରିବା ସହ ସାଧାରଣ ଲୋକଙ୍କୁ ବୃକ୍ଷରୋପଣ ଓ ବୃକ୍ଷ ସୁରକ୍ଷା ପାଇଁ ସଚେତନ କରିଥିଲେ। ବନ ବିଭାଗ ମଧ୍ୟ ସଂଗଠନର ଏହି ସହଯୋଗକୁ ପ୍ରଶଂସା କରିଥିଲା। କାର୍ଯ୍ୟକ୍ରମରେ ବନ ବିଭାଗ ଅଧିକାରୀ, କର୍ମଚାରୀ, ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟ, ସ୍ଥାନୀୟ ଜନପ୍ରତିନିଧି, ଛାତ୍ରଛାତ୍ରୀ ଓ ଶତାଧିକ ସ୍ୱେଚ୍ଛାସେବୀ ଯୋଗଦେଇ ଚାରାରୋପଣ କରିଥିଲେ। ସମସ୍ତଙ୍କର ସମ୍ମିଳିତ ଉଦ୍ୟମରେ ନୟାବସନ୍ତପୁର ସଂରକ୍ଷିତ ଜଙ୍ଗଲକୁ ଅଧିକ ସବୁଜ ଓ ସମୃଦ୍ଧ କରିବାର ସଂକଳ୍ପ ନିଆଯାଇଥିଲା।

## ଭଞ୍ଜସେନାର ମଶାଲ ଶୋଭାଯାତ୍ରା



କରଞ୍ଜିଆ, ୬।୭ (ସମିସ): ମୟୂରଭଞ୍ଜ ଜିଲ୍ଲାରୁ ଦାଦନ ସମସ୍ୟାର ଦୂରୀକରଣ, ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ଓ ପର୍ଯ୍ୟଟନ ଶିଳ୍ପ ସହ ପ୍ରାକୃତିକ ସମ୍ପଦର ସୁବିନିଯୋଗ ମାଧ୍ୟମରେ ଜିଲ୍ଲାବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ଭଞ୍ଜସେନା ପକ୍ଷରୁ ଜିଲ୍ଲାବ୍ୟାପୀ ମଶାଲ ଶୋଭାଯାତ୍ରା ଜାରି ରହିଛି। ଦାଦନ ହଟିବ, ମୟୂରଭଞ୍ଜ ହସିବ ସ୍ଲୋଗାନକୁ ନେଇ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ରବିବାର କରଞ୍ଜିଆ ମ୍ୟୁନିସିପାଲିଟି ମୁଖ୍ୟ ବଜାରରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ଜୁନ୍ ୧୭ରୁ ଜୁଲାଇ ୧୨ ତାରିଖ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବ୍ଲକ, ମ୍ୟୁନିସିପାଲିଟି ଓ ଏନ୍‌ଏସି ଅଞ୍ଚଳରେ ପର୍ଯ୍ୟାୟକ୍ରମେ ଏହି ମଶାଲ ଶୋଭାଯାତ୍ରା ଆୟୋଜନ କରାଯାଉଛି। ଏହି ଅଭିଯାନର ଶୁଭାରମ୍ଭ ମୟୂରଭଞ୍ଜର ଅଧିଷ୍ଠାତ୍ରୀ ଦେବୀ ଖିଚିଂସ୍ଥ ମା' କିଚକେଶ୍ୱରୀଙ୍କ ପୀଠରୁ କରାଯାଇଥିଲା। କରଞ୍ଜିଆରେ ଆୟୋଜିତ ଏହି ଶୋଭାଯାତ୍ରାରେ ବରିଷ୍ଠ ସମାଜସେବୀ ଚନ୍ଦ୍ରକୁମାର ଶ୍ୟାମଳେନ୍ଦୁ ଦାସ, ଯଶିପୁର ବ୍ଲକ ସଭାପତି ରୁକ୍ମିଣୀ ନାୟକ, ଜିଲ୍ଲା ଉପାଧ୍ୟକ୍ଷ ଦକ୍ଷିଣା ମହାନ୍ତ, ପାଞ୍ଚପୀଢ଼ ଉପଖଣ୍ଡ ସଭାପତି ମାଇକେଲ ମହାନ୍ତ, ଜିଲ୍ଲା ଉପସଭାପତି ମହମ୍ମଦ ଫିରୋଜ, ଉପଖଣ୍ଡ ଆବାହକ ଅରୁଣ ବେହେରା, ଉପଖଣ୍ଡ କାର୍ଯ୍ୟକାରୀ ସଭାପତି ଶୁଭଜିତ ଦାସ ଅଧିକାରୀ, ଶୁକ୍ଳି ବ୍ଲକ ସଭାପତି ଦିବ୍ୟଜ୍ୟୋତି ବେହେରା, ରରୁଆଁ ବ୍ଲକ ସଭାପତି ବିଶାଳ କୁମାର ସୁଲତାନୀଆଙ୍କ ସମେତ ବବୁଲୁ ସେଠୀ, ମକରୁ ନାୟକ ପ୍ରମୁଖଙ୍କ ସହିତ ସଂଗଠନର ଶତାଧିକ ଯୁବକ, ଛାତ୍ର ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ଭଞ୍ଜସେନାର କହିବା ଅନୁସାରେ, ଶିମିଳିପାଳର ସୁରକ୍ଷା, ପର୍ଯ୍ୟଟନର ବିକାଶ, ସ୍ଥାନୀୟ ପ୍ରାକୃତିକ ସମ୍ପଦର ସଦୁପଯୋଗ, ରୋଜଗାର ସୁଯୋଗ ସୃଷ୍ଟି ମାଧ୍ୟମରେ ମୟୂରଭଞ୍ଜରୁ ଦାଦନ ପ୍ରଥାକୁ ଦୂର କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏଥିପାଇଁ ଜନସଚେତନତା ସୃଷ୍ଟି କରିବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଇବାକୁ ଏହି ଜିଲ୍ଲାବ୍ୟାପୀ ମଶାଲ ଶୋଭାଯାତ୍ରା ଆୟୋଜନ କରାଯାଉଥିବା ସଂଗଠନ ପକ୍ଷରୁ କୁହାଯାଇଛି।

## ବଜାର ମଝିରେ ମଦଭାଟି, ସ୍ଥାନାନ୍ତର ଦାବି

କପ୍ତିପଦା, ୬।୭ (ସମିସ): କପ୍ତିପଦା ବଜାର ମଝିରେ ରହିଛି ମଦଭାଟି। ଯାହାକୁ ନେଇ ପ୍ରତିଦିନ କିଛିନା କିଛି ଅଘଟଣ ଘଟୁଛି। ପଛପଟେ ବିଦ୍ୟାଳୟ, ଆଗରେ ସାପ୍ତାହିକ ହାଟ ଥିବାବେଳେ ଶହ ଶହ ଲୋକ ଯା'ଆସ କରୁଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଉଥିବାବେଳେ ଅସାମାଜିକ ଲୋକଙ୍କ କମେଟରେ ବାଟ ଚାଲିବା ଅସହ୍ୟ ହେଉଛି। ତେଣୁ ଉକ୍ତ ମଦ ଦୋକାନ ସ୍ଥାନାନ୍ତର କରାଯିବାକୁ ଦାବି ହେଉଛି।

ଦୀର୍ଘଦିନ ହେବ କପ୍ତିପଦା ବଜାର ନିକଟରେ ଏକ ବିଦେଶୀ ମଦ ଦୋକାନ ଖୋଲାଯାଇଛି। ବଜାରର ଗ୍ରୋସେରୀ ଓ ମନୋହରୀ ଦୋକାନ ଭଳି ଗୋଟିଏ ଧାଡ଼ିରେ ଏହି ମଦ ଦୋକାନ ରହିଛି। ଏହା ଠିପି ବନ୍ଦ ଦୋକାନ ହୋଇଥିଲେ ମଧ୍ୟ ସାମ୍ନାରେ ଚାଖନା ଦୋକାନ ରାସ୍ତାକୁ ଲାଗି ରହିଛି। ଖୁଲମଖୁଲା ମଦପିଆ ଚାଲିଛି। ପଛପଟେ ସରକାରୀ ଉଚ୍ଚ ବିଦ୍ୟାଳୟର ଥିବାବେଳେ ସାମ୍ନାରେ ସାପ୍ତାହିକ ହାଟ ବସୁଛି। ନିକଟରେ ବସଷ୍ଟାଣ୍ଡ ହୋଇଥିବାରୁ ଝିଅବୋହୂ ଏହି ରାସ୍ତା ଦେଇ ଯିବାକୁ ଲଜ୍ଜାବୋଧ କରୁଛନ୍ତି। ନିକଟରେ ଚଣ୍ଡି ମନ୍ଦିର ରହିଛି। ଏହା ଏକ ଛୋଟ ବଜାର ହୋଇଥିବାବେଳେ ଚଳିତ ବର୍ଷ ଏହାକୁ ଏନଏସି ଘୋଷଣା କରାଯାଇଛି। ବ୍ଲକ, ତହସିଲ, ମେଡିକାଲ ନିକଟରେ ଥିଲେ ମଧ୍ୟ ସବୁ ନିୟମକୁ ଫୁ କରି ବେଧଡକ



ଚାଲିଛି ମଦଭାଟି। ସାଧାରଣ ଲୋକେ ଅତିଷ୍ଠ ହୋଇପଡୁଥିଲେ ବି କେହିଜଣେ ବାହୁବଳୀଙ୍କ ବାହୁଛାୟା ତଳେ ଏ ବେନିୟମ ମଦଭାଟି ତିଷ୍ଠି ରହିଛି। ଏ ନେଇ ଉଦଳା ଅବକାରୀ ଅଧିକାରୀ କିଛି ପ୍ରତିକ୍ରିୟା ଦେଇ ନ ଥିବାବେଳେ ଲୋକେ ମୁଖ୍ୟମନ୍ତ୍ରୀ ଜନଶୁଣାଣି ଶିବିରରେ ଅଭିଯୋଗ କରିବା ସହିତ ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରାଇଛନ୍ତି।

## ଶ୍ରୀଜଗନ୍ନାଥ ଚେତନା ଓ ସେବା ସଙ୍ଘର ବୈଠକ

ରାଇରଙ୍ଗପୁର, ୬।୭ (ସମିସ): ରାଇରଙ୍ଗପୁରରେ ଚଳିତବର୍ଷ ରଥଯାତ୍ରା ପାଇଁ ଶ୍ରୀଜଗନ୍ନାଥ ଚେତନା ଓ ସେବା ସଙ୍ଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସଙ୍ଘର ସଭାପତି ଲଳିତ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଜଗନ୍ନାଥ ଚେତନା ସେବା



ସଙ୍ଘ ପକ୍ଷରୁ 'ସମର୍ପଣ' ପତ୍ରିକା ଉନ୍ମୋଚନ ଠିକ୍ ସମୟରେ ଉନ୍ମୋଚନ ବିଷୟରେ ଗୁରୁତ୍ୱାରୋପ ପ୍ରଦାନ କରାଯାଇଥିଲା। ବିଗତ ବର୍ଷର ବାର୍ଷିକ ବିବରଣୀ ସଙ୍ଘର ସମ୍ପାଦକ ଶଚିକାନ୍ତ କର ପାଠ କରିଥିଲେ। ଚଳିତ ବର୍ଷର ପ୍ରକାଶିତ ପତ୍ରିକାର ବିଜ୍ଞାପନ ବିଷୟରେ ସଂଗଠନ ସମ୍ପାଦକ ନିଗମାନନ୍ଦ ପଟ୍ଟନାୟକ ଆଲୋକପାତ କରିଥିବାବେଳେ ବିଭିନ୍ନ କବିତା, ଗଳ୍ପ ଉପରେ ବରିଷ୍ଠ ଶିକ୍ଷାବିତ୍ ହରିଶ୍ଚନ୍ଦ୍ର ହୋତା ମତ ଉପସ୍ଥାପନା କରିଥିଲେ। ଆର୍ଥିକ ବର୍ଷର ହିସାବ ସହିତ ଆଜୀବନ ସଦସ୍ୟ ଉପରେ କୋଷାଧ୍ୟକ୍ଷ ମାନସ କୁମାର ଓତା ପ୍ରକାଶ କରିଥିଲେ। ଉକ୍ତ ବୈଠକରେ ସମର୍ପଣ ପତ୍ରିକା ଓ ବିଭିନ୍ନ ବିଷୟରେ ସମସ୍ତ ସଦସ୍ୟସଦସ୍ୟା ଆଲୋଚନା କରିଥିଲେ। ଏଥିରେ ଉପସଭାପତି ଦୁଷ୍ମନ୍ତ କୁମାର ବସା, ଅରବିନ୍ଦ ବାଗୋଡ଼ିଆ, ବରିଷ୍ଠ ସଦସ୍ୟ ସୌରଭ କୁମାର ପଟ୍ଟନାୟକ ସଂଗଠନର କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ମତ ରଖିଥିଲେ। ଆଇନଜୀବୀ ସଞ୍ଜୀବ କୁମାର ଲେଙ୍କା, ମୁରଲୀଧର ବଳ, ବିଶ୍ୱଜିତ ଜେନା, ରାମେଶ୍ୱରୀ ପଟ୍ଟନାୟକ ଓ ସନ୍ଧ୍ୟାରାଣୀ ଶତପଥୀ ପ୍ରମୁଖ ଉପସ୍ଥିତ ରହି ମତାମତ ରଖିଥିଲେ। ଶେଷରେ ସଂଘର ସହସମ୍ପାଦକ ସ୍ମୃତିରଞ୍ଜନ ପାଣି ଧନ୍ୟବାଦ ପ୍ରଦାନ କରିଥିଲେ।

## ସମାଜସେବୀ ପ୍ରଫୁଲ୍ଲ ଦାସଙ୍କୁ ଶ୍ରଦ୍ଧାଞ୍ଜଳି



ଖିଚିଂ, ୬।୭ (ସମିସ): ଶୁକ୍ଳି ବ୍ଲକ ଅନ୍ତର୍ଗତ ଘିଖଲି ଗ୍ରାମର ବିଶିଷ୍ଟ ସମାଜସେବୀ ପ୍ରଫୁଲ୍ଲ ଦାସଙ୍କ ଗତ ୨୬ ତାରିଖ ରାତିରେ ନିଜ ବାସଭବନରେ ପରଲୋକ ଘଟିଥିଲା। ନିଜ ଜୀବନକାଳ ମଧ୍ୟରେ ସେ ଏହି ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସ୍ୱର୍ଗତ ଦାସ ଅତ୍ୟନ୍ତ ମେଳାପୀ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଥିବାରୁ ତାଙ୍କର ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ସ୍ଥାନୀୟ ଲୋକ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରି ଶୋକ ପ୍ରକାଶ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁତ୍ର, ପୁତ୍ରବଧୂ, ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର ଅନ୍ତର୍ଯ୍ୟାମୀ ଦାସ ମୁଖାଗ୍ନି ଦେଇଥିଲେ। ରବିବାର ତାଙ୍କ ବାସଭବନରେ ଅନୁଷ୍ଠିତ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭାରେ ସମସ୍ତ ଆତ୍ମୀୟସ୍ୱଜନ ଓ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

## ଭାଲିଆଡିହା ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବୈଠକ




ଖିଚିଂ, ୬।୭ (ସମିସ): ଶୁକ୍ଳି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ଭାଲିଆଡିହା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ତେରଣ୍ଟି କ୍ଲଷ୍ଟର ସିଆରସିସି ଅଗସ୍ତି ଗିରିଙ୍କ ପୌରୋହିତ୍ୟରେ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଶୈକ୍ଷିକ କାର୍ଯ୍ୟକ୍ରମ ଉପଲକ୍ଷେ ହେମନ୍ତ କୁମାର ସି, ରାହୁଲ ବେହେରା, ରାମଚନ୍ଦ୍ର ପାତ୍ର, ହରପ୍ରିୟା ପାତ୍ର, ବନିତା ବେହେରା, ଇନ୍ଦ୍ରମଣି ବାରିକ, ଅଭୟ କୁମାର ନାୟକ, ଦିବ୍ୟଲୋଚନ ସାହୁ, ଦୀନବନ୍ଧୁ ଦାସ, ଅଲିଭା ବେହେରା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଶିଶୁ ବାଟିକାଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପାଇଁ ନିର୍ଦ୍ଧାରିତ ଶିକ୍ଷାଦାନ ପ୍ରଣାଳୀ ଓ ବୌଦ୍ଧିକ ବିକାଶ ନିମନ୍ତେ ସରକାରଙ୍କ ପ୍ରଣୀତ ବହୁବିଧ ଶୈକ୍ଷିକ କାର୍ଯ୍ୟକ୍ରମ ସମେତ ଯାଦୁପେଡ଼ିରେ ଥିବା ଶିକ୍ଷଣ ସାମଗ୍ରୀର ବ୍ୟବହାର ସମ୍ପର୍କରେ ଅବଗତ ହୋଇଥିଲେ।

### ● ମୟୂରଭଞ୍ଜରେ ଅଙ୍ଗନୱାଡି କର୍ମୀଙ୍କ ପଦୋନ୍ନତି ବିବାଦ

## ଗ୍ରେଡେସନ୍ ତାଲିକାରେ ତ୍ରୁଟି ଅଭିଯୋଗ, ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ବାରିପଦା, ୬।୭ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଅଙ୍ଗନବାଡି କର୍ମୀଙ୍କୁ ସୁପରଭାଇଜର ପଦରେ ପଦୋନ୍ନତି ପାଇଁ ପ୍ରକାଶିତ ଗ୍ରେଡେସନ୍ ତାଲିକା ଓ ଜିଲ୍ଲାସ୍ତରୀୟ ପଦୋନ୍ନତି ପ୍ରକ୍ରିୟାରେ ବ୍ୟାପକ ତ୍ରୁଟି ଥିବା



ଅଭିଯୋଗ ଆଣିଛନ୍ତି ଅଲ ଓଡ଼ିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ମହାସଂଘ। ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ପୂର୍ବକ କୁହାଯାଇଛି ଯେ, ଗତ ୨ ତାରିଖ ପ୍ରକାଶିତ ପଦୋନ୍ନତି ଚିଠିରେ ପୂର୍ବ ଗ୍ରେଡେସନ୍ ଲିଷ୍ଟର ତ୍ରୁଟି ଯୋଗୁଁ ବହୁ ଯୋଗ୍ୟ କର୍ମୀ ବାଦ ପଡ଼ିଛନ୍ତି। ଏହା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ସଂଘ କହିଛି। ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବର୍ତ୍ତମାନ ଆଇସିଡିଏସ୍ ଅଧୀନରେ କର୍ମୀମାନଙ୍କୁ ୬ଟି ସେବା ସହ ଅନଲାଇନ୍ କାର୍ଯ୍ୟ କରିବାକୁ ପଡୁଛି। ବିଭାଗ ପକ୍ଷରୁ କର୍ମୀଙ୍କ ଶିକ୍ଷାଗତ ଯୋଗ୍ୟତା +୨ ନିର୍ଦ୍ଦେଶ ଜାରି ହୋଇସାରିଛି। ତେଣୁ ଯୋଗ୍ୟତା ଅନୁଯାୟୀ ପଦୋନ୍ନତି ଦେବା ଉଚିତ୍। ୨୦୧୯ରେ ମୟୂରଭଞ୍ଜ ଜିଲ୍ଲାରେ +୨ ଓ +୩ ଯୋଗ୍ୟତାଧାରୀ କର୍ମୀଙ୍କ ପାଇଁ ୫ ବର୍ଷ ବରିଷ୍ଠତା ଭିତ୍ତିରେ ପଦୋନ୍ନତି ପାଇଁ ଚିଠି ବାହାରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ବସିନାହିଁ। କୌଣସି ଗ୍ରେଡେସନ୍ ଲିଷ୍ଟ ପ୍ରକାଶ ପାଇନାହିଁ ଓ ପଦୋନ୍ନତି ମଧ୍ୟ ମିଳିନାହିଁ ବୋଲି ସଂଘ ଅଭିଯୋଗ କରିଛି। ଏଣୁ ତ୍ରୁଟିପୂର୍ଣ୍ଣ ଗ୍ରେଡେସନ୍ ତାଲିକା ଶୀଘ୍ର ସଂଶୋଧନ କରିବା, ଯୋଗ୍ୟ କର୍ମୀଙ୍କୁ ତାଲିକାରେ ସ୍ଥାନ ଦେବା ଓ ପଦୋନ୍ନତି ପ୍ରଦାନ କରିବା, ଶେଷରେ ପଦୋନ୍ନତି ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ପ୍ରକାଶିତ ଚିଠି ଅନୁଯାୟୀ ଯୋଗଦାନ ସ୍ଥଗିତ ରଖିବାକୁ କୁହାଯାଇଛି। ଯଦି ଶୀଘ୍ର ସମାଧାନ ନ ହୁଏ ତେବେ ସଂଘ ଆଇନର ଆଶ୍ରୟ ନେବାକୁ ବାଧ୍ୟ ହେବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି। ଅଲ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ମହାସଂଘ ରାଜ୍ୟ ସଭାନେତ୍ରୀ ନନ୍ଦିନୀ ପଣ୍ଡା, ମୟୂରଭଞ୍ଜ ଶାଖାର ସଭାନେତ୍ରୀ ସୌଭାଗ୍ୟ ମଞ୍ଜରୀ କରଣ ଓ ସମ୍ପାଦିକା ନନ୍ଦିତା ଦତ୍ତଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

### ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବାରେ ସରକାର ବିଫଳ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ନବନିର୍ମାଣ କୃଷକ ସଙ୍ଗଠନର ବିକ୍ଷୋଭ

ବାରିପଦା, ୬।୭ (ସମିସ): ସରକାର ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥିବାରୁ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୋମବାର ନବନିର୍ମାଣ କୃଷକ ସଂଗଠନ ସ୍ଥାନୀୟ ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘ ଭବନଠାରୁ ଏକ କୃଷକ ଏକତା ପଦଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ସମସ୍ତେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନିର୍ବାଚନ ପୂର୍ବରୁ ସରକାର ଦେଇଥିବା ପ୍ରତିଶ୍ରୁତି ମଧ୍ୟରୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିନାହାନ୍ତି। ଜିଲ୍ଲା ପ୍ରଭାରୀ ଚିନୁ ଦାଶଙ୍କ ଅଭିଯୋଗ ଅନୁସାରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଯଦି ଆଞ୍ଚଳିକ ସମସ୍ୟା ସହିତ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ନ କରନ୍ତି, ତେବେ ପଞ୍ଚାୟତରେ ସରକାର ଜନ ଆକ୍ରୋଶର ଶିକାର ହେବେ। ସଂଗଠନ ତରଫରୁ କୁହାଯାଇଛି ଯେ, ନିଶାମୁକ୍ତ ଓଡ଼ିଶା ଗଠନ ଓ ସରକାରୀ ବା ବେସରକାରୀ ମଦ ଦୋକାନ ବନ୍ଦ, ବାର୍ଦ୍ଧକ୍ୟ ୬୦ ବର୍ଷରୁ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ୩୫୦୦ ଟଙ୍କା ବୃଦ୍ଧି କରି ପଞ୍ଚାୟତ କାର୍ଯ୍ୟାଳୟରେ ଦିଆଯାଉ। ମାସିକ ଚାଷୀ ସୁରକ୍ଷା ଭତ୍ତା ୧୦, ୦୦୦ ଟଙ୍କା, ଧାନ ମଣ୍ଡିରେ କଟନି ଛଟନି ସମ୍ପୂର୍ଣ୍ଣ ବନ୍ଦ ଓ ସମସ୍ତ ଧାନ କିଣାଯାଉ, ଅନଲାଇନ ଆବେଦନକୁ ସରଳିକରଣ, ଭାଗଚାଷୀ ଆଇନ୍ ଲାଗୁ, ୩୦୦ ୟୁନିଟ୍ ମାଗଣା ବିଜୁଳି ଛାଡ଼ ଓ ସ୍ମାର୍ଟ ମିଟର ବନ୍ଦ, ପ୍ରତ୍ୟେକ ଚାଷଜମିକୁ ଜଳସେଚିତ, ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର, ବେକାରୀ ସମସ୍ୟାର ସମାଧାନ ପାଇଁ ପ୍ରତ୍ୟେକ ପଞ୍ଚାୟତରେ କୁଟିର ଶିଳ୍ପ ପ୍ରତିଷ୍ଠା କରାଯାଉ, ହାତୀ ସମସ୍ୟାର




ସମାଧାନ ପାଇଁ ଜଙ୍ଗଲ ଜମିରେ ଓ ଗାଁରେ ସୋଲାର ତାର ଲଗାଯିବା, ମାଟିର ସୁରକ୍ଷା ପାଇଁ ପ୍ରାକୃତିକ କୃଷି ଓ ଦେଶୀ ଗାଈର ବିକାଶ ପାଇଁ ସ୍ୱତନ୍ତ୍ର ବଜେଟ ପ୍ରସ୍ତୁତ, ବାରିପଦାସ୍ଥ ପାଲବଣି ଗୋଲେଇଠାରେ ଓଭରବ୍ରିଜ ନିର୍ମାଣ, ସରକାରୀ କାର୍ଯ୍ୟାଳୟରେ ପିସି କାରବାର ସମ୍ପୂର୍ଣ୍ଣ ବନ୍ଦ, ପେସା ଆଇନ୍ ଲାଗୁ, ବିକାଶ ନାମରେ ଜଙ୍ଗଲ ଜଳ ଜମି ଓ ଖଣିର ବିନାଶ କରି ପରିବେଶକୁ ପ୍ରଦୂଷିତ ନ କରିବା ଆଦି ଦାବିଗୁଡ଼ିକୁ ପୂରଣ କରାଯାଉ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଗ୍ରହଣ କରିଥିଲେ। ଜିଲ୍ଲା ସଭାପତି ପ୍ରାଣବନ୍ଧୁ ପଲେଇ, ରାଇମଣି ବିଶ୍ୱାଳ, ସରସ୍ୱତୀ ସିଂ, କେଶର ସୋରେନ, ରାମସାଇ ହେମ୍ବ୍ରମ, ସାଲଖାନ ଟୁଡୁ, ରବୀନ୍ଦ୍ର ପୋଥାଳ, ପ୍ରଶାନ୍ତ କରଣ, ଦଲୁରାମ ସିଂ ଓ ପଦ୍ମଲୋଚନ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# ୭ ମାସ ପରେ ବି ହେଉନି ନିର୍ବାଚନ; ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ



## ଡିସେମ୍ବରରେ ସରିଛି ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର କାର୍ଯ୍ୟକାଳ

ବାରିପଦା, ୬।୭(ସମିସ)

ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର (ମା) କାର୍ଯ୍ୟକାଳ ୨୦୨୫ ଡିସେମ୍ବର ୬ ତାରିଖରେ ଶେଷ ହୋଇଛି। ବର୍ତ୍ତମାନ ୭ ମାସ ବିତିବା ସତ୍ତ୍ୱେ ନିର୍ବାଚନ ନ ହେବାରୁ ଆସୋସିଏସନର ବିଭିନ୍ନ ଶାଖା, କ୍ଲବ୍ ଓ କ୍ରୀଡ଼ାବିତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ପରିପ୍ରେକ୍ଷୀରେ ଆସୋସିଏସନର ବିଭିନ୍ନ ଶାଖାର ପ୍ରତିନିଧି ଓ କ୍ରୀଡ଼ାବିତ ସୋମବାର ମିଳିତ ଜନଶୁଣାଣି ଶିବିରରେ ମୟୂରଭଞ୍ଜ ଜିଲ୍ଲାପାଳ ଓ ଏସପିଙ୍କ ନିକଟରେ ଏକ ଆବେଦନପତ୍ର ଦାଖଲ କରିଛନ୍ତି।


ଆସୋସିଏସନର ସମ୍ବିଧାନ ଓ ଉପନିୟମ ଅନୁଯାୟୀ କାର୍ଯ୍ୟକାରିଣୀ କମିଟି ଓ କର୍ମକର୍ତ୍ତାଙ୍କୁ ନିର୍ଦ୍ଦିଷ୍ଟ କାର୍ଯ୍ୟକାଳ ପାଇଁ ନିର୍ବାଚିତ କରାଯିବ। ବର୍ତ୍ତମାନର କମିଟିର କାର୍ଯ୍ୟକାଳ ସମାପ୍ତ ହେବା ପରେ ଏ ପର୍ଯ୍ୟନ୍ତ କୌଣସି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏହାକୁ ଅନିୟମିତ, ଇଚ୍ଛାକୃତ ଓ ଗଣତାନ୍ତ୍ରିକ ପ୍ରକ୍ରିୟା ବିରୋଧୀ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି। ନିର୍ବାଚନ ନ ହେବାରୁ ସମ୍ପୃକ୍ତ ଶାଖାଗୁଡ଼ିକ ସଠିକ୍ ଭାବେ ପ୍ରତିନିଧିତ୍ୱ ପାଇନାହାନ୍ତି। କ୍ରୀଡ଼ା ବିକାଶ କାର୍ଯ୍ୟକ୍ରମ ଓ କ୍ରୀଡ଼ାବିତଙ୍କ ଅଂଶଗ୍ରହଣ ପ୍ରଭାବିତ ହେଉଛି। ପ୍ରଶାସନିକ ନିଷ୍ପତ୍ତିଗୁଡ଼ିକ ସାଧାରଣ ସଭାର ମଞ୍ଜୁରୀ ବିନା ନିଆଯାଉଛି। ଫଳରେ ଶାଖା ଓ ସମ୍ପୃକ୍ତ ପକ୍ଷଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ଆବେଦନକାରୀ ପୂର୍ବରୁ ବର୍ତ୍ତମାନର ଅଫିସ୍ ବେୟାରରମାନଙ୍କୁ ସାଧାରଣ ସଭା ଡାକିବା ଓ ନିର୍ବାଚନ ସୂଚୀ ଘୋଷଣା କରିବାକୁ ଅନୁରୋଧ କରିଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ପରିସ୍ଥିତିରେ ଗଣତାନ୍ତ୍ରିକ, ସ୍ୱଚ୍ଛ ଓ ନ୍ୟାୟପୂର୍ଣ୍ଣ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଆବଶ୍ୟକ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିର୍ବାଚନ ସୂଚୀ ଘୋଷଣା କରିବା, ଏକ ଯୋଗ୍ୟ ଅଧିକାରୀ/ପର୍ଯ୍ୟବେକ୍ଷକ କିମ୍ବା ଆଡ୍‌ହକ୍ କମିଟି ନିଯୁକ୍ତ କରି ନିର୍ବାଚନ ପରିଚାଳନା/ତଦାରଖ କରିବା, ସମସ୍ତ ସମ୍ପୃକ୍ତ ଶାଖାକୁ ସମ୍ବିଧାନ ଅନୁଯାୟୀ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଅନୁମତି ଦେବା, ନ୍ୟାୟ ଓ ଜିଲ୍ଲାରେ ଆଥଲେଟିକ୍ସ ବିକାଶ ସ୍ୱାର୍ଥରେ ଅନ୍ୟାନ୍ୟ ଆଦେଶ ଜାରି କରିବା ଆଦି ଦାବି ରଖାଯାଇଛି। ଆବେଦନପତ୍ର ପ୍ରଦାନ ସମୟରେ ସରୋଜ କୁମାର ଘୋଷ ଓ ଦେବୀଦତ୍ତ ଦାଶଙ୍କ ନେତୃତ୍ୱରେ ଅନ୍ୟମାନେ ସାମିଲ ଥିଲେ।

ଗତ ମାର୍ଚ୍ଚ ୨ ତାରିଖରେ ମଧ୍ୟ ଜନଶୁଣାଣି ଶିବିରରେ ସମାନ ଅଭିଯୋଗ ହୋଇଥିଲା। ଆସୋସିଏସନର ସମ୍ପାଦକ ବିଜୟ କୁମାର ଦାସଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିଥିଲେ। ଆସୋସିଏସନ୍‌ର ପୂର୍ବତନ ସମ୍ପାଦକ ସଦସ୍ୟତା ବିବାଦକୁ ନେଇ ଅଦାଲତରେ ମୋକଦ୍ଦମା ଦାୟର କରିଛନ୍ତି। ସେ ଦାବି କରିଛନ୍ତି ଯେ ଶତାଧିକ ଟର୍ମିନେଟ୍ ମେମ୍ବରଙ୍କ ଉପସ୍ଥିତିରେ ହୋଇଥିବା ନିର୍ବାଚନ ବୈଧ ନୁହେଁ। ଫଳରେ ମେମ୍ବରମାନଙ୍କ ଯୋଗ୍ୟତା ନିର୍ଣ୍ଣୟ କୋର୍ଟରୁ ହେବା ପରେ ହିଁ ନୂଆ ନିର୍ବାଚନ ହେବ ବୋଲି କୁହାଯାଇଛି। ସେହିପରି ପୂର୍ବତନ ସମ୍ପାଦକ ଜେନେରାଲ୍ ବୋଡି ମିଟିଂକୁ ରୋକିବା ପାଇଁ କୋର୍ଟରେ ଷ୍ଟେ ଅର୍ଡର୍ ମାଗିଛନ୍ତି ଓ ଆସୋସିଏସନ୍‌ର ମିଟିଂ ଅନୁମତି ଆବେଦନକୁ ଖାରଜ କରାଇଛନ୍ତି। ଆସୋସିଏସନ୍‌ର ବର୍ତ୍ତମାନ କର୍ତ୍ତୃପକ୍ଷ କହିଛନ୍ତି ଯେ କୋର୍ଟ ନିଷ୍ପତ୍ତି ପରେ ନ୍ୟାସନାଲ୍ ସ୍ପୋର୍ଟ୍ସ ଗଭର୍ଣ୍ଣାନ୍ସ ଆକ୍ଟ ୨୦୨୬, ଆଥଲେଟିକ୍ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଗାଇଡ୍‌ଲାଇନ୍ ଓ ଆସୋସିଏସନ୍‌ର ବାଏ-ଲ ଅନୁଯାୟୀ ନିର୍ବାଚନ ହେବ। ବାଏ-ଲ ଅନୁସାରେ ନିର୍ବାଚନ ଅବଧି ପରେ ତିନି ମାସ ପର୍ଯ୍ୟନ୍ତ ଏକ୍‌ଜିକ୍ୟୁଟିଭ୍ ବଡି ଚାଲିବ ଓ ଚଳିତ ବଡି ନିର୍ବାଚନ ହେବା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ପୂର୍ବରୁ ନିର୍ବାଚନ ବିଳମ୍ବରେ ହେଉଥିବା ଅଭିଯୋଗକୁ ଖଣ୍ଡନ କରି କର୍ତ୍ତୃପକ୍ଷ କହିଛନ୍ତି ଯେ ଏବେ ସବୁ ନିୟମର କଡ଼ା ପାଳନ ହେବ ଓ ସୁସ୍ଥ ବାତାବରଣରେ ନିର୍ବାଚନୀ ପ୍ରକ୍ରିୟାକୁ ସ୍ୱାଗତ କରାଯାଉଛି।

■ ଶିମିଳିପାଳରେ ପ୍ରବଳ ବର୍ଷା

# କେନ୍ଦୁମୁଣ୍ଡିରେ ସର୍ବାଧିକ୍, ଡୋଭରେ ସର୍ବନିମ୍ନ

ବାରିପଦା, ୬।୭(ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳ ଅଞ୍ଚଳରେ ଚାରିଦିନ ଧରି ବର୍ଷା ଜାରି ରହିଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ, ବିଗତ ୨୪ ଘଣ୍ଟାରେ କେନ୍ଦୁମୁଣ୍ଡିରେ ସର୍ବାଧିକ ୯୩.୯୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ଡୋଭରେ ସର୍ବନିମ୍ନ ୨୮.୬ ମିଲିମିଟର ବର୍ଷା ହୋଇଛି। ସେହିପରି ସାତକୋଶିଆରେ ୭୬.୨ ମିମି, ଭଞ୍ଜବସାରେ ୭୩.୧୫୨ ମିମି, ଉପର ବାରାହାକାମୁଡାରେ ୭୦.୮ ମିମି, ବରେହିପାଣିରେ ୬୫.୨୭୮ ମିମି, ପୋଡାଡିହାରେ ୬୦.୭୦୬ ମିମି, କୁଳିପାଳରେ ୫୭.୧୫ ମିମି, କବାଟଘାଇରେ ୫୫.୮୮ ମିମି, ଚହଲାରେ ୫୪.୨ ମିମି, ଠାକୁରମୁଣ୍ଡାରେ ୪୫.୭୨ ମିମି, ବାରିପଦାରେ ୩୭.୦୮୪ ମିମି, ଡୁକୁରା ଓ ବଡଗାଁରେ ୩୨.୫୧୨ ମିମି ଓ ରାମତୀର୍ଥରେ ୩୦ ମିମି ବର୍ଷା ରେକର୍ଡ କରାଯାଇଛି ତେବେ ସୋମବାର ଦିନବେଳେ ବର୍ଷା ପରିମାଣ କମିଛି। ବର୍ଷା ପାଇଁ ଶିମିଳିପାଳରୁ ଉତ୍ପତ୍ତି ନଦୀର ଜଳସ୍ତର ବୃଦ୍ଧି ପାଇଛି। ନଦୀ ସଂଲଗ୍ନ ତଳିଆ ଅଞ୍ଚଳରେ ଜଳମଗ୍ନ ଅବସ୍ଥା ସୃଷ୍ଟି ହୋଇପାରେ ବୋଲି ଆଶା କରାଯାଉଛି। ସ୍ଥାନୀୟ ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଛି ଓ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରସ୍ତୁତ ଅଛି। ସ୍ଥାନୀୟ ଲୋକଙ୍କୁ ସତର୍କ ରହିବା ଓ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି।



# କାର୍ଯ୍ୟରେ ଅବହେଳାକୁ ନେଇ ବିଇଓଙ୍କ ଦରମା ବନ୍ଦ

ବଡ଼ସାହି,୬।୭(ସମିସ)

ବଡ଼ସାହିର ଭାରପ୍ରାପ୍ତ କାର୍ଯ୍ୟରତ ବିଇଓ ମନମୋହନ ହେମ୍ବ୍ରମଙ୍କ ବିରୋଧରେ ସୋମବାର ଜିଲ୍ଲାପାଳ ଦରମା ବନ୍ଦ କରିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ସହିତ କାର୍ଯ୍ୟରେ ଅବହେଳା କରିଥିବା ଯୋଗୁଁ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାଯାଇଛି। ବାରମ୍ବାର ନିର୍ଦ୍ଦେଶ ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଅଭିଯୋଗର ଫଇସଲା ନ ହେବା ପର୍ଯ୍ୟନ୍ତ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ହୋଇଛି। ଅବସରପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ର ନାଥ ବେହେରାଙ୍କ ଅଭିଯୋଗ ଅନୁସାରେ ଆଙ୍କପୁରା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ତଥା ଟିକାୟତପୁର ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବିରେନ୍ଦ୍ର ନାଥ ପ୍ରଧାନ ଦୁଇଟି ବିଦ୍ୟାଳୟର ଆର୍ଥିକ କ୍ଷମତାରେ ରହି ଏମଡିଏମ ପରିଚାଳନା କରିବାରେ ବ୍ୟାପକ ଅନିୟମିତତା କରିଛନ୍ତି। ସେ ଏମଡିଏମ ପରିଚାଳନାରେ ଓଡିଶା ଗ୍ରାମ୍ୟବ୍ୟାଙ୍କ ଓ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ଆବଶ୍ୟକତାଠାରୁ ଅଧିକ ଟଙ୍କା ଉଠାଣ କରି ଆତ୍ମସାତ କରିଛନ୍ତି। ଯାହାକି ପୂର୍ବତନ ବିଇଓଙ୍କ ଚିଠି ନମ୍ବର-୨୯ ୯, ୪ ଫେବୃଆରୀ ୨୦୨୬ରେ ଉଲ୍ଲେଖ ରହିଛି। ଏହା ଅଦ୍ୟାବଧି ତଦନ୍ତ ପରିସରଭୁକ୍ତ ଓ ଅନାଦେୟ ଥିବାରୁ ଶ୍ରୀ ବେହେରା ଏ ସଂକ୍ରାନ୍ତରେ ପୂର୍ବରୁ ଦୁଇଥର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ପ୍ରଥମେ ଏହାର ତଦନ୍ତ ପାଇଁ ଡିଇଓ ଓ ବିଇଓ, ବଡସାହିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର କୌଣସି ତଦନ୍ତ ନ ହେବାରୁ ଶ୍ରୀ ବେହେରା ପୁନଶ୍ଚ ଦ୍ୱିତୀୟବାର ଜିଲ୍ଲାପାଳଙ୍କ ନିକଟରେ ନିଜର ଅଭିଯୋଗକୁ ଦୋହରାଇ ଥିଲେ। ଏହାର ତଦନ୍ତ ଦାୟିତ୍ୱ ଏଡିଏମଓ ଓ ଡିଇଓଙ୍କୁ ଦିଆଯାଇଥିବାବେଳେ ତାହା ମଧ୍ୟ ତଦନ୍ତ ହୋଇ ନ ଥିଲା। ଫଳରେ ସୋମବାର ଶ୍ରୀ ବେହେରା ତୃତୀୟ ଥର ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ ପ୍ରକୋଷ୍ଠରେ ଦେଖା କରି ସମସ୍ତ ଅଭିଯୋଗ କହିବା ପରେ ଜିଲ୍ଲାପାଳ ତାଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇ ନ ଥିବା ଜାଣି ଅଭିଯୋଗର ତଦନ୍ତ ଓ ଫଇସଲା ନ ହେବା ପର୍ଯ୍ୟନ୍ତ ବଡସାହି ବିଇଓଙ୍କ ଦରମା ବନ୍ଦ କରିଥିବା ଜଣାଯାଇଛି।

ଏ ସଂକ୍ରାନ୍ତରେ ପୂର୍ବତନ ପ୍ରଧାନଶିକ୍ଷକ ବିରେନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ପୂର୍ବତନ ବିଇଓଙ୍କ ବିଭିନ୍ନ ଅନିୟମିତତା ସମ୍ପର୍କରେ ସେମାନେ ସ୍ୱର ଉତ୍ତୋଳନ କରିବାରୁ ବିଇଓ ଆକ୍ରୋଶମୂଳକ ଭାବେ ହଇରାଣ କରିବା ସହିତ ଏପରି କରିଛନ୍ତି। ଏହାର କୌଣସି ସତ୍ୟତା ନାହି ବୋଲି କହିଛନ୍ତି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିରେନ୍ଦ୍ର ପ୍ରଧାନଙ୍କୁ ନୋ ଡିଉଜ ସାର୍ଟିଫିକେଟ(ଏନଡିସି) ଦେଇ ସାରିବା ପରେ ପୁଣି ଆକ୍ରୋଶମୂଳକ ଭାବେ ଏମଡିଏମରେ ଅନିୟମିତତା ଦର୍ଶାଇ ବଦଳି ହେବା ପରେ ପିଛିଲା ତାରିଖରେ ଏପରି କରିଛନ୍ତି।

## ଭୂମିହୀନଙ୍କୁ ପଟ୍ଟା, ବକେୟା ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ଦାବି

# ସାରସକଣା ତହସିଲ ସମ୍ମୁଖରେ ସିପିଆଇର ବିକ୍ଷୋଭ

ସାରସକଣା,୬।୭(ସମିସ)




ସରକାରଙ୍କ ଅଣଦେଖାର ଶିକାର ହୋଇଥିବା ଲୋକଙ୍କୁ ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଆଜି ସାରସକଣା ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ କରାଯାଇଛି। ଧାନଘେରୀ ଗ୍ରାମର ପବିତ୍ର ନାଏକ, ପିତା କାଳୀଚରଣ ନାଏକ, ତାଙ୍କ ପିତା ଏକାଦଶୀ ନାଏକଙ୍କ ପୂର୍ବରୁ ଏପର୍ଯ୍ୟନ୍ତ ଏହି ପରିବାର ଜମି ଭୋଗ ଦଖଲରେ ରହିଆସିଛନ୍ତି। ବିଭିନ୍ନ ବର୍ଷ ତହସିଲ ପକ୍ଷରୁ ଏହି ଜମି ଜବରଦଖଲ ପାଉତି ମଧ୍ୟ କରାଯାଇଛି। ନିକଟରେ ଭୁବନେଶ୍ୱରର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଜେସିବି ସହ ଗୁଣ୍ଡା ନେଇ ପବିତ୍ର ନାୟକଙ୍କ ଉଚ୍ଛେଦ କରିବା ପାଇଁ ଆସିବା ଘଟଣାରେ ତହସିଲଦାରଙ୍କୁ ଜଣାଇବାରୁ ତହସିଲଦାର ପବିତ୍ର ନାଏକଙ୍କୁ ଜମି ଛାଡ଼ିଦେବାକୁ ଧମକ ଦେବା ସମଗ୍ର ଗ୍ରାମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତେଣୁ ଅବିଳମ୍ବେ ପବିତ୍ର ନାଏକଙ୍କୁ ଦଖଲ ଜମିର ପଟ୍ଟା ପ୍ରଦାନ କରିବାକୁ ଦାବି କରାଯାଇଛି। ଗତ ୪ ମାସ ଧରି ଅନେକ ବୃଦ୍ଧବୃଦ୍ଧା, ସ୍ୱାମୀ ପରିତ୍ୟକ୍ତା ଓ ଭିନ୍ନକ୍ଷମଙ୍କୁ ଅନଲାଇନ ଆଳଦେଖାଇ ଭତ୍ତା ମିଳିନାହିଁ। ତୁରନ୍ତ ଭତ୍ତା ପ୍ରଦାନ ପାଇଁ ଦାବି କରାଯାଇଛି।

ଚଳିତ ବର୍ଷ ନିଟ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ଅନେକ ପରୀକ୍ଷାର୍ଥୀ ଆତ୍ମହତ୍ୟା କରିଥିବାରୁ ନୈତିକତା ଦୃଷ୍ଟିରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦିଅନ୍ତୁ। ଓଡ଼ିଶାର ସରକାରୀ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ପାଠ୍ୟପୁସ୍ତକ ପ୍ରକାଶନରେ ହଜାର ହଜାର ତ୍ରୁଟି ପାଇଁ ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦାବି କରାଯାଇଛି। ପେଟ୍ରୋଲିୟମ୍ ସାମଗ୍ରୀ ସମେତ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ବନ୍ଦ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଓଡ଼ିଶାରେ ଜୀବନଧାରଣ ବିପର୍ଯ୍ୟସ୍ତ କଲାଣି। ନାରୀ ନିର୍ଯାତନା ବଢ଼ି ଚାଲିଛି, ନାରୀ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ପାଇଁ ଦାବି କରାଯାଇଛି। ବିଜେପି ନେତା ଥାନା ହାଜତରୁ ଅପରାଧୀଙ୍କୁ ଖୋଲି ନେଇ ପଳାଇବା ଭଳି ଘଟଣା ପୁଲିସ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କଲାଣି। ଏସ୍‌ଆଇଆର ଆଳରେ ୨୦ ଲକ୍ଷ ବିରୋଧୀ ଭୋଟରଙ୍କ ନାମ ତାଲିକାରୁ ହଟାଇଲେଣି। ଏ ସମସ୍ତ ସମସ୍ୟାର ସମାଧାନ ଦାବି କରାଯାଇଛି।

ଏହି ବିକ୍ଷୋଭ ସମାବେଶ ସିପିଆଇ ଆଞ୍ଚଳିକ ସମ୍ପାଦକ ବଳରାମ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସହସମ୍ପାଦକ ଜୟନ୍ତ ଦାସ, ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ଜିଲ୍ଲା ସହସମ୍ପାଦକ ପରମେଶ୍ୱର ମହାନ୍ତ, ଜିଲ୍ଲା ଡିକେଏମୟୁ ନେତା ହୃଷିକେଶ ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟ ନାରାୟଣ ଟୁଡୁ, ପ୍ରତାପ ନାଏକ, ଶତ୍ରୁଘ୍ନ ନାଏକ, ନିଧି ମୁର୍ମୁ, କବିତା ମୁର୍ମୁ, ପ୍ରିୟତମା ନାଏକ, ଦୀନମଣି ନାଏକ, ରୁକ୍ମଣୀ ସିଂ, କନ୍ଦା ବିନ୍ଧାଣି ପ୍ରମୁଖ ଯୋଗଦେଇ ବିଜେପି ସରକାରଙ୍କ ଉପରେ ବର୍ଷିଥିଲେ। ନନ୍ଦଲାଲ ନାଏକ ଧନ୍ୟବାଦ ଦେଇଥିଲେ। ଏହା ପୂର୍ବରୁ ସାରସକଣା ହାଟ ପଡ଼ିଆରୁ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରି ତହସିଲ ଅଫିସରେ ପହଞ୍ଚିଲା। ଆସନ୍ତା ୧୩ରେ ସାରସକଣା ଅଞ୍ଚଳ ଜେନେରାଲ ବଡ଼ି ବୈଠକ ଧାନଘେରୀରେ ଅନୁଷ୍ଠିତ ହେବ ବୋଲି ଅଞ୍ଚଳ ସମ୍ପାଦକ ବଳରାମ ମୁର୍ମୁ ଘୋଷଣା କରିଥିଲେ।

# ମଦ ଦୋକାନ ଉଚ୍ଛେଦ ପାଇଁ ମହିଳାଙ୍କ ଦାବିପତ୍ର ପ୍ରଦାନ

ତୁରୁମୁଙ୍ଗା,୬।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ସାଧୁପଡା ଗାଁର ଠାକୁରାଣୀ ଶାଳରେ ଗତ ୩ ତାରିଖ ଠାରୁ ଖୋଲିଥିବା ନୂତନ ସରକାରୀ ବିଦେଶୀ ମଦଦୋକାନ ଖୋଲିବା ଦିନରୁ ଏହାକୁ ସ୍ଥାନାନ୍ତର ପାଇଁ ଦାବି ଜୋର୍ ଧରିଛି। ରବିବାର ମହିଳାମାନେ ମଦ ଦୋକାନ ସ୍ଥାନାନ୍ତର ଦାବିରେ ସାଧୁପଡ଼ା ୱାର୍ଡ ମେମ୍ବର ଲୀଳାବତୀ ମହାନ୍ତ, ଡାଳିମ୍ବ ମହାନ୍ତ, ଉଷାରାଣୀ ମହାନ୍ତ, ମୌନାବତୀ ମହାନ୍ତ, ରୀମା ନାଏକ, ସୁକାନ୍ତୀ ନାଏକ, ଜୟନ୍ତୀ ନାଏକ, ସୁଚିସ୍ମିତା ନାଏକ, ମୋତିମାଳ ବରଡ଼ିଆ, ପଦ୍ମାବତୀ ବରଡ଼ିଆ ପ୍ରମୁଖ ବିଧାୟକ ଅଖିଳଚନ୍ଦ୍ର ନାଏକଙ୍କୁ ତୁରୁମୁଙ୍ଗା ବାସଭବନଠାରେ ଦାବିପତ୍ର ଦେଇଛନ୍ତି। ସେହିଭଳି ସୋମବାର ସାଧୁପଡ଼ା ଗ୍ରାମର ମହିଳାମାନେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂଙ୍କୁ ଭେଟି ମଦ ଦୋକନ ଉଠାଇବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ମଦ ଦୋକାନ ଉଠାଇବା ପାଇଁ ୩ ମାସ ସମୟ ଲାଗିବ ବୋଲି କହିଥିଲେ। ଏଥିରେ ମହିଳାମାନେ ଅସନ୍ତୋଷ ପ୍ରକାଶ କରିବାରୁ ଖୁବ୍‌ଶୀଘ୍ର ମଦ ଦୋକାନ ଉଠାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଖୁବ୍‌ଶୀଘ୍ର ମଦ ଦୋକାନ ସ୍ଥାନାନ୍ତର ନ ହେଲେ ଆଇନଅମାନ୍ୟ ପନ୍ଥା ଗ୍ରହଣ କରିବେ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।



# ଗାଁ ମଝିରେ ମଦ ଦୋକାନ; ଗ୍ରାମବାସୀଙ୍କ ବିରୋଧ

ଯୋଡ଼ା,୬।୭(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ଭୂୟାଁ ରୋଇଡ଼ା ପଞ୍ଚାୟତରେ ଗ୍ରାମ ମଝିରେ ଥିବା ମଦ ଦୋକାନକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଯାହାକୁ ନେଇ ସୋମବାର ଶତାଧିକ ସଂଖ୍ୟାରେ ମହିଳା ଓ ପୁରୁଷ ଏକତ୍ରିତ ହୋଇ ମଦ ଦୋକାନ ସାମ୍ନାରେ ବିରୋଧ କରିଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଗାଁ ମଧ୍ୟ ଭାଗରେ ଏହି ମଦ କୋଦାନଟି ଥିବାରୁ ସ୍କୁଲ ଯାଉଥିବା ଛୋଟ ଛୋଟ ନାବାଳକମାନେ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ଗ୍ରାମରେ ନିଶାସକ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଲୋକେ ମଦୁଆ ହୋଇ ଆର୍ଥିକ ସଙ୍କଟରେ ପଡୁଛନ୍ତି। ମଦ୍ୟପାନ କରି କୁଆଡେ କାମ କରିବାକୁ ଯାଉ ନାହାନ୍ତି। ଅନେକ ସମୟରେ ପରିବାର ମଧ୍ୟରେ ଅଶାନ୍ତି ସୃଷ୍ଟି ହେଉଛି। ସ୍କୁଲ ଠାରୁ ମାତ୍ର ୫୦ ମିଟର ଦୂରରେ ଏହି ମଦ ଦୋକାନଟି ଥିବାରୁ ସ୍ଥାନୀୟ କିଛି ମଦ୍ୟପ ଯୁବକ ସ୍କୁଲ ଯାଉଥିବା ଛାତ୍ରୀମାନଙ୍କୁ ଅସଭ୍ୟ ବ୍ୟବହାର ମଧ୍ୟ କରୁଥିବା ଅଭିଯୋଗ ହୋଇଛି। ଏହା ସହିତ ଅତି ନିକଟରେ ଏକ ବ୍ୟାଙ୍କ ଓ ପଞ୍ଚାୟତ ଅଫିସ୍ ମଧ୍ୟ ରହିଛି। ଏଣୁ ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ମହିଳା ଓ ପୁରୁଷ ମାନେ ଏହି ମଦ ଦୋକାନକୁ ଉଚ୍ଛେଦ କରି ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏହିପରି ଦୁଇଥର ଅଭିଯୋଗ ପରେ ମଦ ଦୋକାନର କିଛି ଦିନ ଅବଧି ରହିଛି, ତାହା ଶେଷ ହେବା ପରେ ମଦ ଦୋକାନକୁ ବନ୍ଦ କରି ଦିଆଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଥିଲା। ତେବେ ପୁନର୍ବାର ଉକ୍ତ ମଦ ଦୋକାନର ଲାଇସେନ୍ସ ଅନ୍ୟ ଜଣଙ୍କୁ ଦିଆଯିବା ପରେ ଦୋକାନ ଖୋଲା ଯିବାରୁ ଲୋକେ ଏହାକୁ ବିରୋଧ କରିଛନ୍ତି।



# ଲଘୁଚାପ ବର୍ଷା ଆଣିଲା ଦେଓ ନଦୀରେ ପ୍ରଥମ ବନ୍ୟା

କୁଆମରା,୬।୭(ସମିସ)

ଲଘୁଚାପ ଯୋଗୁଁ ବର୍ଷା ଲାଗି ରହିବା ଯୋଗୁଁ ଦେଓ ନଦୀର କଇଁସାରୀ ନିକଟସ୍ଥ ଜାମୁଘାଟଠାରେ ବନ୍ୟା ଜଳ ପ୍ରବାହିତ ହୋଇଛି। ଫଳରେ ଉଦଳାରୁ ଜୟପୁର ଦେଇ ବାଲେଶ୍ୱରକୁ ସଂଯୋଗ କରୁଥିବା ରାସ୍ତାରେ ଯାତାୟାତ ଠପ୍ ହୋଇପଡିଛି। ଉପର ମୁଣ୍ଡାରେ ଶୁକ୍ରବାର ରାତିରୁ ତୁହାକୁ ତୁହା ବର୍ଷା ଲାଗି ରହିବା ଫଳରେ ରବିବାର ସନ୍ଧ୍ୟାରୁ ଅସ୍ଥାୟୀ ପୋଲ ଉପରେ ୫ ଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ତେବେ ବନ୍ୟାଜଳ ଧୀରେ ଧୀରେ ବଢିବା ଯୋଗୁଁ ନଦୀକୂଳିଆ ଲୋକେ ଆତଙ୍କିତ ହୋଇପଡିଛନ୍ତି। ରବିବାର ସନ୍ଧ୍ୟାଠାରୁ ଯାନବାହନ ଏହି ରାସ୍ତା ଦେଇ ଯାଇ ନ ପାରି ୧୫ କିଲୋମିଟର ଦୂର କନ୍ହେଇବନ୍ଧ ଦେଇ ଉଦଳାକୁ ଯିବାକୁ ପଡୁଛି। ବନ୍ୟା ଯୋଗୁଁ ଗୋପବନ୍ଧୁନଗର ବ୍ଲକର ଜୟପୁର, ସାଇଁକୁଳା, ବରଡିହି, କୁଶଳଦା, କୁଆମରା, ଆରପଟା, ପୁରୁଣା ବାରିପଦା ପ୍ରଭୃତି ପଞ୍ଚାୟତ ପ୍ରଭାବିତ ହୋଇଛି। ତେବେ ବନ୍ୟା ଜଳ ପ୍ରବାହିତ ହେବା ଯୋଗୁଁ ଏହି ଅସ୍ଥାୟୀ ପୋଲ ଧୋଇଯିବା ନେଇ ଆଶଙ୍କା କରାଯାଉଛି।

ଆଜି ଅପରାହ୍ନ ସୁଦ୍ଧା ବର୍ଷା କମିବା ଯୋଗୁଁ ଅସ୍ଥାୟୀ ପୋଲ ଉପରେ ପାଣି କମିବାରେ ଲାଗିଛି ଓ ଯାତାୟତ ସ୍ୱାଭାବିକ ଅବସ୍ଥାକୁ ଫେରିଛି। ୨୦୨୩ରୁ ଏହି ପରିସ୍ଥିତି ଲାଗି ରହିଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ ଗୁରୁତ୍ୱ ଦେବା ଭଳି ଲାଗୁନାହିଁ। ୨୦୨୪ରେ ନୂତନ ପୋଲ ନିମନ୍ତେ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ହୋଇଥିଲେ ମଧ୍ୟ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ପୋଲ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ଫଳରେ ଜନସାଧାରଣ ଦୁର୍ଦ୍ଦଶା ଭୋଗୁଛନ୍ତି। ପୋଲ ନିର୍ମାଣ କାର୍ଯ୍ୟ ବର୍ଷେ ମଧ୍ୟରେ ସରିବ ବୋଲି ଡବଲ ଇଞ୍ଜିନ ସରକାର ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ନ ପାରିବା ପରିତାପର ବିଷୟ।

■ ଚିଞ୍ଚଲାଗଡ଼ିଆରୁ ଚୋରି ହୋଇଥିବା ବାଇକ୍ ଉଦ୍ଧାର

# ୪ ଅଭିଯୁକ୍ତ ଗିରଫ, ଜଣେ ନାବାଳକ ଅଟକ

ରାସଗୋବିନ୍ଦପୁର, ୬।୭(ସମିସ): ରାସଗୋବିନ୍ଦପୁର ଥାନା ପୁଲିସ ବାଇକ ଚୋରି ଘଟଣାର ପର୍ଦ୍ଦାଫାଶ କରି ଚୋରି ହୋଇଥିବା ବାଇକ୍ ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ମାମଲାରେ ଜଣେ ନାବାଳକଙ୍କୁ ଅଟକ ରଖାଯାଇଥିବାବେଳେ ଆଉ ଜଣେ ଅଭିଯୁକ୍ତ ଫେରାର ରହିଛନ୍ତି। ଗତ ଜୁନ ୨୦ ତାରିଖ ରାତିରେ ଚନ୍ଦନ ବେହେରା ଚିଞ୍ଚଲାଗଡ଼ିଆ ଅଞ୍ଚଳରେ ଦେହ ଅସୁସ୍ଥ ହୋଇପଡ଼ିବାରୁ ବାଇକ୍‌କୁ ସେଠାରେ ରଖି ଶୋଇପଡ଼ିଥିଲେ। ଏହି ସୁଯୋଗରେ ୪ ଜଣ ଯୁବକ ଓ ଜଣେ ନାବାଳକ ମିଶି ବାଇକ୍‌କୁ ଚୋରି କରି ନେଇଥିଲେ। ଘଟଣାର ତଦନ୍ତ ସମୟରେ ପୁଲିସ ସିସିଟିଭି ଫୁଟେଜ ଓ ଆଇଏମଇଆଇ ରିପୋର୍ଟ ଆଧାରରେ ଅଭିଯୁକ୍ତଙ୍କ ସନ୍ଧାନ ପାଇଥିଲା। ପରେ ଚଢ଼ଉ କରି ଆନିକେତ ବିଶ୍ୱାଳ (ଦାରଗାଡାହି), ମନୋଜ ସାହୁ (ମୂଳ ଘର ଉଦଳା, ବର୍ତ୍ତମାନ ମଧୁବନ), ମାନସ ସାହୁ (ମୂଳ ଘର ଉଦଳା, ବର୍ତ୍ତମାନ ମଧୁବନ) ଓ ରହୋନ କର୍ମକାର (ଦାରଗାଡାହି)ଙ୍କୁ ଗିରଫ କରାଯାଇଛି। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ଚୋରି ହୋଇଥିବା ବାଇକ ସହ ଏକ ମୋବାଇଲ ଫୋନ ଜବତ କରିଛି। ଏହି ଘଟଣାରେ ରାସଗୋବିନ୍ଦପୁର ଥାନାରେ ମାମଲା ରୁଜୁ ହୋଇଥିବାବେଳେ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସର ତଦନ୍ତ ଜାରି ରହିଛି।



## ବଡ଼ସାହି ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଲାଞ୍ଚ କାରବାର ପ୍ରସଙ୍ଗ

# ଦେଢ଼ ବର୍ଷ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

ବଡ଼ସାହି,୬।୭(ସମିସ)

ସଦାସର୍ବଦା ବଡ଼ସାହି ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ବିଭିନ୍ନ ପ୍ରସଙ୍ଗକୁ ନେଇ ଚର୍ଚ୍ଚାରେ ରହିଆସିଛି। ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ବିନା ଲାଞ୍ଚରେ କିଛିବି କାମ ହୁଏନାହିଁ ବୋଲି ଏକାଧିକ ଶିକ୍ଷକ ଅଭିଯୋଗ କରିଛନ୍ତି। ପୂର୍ବତନ ବିଇଓଙ୍କ ସମେତ ମୁଖ୍ୟ କିରାଣି ସରୋଜ ମହାନ୍ତି ସେମାନଙ୍କୁ ମିଥ୍ୟା ସରକାରୀ ଚିଠି ଦେଖାଇ, ପ୍ରଲୋଭିତ କରି ମୋଟା ଅଙ୍କର ଲାଞ୍ଚନେବା ପରେ ମଧ୍ୟ ସେମାନଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଛି। ଫଳରେ ସେମାନେ ଅବସର ଗ୍ରହଣ କରି ପେନସନ ସମୟରେ ନାହିଁ ନ ଥିବା ଅସୁବିଧାର ପଡି ସରକାରଙ୍କୁ ଲକ୍ଷାଧିକ ଟଙ୍କାର ରିକଭରି ମଧ୍ୟ ଦେଇଛନ୍ତି। ଏ ସଂକ୍ରାନ୍ତରେ ମଙ୍ଗଳପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ମହାରଣା ଓ ଗୋଡମୁଣ୍ଡୁଳି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭୁବନେଶ୍ୱର ମହାନ୍ତ ଜିଲ୍ଲାପାଳ ଓ ଏସପି, ଭିଜିଲାନ୍ସ ଡିଜି, କଟକ, ଭିଜିଲାନ୍ସ ଏସପି,ବାଲେଶ୍ୱରଙ୍କୁ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନଙ୍କ ଟଙ୍କା ଫେରସ୍ତ କରିବାକୁ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଦେଢ ବର୍ଷ ବିତିବାକୁ ବସିଥିବାବେଳେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ତଦନ୍ତ ମଧ୍ୟ ହେଲା ନାହିଁ କିମ୍ବା ତାଙ୍କୁ ଏଠାରୁ ବଦଳି ମଧ୍ୟ କରାଗଲା ନାହିଁ। ଫଳରେ ସରକାର ଏହି ପିସି କାରବାରକୁ ପ୍ରୋତ୍ସାହିତ କରୁଥିବାବେଳେ ଜଣେ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ବାରମ୍ବାର ଘଣ୍ଟ ଘୋଡାଇ ରଖୁଛନ୍ତି ବୋଲି ସ୍ପଷ୍ଟ ହୋଇଛି। ଯାହାକୁ ନେଇ ଶିକ୍ଷକ ମହଲ ତ୍ରାହି ତ୍ରାହି ଡାକୁଥିବାବେଳେ ଅସନ୍ତୋଷ ଦେଖାଦେଇଛି।

ଏଠାରେ ପେନସନ, ଜିପିଏଫ୍, ଏରିଆର, ହାଉସିଂଲୋନଠୁ ଆରମ୍ଭ କରି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିଭିନ୍ନ କାମରେ ଲାଞ୍ଚ ନ ହେଲେ କାମ ହୁଏନି। ଏପରିକି ସେମାନଙ୍କୁ ଏକାଧିକାର ବାର ଲାଞ୍ଚ ଦେବାକୁ ମଧ୍ୟ ପଡେ। ପ୍ରତିବାଦ କଲେ ଫାଇଲ ଅବଜେକ୍ସନ କରି ଅଟକାଇ ଆହୁରି ବିଳମ୍ବ କରି ଦେବାର ଧମକ ମିଳେ। ସେହିପରି ୧୯୮୯ରୁ ଶିକ୍ଷାକର୍ମୀ ଭାବେ କାମ ଆରମ୍ଭ କରିଥିବା କେତେକ ଶିକ୍ଷକଙ୍କୁ ମୁଖ୍ୟ କିରାଣି ଶ୍ରୀ ମହାନ୍ତି ଓ ପୂର୍ବତନ ବିଇଓ ୧୦୦ ଟଙ୍କାର ଏରିଅର କରାଇ ଦେବା କହି ପ୍ରଲୋଭିତ କରି ମିଥ୍ୟା ଚିଠି ଦେଖାଇଥିଲେ। ଏହାପରେ ଜଣେ ଜଣେ ଶିକ୍ଷକ ୩ରୁ ୩ ଲକ୍ଷ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ପାଇବେ ବୋଲି କହି ସେମାନଙ୍କଠାରୁ ୧୫ ହଜାର, ୧୭ ହଜାର ଏପରିକି ୪୨ ହଜାର ଟଙ୍କା ପର୍ଯ୍ୟନ୍ତ ଲାଞ୍ଚ ନେଇ ଟ୍ରେଜେରୀକୁ ବିଲ କରି ପଠାଇଥିଲେ।

ଫଳରେ ଟ୍ରେଜେରୀ ପକ୍ଷରୁ ସମ୍ପୃକ୍ତ ଶିକ୍ଷକଙ୍କୁ ଏହି ଟଙ୍କା ମିଳିଥିଲେ ହେଁ ଅବସର ପରେ ପେନସନ ସମୟରେ ସେମାନେ ଏହି ଟଙ୍କା ପାଇବାକୁ ଯୋଗ୍ୟ ନୁହଁନ୍ତି ଦର୍ଶାଇ ତାଙ୍କ ପେନସନ ପେପରକୁ କଣ୍ଟ୍ରୋଲର ଅଫ୍ ଆକାଉଣ୍ଟ ଅବଜେକ୍ସନ କରିବା ସହିତ ସେମାନେ ନେଇଥିବା ସେହି ଟଙ୍କାକୁ ରିକଭରୀ କରିବା ପାଇଁ ଚିଠି କରିଥିଲା। ସେମାନେ ଠକାମୀର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏପରି ଘଟଣା ୧୦/୧୨ ଜଣ ଶିକ୍ଷକଙ୍କ କ୍ଷେତ୍ରରେ ହୋଇଥିବାବେଳେ ସେମାନେ ସେହି ଟଙ୍କାକୁ ରିକଭରୀ ଦେଉଥିବା ଜଣାଯାଇଛି। ଏପରିକି କେତେକ କ୍ଷେତ୍ରରେ ପୂର୍ବତନ ବିଇଓଙ୍କ ଦସ୍ତଖତ ଜାଲ କରି ବିଭିନ୍ନ ଅନିୟମିତତା ହୋଇଥିବାବେଳେ ଫାଇଲ ଟ୍ରେଜେରୀରୁ ମଧ୍ୟ ଫେରିଥିବା ଜଣାଯାଇଛି। ଏହାପରେ ମଧ୍ୟ ଜଣେ ଦୁର୍ନୀତିଗ୍ରସ୍ତ କିରାଣିଙ୍କୁ ବିଭାଗ ୫ ବର୍ଷ ପାଖାପାଖି ହେବ ଏଠାରୁ ବଦଳି ନ କରିବାରୁ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ମୁଖ୍ୟ କିରାଣି ସରୋଜ ମହାନ୍ତିଙ୍କୁ ପଚାରିବାରୁ ଲାଞ୍ଚ କାରବାର ଓ ଜାଲ ଦସ୍ତଖତ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

# ବିସ୍ଫୋରକ ସାମଗ୍ରୀ ଚୋରା କାରବାର ବେଳେ ମାଡ଼ି ବସିଲା ପୁଲିସ, ୩ ଗିରଫ

ଖୋର୍ଦ୍ଧା,୬।୭(ସମିସ): ଖୋର୍ଦ୍ଧାରେ ଦୀର୍ଘ ବର୍ଷ ବ୍ୟବଧାନ ପରେ ପୁଣି ଆଉଥରେ ହୋଇଛି ପାହାଡ ବିସ୍ଫୋରଣ ପାଇଁ ଯୋଜନା। ସମସ୍ତ ପାହାଡ, କ୍ରସର ବନ୍ଦ ଥିବା ବେଳେ ବେଆଇନ ଭାବେ ଜିଲୋଟିନ୍ ଏବଂ ଡିଟନେଟର ଆଣି ମୁଣ୍ଡିଆ ଫଟାଇବାକୁ ମସୁଧା ଚାଲୁଥିଲା। ସଦର ଥାନା ପୁଲିସ ବିଶ୍ୱସ୍ତ

- ୬.୮୦ ଲକ୍ଷ ଟଙ୍କା ସହ ଜିଲାଟିନ ଷ୍ଟିକ୍ ଓ ଡିଟୋନେଟର ଜବତ
- ପୁଣି ପାହାଡ ବିସ୍ଫୋରଣ ପାଇଁ ହେଉଥିଲା ଡ୍ରିଲ୍

ସୂତ୍ରରୁ ଖବର ପାଇ ଏକ ବଡ଼ ଧରଣର ଚଢ଼ଉ କରି ବେଆଇନ ବିସ୍ଫୋରକ ସାମଗ୍ରୀ କାରବାରରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ପଲାଶପଟିଆ ଗ୍ରାମର ବିଶ୍ୱନାଥ କଁହର ଓରଫ୍ ବିଶ୍ବୁ, ଗଞ୍ଜାମ ଜିଲ୍ଲା ଜକରାର ଫିଟୁ ପ୍ରଧାନ (୩୩) ଏବଂ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଗଡନିଆଳ ର ରବିନାରାୟଣ ଖଟେଇ ଓରଫ୍ ରବି (୩୪)। ଚଢ଼ଉ ସମୟରେ ସେମାନଙ୍କ ନିକଟରୁ ୧୦୦ଟି ଡିଟୋନେଟର, ୨୦୦ଟି ଜିଲାଟିନ ଷ୍ଟିକ୍, ନଗଦ ୬ ଲକ୍ଷ ୮୦ ହଜାର ଟଙ୍କା, ୩ଟି ସ୍ମାର୍ଟ ଫୋନ୍, ୨ଟି ମୋଟରସାଇକେଲ ଏବଂ ଗୋଟିଏ ଅଶୋକ ଲେଲାଣ୍ଡ ଗାଡ଼ି ଜବତ କରାଯାଇଛି ବୋଲି ଆଜି ସନ୍ଧ୍ୟାରେ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପରମାର ସ୍ମିଥ ପରଶୋତ୍ତମ ଦାସ କହିଛନ୍ତି।

ଏସ୍‌ପିଙ୍କ କହିବା ଅନୁସାରେ, ସଦର ଥାନା ଅନ୍ତର୍ଗତ



ଡାପଙ୍ଗ ସବୁଜ କୃତ୍ରିମ ହ୍ରଦ ନିକଟ ପାହାଡ ଅଞ୍ଚଳରେ କିଛି ବ୍ୟକ୍ତି ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ କାରବାର କରୁଥିବା ନେଇ ଗୁପ୍ତ ସୂଚନା ମିଳିଥିଲା। ସେମାନଙ୍କୁ ଧରିବା ଲାଗି ପରମାର ସ୍ମିଥ ପରଶୋତ୍ତମ ଦାସଙ୍କ ନିର୍ଦ୍ଦେଶକ୍ରମେ ଏସ.ଡି.ପି.ଓ ପ୍ରକାଶ କୁମାର ମାଝୀ ଓ ସଦର ଥାନା ଆଇ.ଆଇ.ସି ବାସୁଦେବ ଜୟସିଂହଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଏ.ଏସ.ଆଇ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ଗୁପ୍ତ ସୂଚନା ଆଧାରରେ ଗତ ରବିବାର ସନ୍ଧ୍ୟା ପ୍ରାୟ ୬.୧୫ଟାରେ ଏହି ଚଢ଼ଉ କରିଥିଲେ। ଚଢ଼ଉ ବେଳେ ବିଶ୍ୱ ଠାରୁ ଗୋଟିଏ ମୋଟରସାଇକେଲ ଓ ଗୋଟିଏ ମୋବାଇଲ, ଫିଟୁ ନିକଟରୁ ନଗଦ ୬ ଲକ୍ଷ ୮୦ ହଜାର ଟଙ୍କା, ଗୋଟିଏ ମୋବାଇଲ୍ ଓ ଅଶୋକ ଲେଲାଣ୍ଡ ଗାଡ଼ି, ଏବଂ ରବି ନିକଟରୁ ଗୋଟିଏ ମୋବାଇଲ୍ ଓ ଏକ ମୋଟରସାଇକେଲ୍ ଜବତ କରିଥିଲା ପୁଲିସ। ଢେଙ୍କାନାଳ ଅଞ୍ଚଳରୁ ଏହି ବିସ୍ଫୋରକ ସାମଗ୍ରୀ ସବୁ ଅଣାଯାଇ ଏଠାରେ ବିଭିନ୍ନ ପାହାଡ ବିସ୍ଫୋରଣ ପାଇଁ ଯୋଗାଇ ଦେବାକୁ ବଡ ଧରଣର ଡିଲ୍ ଚାଲୁଥିଲା ବୋଲି ପ୍ରାଥମିକ ପଚରାଉଚରା ବେଳେ ଅଭିଯୁକ୍ତମାନେ ସ୍ୱୀକାର କରିଥିବା ଏସ୍‌ପି କହିଥିଲେ। ଅଧିକ ଲାଭ ଆଶାରେ ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ ବିକ୍ରି ପାଇଁ ଯୋଜନା କରିଥିବା ସ୍ୱୀକାର କରିଥିବା ପୁଲିସ କହିଛି। ଏହି ଘଟଣାରେ ଖୋର୍ଦ୍ଧା ସଦର ଥାନା କେସ୍ ନଂ-୩୦୯/୨୬ ଅନୁଯାୟୀ ଭାରତୀୟ ନ୍ୟାୟ ସଂହିତା ଧାରା ୨୮୮/୬୧(୨) ଏବଂ ବିସ୍ଫୋରକ ପଦାର୍ଥ ଆଇନ, ୧୯୦୮ ର ଧାରା ୫ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଏତେ ପରିମାଣର ଡେଟୋନେଟର ଓ ଜେଲାଟିନ ଷ୍ଟିକ୍ କେଉଁଠାରୁ ଆସିଥିଲା, କାହାକୁ ବିକ୍ରି କରିବା ପାଇଁ ଚୁକ୍ତି ହୋଇଥିଲା, ଏବଂ ଏହି କାରବାର ପଛରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ଦିଗରେ ପୁଲିସ ତଦନ୍ତ ଚଳାଉଛି। ସେହିପରି ଏତେ ପରିମାଣ ର ଟଙ୍କା ଜବତ ପରେ ବେଆଇନ ବିସ୍ଫୋରଣ ସାମଗ୍ରୀ କାରବାର ପାଇଁ ଫଣ୍ଡ ଯୋଗାଉଥିବା କିଙ୍ଗ ପିନ କିଏ ସେ ସମ୍ପର୍କରେ ପୁଲିସ ତଦନ୍ତ କରି ମୁଖ୍ୟ ଆସାମୀକୁ ଗିରଫ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏହି ବେଆଇନ ବିସ୍ଫୋରଣ ପରେ କେବଳ ପାହାଡ ନୁହେଁ, ଆଖପାଖରେ ଥିବା ଅନେକ କୋଠାଘର ମଧ୍ୟ ଫାଟି କ୍ଷତିଗ୍ରସ୍ତ ହୁଏ। ପୁଲିସ ଏହି ଘଟଣାର ତଦନ୍ତ କରି ଖୁବ୍ ଶୀଘ୍ର ରାକେଟକୁ ଧରିବାରେ ସଫଳ ହେବ ବୋଲି ଏସ୍‌ପି ଦାସ ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାମଲାର ତଦନ୍ତ ଉପନିରୀକ୍ଷକ ସୁଜାତା ପଲେଇ କରୁଛନ୍ତି।

### ବୈତରଣୀରେ ବନ୍ୟା ସ୍ଥିତି

## ସମୀକ୍ଷା କଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ

ଭୁବନେଶ୍ୱର,୬।୭(ସମିସ): ବୈତରଣୀ ନଦୀ ଅବବାହିକାରେ ଲଗାଣ ବର୍ଷାଜନିତ ଉଚ୍ଚ ଜଳସ୍ତର ଏବଂ ସେ ପ୍ରକାରରୁ ଆଶଙ୍କା କରାଯାଉଥିବା ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି। ରାଜୀବ ଭବନଠାରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ବୈତରଣୀ ନଦୀର ବର୍ତ୍ତମାନ ଜଳସ୍ତର, ଆଶଙ୍କା କରାଯାଉଥିବା ବନ୍ୟା ପରିସ୍ଥିତି, ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳ ଓ ଜନସଂଖ୍ୟା, ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି, ଉଦ୍ଧାର ଓ ସ୍ଥାନାନ୍ତରଣ ବ୍ୟବସ୍ଥା, ଆଶ୍ରୟସ୍ଥଳ ପରିଚାଳନା, ରିଲିଫ ସାମଗ୍ରୀର ମହଜୁଦ ଏବଂ ଉଦ୍ଧାରକାରୀ ଦଳର ନିୟୋଜନ ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା।

**ଚାଷଜମିର କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ**

ସମୀକ୍ଷା ପରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଓଡ଼ିଶାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣାଧୀନ ଅଛି। କୌଣସି ପ୍ରକାର ବିପଦ ନିମନ୍ତେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। କୌଣସି ଜଣେ ଲୋକଙ୍କୁ ମଧ୍ୟ ସ୍ଥାନାନ୍ତରଣ କିମ୍ବା ସହାୟତା ଆବଶ୍ୟକ ଥିଲେ ତାହାକୁ ଗୁରୁତ୍ୱର ସହିତ ଦୃଷ୍ଟିରେ ରଖି ସହଯୋଗ ଯୋଗାଇ ଦେବାକୁ ପ୍ରଶାସନଙ୍କୁ ଦୃଢ଼ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଲଗାଣ ବର୍ଷା ପ୍ରଭାବରେ ଯେଉଁ ଅଞ୍ଚଳରେ ଚାଷଜମି କ୍ଷତିଗ୍ରସ୍ତ ହେବାର ସୂଚନା ମିଳିଛି ବୋଲି ମନ୍ତ୍ରୀ କହିଥିବା ବେଳେ ଜିଲ୍ଲାପ୍ରଶାସନଙ୍କୁ ତାହାର ସର୍ଭେ ଏବଂ କ୍ଷତି ଆକଳନ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ କ୍ଷୟକ୍ଷତିର ୨୪ ଘଣ୍ଟା ପୂରଣ ହେବା ପୂର୍ବରୁ ହିଁ କ୍ଷତିପୂରଣ ପ୍ରଦାନ କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ; ପ୍ରଧାନଶିକ୍ଷକ ଥାନାରେ ଅଟକ

ବାରିକପୁର,୬।୭(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବାଲିପୋଖରୀ ପଞ୍ଚାୟତ ଶୁକଦେବ ଜେନା ହାଇସ୍କୁଲର ପ୍ରଧାନଶିକ୍ଷକଙ୍କ ନାମରେ ଗୁରୁତର ଅଭିଯୋଗ ଆସିଛି। ପ୍ରଧାନଶିକ୍ଷକ ଭଗବାନ ପ୍ରଧାନ ଜଣେକ ଶିକ୍ଷୟିତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ସହିତ ବିଭିନ୍ନ ସମୟରେ ଅସଦାଚରଣ କରୁଥିଲେ। ପ୍ରଧାନଶିକ୍ଷକ ଯୌନ ଶୋଷଣ ଭଳି ବ୍ୟବହାର ପ୍ରଦର୍ଶନ କରୁଥିବାରୁ ଶିକ୍ଷୟିତ୍ରୀ ଜଣକ ବାରମ୍ବାର ଏହାକୁ ପ୍ରତିରୋଧ କରିଥିଲେ। ଏହାସତ୍ତ୍ୱେ ପ୍ରଧାନଶିକ୍ଷକ ନିଜ ବ୍ୟବହାରରେ ପରିବର୍ତ୍ତନ ଆଣୁ ନ ଥିଲେ। ପରିଶେଷରେ ଶିକ୍ଷୟିତ୍ରୀ ଜଣକ ଅତିଷ୍ଠ ହୋଇ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ସମେତ ସ୍ଥାନୀୟ ଥାନାରେ ଗତ ୩୦ ତାରିଖ ଦିନ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗର ୫ଦିନ ପରେ ପୁଲିସ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଖବର ପାଇ ସ୍ଥାନୀୟ ୨୦୦ରୁ ଅଧିକ ମହିଳା ସ୍କୁଲ ପ୍ରାଙ୍ଗଣରେ ପହଞ୍ଚିଥିଲେ। ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ମହିଳାମାନେ ବିଭିନ୍ନ ନାରାବାଜି ଦେଇଥିଲେ। ପରିସ୍ଥିତିକୁ ଆୟତ କରିବା ପାଇଁ ପୁଲିସ ନାକେଦମ୍ ହୋଇଥିଲା। କିଛି ସମୟ ପରେ ପୁଲିସ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଥାନାକୁ ଆଣି ଅଟକ ରଖିଥିବା ଜଣାପଡ଼ିଛି। ଏନେଇ ପୁଲିସ ଉପଖଣ୍ଡ ଅଧିକାରୀଙ୍କ ମତାମତ ନେବାରୁ ଅଭିଯୋଗକୁ ନେଇ ସମ୍ପୃକ୍ତ ଶିକ୍ଷକ ଏବେ ପୁଲିସ ହେପାଜତରେ ଥିବାବେଳେ ଏନେଇ ଅଧିକ ତଦନ୍ତ ଜାରି ରହିଥିବା କହିଛନ୍ତି। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଅଭିଭାବକଙ୍କ ସମେତ ପଞ୍ଚାୟତବାସୀ ତୀବ୍ର ବିରୋଧ କରୁଥିବା ଜଣାପଡ଼ିଛି।

### ଭଦ୍ରକ ସହରରେ ବୁଲିଲା ବୁଲଡୋଜର

## ମାଟିରେ ମିଶିଲା ୫୦ରୁ ଅଧିକ କୋଠା ଓ ଅସ୍ଥାୟୀ ଘର

ଭଦ୍ରକ,୬।୭(ସମିସ): ଭଦ୍ରକ ସହରରେ ପୁଣି ବୁଲିଲା ବୁଲଡୋଜର। ସହରାଞ୍ଚଳର ୭ ନମ୍ବର ୱାର୍ଡ ଅଧୀନ ମଠସାହି ହନୁମାନ ମନ୍ଦିର ନିକଟରେ ଦୀର୍ଘ ବର୍ଷ ହେବ ସରକାରୀ ଜମିରେ ରହିଥିବା କୋଠାଘର, ଆସବେଷ୍ଟସ ଘର ଓ ଦୋକାନ ଘର ସହ ଅସ୍ଥାୟୀ ଘରଗୁଡ଼ିକୁ ସୋମବାର ପ୍ରଶାସନ ଓ ପୁଲିସ ମିଳିତଭାବେ ଜେସିବି ଲଗାଇ ଭାଙ୍ଗି ମାଟିରେ ମିଶାଇ ଦେଇଛନ୍ତି। ସୂଚନାଯୋଗ୍ୟ, ଭଦ୍ରକ ସହର ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ମଠସାହି ମୌଜାର ଖାତା ନମ୍ବର-୮୨୭ରେ ୧୬୨୨ ପ୍ଲଟ୍‌ରେ ଥିବା ପ୍ରାୟ ୧ଏକର ପତିତ କିସମ ସରକାରୀ ଜମିରେ ଦୀର୍ଘ ବର୍ଷ ହେବ ଜବରଦଖଲ କରି ୫୦ରୁ ଅଧିକ ବ୍ୟକ୍ତି କୋଠାଘର, ଦୋକାନ ଘର ଓ ଅସ୍ଥାୟୀ ଘର କରି ରହୁଥିଲେ। ତେବେ ଜବରଦଖଲ ଯୋଗୁଁ ବିଭିନ୍ନ ସମସ୍ୟା ଉପୁଜିବା



ସହ ସମ୍ପୃକ୍ତ ଅଞ୍ଚଳରେ ଡ୍ରଗ୍ସ କାରବାରଠାରୁ ଆରମ୍ଭ କରି ବିଭିନ୍ନ ଅନୈତିକ କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଥିଲା। ପରେ ପ୍ରଶାସନ ପକ୍ଷରୁ ଏହାର ଉଚ୍ଛେଦ ଲାଗି ପୂର୍ବରୁ ଘୋଷଣା କରାଯାଇଥିଲା। ଏହି ଉଚ୍ଛେଦ ବେଳେ ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଆଡିସନାଲ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ତହସିଲ୍ ସୁପରଭାଇଜର ଜ୍ୟୋତିରଞ୍ଜନ ପଣ୍ଡା, ବିକାଶ ଦାସ, ଡି.ଏସ.ପି ଅନିରୁଦ୍ଧ ମୁଦୁଲି, ଟାଉନ ଥାନା ଆଇଆଇସି ପ୍ରଶାନ୍ତ ଶେଖର ମିଶ୍ର, ଇନ୍‌ସପେକ୍ଟର ଦୟାନିଧି ଦାସ, ଭଦ୍ରକ ସଦର ଆର୍‌ଆଇ ଭଦ୍ରକ ସୌମ୍ୟ ସାମନ୍ତ, ଚରମ୍ପା ଆର୍‌ଆଇ ମନୋରମା ଧଳ, ବେକା ଆର୍‌ଆଇ ମଧୁସ୍ମିତା ସାହୁ, ସାତଭଉଣୀ ଆର୍‌ଆଇ ଗୌତମ ମଲ୍ଲିକ ଓ ସର୍ଭେୟର ସୁବାସ ପଲେଇ ପ୍ରମୁଖ ପୁଲିସ ଅଧିକାରୀ ତଥା ଫୋର୍ସ ସହ ପୌର କର୍ମଚାରୀମାନେ ସାମିଲ୍ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶ୍ରୀଲଙ୍କା ଜେଲ୍‌ରେ...

ଯେ, ଘଟଣାର କାରଣ ଓ ପରିସ୍ଥିତିର ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ମାଜିଷ୍ଟ୍ରେଟଙ୍କ ତତ୍ତ୍ୱାବଧାନରେ ପ୍ରାରମ୍ଭିକ ତଦନ୍ତ ହୋଇଥିବା ବେଳେ, ଆଜି ପରିସ୍ଥିତି ସ୍ୱାଭାବିକ ରହିଛି।ଏହି ଘଟଣା ପରେ ଶ୍ରୀଲଙ୍କାର କାରାଗାରଗୁଡ଼ିକର ଅତ୍ୟଧିକ ଭିଡ଼, ସୁରକ୍ଷା ବ୍ୟବସ୍ଥାର ଦୁର୍ବଳତା ଏବଂ କାରାଗାର ଭିତରେ ବେଆଇନ ମାଦକ ଚକ୍ରର ପ୍ରଭାବ ପୁଣିଥରେ ଚର୍ଚ୍ଚାର ବିଷୟ ପାଲଟିଛି।

### ଆବେଦନ ଖାରଜ...

ଡିଭିଜନ ହାଇକୋର୍ଟ ସଞ୍ଜୟ ଭଣ୍ଡାରୀ ମାମଲାର ଉଦାହରଣ ଦେଇ ନୀରବ ମୋଦୀ କରିଥିବା ପୁନଃ ଶୁଣାଣି ଆବେଦନକୁ ଖାରଜ କରିଦେଇଥିଲେ। ଭାରତ ଗଲେ ତାଙ୍କୁ ନିର୍ଯାତନା ଦିଆଯିବ ବୋଲି ନୀରବ ଯୁକ୍ତି ବାଢ଼ିଥିଲେ, କିନ୍ତୁ ସିବିଆଇ ଅଧିକାରୀମାନେ କୋର୍ଟରେ ଏହି ଦାବିକୁ ଭୁଲ୍ ପ୍ରମାଣିତ କରିଥିଲେ। ବର୍ତ୍ତମାନ ସମସ୍ତ ଆଇନଗତ ବାଧା ଦୂର ହୋଇଥିବାରୁ ବ୍ରିଟେନ କର୍ତ୍ତୃପକ୍ଷ ତାଙ୍କୁ ଭାରତ ସରକାରଙ୍କୁ ହସ୍ତାନ୍ତର କରିବା ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି ଏବଂ ଯେକୌଣସି ସମୟରେ ତାଙ୍କୁ ଭାରତ ଅଣାଯାଇପାରେ ବୋଲି କୁହାଯାଉଛି।

### ବଢୁଛି ଏସ୍‌ଆଇଆର୍...

କରୁନାହାନ୍ତି। ଏହାର ବଦଳରେ ସେମାନେ ବିଭିନ୍ନ କମ୍ୟୁନିଟି ହଲ୍, ଧର୍ମାନୁଷ୍ଠାନ ଏବଂ ନିଜ ବାସଭବନରେ ବସି ଭୋଟର ଫର୍ମ ପୂରଣ କରୁଛନ୍ତି। ଏଥିପାଇଁ ବିଭିନ୍ନ ହ୍ୱାଟସ୍‌ଆପ୍ ଗ୍ରୁପ୍ ମଧ୍ୟ ଖୋଲାଯାଇଛି। ଅନୁପ୍ରବେଶକାରୀଙ୍କ ନାମ ଭୋଟର ତାଲିକାରେ ସାମିଲ କରିବାକୁ କଂଗ୍ରେସ ପକ୍ଷରୁ ଶିବିରମାନ ଆୟୋଜନ କରୁଥିବା ବିରୋଧୀ ଦଳ ଦାବି କରିଛନ୍ତି। ଅପରପକ୍ଷରେ, ଉପମୁଖ୍ୟମନ୍ତ୍ରୀ ଡିକେ. ଶିବକୁମାର ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ, ସରକାର ଏହି ନିର୍ବାଚନ ପ୍ରକ୍ରିୟାରେ କୌଣସି ହସ୍ତକ୍ଷେପ କରୁନାହାନ୍ତି। ସରକାରୀ ସ୍ତରରେ ଭୋଟର ସଚେତନତା ବ୍ୟାପକ କରାଯାଉଥିବାରୁ ବିରୋଧୀ ଦଳ ଭୟଭୀତ ହୋଇପଡ଼ିଛନ୍ତି।

### ଓଡ଼ିଶାରେ ନିର୍ବାଚନମଣ୍ଡଳୀ...

ମୟୂରଭଞ୍ଜରେ ୧୧୧୨୬୭, ଯାଜପୁରରେ ୧୦୫୦୧୪, ବଲାଙ୍ଗୀରରେ ୯୯୨୫୮, ବାଲେଶ୍ୱରରେ ୯୩୬୪୯, ପୁରୀରେ ୮୫୧୬୨, ସୁନ୍ଦରଗଡ଼ରେ ୮୪୬୯୨, ବରଗଡ଼ରେ ୭୪୪୦୫ ଜଣଲୋକଙ୍କ ନାମଭୋଟର ତାଲିକାରୁ ବାଦ୍ ଦିଆଯାଇଛି। କଳାହାଣ୍ଡିରେ ୭୪୫୪୬ ଜଣଙ୍କ ନାମ ବାଦ ଦିଆଯାଇଥିବା ବେଳେ ଭଦ୍ରକରେ ୬୮୩୩୭, ଖୋର୍ଦ୍ଧାରେ ୬୬୬୬୯, ଜଗତସିଂହପୁରରେ ୬୪୯୫୬, କେନ୍ଦୁଝରରେ ୬୪୪୦୯, କୋରାପୁଟରେ ୬୨୨୯୦, କେନ୍ଦ୍ରାପଡାରେ ୬୦୨୪୦, ଢେଙ୍କାନାଳରେ ୫୮୫୫୪, ନୟାଗଡରେ ୫୬୭୦୫, ସମ୍ବଲପୁରରେ ୫୬୮୦୧, ରାୟଗଡାରେ ୪୫୪୯୩, ନବରଙ୍ଗପୁରରେ ୪୫୭୫୭, ଅନୁଗୋଳରେ ୪୪୮୮୨, କନ୍ଧମାଳରେ ୩୮୯୯୯ ଓ ଗଜପତିରେ ୩୧୩୫୬ ଜଣଙ୍କର ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି।

ଭୋଟର ତାଲିକାରେ ନାମ ବାଦ୍ ଯିବାକୁ ନେଇ ଅନେକ ଲୋକଙ୍କ ମନରେ ଛନକା ପଶିଛି। ବିଭିନ୍ନ ଜିଲ୍ଲାରେ ଏ ନେଇ ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଢେଙ୍କାନାଳରେ ଜଣେ ଭୋଟର କହିଛନ୍ତି ଯେ ମୋର ଦୁଇଜଣ ପିଲା ତଥା ସ୍ତ୍ରୀଙ୍କର ଚିଠା ଭୋଟର ତାଲିକାରେ ନାମ ଆସିଛି। ମାତ୍ର ମୋର ନାମ ନାହିଁ। ସେହିପରି ଅନ୍ୟଜଣେ ବ୍ୟକ୍ତିବିଶେଷ କହିଛନ୍ତି ଯେ ୧୯୭୪ ମସିହାରୁ ମୁଁ ଭୋଟ୍ ଦେଇ ଆସୁଛି। ମୋତେ ଆବାସ ଯୋଜନାରେ ଘର ସହ ଭତ୍ତା ମଧ୍ୟ ମିଳିଛି। ଏହାସତ୍ତ୍ୱେ ଭୋଟର ତାଲିକାରୁ ନାମ କଟିଛି। ଅପରପକ୍ଷେ କୌଣସି କାରଣରୁ ଯୋଗ୍ୟ ଭୋଟରଙ୍କ ନାମ କଟିଥିଲେ ଆପତ୍ତି, ଅଭିଯୋଗ କରାଗଲେ ସେମାନଙ୍କ ନାମ ପୁନର୍ବାର ନାମ ଭୋଟର ତାଲିକାରେ ସଂଯୋଗ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ କୁହାଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ୩୦ ଜିଲ୍ଲାରେ ୩୧ ଜିଲ୍ଲା ନିର୍ବାଚନ ଅଧିକାରୀ, ୧୪୭ ଜଣ ଇଆରଓ, ୯୯୪ ଜଣ ଏଇଆରଓ, ୪୫୪୦ ଜଣ ବିଏଲଓ ସୁପରଭାଇଜର ଏବଂ ୪୫୨୫୦ ଜଣ ବିଏଲଓ ନିୟୋଜିତ ହୋଇଥିଲେ। ୧୯ ତାରିଖ ସୁଦ୍ଧା ଭୋଟର ତାଲିକାରେ ନାମ ଥିବା ସମସ୍ତ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ ପାଇଁ ବିଏଲଓମାନେ ଘରକୁ ଘର ପରିଦର୍ଶନ କରିଥିଲେ। ଏପରିକି ପରିଗଣନା ଫର୍ମ ହାସଲ ପାଇଁ ବିଏଲଓମାନେ ଅତି କମରେ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଘରକୁ ୩ ଥର ଯାଇଛନ୍ତି। ଏହାସତ୍ତ୍ୱେ ରାଜ୍ୟରେ ୨୦ ଲକ୍ଷ ୧୨ ହଜାରରୁ ଅଧିକ ପରିଗଣନା ଫର୍ମ ଫେରିନାହିଁ ବୋଲି ସେ କହିଛନ୍ତି।

### ହଟିଲେ ଚମ୍ପତ...

ଏବେ ଏଫ୍‌ଆଇଆର ହୋଇପାରେ ବୋଲି କୁହାଯାଉଛି। ଟ୍ରଷ୍ଟ ସେମାନଙ୍କ ଉପରେ ଏତେ କ୍ଷୁବ୍ଧ ଯେ ଆଜିର ବୈଠକକୁ ଆସିବା ଲାଗି ସେମାନଙ୍କୁ ଅନୁମତି ଦିଆଯାଇ ନଥିଲା।

ବୈଠକ ପରେ ଟ୍ରଷ୍ଟର କୋଷାଧକ୍ଷ ସ୍ୱାମୀ ଗୋବିନ୍ଦ ଦେବ ଗିରି ସାମ୍ବାଦିକମାନଙ୍କୁ କହିଲେ ଯେ ଚାନ୍ଦା ଚୋରି କୋଟି କୋଟି ରାମଭକ୍ତଙ୍କୁ ଆଘାତ ଦେଇଛି। ଏହି ଘଟଣା ଟ୍ରଷ୍ଟ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। ଏହାର ସମ୍ମାନ କ୍ଷୁଣ୍ଣ ହୋଇଛି। ତେଣୁ ଏଥିରେ ଯେଉଁଯେଉଁମାନେ ସଂପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। କାହାକୁ ଛଡ଼ାଯିବ ନାହିଁ। ଏସଂପର୍କରେ ଗଠିତ ଏସ୍‌ଆଇଟିକୁ ଟ୍ରଷ୍ଟ ସବୁପ୍ରକାର ସହାୟତା ଓ ସହଯୋଗ ଦେବ। ଆସନ୍ତା ୨୨ ତାରିଖରେ ଟ୍ରଷ୍ଟର ଆଉ ଏକ ବୈଠକ ବସିବ ଏବଂ ଏଥିରେ ଏସଆଇଟିର ଚୂଡ଼ାନ୍ତ ରିପୋର୍ଟର ସମୀକ୍ଷା କରାଯିବ। ସେ ଆହୁରି କହିଲେ ଯେ ଭକ୍ତମାନେ ଦାନ କରିଥିବା ସମସ୍ତ ୨୮୦୦ ମୂଲ୍ୟବାନ ଉପହାର ସୁରକ୍ଷିତ ରହିଛି। ସେଥିମଧ୍ୟରୁ କିଛି ଉପହାର ସାମଗ୍ରୀକୁ ସାମ୍ବାଦିକମାନଙ୍କ ପାଇଁ ପ୍ରଦର୍ଶିତ ରାଯାଇଥିଲା। ଏଥିରେ ସୁନାର ରାମଚରିତ ମାନସ ଓ କିଛି ସୁନା ହାର ମଧ୍ୟ ରହିଛି।

### ପାଣ୍ଡିଆନଙ୍କ ସହଯୋଗ...

ଓଡ଼ିଶାର ସମ୍ମାନ ପୁଣିଥରେ ଆନ୍ତର୍ଜାତୀୟ ମଞ୍ଚରେ ବୃଦ୍ଧି କରିଛି। ଭେନେଜୁଏଲା କାମଚଳା ରାଷ୍ଟ୍ରପତି ଡେଲସି ରୋଡ୍ରିଗୁଏଜଙ୍କ ଆଗ୍ରହ ଓ ନିମନ୍ତ୍ରଣ କ୍ରମେ ନବୀନଙ୍କ ସହଯୋଗୀ ତଥା ତତ୍‌କାଳୀନ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ଭେନେଜୁଏଲା ଗସ୍ତ କରିଛନ୍ତି। ସେଠାରେ ସେ ଭୂକମ୍ପ ପୀଡ଼ିତଙ୍କ ଉଦ୍ଧାର ଓ ପୁନର୍ବାସ ସମ୍ପର୍କରେ ଭେନଜୁଏଲା ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିଛନ୍ତି।

ଭୟାବହ ଭୂମିକମ୍ପରେ ଭେନଜୁଆଲା ଏକପ୍ରକାର ଧ୍ୱସ୍ତ ବିଧ୍ୱସ୍ତ ହୋଇଛ। ୩୦୦୦ରୁ ଉର୍ଦ୍ଧ୍ୱ ମୃତ୍ୟୁବରଣ କରିଛନ୍ତି ଓ ୫୦ ହଜାରରୁ ଉର୍ଦ୍ଧ୍ୱ ନିଖୋଜ ଅଛନ୍ତି। ଏବେ ବି ଧ୍ୱସ୍ତସ୍ତୁପ ତଳୁ ଲୋକମାନଙ୍କୁ ଉଦ୍ଧାର କରାଯାଉଛି। ଏହି କ୍ରମରେ ବିପର୍ଯ୍ୟୟ ମୁକାବିଲା ସମ୍ପର୍କରେ ଓଡ଼ିଶାର ଅଭିଜ୍ଞତାରୁ ଶିକ୍ଷା ଗ୍ରହଣ କରିବା ନିମନ୍ତେ ଭେନଜୁଆଲା ଆଗ୍ରହ ପ୍ରକାଶ କରିଛି। ୧୯୯୯ ମହାବାତ୍ୟାରୁ ଶିକ୍ଷା ନେଇ ନବୀନଙ୍କ ନେତୃତ୍ୱରେ ଓଡ଼ିଶା ବିପର୍ଯ୍ୟୟ ପରିଚାଳନାରେ କ୍ଷେତ୍ରରେ ଏକ ସର୍ବଶ୍ରେଷ୍ଠ ମଡେଲ ପ୍ରସ୍ତୁତ କରି ପାରିଥିଲା। ନବୀନଙ୍କ ମାର୍ଗଦର୍ଶନରେ ୫-ଟି ସଚିବ ଭି. କାର୍ତ୍ତିକ ପାଣ୍ଡିଆନଙ୍କ ନେତୃତ୍ୱରେ ଓଡ଼ିଶା ବିପର୍ଯ୍ୟୟ ମୁକାବିଲାରେ ଅକଳ୍ପନୀୟ ସଫଳତା ପାଇଥିଲେ। ବିପର୍ଯ୍ୟୟ ସମୟରେ ଓଡ଼ିଶା ସରକାରଙ୍କ ତ୍ୱରିତ ପଦକ୍ଷେପ ଏବଂ 'ଶୂନ୍ୟ ଜୀବନ ହାନି' ନୀତିକୁ ସାରା ବିଶ୍ୱ ଗ୍ରହଣ କରିଛି। ବିଶେଷକରି ଫାଇଲିନଠାରୁ ଆରମ୍ଭ କରି ଫନି, ହୁଡୁହୁଡ, ଅମ୍ଫନ, ଗୁଲାବ, ୟସ୍ ପରି ବାତ୍ୟା ସମୟରେ ତତ୍କାଳୀନ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ମୁକାବିଲାରେ ପାରଦର୍ଶିତାକୁ ଦେଶ, ବିଦେଶରେ ଉଚ୍ଚ ପ୍ରଶଂସା ମିଳିଥିଲା। ଅତି ଭୟଙ୍କର ରେଳ ଦୁର୍ଘଟଣା ସମୟରେ ସରକାରଙ୍କ ତ୍ୱରିତ ପଦକ୍ଷେପ ଅନେକ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲଶ। ତେଣୁ ବିପର୍ଯ୍ୟୟ ମୁକାବିଲାର ପ୍ରସ୍ତୁତି ଓ ବିପର୍ଯ୍ୟୟ ପରେ ଏହାର ପରିଚାଳନାର ଅନୁଭବ ଓ ଅଭିଜ୍ଞତାକୁ ଶ୍ରୀ ପାଣ୍ଡିଆନ ଭେନଜୁଆଲାର ରାଷ୍ଟ୍ରପତି ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହାପୂର୍ବରୁ ଶ୍ରୀ ପାଣ୍ଡିଆନ ଭୂକମ୍ପ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ପୀଡ଼ିତ ଏବଂ ଉଦ୍ଧାରକାର୍ଯ୍ୟରେ ନିୟୋଜିତ ଦଳ ସହିତ ଆଲୋଚନା କରିଥିଲେ। ଏଭଳି ଏକ ଆହ୍ୱାନପୂର୍ଣ୍ଣ ସମୟରେ ସେଠାରେ ସେବା ଯୋଗାଇ ଦେଉଥିବା ଭାରତୀୟ ସେନାର ଅତୁଳନୀୟ କାର୍ଯ୍ୟକୁ ସେ ଉଚ୍ଚ ପ୍ରଶଂସା କରିଥିଲେ। ଏଥିସହିତ ଦିନରାତି ଏକ କରି ଲୋକଙ୍କ ଜୀବନ ବଞ୍ଚାଉଥିବା ଡାକ୍ତରୀ ଦଳ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ତ୍ୟାଗକୁ ମଧ୍ୟ ସେ ପ୍ରଶଂସା ଜଣାଇଛନ୍ତି।

ଶ୍ରୀ ପାଣ୍ଡିଆନ ତାଙ୍କ ସାମାଜିକ ଗଣମାଧ୍ୟମରେ ମଧ୍ୟ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଭେନେଜୁଏଲାର ଭୂକମ୍ପ ପ୍ରଭାବିତ ଅଞ୍ଚଳ ପରିଦର୍ଶନ ସହ ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିବିଶେଷଙ୍କ ଭେଟିଥିବା ସେ କହିଛନ୍ତି। ଏହି ଭୟଙ୍କର ଆହ୍ୱାନପୂର୍ଣ୍ଣ ସମୟରେ ଲୋକଙ୍କ ସହ ଛିଡ଼ା ହୋଇଥିବାରୁ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଆନ୍ତରିକତାର ସହ ପ୍ରଶଂସା ସହ ପ୍ରଭାବିତ ଲୋକଙ୍କ ପାଇଁ ସେବା ଯୋଗାଇ ଦେଉଥିବା ଭାରତୀୟ ସେନା ଏବଂ ମେଡିକାଲ ଟିମକୁ ମଧ୍ୟ ସେ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି। ତେବେ ଭେନଜୁଆଲା ପରି ଦେଶ ବିପର୍ଯ୍ୟୟ ପରିଚାଳନାର ଜ୍ଞାନ ସଂଗ୍ରହ ନିମନ୍ତେ ପାଣ୍ଡିଆନଙ୍କ ଅଭିଜ୍ଞତାକୁ ବ୍ୟବହାର କରିବା ସାମାଜିକ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଛି। ସଫଳତା, ନିଷ୍ଠାପର ଉଦ୍ୟମ ତଥା ଅଧ୍ୟବସାୟ କେବେ ନିରର୍ଥକ ଯାଏ ନାହିଁ ବୋଲି ଅନେକ ମତ ପ୍ରକାଶ କରିଛନ୍ତି।

### କେବଳ ଅଧିକୃତ...

କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରଥଯାତ୍ରା କର୍ଡନ ପାସ୍ ସଂକ୍ରାନ୍ତରେ ଜିଲ୍ଲାପାଳଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ନିୟମ ଅନୁସାରେ ଗୋଟିଏ ବି ଅଧିକ କର୍ଡନ ପାସ୍ ଇସ୍ୟୁ ନ କରିବାକୁ କହିଛନ୍ତି। କେବଳ ଶ୍ରୀମନ୍ଦିର ନୀତିକାନ୍ତି ସହ ଜଡ଼ିତ ସେବକ ଓ କର୍ମଚାରୀଙ୍କ ବ୍ୟତୀତ ଆଉ କାହାକୁ ପାସ୍ ଦିଆଯିବ ନାହିଁ। ରଥଯାତ୍ରାର ସୁପରିଚାଳନା ପାଇଁ ସୋମବାର ଆୟୋଜିତ ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ବେନିୟମ ଭାବେ କର୍ଡନ ଅଞ୍ଚଳକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ଲୋକଙ୍କୁ ଶାଳୀନତାର ସହ ବୁଝାଇ ବାରଣ କରିବାକୁ ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ରଥଯାତ୍ରା ପାଇଁ ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ସମର୍ପଣ ଓ ସମନ୍ୱୟର ମନ୍ତ୍ର ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସମର୍ପଣ ଭାବ ନେଇ ସବୁ ବିଭାଗକୁ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ହେଉଛନ୍ତି ଆମ ସମସ୍ତଙ୍କ ହୃଦୟର ଠାକୁର। ରଥଯାତ୍ରା କେବଳ ପୁରୀ ନୁହେଁ, ସାରା ଓଡ଼ିଶା ତଥା ସମଗ୍ର ଦେଶ ଓ ବିଶ୍ୱର ଜଗନ୍ନାଥ ଭକ୍ତଙ୍କ ପାଇଁ ସବୁଠାରୁ ପବିତ୍ର ଦିନ। ଏହି ପର୍ବ ଉପରେ ସମଗ୍ର ବିଶ୍ୱର ନଜର ରହିଛି। ଏକ ସୁରକ୍ଷିତ ରଥଯାତ୍ରା କେବଳ ଏକ ସରକାରୀ କର୍ତ୍ତବ୍ୟ ନୁହେଁ, ଏହା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ। ସମସ୍ତ ଅଧିକାରୀ ନିଜ ନିଜ କର୍ତ୍ତବ୍ୟକୁ ନିଷ୍ଠାର ସହିତ ମହାପ୍ରଭୁଙ୍କ ଆଦେଶ ମନେ କରି ସେବା ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସୁରକ୍ଷା ଓ ଭିଡ଼ ପରିଚାଳନା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ସେହିପରି ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ, ଗମନାଗମନ, ଟ୍ରାଫିକ୍ ନିୟନ୍ତ୍ରଣ ଆଦି ସମସ୍ତ ବ୍ୟବସ୍ଥା ହୋଇଛି। ଗତ ଦୁଇ ବର୍ଷରେ ଯେଉଁ ଅଭିଜ୍ଞତା ମିଳିଛି ସେସବୁକୁ ଦୃଷ୍ଟିରେ ରଖି ଉପଯୁକ୍ତ ସମନ୍ୱୟ ରକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମସ୍ତ କାର୍ଯ୍ୟର ଉପଯୁକ୍ତ ମନିଟରିଙ୍ଗ୍ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ମହାପ୍ରଭୁଙ୍କ ସେବକମାନେ ସମୟାନୁବର୍ତ୍ତିତାର ସହ ସମସ୍ତ ନୀତିକାନ୍ତି ସମ୍ପନ୍ନ କରୁଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କର ପ୍ରଶଂସା କରିଥିଲେ। ସଚେତନତା ପାଇଁ ବିଭିନ୍ନ ଗଣମାଧ୍ୟମ, ଡାକବାଜି ଯନ୍ତ୍ର ଓ ସାମାଜିକ ଗଣମାଧ୍ୟମ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମହାପ୍ରଭୁଙ୍କ ନୀତିକାନ୍ତି, ଅନ୍ୟାନ୍ୟ ସେବା, ଟ୍ରାଫିକ୍ ଚଳାଚଳର ସଦ୍ୟତମ ସ୍ଥିତି ଏବଂ ଅନ୍ୟାନ୍ୟ ଜରୁରୀ ସୂଚନା ଏଫ୍‌ଏମ୍ ରେଡିଓ, ସାମାଜିକ ଗଣମାଧ୍ୟମ, ବିଭାଗୀୟ ୱେବ୍‌ସାଇଟ୍ ତଥା ଟେଲିଭିଜନ ମାଧ୍ୟମରେ ପ୍ରଦାନ କରାଗଲେ ଅନେକ ସମସ୍ୟାକୁ ଏଡ଼ାଇ ହେବ ବୋଲି ସେ କହିଥିଲେ। ଗୁଜବ ସୃଷ୍ଟିକାରୀଙ୍କ ଉପରେ କଡ଼ା ନଜର ରଖି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ।

ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମହାପ୍ରଭୁ ହେଉଛନ୍ତି ଭାବର ଠାକୁର। ସେହି ଭାବର ସମ୍ପର୍କକୁ ସମ୍ମାନ ଦେଇ ସମସ୍ତେ ନିଜର କର୍ତ୍ତବ୍ୟ ସୁଚାରୁ ରୂପେ ପାଳନ କଲେ ରଥଯାତ୍ରା ଠିକ୍ ଭାବରେ ସମ୍ପନ୍ନ ହୋଇପାରିବ। ସେ କହିଥିଲେ ଯେ, ସମସ୍ତ ଭକ୍ତ ଯେପରି ଏକ ସୁଖଦ ଆଧ୍ୟାତ୍ମିକ ଅନୁଭବ ନେଇ ମହାପ୍ରଭୁଙ୍କ ଦର୍ଶନ କରି ଫେରିବେ, ସେଥିରେ ଆମ ସମସ୍ତଙ୍କର ସଫଳତା ଓ ଆମ ସମସ୍ତଙ୍କର ପୁଣ୍ୟ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶିତ 'ରୂପରେଖ-ରଥଯାତ୍ରା ୨୦୨୬' ପୁସ୍ତିକାର ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ବରିଷ୍ଠ ମନ୍ତ୍ରୀଗଣ, ସାଂସଦ ଓ ବିଧାୟକଗଣ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସାମଗ୍ରିକ ପ୍ରସ୍ତୁତିର ବିବରଣୀ ପ୍ରଦାନ କରିଥିଲେ ଏବଂ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ସୁରକ୍ଷା ସମ୍ପର୍କିତ ସମସ୍ତ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ ସହ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବରିଷ୍ଠ ଅଧିକାରୀ ବୃନ୍ଦ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ମଠାଧୀଶ, ସେବାୟତ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

### ଇସ୍ତଫା ଦେଲେ...

କାରଣକୁ ହଜମ କରିପାରୁ ନାହିଁ। ୨୫ ଦିନ ତଳେ ଇସ୍ତଫାପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ ହେଁ ଏହାର ସୁରାକ କେହି ପାଇ ନ ଥିଲେ। ଏବେ ୨୫ ଦିନ ପରେ ତାହା ଲୋକଲୋଚନକୁ ଆସିଛି। ନିଜ ପରିବାର, ସମ୍ପର୍କୀୟ ଓ ବନ୍ଧୁମାନଙ୍କ ସହ ଆଲୋଚନା କରି ସେ ଏପରି ନିଷ୍ପତ୍ତି ନେଇଥିବା ଓ ଆଇପିଏସ୍ ଛାଡ଼ି ଘରୋଇ କ୍ଷେତ୍ରରେ କାର୍ଯ୍ୟ କରିବାକୁ ସେ ମନସ୍ଥ କରିଥିବା ନିଜେ ଶ୍ରୀ ମୀନା କହିଛନ୍ତି। ଏହା ସହ ତାଙ୍କ ଇସ୍ତଫା ସହ କୌଣସି ଘଟଣା ସହ ନ ଯୋଡ଼ିବାକୁ ଶ୍ରୀ ମୀନାଙ୍କ ଟିପ୍ପଣୀ ଅନେକ ଦିଗକୁ ଇଙ୍ଗିତ କରିଛି। ସମ୍ଭବତଃ କୌଣସି (!) ଘଟଣା ହିଁ ତାଙ୍କ ଇସ୍ତଫା ପଛର କାରଣ ହୋଇଥାଇପାରେ ବୋଲି ଅନେକ ମନେ କରୁଛନ୍ତି।

ଶ୍ରୀ ମୀନା ୨୦୧୩ ବ୍ୟାଚର ଓଡ଼ିଶା କ୍ୟାଡ଼ର ଆଇପିଏସ୍। ଗଞ୍ଜାମରୁ ସେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରି ପରବର୍ତ୍ତି ସମୟରେ କଳାହାଣ୍ଡି ଏସ୍‌ଡିପିଓ, ଅନୁଗୁଳ ଓ ଗଞ୍ଜାମ ଏସ୍‌ପି ଭାବେ କାମ କରିଛନ୍ତି। ପରେ କଟକ ଯୁପିଡି ଡିସିପି ଓ ଗତବର୍ଷ ମାର୍ଚ୍ଚ ୫ରୁ ଭୁବନେଶ୍ୱର ଡ଼ିସିପି ଭାବରେ କାର୍ଯ୍ୟ କରୁଥିଲେ। ଯଦିଓ ସେ ଇସ୍ତଫାର କାରଣ ସେ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଭାବେ ଦର୍ଶାଇଛନ୍ତି; ତଥାପି ଏହି ନିଷ୍ପତ୍ତି ଖୋଦ୍ ପୁଲିସ ବିଭାଗକୁ ବି ସନ୍ଦେହରେ ପକାଇଛି। ବୈଷୟିକ ଜ୍ଞାନକୌଶଳରେ ସେ ତାଙ୍କ ସମୟର ଅନ୍ୟତମ ଶ୍ରେଷ୍ଠ ଅଧିକାରୀ ରୂପେ ପରିଚିତ। ୨୦୨୫ରେ ଭୁବନେଶ୍ୱର ପୁଲିସ ଜିଲ୍ଲାରେ ରୁଜୁ ହୋଇଥିବା ୧୫୬୬୪ ମାମଲା ମଧ୍ୟରୁ ୧୪୪୯୭ ମାମଲାର ତଦନ୍ତ ଶେଷ ପଛରେ ତାଙ୍କର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସିସିଟିଏନ୍‌ରେ ମଧ୍ୟ ଫାଇନାଲ ଫର୍ମ ଅପଲୋଡ଼ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି ଘଟିଥିଲା ତାଙ୍କ ସମୟରେ ପ୍ରଗତି ଡ୍ୟାସବୋଡର୍‌ରେ ରାଜ୍ୟରେ ଭୁବନେଶ୍ୱର ପୁଲିସ ଜିଲ୍ଲା ଶ୍ରେଷ୍ଠସ୍ଥାନ ଅଧିକାର କରିଥିଲା। ମାତ୍ର ଉଚ୍ଚ ପ୍ରଶାସନିକ ଚାପ, ସରକାରୀସ୍ତରରେ ଦୁର୍ବ୍ୟବହାର ଓ ସାଧାରଣରେ ସମାଲୋଚନା ଯୋଗୁଁ ସେ ଚାକିରି ଛାଡ଼ିଥିବା କୁହାଯାଉଛି।

### ଶୋଇଥିବାବେଳେ ବୀଭତ୍ସ...

ପୁଲିସ ସୂଚନା ଅନୁଯାୟୀ ପଇତାପାଣି ଗ୍ରାମର ଶୁକ ହୋ'ଙ୍କ ପୁଅ ବିଭୀଷଣ ହୋ' (୫୩) ରାତିରେ ନିଜ ପୁତୁରା ଘନ ହୋ'ଙ୍କ ଘର ବାରଣ୍ଡାରେ ଶୋଇଥିଲେ। ରାତିରେ କେହି ଦୁର୍ବୃତ୍ତ ତାଙ୍କ ଉପରେ ଆକ୍ରମଣ କରିଥିଲେ। ଆକ୍ରମଣକାରୀ ଜଣକ ଧାରୁଆ ଅସ୍ତ୍ର ଦ୍ୱାରା ବିଭୀଷଣଙ୍କ ମୁଣ୍ଡ, ଛାତି ଏବଂ ଶରୀର ବିଭିନ୍ନ ସ୍ଥାନରେ ଏକାଧିକ ଆଘାତ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରଦିନ ସକାଳେ ପରିବାର ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ଦେଖି ଆନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପଇତାପାଣି ଗ୍ରାମଟି କେନ୍ଦୁଝର ଜିଲ୍ଲା ଶେଷ ସୀମାରେ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହି ଗାଁକୁ ଯିବା ପାଇଁ ପକ୍କା ରାସ୍ତାଟିଏ ନାହିଁ। ଗାଁକୁ ଯିବାକୁ ହେଲେ ପ୍ରାୟ ୨ କି.ମି ପାଦରେ ଚାଲିବାକୁ ପଡେ ଆମ୍ବୁଲାନ୍ସ ଗାଁ ଭିତରକୁ ଯାଇ ନ ପାରିବାରୁ ଗ୍ରାମବାସୀ ମିଳିତ ଭାବେ ଖଟିଆରେ ମୃତଦେହକୁ ବୋହି ଆଣିଥିଲେ। ପରେ ମୁଖ୍ୟ ରାସ୍ତାରୁ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି। ଖବର ପାଇ ଆନନ୍ଦପୁର ଏସ୍‌ଡିପିଓ କମଳ କୁମାର ପଣ୍ଡା ଏବଂ ଆନନ୍ଦପୁର ଥାନାଧିକାରୀ ଫନିନ୍ଦ୍ରା ଭୂଷଣ ନାଏକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତ ବିଭୀଷଣଙ୍କ ନାଁରେ ପୂର୍ବରୁ ଏକ ହତ୍ୟା ମାମଲା ରହିଛି। ୨୦୨୦ ମସିହାରେ ସେ ଜଣଙ୍କୁ ତୀର ମାରି ହତ୍ୟା କରିଥିଲେ। ଏହି ମାମଲାରେ ସେ ୨୦୨୩ ମସିହାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଯାଇଥିଲେ। ପରେ ସେ ଜାମିନରେ ମୁକ୍ତ ହୋଇ ଘରକୁ ଫେରିଥିଲେ। ପୁଲିସ ଏହି ପୂର୍ବ ଶତ୍ରୁତାକୁ ମଧ୍ୟ ତଦନ୍ତର ପରିସର ଭିତରକୁ ଆଣିଛି। ପୁଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ ହୋଇଛି।

### ବୈତରଣୀରେ ଛୋଟ...

ଘଣ୍ଟା ପ୍ରତି ୨୫ କିମି ବେଗରେ ଏହା ଗତି କରୁଥିବା ବେଳେ ଆଗାମୀ ୨୪ ଘଣ୍ଟାରେ ଏହି ଉତ୍ତରପଶ୍ଚିମ ଦିଗରେ ଝାଡ଼ଖଣ୍ଡ, ଉତ୍ତର ଛାତିଶଗଡ ପାର୍ଶ୍ୱବର୍ତ୍ତୀ ପୂର୍ବ ମଧ୍ୟପ୍ରଦେଶ ଦେଇ ଗତିକରିବା ସମ୍ଭାବନା ରହିଛି। ଏହି ଅବପାତ ପ୍ରଭାବରେ ସୋନପୁରରେ ସର୍ବାଧିକ ୩୨୮.୪ ମିମି ବର୍ଷା ହୋଇଥିବା ବେଳେ ହୀରାକୁଦରେ ୨୦୦.୨ ମିମି, ସମ୍ବଲପୁର ରେ ୧୯୩.୪ମିମି ରେକର୍ଡ କରାଯାଇଛି।

ଅନ୍ୟପଟେ ରାଜ୍ୟରେ ଗତ ୪୮ ଘଣ୍ଟା ଧରି ମୌସୁମୀ ଅତ୍ୟଧିକ ସକ୍ରିୟ ରହିବା ଯୋଗୁଁ ଦୈନିକ ହାରାହାରି ବର୍ଷାଠାରୁ ୪ଗୁଣା କିମ୍ବା ଏହାଠାରୁ ଅଧିକ ବର୍ଷା ରେକର୍ଡ ହୋଇଛି। ଏଥିପାଇଁ ଜୁନ୍ ମାସର ୪୭ ପ୍ରତିଶତ ନିଅଣ୍ଟିଆ ଭରଣ ସହ, ୧ଜୁନରୁ ୬ ଜୁଲାଇ ସୁଦ୍ଧା ରାଜ୍ୟରେ ୩୨୩.୪ମିମି ବର୍ଷା ରେକର୍ଡ ହୋଇଛି, ଯାହାକି ସ୍ୱାଭାବିକ ବର୍ଷା ୨୬୫.୮ ମିମି ତୁଳନାରେ ୨୨ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ଏହି ବର୍ଷା ଯୋଗୁଁ ଏବେ ରାଜ୍ୟର ବିଭିନ୍ନ ନଦୀ ମଧ୍ୟ ଫୁଲିଛି। ବିଶେଷ କରି ବୈତରଣୀ ସମେତ ମହାନଦୀରେ ଜଳସ୍ତର ବୃଦ୍ଧି ହୋଇଛି। ଏମିତି କି ବୈତରଣୀରେ ଏକ ଛୋଟ ଧରଣର ବନ୍ୟା ଆସିବା ନେଇ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି। ସେ କହିଛନ୍ତି ଯେ ବୈତରଣୀ ଜଳସ୍ତର ବଢୁଥିବାରୁ ଛୋଟ ବନ୍ୟା ଆଶଙ୍କା ରହିଛି। ଏଥିରେ ଯାଜପୁର ଜିଲ୍ଲାର ତଳିଆ ଅଞ୍ଚଳ ପ୍ରଭାବିତ ହୋଇପାରେ। ସେହିପରି ଆଖୁଆପଦାରେ ଅପରାହ୍ନ ୪ ଟା ସୁଦ୍ଧା ଜଳସ୍ତର ବିପଦ ସଙ୍କେତ ଟପିବାର ଆଶଙ୍କା ରହିଛି। ଏଥିପାଇଁ ବିଭିନ୍ନ ତଳିଆ ଅଞ୍ଚଳବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ରହିବାକୁ କୁହାଯାଇଛି। ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି ସରକାର କହିଥିବା ବେଳେ ଭଦ୍ରକର ମଧ୍ୟ କିଛି ତଳିଆ ଅଞ୍ଚଳର ପ୍ରଭାବିତ ହେବା ଆଶଙ୍କା ରହିଛି।

### ୯ରେ ହୀରାକୁଦ...

ଜଳ ନିଷ୍କାସିତ ହେବ ବୋଲି ସ୍ଥିର ହୋଇଛି। ହୀରାକୁଦର ଜଳଭଣ୍ଡାର ଜଳସ୍ତରର ୬୦୪ ଫୁଟ ରହିଛି। ବର୍ତ୍ତମାନ ଅଧିକାଂଶ ଜଳାଶୟ ଖାଲି ରହିଥିବାରୁ ଏବେସୁଦ୍ଧା ବଡ଼ଧରଣର ବନ୍ୟା ହେବାର ସମ୍ଭାବନା ନାହିଁ ବୋଲି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି।

### ଲଗାଣ ବର୍ଷାରେ...

ଜେମାର ମୃତ୍ୟୁ ହୋଇସାରିଥିଲା। ମୃତକଙ୍କ ବାପା ଗୋବିନ୍ଦ ମୁଣ୍ଡା କାମ କରିବା ପାଇଁ ବାସୁଦେବପୁର ଯାଇଥିଲେ। ଆଜି ସ୍ଥାନୀୟ ବିଡିଓ ସ୍ୱପ୍ନେଶ୍ୱର ବେହେରା, ସରପଞ୍ଚ ଚମ୍ପାବତୀ ଟୁଡୁ, ସାତକୋଶିଆ ରାଜସ୍ୱ ନିରୀକ୍ଷକ ଅବିନାଶ କୁମାର ନାୟକ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସରପଞ୍ଚଙ୍କ ଅଭିଯୋଗ କ୍ରମେ ମହୁଲଡିହା ଥାନା ଆଇଆଇସି ତୁଷାର ନାୟକଙ୍କ ନିର୍ଦ୍ଦେଶରେ ଏଏସଆଇ ବିଜୟକୃଷ୍ଣ ସାନ୍ତରା ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅପରାହ୍ନରେ ଶବ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁନି। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ମାନ ସମ୍ମାନ ବୃଦ୍ଧି ପାଇବ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ପୈତୃକ ସମ୍ପତ୍ତିକୁ ନେଇ ଭାଇ-ଭାଇଙ୍କ ମଧ୍ୟରେ ବିବାଦ ହୋଇପାରେ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିପାରନ୍ତି। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ଅତିଥି ସତ୍କାର କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ନିଜ ଲୋକ ଶତ୍ରୁ ସାଜିପାରନ୍ତି।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ। ଧୈର୍ଯ୍ୟ ରଖି ଚାଲନ୍ତୁ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ। ଦାନ ଧର୍ମ କରିବେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

**ଧନୁ:** ମହିଳାମାନେ ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିପାରନ୍ତି। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ଯୋଜନା ମୁତାବକ କାର୍ଯ୍ୟ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିପାରେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ମୀନ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ବ୍ୟବସାୟରେ ବାଧା ଆସିପାରେ । ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

## ଆଜିର ଇତିହାସ

- ୧୬୫୬- ଅଷ୍ଟମ ଶିଖ୍ ଗୁରୁ ହରକିଶନ୍‌ଙ୍କ ଜନ୍ମ।
- ୧୭୯୯- ମହାରାଜା ରଣଜିତ୍ ସିଂହ ଲାହୋର ଉପରେ କବ୍‌ଜା କଲେ।
- ୧୯୧୬- ନ୍ୟୁଜିଲ୍ୟାଣ୍ଡରେ ଲେବର ପାର୍ଟିର ଗଠନ।
- ୧୯୭୮- ସୋଲୋମୋନ ଦ୍ୱୀପ ସଂଯୁକ୍ତ ରାଷ୍ଟ୍ରରୁ ସ୍ୱାଧୀନ ହେଲା।
- ୧୯୮୦- ଇରାନ୍‌ରେ ସିରିଆ ଆଇନ ଲାଗୁ ହେଲା।
- ୧୯୯୬- ନେଲସନ୍ ମଣ୍ଡେଲା ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଲେ।

## ଭଉଣୀ ଖୋଲିଲେ ଗୁମର

### ସୁଜେନ ନେଇ ନାହାନ୍ତି ୪୦୦ କୋଟି



ବଲିଉଡ୍ ସୁପରଷ୍ଟାର୍ ହ୍ରିତିକ୍ ରୋଶନ ନିଜର ବୃତ୍ତିଗତ ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ଚର୍ଚ୍ଚାରେ ରହିଥାନ୍ତି। ସେ ସୁଜେନ ଖାନ୍‌ଙ୍କଠାରୁ ଅଲଗା ହେବା ପରେ ଏବେ ସବା ଆଜାଦଙ୍କୁ ଡେଟ୍ କରୁଛନ୍ତି। ଏବେ ହ୍ରିତିକ୍‌ଙ୍କ ଏକ ବ୍ୟକ୍ତିଗତ କଥା ସାମ୍ନାକୁ ଆସିଛି। ସେ ସୁଜେନଙ୍କୁ ବିବାହ କରିବାର ୧୪ ବର୍ଷ ପରେ ଏହି ସମ୍ପର୍କ ଭାଙ୍ଗିଯାଇଥିଲା। ଏହା ପରଠାରୁ ଅନେକ ଥର ଖବର ଆସିଛି ଯେ, ହ୍ରିତିକ୍ ସୁଜେନଙ୍କୁ ଛାଡ଼ପତ୍ର ପରେ ୪୦୦ କୋଟି ଟଙ୍କା ଭରଣପୋଷଣ ବାବଦରେ ଦେଇଥିଲେ। ହେଲେ ଏନେଇ ହ୍ରିତିକ୍ ଓ ସୁଜେନ କେବେବି କିଛି କହି ନାହାନ୍ତି। ଏବେ ବହୁ ବର୍ଷ ପରେ ସୁଜେନଙ୍କ ଭଉଣୀ ତଥା ଜୁଏଲାରୀ ଡିଜାଇନର୍ ଫରାହ ଅଲ୍ଲୀ ଖାନ୍ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାର ସମୟରେ ଏସମ୍ପର୍କରେ ବଡ଼ ଖୁଲାସା କରିଛନ୍ତି। ସେ କହିଛନ୍ତି ଯେ, 'ଏହି ଛାଡ଼ପତ୍ର ଆପୋଷ ବୁଝାମଣାରେ ହୋଇଥିଲା। ଏକଥା ଶୁଣି ସେତେବେଳେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ବହୁତ ହଙ୍ଗାମା ମଧ୍ୟ ହୋଇଥିଲା। ସେମାନଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଲୋକଙ୍କର ଭିନ୍ନ ଭିନ୍ନ ମତ ଥିଲା, କିନ୍ତୁ ମୋତେ ଲାଗୁଛି ଯେ, ସେ ଦୁହେଁ ଏହାକୁ ବହୁତ ଭଲ ଭାବରେ ସମ୍ଭାଳିଥିଲେ।' ଏହାବାଦ୍ ସେ ସୁଜେନଙ୍କୁ ୪୦୦ କୋଟି ଭରଣପୋଷଣ ରାଶି ମିଳିବା ଉପରେ କହିଥିଲେ, 'ଗୋଟିଏ କଥା, ମୁଁ ଆଜି ବି ସ୍ପଷ୍ଟ ଭାବରେ କହିବାକୁ ଚାହୁଁଛି, ସେମାନଙ୍କ ମଧ୍ୟରେ କେବେ ବି ୪୦୦ କୋଟି ଟଙ୍କା ନେଇ କୌଣସି ପ୍ରକାରର ଆଲୋଚନା ହୋଇ ନ ଥିଲା। ଯେତେବେଳେ ବି ମୁଁ ଇଣ୍ଟରନେଟ୍‌ରେ ଲୋକମାନଙ୍କୁ କହୁଥିବାର ଦେଖେ ଯେ, ସୁଜେନଙ୍କୁ ୪୦୦ କୋଟି ଟଙ୍କା ମିଳିବାରୁ ସେ ଧନୀ ହୋଇଗଲେ, ସେତେବେଳେ ମୁଁ ବହୁତ ଦୁଃଖୀ ହୋଇଯାଏ।' ଫରାହ ତାଙ୍କ ଭଉଣୀଙ୍କ ବିଷୟରେ କହିଛନ୍ତି ଯେ, ସେ କୌଣସି ଅର୍ଥ ନେଇନାହାଁନ୍ତି ଏବଂ ଟଙ୍କା ଅପେକ୍ଷା ସମ୍ପର୍କ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେମାନଙ୍କୁ ଶିକ୍ଷା ଦିଆଯାଇଛି। ଏହି କାରଣରୁ ଏବେବି ହ୍ରିତିକ୍‌ଙ୍କ ପରିବାର ସହ ସୁଜେନଙ୍କର ଭଲ ସମ୍ପର୍କ ରହିଛି।, "ମୋ ଭଉଣୀ ଭଦ୍ର ଏବଂ ସେ ସମ୍ଭ୍ରାନ୍ତ ପରିବାରର। ହ୍ରିତିକ୍ ମଧ୍ୟ ଜଣେ ଭଲ ମଣିଷ। ସେମାନଙ୍କ ମଧ୍ୟରେ ସମ୍ପର୍କ ଠିକ୍ ଭାବେ ଚାଲିପାରିଲାନି, ତେଣୁ ସେମାନେ ଅଲଗା ହୋଇଗଲେ। ଏହି ଛାଡ଼ପତ୍ରରେ କୌଣସି ଭରଣପୋଷଣ ଭତ୍ତା ସାମିଲ ନଥିଲା। ଏଭଳି ଖବର ସମ୍ପୂର୍ଣ୍ଣ ମନଗଢ଼ା କାହାଣୀ।' ଏଠାରେ ପ୍ରକାଶ ଥାଉ କି, ହ୍ରିତିକ୍ ଏବଂ ସୁଜେନ ୨୦୦୦ ମସିହାରେ ବିବାହ କରିଥିଲେ। ୨୦୧୪ରେ ଆଇନଗତ ଭାବେ ଛାଡ଼ପତ୍ର ନେଇଥିଲେ। ସେମାନେ ଅଲଗା ହେବା ପରେ ମଧ୍ୟ ନିଜ ଦୁଇ ପୁଅଙ୍କ ପାଇଁ ଭଲ ସମ୍ପର୍କ ବଜାୟ ରଖିଛନ୍ତି।

## ଗିନିଜ୍ ବିଶ୍ୱ ରେକର୍ଡରେ ଭାରତୀୟ ବ୍ୟଞ୍ଜନ



ଭାରତରେ ଏମିତି ଅନେକ ସ୍ୱାଦିଷ୍ଟ ବ୍ୟଞ୍ଜନ ଅଛି, ଯାହା ତାହାର ଅନନ୍ୟ ସ୍ୱାଦ ଯୋଗୁଁ ସାରା ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଛି। କିଛି ବ୍ୟଞ୍ଜନ ତ ଏତେ ବଡ଼ ଆକାରରେ ପ୍ରସ୍ତୁତ କରାଯାଏ ଯେ, ତାହା ଗିନିଜ୍ ୱାର୍ଲ୍ଡ ରେକର୍ଡରେ ମଧ୍ୟ ସାମିଲ ହୋଇଛି। ଏହି କ୍ରମରେ ୨୦୦୮ ମସିହାରେ ବିରିୟାନିକୁ ନେଇ ଏକ ରେକର୍ଡ ହୋଇଥିଲା। ନୂଆଦିଲ୍ଲୀର ଜଣେ ସେଫ୍ ୧୪,୦୬୦ କେଜିର ବିରିୟାନି ପ୍ରସ୍ତୁତ କରି ରେକର୍ଡ କରିଥିଲେ। ଏଥିରେ ହଜାର ହଜାର କିଲୋର ଚାଉଳ, ଘିଅ ଏବଂ ମସଲା ଇତ୍ୟାଦି ବ୍ୟବହାର କରାଯାଇଥିଲା। ଖେଚୁଡ଼ିଠାରୁ ଅଧିକ ସରଳ ଖାଦ୍ୟ ଭାରତରେ ବୋଧହୁଏ ଆଉ କିଛି ନାହିଁ। ଏହା ମଧ୍ୟ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି। ୨୦୧୭ ମସିହାରେ ଦିଲ୍ଲୀରେ ଆୟୋଜିତ 'ୱାର୍ଲ୍ଡ ଫୁଡ୍ ଇଣ୍ଡିଆ' କାର୍ଯ୍ୟକ୍ରମରେ ସେଫ୍ ସଞ୍ଜୀବ କପୁର ଅନ୍ୟ ୫୦ ଜଣ ରୋଷେୟାଙ୍କ ଦଳ ସହ ମିଶି ୯୧୮ କେଜିର ଖେଚୁଡ଼ି ପ୍ରସ୍ତୁତ କରି ରେକର୍ଡ କରିଥିଲେ। ଦକ୍ଷିଣ ଭାରତର ଲୋକପ୍ରିୟ ଖାଦ୍ୟ ଦୋସା ମଧ୍ୟ ଗିନିଜ୍ ରେକର୍ଡରେ ସାମିଲ ହୋଇଛି। ୨୦୧୪ ମସିହାରେ ହାଇଦ୍ରାବାଦରେ ୨୯ ଜଣ ସେଫ୍‌ଙ୍କର ଏକ ଦଳ ବିଶ୍ୱର ସବୁଠାରୁ ଲମ୍ବା ଦୋସା ପ୍ରସ୍ତୁତ କରିଥିଲେ। ଏହାର ଲମ୍ବ ୧୬.୬୮ ମିଟର ଅର୍ଥାତ୍ ୫୪ ଫୁଟ ଏବଂ ୮.୬୯ ଇଞ୍ଚ ଥିଲା। ସେହିଭଳି ୨୦୧୨ ମସିହା ସେପ୍ଟେମ୍ବର ମାସରେ ଗୁଜରାଟର ଜାମନଗରଠାରେ 'ଦଗଡୁ ସେଠ୍ ଗଣପତି ସାର୍ବଜନୀନ ମହୋତ୍ସବ' ସମୟରେ ବିଶ୍ୱର ସବୁଠାରୁ ବଡ଼ ରୁଟି ପ୍ରସ୍ତୁତ କରାଯାଇଥିଲା। ଏହାର ଓଜନ ୧୪୫ କେଜି ଥିଲା। ଏହାକୁ ଏକ ବିଶାଳକାୟ ତାୱାରେ ପ୍ରସ୍ତୁତ କରାଯାଇଥିଲା।

## ସ୍ମାର୍ଟ ଟଏଲେଟ୍



ପରିଣତ ବୟସ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଶୌଚାଳୟ ଯିବାରେ ଅସୁବିଧା ହୋଇଥାଏ। ହେଲେ ଏବେ ଏହି ସମସ୍ୟାକୁ ଆଖି ଆଗରେ ରଖି ଚୀନ୍ ଏକ ସ୍ମାର୍ଟ ଶୌଚାଳୟ ପ୍ରସ୍ତୁତ କରିଛି। ଏହି ସ୍ମାର୍ଟ ଶୌଚାଳୟକୁ ସ୍ଥାନୀୟ କମ୍ପାନି ୟୁଏବାନ୍ ନିର୍ମାଣ କରିଛି। ଏହାର ନାଁ ରହିଛି ସାଓବାନ୍। ଏହା ଏକ ଏଆଇ ଚାଳିତ ରୋବଟ୍ ଟଏଲେଟ୍। ସ୍ମାର୍ଟ ଶୌଚାଳୟଟିକୁ ଏମିତି ଟେକ୍ନିକ୍‌ରେ ତିଆରି କରାଯାଇଛି ଯଦ୍ୱାରା ଲୋକଙ୍କୁ ଏହା ନିକଟକୁ ଯିବାକୁ ପଡ଼ିବନି। ବରଂ ଲୋକଙ୍କ ସୁବିଧାକୁ ଦୃଷ୍ଟି ଦେଇ ଶୌଚାଳୟଟି ଆପେ ଆପେ ବିଛଣା ପାଖରେ ପହଞ୍ଚିବ। ବିଶେଷକରି ଏହି ରୋବଟ୍ ଘରର ଦୁଆର ବନ୍ଧକୁ ଏଡ଼ାଇ ସ୍ୱତଃପ୍ରବୃତ୍ତ ଭାବେ ରୋଗୀଙ୍କ ନିକଟରେ ପହଞ୍ଚିଯିବ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହାକୁ ବ୍ୟବହାର କରାଯାଇ ସାରିବା ପରେ ଆପେଆପେ ସଫା ମଧ୍ୟ ହୋଇଯିବ। ଏହି ସ୍ମାର୍ଟ ଟେକ୍ନିକ୍ ଆସିବା ପରେ ବିଶେଷକରି ଚାଲିବା ବୁଲିବା ପାଇଁ ଅସମର୍ଥ ଲୋକ ଓ ରୋଗୀଙ୍କ ପାଇଁ ଏହା ଏକ ବରଦାନ ସାବ୍ୟସ୍ତ ହେବ। ଏହା ଏଆଇ ଦ୍ୱାରା ପରିଚାଳିତ ହେଉଥିବାରୁ ଘରର ଭିତରର ମାହୋଲ୍‌କୁ ବେଶ୍ ସହଜରେ ଜାଣିପାରେ। ଖାସ୍ ସେଥିପାଇଁ ଏହା ଘରର କୌଣସି ଆସବାବପତ୍ର ସହ ବାଡ଼େଇ ନହୋଇ ସିଧା ଲୋକଙ୍କ ପାଖରେ ପହଞ୍ଚିଯାଏ। ରୋବୋଟିକ୍ ଟଏଲେଟ୍‌ର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ଏହାର ଅଟୋମେଟିକ୍ ଡିସପୋଜାଲ୍ ସିଷ୍ଟମ୍। ଏହାକୁ ବ୍ୟବହାର କରିସାରିବା ପରେ, ଏହି ରୋବୋଟ୍ ଏହାର ଲିଡାର୍ ନେଭିଗେସନ୍ ସିଷ୍ଟମ୍ କୁ ପୁଣିଥରେ ଚାଲୁ କରିଥାଏ ଏବଂ ଘରେ ଥିବା ଏହାର ନିର୍ଦ୍ଦିଷ୍ଟ ଡକିଂ ଷ୍ଟେସନ୍‌କୁ ଯାଇ ଜମା ହୋଇଥିବା ମଇଳାକୁ ବାହାର କରିଦେଇଥାଏ। ରୋବୋଟିକ୍ ଟଏଲେଟର ଡକିଂ ଷ୍ଟେସନ୍ ସିଧାସଳଖ ଘରର ମଇଳା ପାଣି ପାଇପ୍ ଲାଇନ ସହିତ ସଂଯୁକ୍ତ ହୋଇଥାଏ। ଏହା ଟଏଲେଟ୍ ଭିତରର ମଇଳାକୁ ସିଧାସଳଖ ସିୱେଜ୍ ସିଷ୍ଟମ୍‌ରେ ଫ୍ଲଶ୍ କରିଦିଏ। ଏହାଦ୍ୱାରା ଘରର ପାଇପ୍ ଲାଇନରେ କୌଣସି ପ୍ରକାରର ଜାମ୍ ହେବାର ଆଶଙ୍କା ରହି ନ ଥାଏ। ଟଏଲେଟ୍‌ଟି ଖାଲି ହୋଇଯିବା ପରେ, ଏହା ନିଜକୁ ନିଜେ ସଫା କରିବା ଆରମ୍ଭ କରେ। ଘର ଭିତରେ ବ୍ୟବହାର ସମୟରେ ଦୁର୍ଗନ୍ଧ ନ ହେବା ପାଇଁ 'ଶାଓବାନ୍' ସ୍ମାର୍ଟ ଶୌଚାଳୟରେ ଏକ ଅତ୍ୟନ୍ତ ଶକ୍ତିଶାଳୀ ଦୁର୍ଗନ୍ଧରୋଧକ ପ୍ରଣାଳୀର ବ୍ୟବହାର କରାଯାଇଛି। ଏଥିରେ ଏକ ବିଶେଷ ଫୋମ୍ ସିଲ୍ଡ ଏବଂ ଚାରକୋଲ୍ ଫିଲ୍ଟର୍ ଲାଗିଥାଏ, ଯାହା କୌଣସି ବି ପ୍ରକାରର ଦୁର୍ଗନ୍ଧକୁ ବାହାରକୁ ବ୍ୟାପିବାରୁ ସମ୍ପୂର୍ଣ୍ଣ ରୂପେ ରୋକିଥାଏ। ବର୍ତ୍ତମାନ ଚୀନ୍ ବଜାରରେ ଏହି ଶୌଚାଳୟ ବିକ୍ରି ପାଇଁ ଉପଲବ୍ଧ ରହିଛି। ଏହାର ମୂଲ୍ୟ ଭାରତୀୟ ମୁଦ୍ରାରେ ୧୩ ଲକ୍ଷ ଟଙ୍କା ରଖାଯାଇଛି। ତେବେ ଚୀନ୍‌କୁ ଛାଡି ଅନ୍ୟ ଦେଶରେ ଏହି ଶୌଚାଳୟ କେବେ ଲଞ୍ଚ୍ କରାଯିବ ସେ ବିଷୟରେ କମ୍ପାନି ପକ୍ଷରୁ ସ୍ପଷ୍ଟ କିଛି କୁହାଯାଇ ନାହିଁ।

---

## ବର୍ଷାଦିନେ ପନିପରିବା ତଳିଘରାର ଯତ୍ନ



**ଆମ ରାଜ୍ୟର ଅଧିକାଂଶ ଚାଷୀ କୃଷିକାର୍ଯ୍ୟ ଉପରେ ନିର୍ଭରଶୀଳ। ଚାଷୀମାନେ ବର୍ଷାଦିନେ ପାଣିର ଉପଯୋଗ କରି ବିଭିନ୍ନ ପ୍ରକାରର ପନିପରିବା ଚାଷ କରିଥାନ୍ତି। ଏହି ଦିନେ ପନିପରିବା ତଳିଘରାର ସଠିକ୍ ଯତ୍ନ ନେବା ଆବଶ୍ୟକ।**

ଅନ୍ୟଋତୁ ତୁଳନାରେ ବର୍ଷାଦିନେ ପନିପରିବା ତଳିଘରାର ଅଧିକ ଯତ୍ନ ନେବାକୁ ପଡ଼ିଥାଏ। ଏହି ସମୟରେ ତଳିଘରା ଲଗାଇବାକୁ ପ୍ରଥମେ ବିହନକୁ ଭଲ ଭାବେ ବିଶୋଧନ କରିବା ଉଚିତ। ତଳିଘରାର ଉଚ୍ଚତା ୬ ଇଞ୍ଚ ରଖିବା ଆବଶ୍ୟକ। ଅଧିକ ବର୍ଷାରୁ ପନିପରିବା ତଳିଘରାକୁ ସୁରକ୍ଷା ଦେବା ପାଇଁ ଜଳ ନିଷ୍କାସନର ବ୍ୟବସ୍ଥା ସହିତ ତଳିଘରା ଉପରେ ପଲିଥିନ୍ ଢାଙ୍କି ପାରିବେ। ତଳିଘରାରେ ମୂଳସଢ଼ା ରୋଗ ଲାଗିବାର ଆଶଙ୍କା ଅଧିକ ରହିଥାଏ। ଏହାର ନିରାକରଣ ପାଇଁ କାର୍ବେଣ୍ଡାଜିମ୍ କିମ୍ବା ମାଙ୍କୋଜେବ ପ୍ରୟୋଗ କରିପାରିବେ। ତଳିଘରାରେ ଅନ୍ୟାନ୍ୟ ରୋଗ ପୋକ ଦେଖିଲେ କୃଷି ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ। ସେହିପରି ତଳିଘରାରୁ ଅନାବନା ଘାସ ବାଛିବା ସହ ମାଟି ଯେପରି ଅଧିକ ଓଦା ବା କାଦୁଅ ନ ରହିବ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ପାଣିପାଗର ପୂର୍ବାନୁମାନ କରି ତଳିଘରାରେ ହାଲୁକା ଜଳସେଚନ କରିପାରିବେ।

## ସୁବର୍ଣ୍ଣା

### ସଫଳ ଗେଣ୍ଡୁଫୁଲ ଚାଷୀ



ବର୍ତ୍ତମାନର ଚାକଚକ୍ୟ ସମାଜ ଓ ଡିଜିଟାଲ ଯୁଗରେ 'ଚାଷ କାମ ଯାହାର କେଡ଼େ ସୁଖ ତାହାର..', ଉକ୍ତିଟିକୁ ଖୁବ କମ୍ ପିଲା ଗ୍ରହଣ କରୁଛନ୍ତି। ହେଲେ ଏହାକୁ କାର୍ଯ୍ୟକାରୀ କରିଛନ୍ତି ଉତ୍ତରପ୍ରଦେଶ, ଗୋଣ୍ଡା ଜିଲ୍ଲାର ବିଜୟ କୁମାର। ସେ ଚାକିରି ପଛରେ ନ ଗୋଡ଼ାଇ, ନିଜ ଜମିରେ ଗେଣ୍ଡୁଫୁଲ ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି।

ଯୁକ୍ତଦୁଇ ପଢ଼ା ସାରି ବିଜୟ ତାଙ୍କ ବନ୍ଧୁଙ୍କ ପାଖରୁ ଗେଣ୍ଡୁଫୁଲ ଚାଷ ସମ୍ପର୍କରେ ବୁଝିଥିଲେ। ପ୍ରଥମେ ଅଳ୍ପ ଜମିରେ ଏହି ଚାଷ ଆରମ୍ଭ କଲେ। ଗେଣ୍ଡୁଫୁଲ ଚାଷରୁ ଭଲ ଅମଳ ପାଇଁ ସେ ମାଟି ପରୀକ୍ଷା, ଉନ୍ନତ ବିହନ ଚୟନ, ସାର ପ୍ରୟୋଗ ଏବଂ ରୋଗପୋକ ନିୟନ୍ତ୍ରଣ ପ୍ରତି ଧ୍ୟାନ ଦେଇଥିଲେ। ଫସଲର ଉପଯୁକ୍ତ ଦେଖାଶୁଣା ଯୋଗୁଁ ଅଧିକ ଫୁଲ ଫୁଟିଥିଲା। ଏହାପରେ ବିଜୟ ଏକର ଜମିରେ ଗେଣ୍ଡୁଫୁଲ ଚାଷ ଆରମ୍ଭ କଲେ। ବର୍ତ୍ତମାନ ଏହି ଚାଷରୁ ସେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ବିଜୟ କୁହନ୍ତି, ବଜାରରେ ଗେଣ୍ଡୁଫୁଲ ଚାହିଦା ସବୁବେଳେ ରହିଥାଏ। ପୂଜାପାଠ, ବିବାହ, ଧାର୍ମିକ କାର୍ଯ୍ୟକ୍ରମ ଏବଂ ସାଜସଜ୍ଜା ପାଇଁ ଗେଣ୍ଡୁ ଫୁଲର ଆବଶ୍ୟକତା ଅଧିକ। ପର୍ବପର୍ବାଣୀ ଏବଂ ବିବାହ ଋତୁରେ ଫୁଲର ମୂଲ୍ୟ ଅଧିକ ରହୁଥିବାରୁ ଚାଷୀମାନଙ୍କୁ ଏହା ଭଲ ଲାଭ ଦେଇଥାଏ। ବିଜୟ ଅମଳ ଗେଣ୍ଡୁ ଫୁଲକୁ ଅଯୋଧ୍ୟାକୁ ଯୋଗାଇଥାନ୍ତି। ତେଣୁ ଯୁବପିଢ଼ି ଚାକିରି ପଛରେ ନ ଗୋଡ଼ାଇ ଚାଷ କାର୍ଯ୍ୟରେ ମନୋନିବେଶ କରିଲେ ନିଶ୍ଚୟ ସଫଳ ପାଇପାରିବେ ବୋଲି ବିଜୟ କୁହନ୍ତି।

## ଛେଳିଙ୍କୁ ସବୁଜ ଚାରା ଦେଉଥିଲେ...

**ଛେଳି ପାଳନ ଏକ ଭଲ ବ୍ୟବସାୟ। ଏଥିପାଇଁ କମ୍ ଖର୍ଚ୍ଚ ହୋଇଥାଏ। ଛେଳିର ଓଜନ ଓ ମାଂସବୃଦ୍ଧି ପାଇଁ ସବୁଜ ଚାରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ହେଲେ ବର୍ଷାଦିନେ ଛେଳିଙ୍କୁ ସବୁଜ ଚାରା ଦେଉଥିଲେ ସତର୍କ ରହିବା ଜରୁରି।**



ବର୍ଷାଦିନେ ସବୁଜ ଚାରାରେ ଆର୍ଦ୍ରତା ଅଧିକ ରହୁଥିବାରୁ ଏହାକୁ ଖାଇବା ଦ୍ୱାରା ଛେଳିଙ୍କ ପେଟଜନିତ ସମସ୍ୟା ହୁଏ। ସେଥିପାଇଁ ଛେଳିଙ୍କୁ ବର୍ଷାଦିନେ ପିଜୁଳି, ନିମ୍ବ ଏବଂ ସଜନା ପତ୍ର ଖାଇବାକୁ ଦେଇପାରିବେ। ଏହି ପତ୍ରଗୁଡ଼ିକରେ ଭିଟାମିନ୍ ଏ, ସି, ବି୬, ବି କମ୍ପ୍ଲେକ୍ସ, ଇ, ଭିଟାମିନ୍ କେ ଆଦି ଥାଏ। ଏହି ପତ୍ରରୁ ପେଲେଟ୍‌ସ (ଗୋଲି)କୁ ଛେଳିଙ୍କୁ ଖାଇବାକୁ ଦିଆଯାଇ ପାରିବ। ଏହା ଛେଳିଙ୍କ ସ୍ୱାସ୍ଥ୍ୟବୃଦ୍ଧି ପାଇଁ ଲାଭଦାୟକ। ସେହିପରି ସଜନା, ପିଜୁଳିର କଞ୍ଚା ପତ୍ରକୁ ଶୁଖାଇ ଏହାକୁ ଗୁଣ୍ଡ କରି ବଟିକା ବନାଯାଏ। କଅଁଳିଆ ଡାଳକୁ ଛେଳିଙ୍କୁ ଖାଇବାକୁ ଦିଆଯାଏ। ସଜନା ପତ୍ରରୁ ତିଆରି ବଟିକା ଖାଇବା ଦ୍ୱାରା ଛେଳିଙ୍କ ପାଚନ ଶକ୍ତିରେ ସୁଧାର ଆସିବା ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଛେଳିଙ୍କୁ ଏହି ପତ୍ର ବଟିକା ଖୁଆଇବା ପୂର୍ବରୁ ସେମାନଙ୍କ ଖାଦ୍ୟ ତାଲିକାରେ ଧୀରେ ଧୀରେ କରି ଏହାକୁ ଅତିବେଶୀରେ ୩୦% ସାମିଲ କରିବା ଜରୁରି।

## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ଆଗାମୀ ପାଞ୍ଚଦିନ ପର୍ଯ୍ୟନ୍ତ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଚାଷୀଭାଇମାନଙ୍କୁ ସାର ଓ କୀଟନାଶକ ପ୍ରୟୋଗ କିଛିଦିନ ପାଇଁ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଛି।
- ପରିପକ୍ୱ ପନିପରିବା ଓ ଫଳ ଯେପରି ଆମ୍ବ, ପଣସ, ଡାଳିମ୍ବ, ଲେମ୍ବୁ ଇତ୍ୟାଦିକୁ ଅମଳ କରିନିଅନ୍ତୁ।
- ଖରିଫ ମକା/ ଡାଲିଜାତୀୟ ଫସଲ ଲଗାଯାଇଥିବା ସ୍ଥାନରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ଧାନ ତଳିଘରାରେ ଠିଆ ପାଣି କିପରି ନ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।
- ଆଖୁଗଛ ୪ରୁ୫ ମାସର ହୋଇଗଲେ ବିଳମ୍ବରେ ଆସିଥିବା ପିଲଗୁଡିକୁ ବାହାର କରି ତଳ ଶୁଖିଲା ପତ୍ରକୁ କାଢି ୨ରୁ୩ଟି ଆଖୁ ଏକାଠି ବାନ୍ଧି ଦିଅନ୍ତୁ।
- ଗାଈଗୋରୁମାନଙ୍କୁ ଶୁଖିଲା ଓ ସଫା ଗୁହାଳ ମଧ୍ୟରେ ରଖନ୍ତୁ। ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ।
- ବର୍ତ୍ତମାନ ଅମୃତଭଣ୍ଡା, କାଜୁ, ସେବତୀ ଫୁଲ ଲଗାଇବାର ଉତ୍କୃଷ୍ଟ ସମୟ।

## ବାଇଗଣ ଚାଷ ପାଇଁ ଉନ୍ନତ କିସମ

ବାଇଗଣ ଚାଷକରି ଅଧିକାଂଶ ଚାଷୀ ଲାଭବାନ ହୋଇପାରିଛନ୍ତି। କେଉଁ କିସମର ବାଇଗଣ ଚାଷ କଲେ ଲାଭ ମିଳିପାରିବ ସେନେଇ ଅନେକଙ୍କ ଦ୍ୱନ୍ଦ୍ୱ ଥାଏ। ତେବେ ବର୍ତ୍ତମାନ ବାଇଗଣ ଚାଷରେ ସଙ୍କର କିସମକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାବେଳେ ଏନେଇ ନିକଟସ୍ଥ କୃଷି ଭଣ୍ଡାରରୁ ସଙ୍କର କିମ୍ବା ଅଧିକ ଅମଳକ୍ଷମ ବାଇଗଣ ବିହନ ପାଇପାରିବେ। ଏହାକୁ ଦୃଷ୍ଟି ଦେଲେ ସଙ୍କର କିସମର ଭିଏନ୍‌ଆର୍-୨୧୨ ମଞ୍ଜି ୧୦ ଗ୍ରାମ୍‌କୁ ୧୮୦ ଟଙ୍କା, ଅର୍କା ଆନନ୍ଦ ୩୦ ଗ୍ରାମ୍‌କୁ ୩୫୦ରୁ ୪୮୦ ଟଙ୍କା, ଭିଏନ୍‌ଆର୍ ଉତ୍କଳ ୧୦ ଗ୍ରାମକୁ ୧୫୦ଟଙ୍କା, ଅକ୍ଷିତା ୧୦ଗ୍ରାମ୍‌କୁ ୨୨୦ ଟଙ୍କା ରହିଛି। ସେହିପରି ବାଇଗଣର ଅଧିକ ଅମଳକ୍ଷମ ବିହନ ଗ୍ରୀନ୍ ଲଙ୍ଗ ୧୦ଗ୍ରାମକୁ ୮୦ଟଙ୍କା, ବ୍ଲୁଷ୍ଟାର ୧୦ ଗ୍ରାମ୍ ବିହନକୁ ୮୦ ଟଙ୍କା ମୂଲ୍ୟ ରହିଛି।

## କାକୁଡ଼ି ଚାଷ



ଆମ ରାଜ୍ୟରେ କାକୁଡ଼ି ଚାଷ ମୁଖ୍ୟତଃ ବର୍ଷା ଓ ଖରାଦିନେ ହୋଇଥାଏ। ତେବେ ଜୁଲାଇ ମାସ କାକୁଡ଼ି ଚାଷ ପାଇଁ ଉପଯୁକ୍ତ ସମୟ।

ଏହି ଚାଷ ପାଇଁ ଉର୍ବର, ନିଗିଡ଼ା, ବାଲି ଦୋରସା ମୃତ୍ତିକା ସର୍ବୋତ୍ତମ। ଚାଷ ପାଇଁ ସର୍ବଦା ଉନ୍ନତ ରୋଗସହଣି କିସମ ଚୟନ କରାଯାଏ। ବର୍ଷାଦିନେ ଜମିରେ ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା କରିବା ସହ ମନ୍ଦାରେ ଚାଷ କରିବା ଭଲ। ଏହି ଚାଷ ପାଇଁ ଏକର ପ୍ରତି ୧ରୁ ୧.୫ କି.ଗ୍ରା. ବିହନ ଦରକାର ହୁଏ। ଏକ କି.ଗ୍ରା. ବିହନକୁ ୨ଗ୍ରାମ୍ ଥିରାମ ଏବଂ ୧ ଗ୍ରାମ କାର୍ବେଣ୍ଡାଜିମ୍ (ବାଭିଷ୍ଟିନ୍) ପ୍ରୟୋଗ କରି ବିଶୋଧନ କରାଯାଇଥାଏ। ବିହନକୁ ଲଗାଇବା ପୂର୍ବରୁ ୬ରୁ ୧୨ଘଣ୍ଟା ଯାଏଁ ପାଣିରେ ବତୁରାଇ ଲଗାଇଲେ ଗଜା ଶୀଘ୍ର ହୋଇଥାଏ। ୧-୧.୫ ମିଟର ବ୍ୟବଧାନରେ ମନ୍ଦା କରି ଲଗାଯାଏ। ଏଥିପାଇଁ ନାଳୀ ଗୁଡ଼ିକୁ ୧-୧.୫ ବ୍ୟବଧାନରେ ରଖି ଗଛକୁ ଗଛ ୫୦ରୁ ୭୫ ସେମି ବ୍ୟବଧାନରେ ରଖି ମାଟିରେ ମାଡ଼ିବାକୁ ଦିଆଯାଏ। ମନ୍ଦା ପ୍ରଣାଳୀରେ ଗଭୀର ଗାତ ଖୋଳି ଏକରପ୍ରତି ୬ରୁ ୮ ଟନ୍ କମ୍ପୋଷ୍ଟ ଓ ମୂଳସାର ପ୍ରୟୋଗ କରି ବିହନ ଲଗାଯାଏ। ବର୍ଷା ଋତୁ ପାଇଁ ମନ୍ଦାଗୁଡ଼ିକୁ ମାଟି ଉପରେ ଲଗାଯାଇଥାଏ ଏବଂ ଲତା ଭାଡ଼ିରେ ମାଡ଼େ। ବିହନ ଲଗାଇବା ସମୟରେ ଏକର ପ୍ରତି ୧୦ କି.ଗ୍ରା. ଯବକ୍ଷାରଜାନ, ୧୦ କି.ଗ୍ରା. ଫସ୍‌ଫରସ୍ ଏବଂ ୩୦ କି.ଗ୍ରା. ପୋଟାସିୟମ ସାର ପ୍ରୟୋଗ କରାଯାଇଥାଏ। ସେହିପରି କାକୁଡ଼ି ଗଛ ବୃଦ୍ଧି ପାଇଁ ମଞ୍ଚାର ବନ୍ଦୋବସ୍ତ କରି ପାଣିପାଗର ପୂର୍ବାନୁମାନ କରି ଜଳସେଚନ କରାଯାଏ। ତେବେ ବିହନ ଲଗାଇବାର ୪୫-୫୦ ଦିନରେ କାକୁଡ଼ି ଅମଳ ଆରମ୍ଭ ହୁଏ।







# ପାଞ୍ଚ ଥର ଚାମ୍ପିଅନ ବ୍ରାଜିଲ ଓ ମେକ୍ସିକୋ ବିଦା

ମେକ୍ସିକୋ ସିଟି/ନ୍ୟୁୟର୍କ, ୬।୭ (ଏଜେନ୍ସି)

**୫ଥରର ଚାମ୍ପିଅନ ବ୍ରାଜିଲ ଓ ଯୁଗ୍ମ ଆୟୋଜକ ମେକ୍ସିକୋ ଏଠାରେ ଚାଲିଥିବା ୨୦୨୬ ଫିଫା ବିଶ୍ୱକପ୍ ପ୍ରତିଯୋଗିତାର ପ୍ରି-କ୍ୱାର୍ଟର ଫାଇନାଲରୁ ବିଦା ହୋଇଛନ୍ତି। ଭାରତୀୟ ସମୟ ସୋମବାର ସକାଳେ ଖେଳାଯାଇଥିବା ଚତୁର୍ଥ ପ୍ରି-କ୍ୱାର୍ଟର ଫାଇନାଲରେ ୧୯୬୬ର ଚାମ୍ପିଅନ ଇଂଲଣ୍ଡ ୩-୨ ଗୋଲରେ ଯୁଗ୍ମ ଆୟୋଜକ ମେକ୍ସିକୋକୁ ପରାସ୍ତ କରିଛି। ସେହିପରି ରବିବାର ରାତିରେ ଖେଳାଯାଇଥିବା ମୁକାବିଲାରେ ନରୱେ ୨-୧ ଗୋଲରେ କଳାତ୍ମକ ଫୁଟବଲ ଖେଳ ଲାଗି ଖ୍ୟାତି ଲାଭ କରିଥିବା ବ୍ରାଜିଲକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୧୧ ତାରିଖ ରାତି ୨ଟା ୩୦ ମିନିଟ୍‌ରେ ଖେଳାଯିବାକୁ ଥିବା ତୃତୀୟ କ୍ୱାର୍ଟର ଫାଇନାଲରେ ୟୁରୋପ ମହାଦେଶର ଦୁଇ ଦଳ ଇଂଲଣ୍ଡ ଏବଂ ନରୱେ ମଧ୍ୟରେ ମୁକାବିଲା ହେବ।**



| ଫିଫା ବିଶ୍ୱକପ୍ |
|---|
| ରାଉଣ୍ଡ ୧୬ ବିଶ୍ୱକପ୍ ମୁକାବିଲା |
| ମଙ୍ଗଳବାର ରାତି |
| ଆର୍ଜେଣ୍ଟିନା- ଇଜିପ୍ଟ |
| ଆଟଲାଣ୍ଟା, ରାତି ୯ଟା ୩୦ |
| ମଙ୍ଗଳବାର ସକାଳ |
| ସ୍ୱିଜରଲାଣ୍ଡ-କଲମ୍ବିଆ |
| ଭାଙ୍କୋଭର, ରାତି ୧ଟା ୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ଦ୍ୱିତୀୟ କ୍ୱାର୍ଟରରେ ଇଂଲଣ୍ଡ-ନରୱେ ମୁକାବିଲା

ମେକ୍ସିକୋ ସିଟିର ଆଜଟେକା ଷ୍ଟାଡିୟମ୍‌ରେ ସୋମବାର ମେକ୍ସିକୋ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ଚତୁର୍ଥ ପ୍ରି-କ୍ୱାର୍ଟର ଫାଇନାଲକୁ ଏଯାଏ ଖେଳାଯାଇଥିବା ବିଶ୍ୱକପ୍‌ରେ ସର୍ବଶ୍ରେଷ୍ଠ ମୁକାବିଲା ଭାବେ ବିବେଚନା କରାଯାଉଛି। ସମୁଦ୍ର ପତ୍ତନଠାରୁ ୭,୦୦୦ ଫୁଟରୁ ଉଚ୍ଚରେ ଏବଂ ଆୟୋଜକ ମେକ୍ସିକୋର ଘରୋଇ ମାଟିରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡକୁ ଅସୁବିଧାର ସମ୍ମୁଖୀନ ହେବ ବୋଲି ଆଶଙ୍କା କରାଯାଉଥିଲା। କିନ୍ତୁ ଏହି ମୁକାବିଲାରେ ଉଭୟ ଦଳ ଏପରି ଖେଳିଥିଲେ ଯେ ସମର୍ଥକ ଓ ଦର୍ଶକ ଗୋଟିଏ ମୁହୂର୍ତ୍ତ ମ୍ୟାଚ୍ ଛାଡି ପାରି ନ ଥିଲେ। ଖେଳାଳିଙ୍କ ସମନ୍ୱୟ, ନିଖୁଣ ପାସ୍, ଯୋଜନାବଦ୍ଧ ଆକ୍ରମଣ, ଚତୁର ଡ୍ରିବଲିଂ ଏବଂ କାଉଣ୍ଟର ଆଟାକ୍ ଏହି ମ୍ୟାଚ୍‌ର ଗୁରୁତ୍ୱକୁ ବଢ଼ାଇଦେଇଥିଲା। ଖେଳର ପ୍ରଥମାର୍ଦ୍ଧର ୩୬ ଓ ୩୮ତମ ମିନିଟ୍‌ରେ ଜୁଡ୍ ବେଲିଂହାମ ମାତ୍ର ୯୬ ସେକେଣ୍ଡ ମଧ୍ୟରେ ୨ଟି ଗୋଲ ସ୍କୋର କରି ଇଂଲଣ୍ଡକୁ ୨-୦ ଗୋଲରେ ଅଗ୍ରଣୀ କରାଇଥିଲେ। ୨ଟି ଗୋଲ ପଛରେ ଥିଲେ ମଧ୍ୟ ମେକ୍ସିକୋ ଚାପରେ ପଡ଼ି ନ ଥିଲା ଓ କାଉଣ୍ଟର ଆଟାକ୍ କରି ୪୨ତମ ମିନିଟ୍‌ରେ ଜୁଲିଆନ୍ କ୍ୱିନୋନ୍ସଙ୍କ ମାଧ୍ୟମରେ ଗୋଟିଏ ଗୋଲ ଶୁଝାଇଦେଇଥିଲା। ଦ୍ୱିତୀୟାର୍ଦ୍ଧ ଖେଳ ଇଂଲଣ୍ଡ ଲାଗି ବିପଦକୁ ନିମନ୍ତ୍ରଣ କରିଥିଲା। ୫୪ତମ ମିନିଟ୍‌ରେ ବିପଜ୍ଜନକ ଫାଉଲ ମାରିଥିବାରୁ ଇଂଲଣ୍ଡର ଜାରେଲ କ୍ୱାନ୍‌ଶାଙ୍କୁ ରେଫରି ରେଡ୍‌କାର୍ଡ ଦେଖାଇଥିଲେ। ଫଳରେ ଅବଶିଷ୍ଟ ସମୟ ଇଂଲଣ୍ଡ ୧୦ଜଣ ଖେଳାଳିଙ୍କୁ



ନେଇ ଖେଳିଥିଲା। ସେହିପରି ୬୦ତମ ମିନିଟ୍‌ରେ ସମ୍ଭାବ୍ୟ ଆକ୍ରମଣକୁ ପ୍ରତିହତ କରିବାକୁ ଯାଇ ମେକ୍ସିକୋର ଜଣେ ଖେଳାଳି ନିଜ ଗୋଲପୋଷ୍ଟ ଏରିଆରେ ଇଂଲଣ୍ଡ ଖେଳାଳିଙ୍କୁ ଫାଉଲ ମାରିଥିଲେ। ଏଥିଲାଗି ଇଂଲଣ୍ଡକୁ ପେନାଲ୍ଟି ମିଳିଥିଲା ଓ ଏହାକୁ ହ୍ୟାରୀ କେନ୍ ଗୋଲରେ ପରିଣତ କରି ଦଳକୁ ୩-୧ରେ ଅଗ୍ରଣୀ କରାଇବା ସହ ଖେଳାଳି ଓ ସମର୍ଥକଙ୍କୁ ଆଶ୍ୱସ୍ତ କରିଥିଲେ। ଖେଳର ୬୯ତମ ମିନିଟ୍‌ରେ ଆଉ ଏକ ପେନାଲ୍ଟିରୁ ମେକ୍ସିକୋର ରଲ ଜିମିନେଜ୍ ଗୋଲ ସ୍କୋର କରିବା ପରେ ଇଂଲଣ୍ଡର ଉତ୍ତେଜନା ବଢ଼ିଯାଇଥିଲା। କିନ୍ତୁ ଖେଳାଳିମାନେ ଧୈର୍ଯ୍ୟର ସହ ଅବଶିଷ୍ଟ ସମୟ ମେକ୍ସିକୋର ଆକ୍ରମଣକୁ ପ୍ରତିହତ କରିବା ସହ ଏହି ମ୍ୟାଚ୍‌କୁ ଜିତି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲେ।

## ୩୬ ବର୍ଷ ପରେ ପ୍ରି-କ୍ୱାର୍ଟରରୁ ବିଦା



ନ୍ୟୁୟର୍କର ନ୍ୟୁ ଜର୍ସି ଷ୍ଟାଡିୟମ୍‌ରେ ରବିବାର ରାତିରେ ଖେଳାଯାଇଥିବା ପ୍ରି-କ୍ୱାର୍ଟର ଫାଇନାଲରେ ନରୱେ ନିକଟରୁ ବ୍ରାଜିଲ ୨-୧ ଗୋଲରେ ହାରିଯାଇଥିଲା। ଏହି ପରାଜୟ ଯୋଗୁଁ ୧୯୯୦ ପରେ ପ୍ରଥମଥର ବ୍ରାଜିଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ପୂର୍ବରୁ ବିଦା ହୋଇଥିଲା। ଏହି ମ୍ୟାଚ୍ ଜିତିବା ସହ ବ୍ରାଜିଲ ବିପକ୍ଷରେ ନରୱେର ଅପରାଜେୟ ରେକର୍ଡ ବଜାୟ ରହିଛି। ଅନ୍ତର୍ଜାତୀୟସ୍ତରରେ ଏହାକୁ ମିଶାଇ ଉଭୟଙ୍କ ମଧ୍ୟରେ ୫ଥର ମୁକାବିଲା ହୋଇଥିଲା। ଏହା ମଧ୍ୟରୁ ନରୱେ ୩ଟି ମ୍ୟାଚ୍ ଜିତିଥିଲାବେଳେ ୨ଟି ମ୍ୟାଚ୍ ଡ୍ର ରହିଥିଲା। ଫଳରେ ବ୍ରାଜିଲ ବିପକ୍ଷରେ ନରେୱେର ଅପରାଜେୟ ରେକର୍ଡ ବଜାୟ ରହିଥିଲା। ବିଜୟୀ ନରୱେ ପକ୍ଷରୁ ଏର୍ଲିଙ୍ଗ ହଲାଣ୍ଡ ୨ଟି ଯାକ ଗୋଲ ସ୍କୋର କରିଥିଲେ। ବ୍ରାଜିଲର ଷ୍ଟାର ଖେଳାଳି ନେମାର ପେନାଲ୍ଟିରୁ ଗୋଟିଏ ଗୋଲ ଶୁଝାଇଥିଲେ।

ଏହି ମୁକାବିଲାରେ ଉଭୟ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲେ। ଏପରିକି ଖେଳ ପ୍ରଥମ ୧୫ ମିନିଟ୍‌ରେ ଉଭୟ ଦଳକୁ ମିଳିଥିବା ସୁଯୋଗ ହାତଛଡ଼ା ହୋଇଯାଇଥିଲା। ପ୍ରଥମେ ନରୱେ ବ୍ରାଜିଲ ପୋଷ୍ଟ ମଧ୍ୟରେ ଗୋଲ ସ୍କୋର କରିଥିଲା। ଏହା କିନ୍ତୁ ଅଫ୍‌ସାଇଡ ହୋଇଯାଇଥିଲା। ସେହିପରି ଏହା ପରେ ବ୍ରାଜିଲ ପାଇଥିବା ପେନାଲ୍ଟିକୁ ବ୍ରୁନୋ ଗୁଇମାରେସ ଗୋଲ ପୋଷ୍ଟକୁ ପଠାଇ ପାରି ନ ଥିଲେ। ସେ ମାରିଥିବା ସଟ୍‌କୁ ନରୱେ ଗୋଲରକ୍ଷକ ଅର୍ଜାନ ନାଇଲାଣ୍ଡ ଅଟକାଇ ଦେଇଥିଲେ। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଯୋଜନାବଦ୍ଧ ଖେଳିଥିଲେ। ଯାହା ଫଳରେ ଖେଳ ଉପଭୋଗ୍ୟ ହୋଇଥିଲା। କିନ୍ତୁ ପ୍ରଥମ ଗୋଲ ସ୍କୋର ହେବାକୁ ୭୯ତମ ମିନିଟ୍ ଲାଗିଯାଇଥିଲା। ଏହି ସମୟରେ ପାଇଥିବା ସୁଯୋଗକୁ ଏର୍ଲିଙ୍ଗ ହଲାଣ୍ଡ ବ୍ରାଜିଲ ପୋଷ୍ଟକୁ ପଠାଇ ପ୍ରଥମ ଗୋଲ ସ୍କୋର କରିଥିଲେ। ଗୋଲ ଖାଇବା ପରେ ବ୍ରାଜିଲ ଗୋଲ ଶୁଝାଇବାକୁ ପ୍ରବଳ ଉଦ୍ୟମ କରି ୯୦ତମ ମିନିଟରେ ଦ୍ୱିତୀୟ ଗୋଲ ବରଣ କରିଥିଲା। ନରୱେର ହଲାଣ୍ଡ ମଧ୍ୟ ଏହି ଗୋଲ ସ୍କୋର କରିଥିଲେ। ବ୍ରାଜିଲ ଅନ୍ୟ ଉପାୟ ନ ପାଇ ତାହାର ଆହତ ତାରକା ଖେଳାଳି ନେମାରଙ୍କୁ ପଡ଼ିଆକୁ ଓହ୍ଲାଇଥିଲା। ଷ୍ଟପେଜ୍ ଟାଇମ୍‌ର ଶେଷ ମୁହୂର୍ତ୍ତରେ ପାଇଥିବା ପେନାଲ୍ଟିରୁ ଗୋଲ ଦେଇ ସେ ଗୋଟିଏ ଗୋଲ ଶୁଝାଇଥିଲେ। କିନ୍ତୁ ନେମାର ବ୍ରାଜିଲକୁ ପରାଜୟରୁ ରକ୍ଷା କରି ନ ପାରି ପଡ଼ିଆରେ କାନ୍ଦିଥିଲେ।

## ଗୋଲ୍ଡେନ ବୁଟ୍ ରେସ୍‌ରେ ହଲାଣ୍ଡ

**ନ୍ୟୁୟର୍କ, ୬।୭ (ଏଜେନ୍ସି):** ବ୍ରାଜିଲ ବିପକ୍ଷରେ ଡବଲ ଗୋଲ ସ୍କୋର କରି ନରୱେର ସୁପରଷ୍ଟାର ଫରୱାର୍ଡ ଖେଳାଳି ଏର୍ଲିଙ୍ଗ ହଲାଣ୍ଡ ଚଳିତ ବିଶ୍ୱକପ୍‌ରେ ଗୋଲ୍ଡେନ ବୁଟ୍ ରେସ୍‌ରେ ସାମିଲ ହୋଇଛନ୍ତି। ଫ୍ରାନ୍ସ ଓ ଆର୍ଜେଣ୍ଟିନାର ଅଧିନାୟକ କିଲିଆନ୍ ଏମ୍‌ବାପେ ଓ ଲିଓନେଲ ମେସି ମଧ୍ୟ ଏହି ବିଶ୍ୱକପ୍‌ରେ ୭ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି। ୩ଜଣ ଖେଳାଳି ୭ଟି ଲେଖାଏଁ ଗୋଲ କରିଥିଲାବେଳେ ଦୁଇଟି ଗୋଲ ଦେବାରେ ଆସିଷ୍ଟ କରିଥିବାରୁ ଏମ୍‌ବାପେ ଏହି ପୁରସ୍କାର ଦୌଡ଼ରେ ପ୍ରଥମ ସ୍ଥାନରେ ରହିଛି। ସେହିପରି ମେକ୍ସିକୋ ବିପକ୍ଷରେ ଗୋଲ ଦେଇଥିବା ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ୍‌ଙ୍କ ଏହି ବିଶ୍ୱକପ୍‌ରେ ଗୋଲ ସଂଖ୍ୟା ୬ରେ ପହଞ୍ଚିଛନ୍ତି। ଏମାନଙ୍କ ପଛକୁ ଫ୍ରାନ୍ସର ଓଉସମାନେ ଡେମ୍ବେଲେ, ଇଜିପ୍ଟର ମିକେଲ ଓ୍ୱାରଜାବଲ, ବ୍ରାଜିଲର ଭିନିସିଅସ ଜୁନିଅର, ସେନେଗାଲର ଇସ୍‌ମାଇଲା ସର ୪ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି।

## ନେମାର, ଓଚୋଆଙ୍କ ଅବସର



**ନ୍ୟୁୟର୍କ, ୬।୭ (ଏଜେନ୍ସି):** ନରୱେଠାରୁ ପରାଜିତ ହୋଇ ବିଶ୍ୱକପ୍ ପ୍ରି-କ୍ୱାର୍ଟର ଫାଇନାଲରୁ ବିଦା ହେବା ପରେ ଏହାର ସୁପରଷ୍ଟାର ନେମାର ଅର୍ନ୍ତଜାତୀୟ ଫୁଟବଲ ଖେଳରୁ ଅବସର ଘୋଷଣା କରିଛନ୍ତି। ଜଣେ ଦକ୍ଷ ଫରୱାର୍ଡ ଖେଳାଳି ଭାବେ ଖ୍ୟାତି ଅର୍ଜନ କରିଥିଲେ ମଧ୍ୟ ସେ ବିଶ୍ୱକପ୍‌ରେ ବ୍ରାଜିଲର ଆବଶ୍ୟକ ବେଳେ କାମରେ ଆସି ନ ଥିଲେ। ସେ ନିଜ ଦେଶ ଲାଗି ୧୩୦ଟି ମ୍ୟାଚ୍ ଖେଳି ରେକର୍ଡ ୮୦ଟି ଗୋଲ ସ୍କୋର କରିଛନ୍ତି। ସେ ଥରେ ହେଲେ ସବୁଠାରୁ ବଡ଼ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପ୍ ଟାଇଟଲ ଜିତିବାରେ ସଫଳ ହୋଇ ନ ଥିଲେ। କନ୍‌ଫେଡେରେସନ କପ୍ ଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ମଧ୍ୟ ଏହା ତାଙ୍କୁ ଖୁସି କରି ପାରି ନ ଥିଲା। ଅନ୍ୟ ପକ୍ଷରେ ଇଂଲଣ୍ଡ ନିକଟରୁ ହାରିଯିବା ପରେ ମେକ୍ସିକୋର ଦୀର୍ଘ ଦିନ ଧରି ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଆସିଥିବା ଗୋଲରକ୍ଷକ ଗୁଇଲେରମୋ ଓଚୋଆ ମଧ୍ୟ ଅର୍ନ୍ତଜାତୀୟ ଫୁଟବଲରୁ ଅବସର ଘୋଷଣା କରିଛନ୍ତି। ସେ ୨୩ ବର୍ଷ ଧରି ଜାତୀୟ ଦଳ ଓ କ୍ଲବ୍ ଫୁଟବଲ ଖେଳିଥିଲେ। ମେକ୍ସିକୋ ଗୋଲ ପୋଷ୍ଟରେ ସେ ପାହାଡ ପରି ଛିଡ଼ା ହୋଇଥିଲେ। ୪୦ ବର୍ଷୀୟ ଏହି କିଂବଦନ୍ତୀ ଫୁଟବଲ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଲିଓନେଲ ମେସିଙ୍କ ପରେ ବିଶ୍ୱର ମାତ୍ର ତୃତୀୟ ଖେଳାଳିଭାବେ ୬ଟି ବିଶ୍ୱକପ୍‌ରେ ଭାଗନେବାର ରେକର୍ଡ କରିଛନ୍ତି।

**ଫିଫାକୁ ତୀବ୍ର ସମାଲୋଚନା**

## ଟ୍ରମ୍ପଙ୍କ ଫୋନ୍ ପରେ ବାସନ୍ଦ ପ୍ରତ୍ୟାହାର

**ନ୍ୟୁୟର୍କ, ୬।୭ (ଏଜେନ୍ସି):** ଆମେରିକାର ଫରୱାର୍ଡ ଖେଳାଳି ଫୋଲାରିନ୍ ବାଲୋଗୁନ୍‌ଙ୍କ ଉପରୁ ଫିଫା ରେଡ୍‌କାର୍ଡ ବାସନ୍ଦ ପ୍ରତ୍ୟାହାର କରିନେଇଛି। ଏହା ଫଳରେ ସେ ମଙ୍ଗଳବାର ସକାଳେ ବେଲଜିୟମ ସହ ସିଆଟଲରେ ହେବାକୁ ଥିବା ପ୍ରି-କ୍ୱାର୍ଟରଫାଇନାଲ ମୁକାବିଲାରେ ଭାଗ ନେଇପାରିବେ। କିନ୍ତୁ ରେଡ୍‌କାର୍ଡ ପାଇଥିବାରୁ ବର୍ଷକ ମଧ୍ୟରେ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ ହେବେ। ବୋସନିଆ ବିପକ୍ଷରେ ତାରିକ୍‌ଙ୍କୁ ଫାଉଲ ମାରିଥିବାରୁ ତାଙ୍କୁ ରେଫରି ରେଡକାର୍ଡ ଦେଖାଇଥିଲେ। କିନ୍ତୁ ଟିଭି ରିପ୍ଲେରେ ତାଙ୍କ ଫାଉଲ ମାରିବା ସ୍ପଷ୍ଟ ହୋଇ ନ ଥିବାରୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋଙ୍କୁ ଆମେରିକାର ରାଷ୍ଟ୍ରପତି ଫୋନ୍ କରିବା ପରେ ଫୋଲାରିନ୍‌ଙ୍କ ଉପରୁ ଏହି ବାସନ୍ଦ ପ୍ରତ୍ୟାହାର କରିନିଆଯାଇଛି ବୋଲି ସମାଲୋଚକମାନେ ଅଭିଯୋଗ କରିଛନ୍ତି। ଫୋଲାରିନ୍‌ଙ୍କ ପ୍ରତି ଯେଉଁ ଅନ୍ୟାୟ ହୋଇଥିଲା ତାହା ଫିଫା ପ୍ରତ୍ୟାହାର କରିନେଇଥିବାରୁ ରାଷ୍ଟ୍ରପତି ଟ୍ରମ୍ପ୍ ଧନ୍ୟବାଦ ଦେବା ପରେ ଏହି ସମାଲୋଚନା ହୋଇଛି।

### କ'ଣ ଏହି ବିବାଦ

ଏହି ଘଟଣାର ପ୍ରଥମ ବିବାଦଟି ହେଲା, ରେଡ୍‌କାର୍ଡକୁ ନେଇ। ବୋସନିଆର ତାରିକ୍‌ଙ୍କ ଡ୍ରିବଲ କରିବାବେଳେ ଆମେରିକାର ତାରକା ଖେଳାଳି ଫୋଲାରିନ୍‌ଙ୍କ ଗୋଡ ତାଙ୍କ ପାଦ ଉପରେ ରହିଥିଲା। ଫଳରେ ରେଫରି ତାଙ୍କୁ ରେଡ୍‌କାର୍ଡ ଦେଇଥିଲେ। ଏହି ଘଟଣାରେ ମୋତେ ୟେଲୋ କାର୍ଡ ମିଳିବ ବୋଲି ଆଶଙ୍କା ଥିଲା, କିନ୍ତୁ ରେଡ୍‌କାର୍ଡ ଦେବା ଫଳରେ ମୋତେ ଆଶ୍ଚର୍ଯ୍ୟ କରିଥିଲା। ଦ୍ୱିତୀୟ ବିବାଦଟି ହେଲା, ଫିଫା ଖେଳ ନିୟମର ଧାରା ୨୭ ଅନୁଯାୟୀ ଫୋଲାରିନ୍‌ଙ୍କ ଉପରୁ ଏହି ବାସନ୍ଦ ପ୍ରତ୍ୟାହାର କରିବା। ଏହାକୁ ତୀବ୍ର ବିରୋଧ କରିଛି ରୟାଲ ବେଲଜିୟମ ଫୁଟବଲ ଆସୋସିଏସନ ଓ ୟୁରୋପୀୟ ୟୁନିଅନ୍ ଅଫ୍ ଫୁଟବଲ ଆସୋସିଏସନ ବା ୟୁଏଫା। ଏମାନଙ୍କ ମତରେ ଫିଫାର ଧାରା ୬୬.୪ରେ ଜଣେ ଖେଳାଳିଙ୍କୁ ରେଡ୍‌କାର୍ଡ ମିଳିଲେ ସେ ପରବର୍ତ୍ତୀ ମ୍ୟାଚ୍‌ରେ ଖେଳିପାରିବେ ନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି। ଚଳିତବର୍ଷର ଫିଫା ୱାର୍ଲ୍ଡକପ୍ ୨୦୨୬ କମ୍ପିଟିସନ ରେଗୁଲେସନରେ ମଧ୍ୟ ସମାନ କଥା ରହିଛି। ଫିଫା ଖେଳ ନିୟମର ଧାରା ୨୭ରେ ମଧ୍ୟ ଫିଫାର ନିୟମ ରହିଛି। କିନ୍ତୁ ଟ୍ରମ୍ପ ଫୋନ୍ କରିଥିବାରୁ ଏଭଳି ବିବାଦ ଅଧିକ ହୋଇଛି। ବିଶ୍ୱକପ୍ ହେଉ ଅବା ଅନ୍ୟ ଅନ୍ତର୍ଜାତୀୟ ମ୍ୟାଚ୍, ରେଡ୍‌କାର୍ଡ ଦିଆଯିବା ପରେ ପରବର୍ତ୍ତୀ ମ୍ୟାଚ୍ ଖେଳିବାକୁ ଫିଫା ଅନୁମତି ଦେବା ଏହା ପ୍ରଥମ ଘଟଣା ନୁହେଁ। ଚିଲିରେ ଅନୁଷ୍ଠିତ ୧୯୬୨ ଫିଫା ବିଶ୍ୱକପ୍‌ରେ ବ୍ରାଜିଲର ସେମିଫାଇନାଲ ବିଜୟରେ ଷ୍ଟାର ଖେଳାଳି ଗାରିଞ୍ଚାଙ୍କୁ ରେଡ୍‌କାର୍ଡ ମିଳିଥିଲା। କିନ୍ତୁ ଟୁର୍ଣ୍ଣାମେଣ୍ଟ ଶୃଙ୍ଖଳାଗତ କମିଟି ଏହାକୁ ବିଚାର କରି ବାସନ୍ଦ ପ୍ରତ୍ୟାହାର କରିଥିଲେ। ଗାରିଞ୍ଚା ଫାଇନାଲ ମ୍ୟାଚ୍ ଖେଳିଥିଲେ ଓ ବ୍ରାଜିଲ ଚାମ୍ପିଅନ ହୋଇଥିଲା।

**ଆଜି ୩ୟ ଟି-୨୦**

## ବିଜୟ ଲକ୍ଷ୍ୟରେ ଭାରତ

**ନଟିଂହାମ, ୬।୭ (ଏଜେନ୍ସି):** ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଟି-୨୦ ସିରିଜର ୩ୟ ମ୍ୟାଚ୍ ମଙ୍ଗଳବାର ଖେଳାଯିବ। ସ୍ଥାନୀୟ ଟ୍ରେଣ୍ଟବ୍ରିଜ ଗ୍ରାଉଣ୍ଡରେ ରାତି ୧୦ଟାରେ ଏହି ମୁକାବିଲା ଆରମ୍ଭ ହେବ। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା। ସେହିଭଳି ଶନିବାର ମାଞ୍ଚେଷ୍ଟରରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦କୁ ଘରୋଇ ଇଂଲଣ୍ଡ ୪ ୱିକେଟରେ ଜିତିଥିଲା। ଫଳରେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜରେ ଇଂଲଣ୍ଡ ଏବେ ୧-୦ରେ ଅଗ୍ରଣୀ ରହିଛି। ମଙ୍ଗଳବାର ମ୍ୟାଚକୁ ଜିତି ହ୍ୟାରୀ ବ୍ରୁକ୍‌ଙ୍କ ଦଳ ସିରିଜ ଜିତିବା ଦିଗରେ ଆଉ ପାଦେ ଅଗ୍ରସର ହେବାକୁ ଲକ୍ଷ୍ୟ ରଖିଛି। ଅପରପକ୍ଷରେ ନୂଆ ଅଧିନାୟକ ଶ୍ରେୟାସ ଆୟରଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ପାଇଁ ଚଳିତ ୟୁକେ ଗସ୍ତ ନୈରାଶ୍ୟଜନକ ରହିଛି। ଏହି ୟୁକେ ଗସ୍ତରେ ଭାରତ ପ୍ରଥମେ ୨-୦ରେ ଆୟର୍ଲାଣ୍ଡ ନିକଟରୁ ଲଜ୍ଜାଜନକ ଭାବେ ଟି-୨୦ ସିରିଜ ହାରିଥିଲା। ଏହାପରେ ଇଂଲଣ୍ଡରେ ମଧ୍ୟ ଦଳ ଏହି ପରାଜୟଧାରାକୁ ବଜାୟ ରଖିଛି। ଫଳରେ ଏହି ଗସ୍ତରେ ଭାରତୀୟ ଦଳ ୪ଟି ମ୍ୟାଚ ଖେଳିସାରିଥିଲେ ମଧ୍ୟ ବିଜୟ ସ୍ୱାଦ ଚାଖିପାରିନାହିଁ। ଯାହା ଅଧିନାୟକ ଆୟରଙ୍କ ନେତୃତ୍ୱ ଉପରେ ବଡ଼ ପ୍ରଶ୍ନବାଚୀ ଛିଡ଼ା କରାଇଛି। ସିରିଜ ଉଜ୍ଜୀବିତ ରଖିବାକୁ ହେଲେ ତୃତୀୟ ଟି-୨୦ ମ୍ୟାଚରେ ଭାରତ ନିଶ୍ଚିତ ବିଜୟ ଆବଶ୍ୟକ କରୁଛି। ପ୍ରତୀକ୍ଷିତ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ବୈଭବ ସୂର୍ଯ୍ୟବଂଶୀ ମାଞ୍ଚେଷ୍ଟରରେ ଅନୁଷ୍ଠିତ ଦ୍ୱିତୀୟ ଟି-୨୦ରେ ବିଫଳ ହୋଇଥିଲେ। ତୃତୀୟ ଟି-୨୦ ଲାଗି ଇଂଲଣ୍ଡ ଦଳ କୌଣସି ପରିବର୍ତ୍ତନ କରିନାହିଁ।

ମ୍ୟାଚ୍ ଆରମ୍ଭ: ରାତି ୧୦ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ/ହଟଷ୍ଟାର

## ଜିମ୍ବାୱେ ସିରିଜ୍‌ରୁ ସାମସନ ବାଦ୍



**ନୂଆଦିଲ୍ଲୀ, ୬।୭ (ଏଜେନ୍ସି):** ଜିମ୍ବାୱେ ବିପକ୍ଷ ଆଗାମୀ ଟି-୨୦ ସିରିଜ ଲାଗି ସୋମବାର ଭ୍ରମଣକାରୀ ଭାରତୀୟ ଦଳ ଘୋଷଣା କରାଯାଇଛି। ଚଳିତ ଇଂଲଣ୍ଡ ଗସ୍ତରେ ଯାଇଥିବା ଭାରତୀୟ ଦଳରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ବିଶେଷ କରି ବରିଷ୍ଠ ବ୍ୟାଟର୍ ସଞ୍ଜୁ ସାମସନଙ୍କୁ ଜିମ୍ବାୱେ ଗସ୍ତରୁ ବାଦ୍ ଦିଆଯାଇଛି। ଟି-୨୦ ବିଶ୍ୱକପରେ 'ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ' ହୋଇଥିବା ସାମସନ ଚଳିତ ୟୁକେ ଗସ୍ତରେ ବେଶ୍ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ତିନୋଟି ଟି-୨୦ ମ୍ୟାଚରୁ ସେ ମୋଟ୍ ୬ ରନ କରିଛନ୍ତି। ଯେଉଁଥି ପାଇଁ ତାଙ୍କୁ ଜିମ୍ବାୱେ ସିରିଜରୁ ବାଦ୍ ଦିଆଯାଇଛି। ସେହିଭଳି ଇଂଲଣ୍ଡ ଗସ୍ତରେ ସାମିଲ ଥିବା ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ହର୍ଷିତ ରାଣା, ଅର୍ଶଦୀପ୍ ସିଂହ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ମଧ୍ୟ ଜିମ୍ବାୱେ ସିରିଜରେ ସ୍ଥାନ ମିଳିନି। ଅପରପକ୍ଷରେ ୟଶ ଠାକୁର ଓ ଅଶୋକ ଶର୍ମାଙ୍କୁ ପ୍ରଥମଥର ଲାଗି ଜାତୀୟ ଦଳରେ ସୁଯୋଗ ମିଳିଛି। ସେହିଭଳି ଅଭିଜ୍ଞ ରିଙ୍କୁ ସିଂ ମଧ୍ୟ ଦଳକୁ ଫେରିଛନ୍ତି। ପ୍ରଭସିମରନ ସିଂହ, ମୟଙ୍କ ଯାଦବ ଦୀର୍ଘ ବର୍ଷ ପରେ ଦଳକୁ ଫେରିଛନ୍ତି। ଜୁଲାଇ ୨୩, ୨୫ ଓ ୨୬ ତାରିଖରେ ଘରୋଇ ଜିମ୍ବାୱେ ବିପକ୍ଷରେ ଭାରତ ୩ଟି ଯାକ ଟି-୨୦ ମ୍ୟାଚ୍ ଖେଳିବ।

**ଘୋଷିତ ଭାରତୀୟ ଦଳ:** ଶ୍ରେୟସ ଆୟର (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ତିଲକ ବର୍ମା (ଉପ-ଅଧିନାୟକ), ଇଶାନ କିଶାନ ଓ ପ୍ରଭସିମରନ ସିଂହ (ଉଭୟ ୱିକେଟକିପର), ଶିଭମ ଦୁବେ, ସୂୟାଂଶ ହେଡଗେ, ରିଙ୍କୁ ସିଂ, ହର୍ଷ ଦୁବେ, ବରୁଣ ଚକ୍ରବର୍ତ୍ତୀ, ପ୍ରିନ୍ସ ଯାଦବ, ୟଶ ଠାକୁର, ଅଶୋକ ଶର୍ମା ଓ ମୟଙ୍କ ଯାଦବ।

## ଓଡ଼ିଶା ମହିଳା କାୟାକିଂ ଓ କାନୋଇଂ ଦଳ ରନର୍ସଅପ୍


**ଭୁବନେଶ୍ୱର, ୬।୭ (ସମିସ):** ବିଶାଖାପାଟନମରେ ଶେଷ ହୋଇଥିବା ଅସ୍ମିତା ଖେଲୋ ଇଣ୍ଡିଆ ଜୋନାଲ କାୟାକିଂ ଓ କାନୋଇଂ ଚାମ୍ପିଅନସିପ୍‌ରେ ଓଡ଼ିଶା ମହିଳା ଦଳ ଦମ୍‌ଦାର ପ୍ରଦର୍ଶନ କରି ୩୩ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୧୫ଟି ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୭ଟି କାଂସ୍ୟ ପଦକ ସାମିଲ ରହିଛି। ଏଥିସହ ଓଡ଼ିଶା ମହିଳା ଦଳ ରନର୍ସଅପ୍ ହୋଇଛି। ସେହିଭଳି ଏହି ଦୁଇଦିବସୀୟ ପ୍ରତିଯୋଗିତାରେ ମଧ୍ୟପ୍ରଦେଶ ଦଳ ଚାମ୍ପିଅନ ଓ କେରଳ ତୃତୀୟ ସ୍ଥାନ ହାସଲ କରିଛି।




**ୱିମ୍ବଲଡନରୁ ସାବାଲେଙ୍କା ବିଦା**

## କ୍ୱାର୍ଟରରେ ଗଫ୍, ସିନ୍ନର

ଲଣ୍ଡନ, ୬।୭ (ଏଜେନ୍ସି)



ବିଶ୍ୱର ଏକ ନମ୍ବର ଖେଳାଳି ଆରିନା ସାବାଲେଙ୍କାଙ୍କୁ ହରାଇ ନାଓମି ଓସାକା ଏଠାରେ ଚାଲିଥିବା ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ର ଏକ ମ୍ୟାଚରେ ୭ମ ସିଡ୍ ଜାପାନ ତାରକା ଓସାକା ୬-୨, ୭-୬ (୭/୨) ସେଟରେ ଚାରିଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ସାବାଲେଙ୍କାଙ୍କୁ ହରାଇଥିଲେ। ବିଜୟ ସହ ଓସାକା ତାଙ୍କ କ୍ୟାରିୟରରେ ପ୍ରଥମଥର ୱିମ୍ବଲଡନ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। କ୍ୱାର୍ଟରରେ ଓସାକାଙ୍କ ମୁକାବିଲା ୧୦ମ ସିଡ୍ ଚେକ୍ ଗଣରାଜ୍ୟର କାରୋଲିନା ମୁଚୋଭାଙ୍କ ସହ ହେବ। ସେହିଭଳି ମହିଳା ବିଭାଗର ଅନ୍ୟ ଏକ ମ୍ୟାଚରେ କୋକୋ ଗଫ୍ ୪-୬, ୬-୩, ୬-୪ ସେଟରେ ବେଲିଣ୍ଡା ବେନସିକଙ୍କୁ ହରାଇ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଫଳରେ ମଙ୍ଗଳବାର ହେବାକୁ ଥିବା କ୍ୱାର୍ଟର ଫାଇନାଲରେ ଦୁଇ ଆମେରିକୀୟ ଖେଳାଳି ଗଫ୍ ଓ ଜେସିକା ପେଗୁଲା ପରସ୍ପରକୁ ଭେଟିବେ। ଅପରପକ୍ଷରେ ପୁରୁଷ ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର ଓ ନୋଭାକ ଜୋକୋଭିଚ୍ ମଧ୍ୟ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଟପ୍ ସିଡ୍ ସିନ୍ନର ୬-୩, ୭-୬ (୭/୦), ୬-୩ ସେଟରେ ଜାପାନର ସିନ୍ତାରୋ ମୋଚିଜୁକିଙ୍କୁ ହରାଇଥିଲେ।

## ଅଷ୍ଟ୍ରେଲିଆକୁ ୨୪ତମ ଆଇସିସି ଟ୍ରଫି

**ଲଣ୍ଡନ, ୬।୭ (ଏଜେନ୍ସି):** ଘରୋଇ ଇଂଲଣ୍ଡକୁ ୭ ୱିକେଟରେ ହରାଇ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣରେ ଅଷ୍ଟ୍ରେଲିଆ ଚାମ୍ପିଅନ ହୋଇଛି। ଏଥିସହ ଅଷ୍ଟ୍ରେଲିଆ ମହିଳା ଦଳ ରେକର୍ଡ ୭ମଥର ଲାଗି ଟି-୨୦ ବିଶ୍ୱକପ ଟାଇଟଲ୍ ଜିତିଛି। ଅପରପକ୍ଷରେ ଅଷ୍ଟ୍ରେଲିଆ ପୁରୁଷ ଓ ମହିଳା ଦଳର ଏହା ଓଭରଅଲ୍ ୨୪ତମ ଆଇସିସି ଟ୍ରଫି ରହିଛି। ଯେଉଁଥିରେ ମହିଳା ଦଳ ୭ଥର ଲେଖାଏ ଟି-୨୦ ଓ ଦିନିକିଆ ବିଶ୍ୱକପ ଜିତିଛି। ସେହିଭଳି ପୁରୁଷ ଦଳ ୬ଥର ଦିନିକିଆ ବିଶ୍ୱକପ୍ ଓ ଥରେ ଟି-୨୦ ବିଶ୍ୱକପରେ ଚାମ୍ପିଅନ ହୋଇଛି। ଏହାବାଦ୍ ଅଷ୍ଟ୍ରେଲିଆ ପୁରୁଷ ଦଳ ଦୁଇଥର ଚାମ୍ପିଅନ୍ସ ଟ୍ରଫି ଓ ଥରେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଟ୍ରଫି ବିଜୟୀ ହୋଇଛି।

ସକାଳ THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 10.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS